

‘ଅପରେସନ୍ ସିନ୍ଦୂର୍’ରେ ବରୁଣ

▸ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-288 ♦THURSDAY ♦16 APRIL 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୮୮ ♦ଗୁରୁବାର ♦୧୬ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଓଡ଼ିଆ ଅସ୍ମିତାକୁ ଧକ୍କା
# କମିବ ଓଡ଼ିଶାର ପତିଆରା

**ବିହାରରେ ଆସନ ବଢ଼ିବ ୮୦%, ଉତ୍ତରପ୍ରଦେଶରେ ୭୫%**

**ଓଡ଼ିଶାରେ ୩୫ %, କେରଳରେ ୧୯%, ତାମିଲନାଡୁରେ ୩୦%**

**୩୧ ପରିବର୍ତ୍ତେ ୨୯ରେ ସୀମିତ ରହିବ ଓଡ଼ିଶାର ଲୋକସଭା ଆସନ**

**୨୧୭ ପରିବର୍ତ୍ତେ ୧୯୬ ହେବ ରାଜ୍ୟ ବିଧାନସଭା ଆସନ ସଂଖ୍ୟା**

■ ଭୁବନେଶ୍ୱର, ୧୫।୪ (ସମିସ): ଗତ ନିର୍ବାଚନରେ ଓଡ଼ିଶାରୁ ବିଜେପି ୨୦ ଆସନ ଜିତିଲା। ଓଡ଼ିଶାବାସୀଙ୍କ ଏହି ଅଭୂତପୂର୍ବ ଓ ଅବିଶ୍ୱାସ୍ୟ ସମର୍ଥନ ଯୋଗୁଁ କେନ୍ଦ୍ରରେ ବିଜେପି ସରକାର ଗଠନ ପଥ ପରିଷ୍କାର ହେଲା। ଓଡ଼ିଶାରୁ ଏତେ ସଂଖ୍ୟକ ସାଂସଦ ନିର୍ବାଚିତ ହୋଇ ନ ଥିଲେ, କେନ୍ଦ୍ରରେ ବିଜେପି ପାଇଁ ସରକାର ଗଠନ କଷ୍ଟକର ହୋଇ ପଡ଼ିଥାଆନ୍ତା। ସେତେବେଳେ ଓଡ଼ିଶାକୁ ସାରା ଦେଶରେ ଏକ ନମ୍ବର କରିବା ନିମନ୍ତେ ବିଜେପିର ଜାତୀୟ ନେତାମାନେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏବେ ଓଡ଼ିଶାର ପ୍ରତିଷ୍ଠା ଓ ପତିଆରାକୁ ହ୍ରାସ ପାଇଁ ଆରମ୍ଭ ହୋଇଛି ଷଡ଼ଯନ୍ତ୍ର। ପ୍ରସ୍ତାବିତ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣରେ ଦକ୍ଷିଣ ଭାରତୀୟ ରାଜ୍ୟ ତାମିଲନାଡୁ, କେରଳ, ଆନ୍ଧ୍ର, ତେଲଙ୍ଗାନା ପରି ଓଡ଼ିଶା ମଧ୍ୟ ବିପୁଳ କ୍ଷତିଗ୍ରସ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ସୀମା ପୁନଃନିର୍ଦ୍ଧାରଣରେ ପ୍ରତି ରାଜ୍ୟର ଲୋକସଭା ଓ ବିଧାନସଭା ଆସନ ୫୦% ବୃଦ୍ଧି ପାଇଁ ପ୍ରାଥମିକ ଭାବରେ କୁହାଯାଉଥିଲେ ହେଁ ବାସ୍ତବରେ ଏଥିରେ ଯାବତୀୟ ପେଞ୍ଚପାଞ୍ଚ କରାଯାଇଛି। ମୋଟ ଉପରେ ୫୦% ଆସନ ବୃଦ୍ଧି କରାଯାଇଥିଲେ ହେଁ ଉତ୍ତରଭାରତୀୟ ରାଜ୍ୟଗୁଡ଼ିକ ଏଥିରେ ଅଧିକ ଭାଗ ପାଇବେ ଓ ଓଡ଼ିଶା ସହ ଦକ୍ଷିଣ ଭାରତୀୟ ରାଜ୍ୟର ପ୍ରତିନିଧିତ୍ୱ ଜାତୀୟସ୍ତରରେ ହ୍ରାସ ପାଇବ ବୋଲି ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଆଦି ବିଜେପି ଶାସିତ ରାଜ୍ୟଗୁଡ଼ିକରେ ପ୍ରସ୍ତାବିତ ଆସନ ସଂଖ୍ୟା ବର୍ତ୍ତମାନର ଆସନ ତୁଳନାରେ ପାଖାପାଖି ୭୦% ରୁ ୮୦ % ବୃଦ୍ଧି ଯୋଜନା କରାଯାଇଥିବା ବେଳେ ଓଡ଼ିଶା ଓ ଅନ୍ୟ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଆସନ ସଂଖ୍ୟା ବୃଦ୍ଧି ୨୫%ରୁ ୪୦% ମଧ୍ୟରେ ସୀମିତ ରଖାଯାଇଛି।

ବର୍ତ୍ତମାନ ଓଡ଼ିଶାର ଲୋକସଭା ଆସନ ସଂଖ୍ୟା ୨୧ ଓ ବିଧାନସଭା ଆସନ ସଂଖ୍ୟା ୧୪୭ ରହିଛି। ୫୦% ଆସନ ବୃଦ୍ଧି ▸ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

### ସୀମା ପୁନଃନିର୍ଦ୍ଧାରଣରେ କମିବ ଓଡ଼ିଶାର ରାଜନୈତିକ ପ୍ରତିନିଧିତ୍ୱ

# ୪୮ ଘଣ୍ଟାରେ ଡାକନ୍ତୁ ବିଧାନସଭା



**୧୫ ପ୍ରତିଶତ ପର୍ଯ୍ୟନ୍ତ କମିବ ଓଡ଼ିଶାର ରାଜନୈତିକ ପ୍ରତିନିଧିତ୍ୱ**

**ରାଜନୈତିକ ଅଧିକାର ଏକ ସହସ୍ରାଂଶ କ୍ଷତି ନ ହେବାକୁ ହେଉ ସଂକଳ୍ପ**

**ଓଡ଼ିଆ ଭାବେ ପ୍ରସଙ୍ଗକୁ ଦୃଢ଼ ଭାବରେ ଉପସ୍ଥାପନ କରନ୍ତୁ ମୁଖ୍ୟମନ୍ତ୍ରୀ**

**ରାଜନୈତିକ ଅଧିକାର ସୁରକ୍ଷିତ ରହିଲେ, ପୁନଃ ନିର୍ଦ୍ଧାରଣ ବିଲ୍‌କୁ ସ୍ୱାଗତ**

**ମହିଳାଙ୍କ ରାଜନୈତିକ ସଂରକ୍ଷଣ ବିଲ୍‌କୁ ପୂର୍ଣ୍ଣ ସମର୍ଥନ ଦେବ ବିଜେଡି**

■ ଭୁବନେଶ୍ୱର, ୧୫।୪ (ସମିସ): ସଂସଦର ସ୍ୱତନ୍ତ୍ର ଅଧିବେଶନରେ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣ ବିଲ୍‌ରେ ଓଡ଼ିଶା ବିପୁଳ ଭାବରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ରାଜ୍ୟର ସଂସଦୀୟ କ୍ଷେତ୍ର ସଂଖ୍ୟା ୨୧ରୁ ୨୯କୁ ବୃଦ୍ଧି ସତ୍ତ୍ୱେ ରାଜ୍ୟର ରାଜନୈତିକ ପ୍ରତିନିଧିତ୍ୱ ଜାତୀୟସ୍ତରରେ ୧୫% ପର୍ଯ୍ୟନ୍ତ କମିବାର ସମ୍ଭାବନା ରହିଛି। ତେଣୁ ଓଡ଼ିଶାର ରାଜନୈତିକ ଅଧିକାର ଯେପରି ଏକ ସହସ୍ରାଂଶ କ୍ଷତି ନ ହେବ ସେଥିପାଇଁ ଜଣେ ଓଡ଼ିଆ ଭାବରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନିଅନ୍ତୁ। ୪୮ ଘଣ୍ଟାରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡ଼କାଯାଇ ଏ ସଂକ୍ରାନ୍ତରେ ସଂକଳ୍ପ ଗୃହୀତ ହେଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ।

ଚିଠିରେ ନବୀନ ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ଓଡ଼ିଶାର ୨୧ ଜଣ ସାଂସଦ ଅଛନ୍ତି, ଯାହା ମୋଟ ସଂଖ୍ୟାର ପ୍ରାୟ ୩.୯ ପ୍ରତିଶତ। ମାତ୍ର ଆସନ୍ତାକାଲି ସଂସଦର ସ୍ୱତନ୍ତ୍ର ଅଧିବେଶନରେ ବିଲ୍ ପାରିତ ସହ ସଂଶୋଧନ ପ୍ରସ୍ତାବ ଗୃହୀତ ହେଲେ ଏହି ସଂଖ୍ୟା ୨୯କୁ ବୃଦ୍ଧି ପାଇବ ସିନା, ଲୋକସଂଖ୍ୟା ଅନୁପାତ ୩.୪ ପ୍ରତିଶତକୁ କମିଯିବ। ଫଳରେ ଜନସଂଖ୍ୟା ନିୟନ୍ତ୍ରଣ ଓ ମାନବ ସମ୍ବଳ ବିକାଶରେ ଅଗ୍ରଣୀ ଓଡ଼ିଶା ଜାତୀୟସ୍ତରରେ ପ୍ରାୟ ୧୫ ପ୍ରତିଶତ ପର୍ଯ୍ୟନ୍ତ ରାଜନୈତିକ ପ୍ରତିନିଧିତ୍ୱ ହାନିର ସମ୍ମୁଖୀନ ହେବ। ଏହା ଜାତୀୟସ୍ତରରେ ଆମର ରାଜନୈତିକ ସ୍ୱର ଓ ପ୍ରଭାବକୁ କ୍ଷୀଣ କରିବ ଏବଂ ଅନ୍ୟ ରାଜ୍ୟମାନଙ୍କ ପକ୍ଷରେ ପୁନର୍ବଣ୍ଟନ କରାଯିବ। ବିଭିନ୍ନ ରିପୋର୍ଟ ଅନୁସାରେ ଏହି ପ୍ରକ୍ରିୟାରେ ଓଡ଼ିଶା ଚତୁର୍ଥ ସବୁଠାରୁ ବଡ଼ କ୍ଷତିଗ୍ରସ୍ତ ରାଜ୍ୟ ହେବ। ଏହା ୪.୫ କୋଟି ଓଡ଼ିଆଙ୍କ ଆକାଂକ୍ଷା ପ୍ରତି ଶକ୍ତ ପ୍ରହାର ସଦୃଶ ହୋଇଥିବା ବେଳେ ଆଗାମୀ ପିଢି ପାଇଁ ଗୁରୁତର ଅନ୍ୟାୟ ସୃଷ୍ଟି କରିବ ବୋଲି ଆଶଙ୍କା କରିଛନ୍ତି ନବୀନ। ଏହି ପ୍ରସଙ୍ଗରେ ୪୮ ଘଣ୍ଟା ମଧ୍ୟରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି। ଓଡ଼ିଶାର ରାଜନୈତିକ ଅଧିକାର ଅକ୍ଷୁର୍ଣ୍ଣ ରହିଲେ ଆମେ ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ସ୍ୱାଗତ କରିବୁ, ମାତ୍ର ଓଡ଼ିଶାର ରାଜନୈତିକ ଅଧିକାର ଏକ ସହସ୍ରାଂଶ କ୍ଷତିକୁ ଗ୍ରହଣ କରିପାରିବୁ ନାହିଁ। ତେଣୁ ସ୍ୱତନ୍ତ୍ର ଅଧିବେଶନରେ ଏମିତି ଏକ ପ୍ରସ୍ତାବ ପାରିତ କରାଯାଉ, ଯେଉଁଥିରେ ଓଡ଼ିଶାର ୦.୦୦୧ ପ୍ରତିଶତ ରାଜନୈତିକ ଅଧିକାର କ୍ଷତି ହେବ ନାହିଁ ▸ପୃଷ୍ଠା-୭

# ହର୍ମୁଜରେ ଆମେରିକାର ସାମରିକ ଅବରୋଧ ଜାରି

## ଇରାନର ୮ଟି ତୈଳ ଟ୍ୟାଙ୍କରକୁ ଅଟକାଇଲା ନୌସେନା

■ ତେହେରାନ/ୱାସିଂଟନ, ୧୫।୪(ଏଜେନ୍ସି): ଯୁଦ୍ଧବିରତି ମଧ୍ୟରେ ପାକିସ୍ତାନରେ ଇରାନ ଓ ଆମେରିକା ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ବିଫଳ ହେବାପରେ ହର୍ମୁଜରେ ଆମେରିକାର ଅବରୋଧକୁ ନେଇ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଆମେରିକା ନୌସେନା ଅତିକମରେ ୮ଟି ଇରାନୀ ତୈଳ ଟ୍ୟାଙ୍କରକୁ ଅଟକାଇ ସେଗୁଡ଼ିକୁ ପଛକୁ ଫେରିଯିବାକୁ ବାଧ୍ୟ କରିଛି। ଏଥିରେ ଇରାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ସମଗ୍ର ପାରସ୍ୟ ଉପସାଗର, ଓମାନ ସାଗର ଏବଂ ଲୋହିତ ସାଗର ଅବରୋଧ କରିବାକୁ ଧମକ ଦେଇଛି। ଇରାନ ସେଂଟ୍ରାଲ କମାଣ୍ଡ ମୁଖ୍ୟ ଏହି ଧମକ ଦେଇ କହିଛନ୍ତି ଯେ ହର୍ମୁଜରେ ଆମେରିକା ନୌସେନାର ଅବରୋଧ ସ୍ଥାନୀୟ ଅଞ୍ଚଳରେ ଶାନ୍ତି ଓ ବାଣିଜ୍ୟ ପ୍ରତି ବିପଦ ସୃଷ୍ଟି କରିଛି। ଏହି ଅବରୋଧ ସମାପ୍ତ ନକଲେ ସମଗ୍ର ପାରସ୍ୟ ଉପସାଗରରେ ବାଣିଜ୍ୟ କାରବାରକୁ ଅବରୋଧ କରିବ ଇରାନ।

### ପାରସ୍ୟ ଉପସାଗର ଅବରୋଧ ପାଇଁ ଧମକ ଦେଲା ଇରାନ

ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ (ଡବ୍ଲ୍ୟୁଏସ୍‌ଜେ)ର ରିପୋର୍ଟ ଅନୁଯାୟୀ, ଆମେରିକା ନୌସେନା ରେଡ଼ିଓ ଯୋଗାଯୋଗ ମାଧ୍ୟମରେ ଇରାନ ଅଭିମୁଖେ ଯାଉଥିବା ଜାହାଜଗୁଡ଼ିକୁ ଚେତାବନୀ ଦେଉଛି। ଆମେରିକା ଏହି ଅବରୋଧ ପାଇଁ ୧୫ରୁ ଅଧିକ ଯୁଦ୍ଧ ଜାହାଜ ଏବଂ ହଜାର ହଜାର ସୈନ୍ୟଙ୍କୁ ନିୟୋଜିତ କରିଛି। ଅଟକାଯାଇଥିବା ▸ପୃଷ୍ଠା-୭

## ମହିଳାଙ୍କୁ ରାଜନୈତିକ ସଂରକ୍ଷଣ

# ବିଜୁଙ୍କ ସ୍ୱପ୍ନ, ନବୀନଙ୍କ ପ୍ରୟାସ

**ପଞ୍ଚାୟତ ଓ ପୌରସଂସ୍ଥାରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେଇଥିଲେ ବିଜୁ**

**ମହିଳା ସଶକ୍ତୀକରଣ ଅଭିଯାନକୁ ଆନ୍ଦୋଳନରେ ପରିଣତ କରିଥିଲେ ନବୀନ**

**ପଞ୍ଚାୟତ ଓ ପୌର ନିର୍ବାଚନରେ ସଂରକ୍ଷଣକୁ ୫୦ ପ୍ରତିଶତକୁ କରିଥିଲେ ବୃଦ୍ଧି**

**ଲୋକସଭା ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ଦେଇଥିଲେ ଦଳୀୟ ଟିକେଟ**

**ସମର୍ଥନ ପାଇଁ ୨୨ଟି ରାଜନୈତିକ ଦଳ ନିକଟକୁ ପଠାଇଥିଲେ ଦଳୀୟ ପ୍ରତିନିଧି**

■ ଭୁବନେଶ୍ୱର, ୧୫।୪ (ସମିସ): ଆସନ୍ତାକାଲିଠାରୁ ସଂସଦର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବ। ଅଧିବେଶନରେ ଲୋକସଭା ଏବଂ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ ଆସିବ। ଯାହାକୁ ଶାସକ ବିଜେପି ଐତିହାସିକ ବୋଲି ଉଲ୍ଲେଖ କରି ଏହାଦ୍ୱାରା ମହିଳା ସଶକ୍ତୀକରଣ ଅଭିଯାନକୁ ଏକ ବଡ଼ ସଫଳତା ମିଳିବ ବୋଲି କହୁଛି; ତାହାକୁ ୪ ଦଶନ୍ଧି ତଳେ ରାଜ୍ୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାରେ ମହିଳା ସଶକ୍ତୀକରଣର ଆଦ୍ୟ ପୁରୋଧା ବିଜୁ ପଟ୍ଟନାୟକ କାର୍ଯ୍ୟକାରୀ କରି ସାରିଥିଲେ। ପଞ୍ଚାୟତିରାଜ ଓ ପୌର ନିର୍ବାଚନରେ ମହିଳାମାନଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ କରି ଇତିହାସ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମହିଳାମାନଙ୍କୁ ରାଜନୈତିକ ସଂରକ୍ଷଣ ପାଇଁ ଚଳାଇଥିବା ପ୍ରୟାସ ସାରା ଦେଶକୁ ସମ୍ପ୍ରସାରିତ ହୋଇଥିଲା। ନବୀନ ଏହାକୁ ଏକ ଜାତୀୟ ଆନ୍ଦୋଳନରେ ପରିଣତ କରିଥିଲେ ଓ ଦେଶର ୨୨ଟି ରାଜନୈତିକ ଦଳର ମୁଖ୍ୟଙ୍କ ନିକଟକୁ ପ୍ରତିନିଧି ପଠାଇ ଏ ସଂକ୍ରାନ୍ତରେ ସମର୍ଥନ ଲୋଡ଼ିଥିଲେ। ଯାହା ଏବେ ସାକାର ହେବାକୁ ଯାଉଛି। ଦେଶରେ ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ୩୩% ସ୍ଥାନ ସଂରକ୍ଷଣ ପାଇଁ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡ଼କାଯାଇଛି।

୯୦ ଦଶକରେ ଯେତେବେଳେ ମହିଳାଙ୍କୁ ରାଜନୀତି କ୍ଷେତ୍ରରେ ଏକ ସୀମିତ ସ୍ଥାନରେ ରଖାଯାଇଥିଲା, ସେହି ସମୟରେ ବିଜୁ ପଟ୍ଟନାୟକ ହିଁ ପ୍ରଥମେ ଏହି ଧାରାକୁ ଭାଙ୍ଗିଥିଲେ। ▸ପୃଷ୍ଠା-୭






# ସିବିଏସ୍‌ଇ ଦଶମ ଫଳ ପ୍ରକାଶିତ

**ପାସ୍ ହାର ଦେଶରେ ୯୩.୭୦%; ଓଡ଼ିଶାରେ ୯୩.୬୬%**

**ଭୁବନେଶ୍ୱର ରିଜିଅନ୍‌ରେ ୯୪.୬୭% କୃତକାର୍ଯ୍ୟ; ଛାତ୍ରୀ ଆଗରେ**

■ ଭୁବନେଶ୍ୱର, ୧୫।୫ (ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତ ବର୍ଷ ସମୁଦାୟ ୨୪ ଲକ୍ଷ ୮୩ ହଜାର ୪୭୯ ଜଣ ପିଲା ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ୨୪ ଲକ୍ଷ ୭୧ ହଜାର ୭୭୭ ଜଣ ପରୀକ୍ଷା ଦେଇଥିବା ବେଳେ ୨୩ ଲକ୍ଷ ୧୬ ହଜାର ୮ ଜଣ ଅର୍ଥାତ୍ ୯୩.୭୦ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ପୂର୍ବବର୍ଷ ତୁଳନାରେ ପାସ୍‌ହାର ବଢ଼ିଛି। ୨୦୨୫ରେ ୯୩.୬୬% ପିଲା ପାସ୍ କରିଥିବାବେଳେ ୨୦୨୬ରେ ୯୩.୭୦% ପାସ୍ କରିଛନ୍ତି। ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ଛାତ୍ରଙ୍କ ପାସ୍ ହାର ୯୨.୬୯ ପ୍ରତିଶତ ଥିବାବେଳେ ଛାତ୍ରୀଙ୍କ ▸ପୃଷ୍ଠା-୭




## ହନୁମାନ ଜୟନ୍ତୀରେ ବିଜେପି ପକ୍ଷରୁ ଶୋଭାଯାତ୍ରା



ବ୍ରହ୍ମପୁର,୧୫।୪(ସମିସ): ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ପାଳନ ଅବସରରେ ବିଜେପି ପକ୍ଷରୁ ଏକ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ନେତୃତ୍ୱରେ ଶୋଭାଯାତ୍ରା ଫାର୍ଷ୍ଟ ଗେଟ୍ ସ୍ଥିତ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରୁ ଆରମ୍ଭ ହୋଇ ବାଲୁଙ୍କେଶ୍ୱର ମନ୍ଦିର ଛକ ଦେଇ ବଡ଼ବଜାର, ସାନ ବଜାର, ହନୁମାନ ବଜାର, ଗିରି ମାର୍କେଟ, ଗିରିଜା ଛକ, ଅର୍ଣ୍ଣପୂର୍ଣ୍ଣା ମାର୍କେଟ, ଫ୍ୟାୟର ଷ୍ଟେସନ ରୋଡ, ଖଲ୍ଲିକୋଟ କଲେଜ, ବିଜିପୁର ଛକ ଦେଇ ଗୋଷାଣୀନୂଆଗାଁ ସ୍ଥିତ ଉତ୍ତରେଶ୍ୱର ମନ୍ଦିର ଠାରେ ସମାପ୍ତ ହୋଇଥିଲା। ଶୋଭାଯାତ୍ରାରେ ଘୋଡା ନାଚ, ବାଘ ନାଚ ସହ ବହୁ ବାଇ ଓ କାର ସାମିଲ ହୋଇଥିଲା। କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ସରୋଜ ସରୋଜ ସାବତ, ବିଧାୟକ ପ୍ରତିନିଧି ପ୍ରଦୀପ ନାୟକ, ଅଶୋକ ଶୁକ୍ଲ, ଶିବ ପ୍ରସାଦ ଦାଶ, ବଦ୍ରିନାରାୟଣ ନାୟକ, ଶରତ ପଟ୍ଟନାୟକ, ସଞ୍ଜୟ ଜେନା, ଅନଙ୍ଗ ପଣ୍ଡା ଓ ସନ୍ଦୀପ ସାହୁ ସମେତ ବହୁ କର୍ପୋରେଟର ଉପସ୍ଥିତ ଥିଲେ।

### ସରିଲା ଓଡ଼ିଆ ପକ୍ଷ ରକ୍ତଦାନ ଅଭିଯାନ

# ଏମ୍‌କେସିଜି ରକ୍ତ ଭଣ୍ଡାରରେ ରକ୍ତ ଅଭାବ; ହନ୍ତସନ୍ତ ରୋଗୀ

ବ୍ରହ୍ମପୁର,୧୫।୪(ସମିସ):

ଏମକେସିଜି ମେଡ଼ିକାଲ ପରିସରରେ ଥିବା ରକ୍ତଭଣ୍ଡାର ଉପରେ ଗଞ୍ଜାମ ଜିଲ୍ଲା ସମେତ ଦକ୍ଷିଣ ଓଡ଼ିଶାର ହଜାର ହଜାର ରୋଗୀ ନିର୍ଭର କରିଥାନ୍ତି। କିନ୍ତୁ ଏଠାରେ ବିଭିନ୍ନ ସମୟରେ ରକ୍ତଭାବ ଦେଖିବାକୁ ମିଳୁଛି। ରକ୍ତଭଣ୍ଡାର ପରିଚାଳନା ତ୍ରୁଟି ସମେତ ଆବଶ୍ୟକ ମୁତାବକ କ୍ୟାମ୍ପର ଅଭାବ ଯୋଗୁଁ ଏଭଳି ସମସ୍ୟା ହେଉଥିବା କୁହାଯାଉଛି। ଏହାର ପ୍ରଭାବ ସିଧାସଳଖ ଗୁରୁତର ରୋଗୀଙ୍କ ଉପରେ ପଡୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତମାସ ୧ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ବିଭିନ୍ନ ସ୍ଥାନରେ







ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ୧୪ ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ୧୮୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡ଼ିନ୍ ପ୍ରଫେସର ଡ଼ା. ସୁଚିତ୍ରା ଦାଶ କହିଛନ୍ତି। କିନ୍ତୁ ଏହା ପରେ ମଧ୍ୟ ଏମକେସିଜି ମେଡ଼ିକାଲର ରକ୍ତ ଭଣ୍ଡାର ରକ୍ତ ସଙ୍କଟରେ କୌଣସି ପରିବର୍ତ୍ତନ ହୋଇନାହିଁ। ବୁଧବାର ମଧ୍ୟାହ୍ନ ୨ଟା ସୁଦ୍ଧା ରକ୍ତ ଭଣ୍ଡାର ବିଭିନ୍ନ ପଜିଟିଭ ବ୍ଲଡ଼ ଗ୍ରୁପ ୫୦ଟି ରହିଥିବା ବେଳେ ନେଗେଟିଭ ବ୍ଲଡ ଗ୍ରୁପର ରକ୍ତ ଘୋର ଅଭାବ ରହିଛି। ବିଶେଷ କରି ନେଗେଟିଭ ବ୍ଲଡ ଗ୍ରୁପର ବେଶ ଜରୁରୀ ଓ ଅଭାବ ରହିଥିବା ବେଳେ ରକ୍ତ ଭଣ୍ଡାରେ ମାତ୍ର ଗୋଟିଏ ଲେଖାଏଁ ରକ୍ତ ୟୁନିଟ ରହିଥିବା ଜଣାପଡ଼ିଛି। ସେହିପରି 'ଏ' ନେଗେଟିଭ

**ମହଜୁଦ ଅଛି ମାତ୍ର ଗୋଟିଏ ଲେଖାଏଁ ନେଗେଟିଭ ବ୍ଲଡ୍ ଗ୍ରୁପ**

ବ୍ଲଡ ଗ୍ରୁପର ଜମା ନଥିବା ରକ୍ତ ଭଣ୍ଡାର ପକ୍ଷରୁ ସୂଚନା ଦିଆଯାଇଛି। ରକ୍ତ ଭଣ୍ଡାରରେ ପ୍ରାୟ ସମୟ ରକ୍ତ ମହଜୁତ ନଥିବାରୁ ଆବଶ୍ୟକତା ସମୟରେ ରୋଗୀଙ୍କୁ ରକ୍ତ ଯୋଗାଣ କରିବା କଠିନ ହେଉଛି। ଏହି ସମସ୍ୟା ପଛରେ ରକ୍ତ ଭଣ୍ଡାରର ପରିଚାଳନା ତ୍ରୁଟି ଥିବା ଅଭିଯୋଗ ଉଠିଛି। ନିୟମିତ ଭାବେ ରକ୍ତଦାନ କ୍ୟାମ୍ପ ଆୟୋଜନ ହେଉନଥିବା ଓ ସଂଗ୍ରହ ପ୍ରକ୍ରିୟାରେ ଅବ୍ୟବସ୍ଥା ରହିଥିବା କୁହାଯାଉଛି। ସେହିପରି ବିଭାଗୀୟ ମୁଖ୍ୟ ଅଧିକାଂଶ ସମୟ ବିଭାଗରେ ଉପସ୍ଥିତ ନଥିବାରୁ ପରିଚାଳନା ଉପରେ ପ୍ରଭାବ ପଡୁଥିବା ଅଭିଯୋଗ ହେଉଛି। ଏପରି ପରିସ୍ଥିତିରେ ଜରୁରୀକାଳୀନ ସେବା ବି ଅସୁବିଧାରେ ପଡୁଛି। ରୋଗୀଙ୍କ ସମ୍ପର୍କୀୟମାନେ ବାହାରୁ ରକ୍ତ ଯୋଗାଡ଼ କରିବାକୁ ବାଧ୍ୟ ହେଉଛନ୍ତି, ଯାହା ଅନେକ ସମୟରେ ଜୀବନ-ମୃତ୍ୟୁର ପ୍ରଶ୍ନ ଉପସ୍ଥାପନ କରୁଛି। ଶୀଘ୍ର ଏହାର ସମାଧାନ ରୋଗୀ ଓ ସାମାଜିକ ସଂଗଠନମାନେ ଦାବି କରିଛନ୍ତି। ରକ୍ତ ଭଣ୍ଡାରର ସୁଚାରୁ ପରିଚାଳନା ସହିତ ନିୟମିତ ରକ୍ତଦାନ ଶିବିର ଆୟୋଜନ ପାଇଁ ପ୍ରଶାସନକୁ ଦୃଢ଼ ପଦକ୍ଷେପ ନେବାକୁ ଦାବି ହୋଇଛି। ଜିଲ୍ଲା ପ୍ରଶାସନ ଓ ହସ୍ପିଟାଲ କର୍ତ୍ତୃପକ୍ଷ ଯଦି ଶୀଘ୍ର ପଦକ୍ଷେପ ନ ନେବେ, ତେବେ ଆସନ୍ତା ଦିନରେ ଏହି ସମସ୍ୟା ଆହୁରି ଗୁରୁତର ରୂପ ନେବାର ସମ୍ଭାବନା ରହିଛି।

## ଦିବ୍ୟ ଜୀବନ ସଂଘ ପକ୍ଷରୁ ହନୁମାନ ଜୟନ୍ତୀ

ବ୍ରହ୍ମପୁର,୧୫।୪(ସମିସ): ଦିବ୍ୟ ଜୀବନ ସଂଘର ମହିଳା ଶାଖା ପକ୍ଷରୁ ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଯାଇଛି। ସଂଘର ପ୍ରଥମ ସେବକ ରବୀନ୍ଦ୍ର ନାଥ ଦାସ ଓ ଅରୁଣ ଦାସଙ୍କ ତତ୍ତ୍ୱାବଧାନରେ ଦୈନିକ ପୂଜାର୍ଚ୍ଚନା କରାଯାଇ ହନୁମାନ ଚାଳିଶା ପାଠ କରାଯାଇଥିଲା। ସେହିପରି ସଦ୍‌ଗୁରୁଦେବ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଓ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ପବିତ୍ର ବାଣୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂଘ ଦକ୍ଷିଣାଞ୍ଚଳ ସମନ୍ୱୟ ସମିତିର କୋଷାଧ୍ୟକ୍ଷ ଶାନ୍ତି ଭୂଷଣ ପଣ୍ଡାଙ୍କ ସଂଯୋଜନାରେ ବହୁ ନାରାୟଣଙ୍କୁ ସ୍ୱାଦିଷ୍ଟ ଭୋଜନ ଓ ପ୍ରବଳ ରୌଦ୍ର ତାପରୁ ରକ୍ଷା ପାଇବା ପାଇଁ ଛତା ବଣ୍ଟନ କରାଯିବା ସହ ସ୍ଥାନୀୟ ବୃଦ୍ଧାଶ୍ରମ ଓ ଅନାଥାଶ୍ରମର ଶତାଧିକ ଅନ୍ତେବାସୀଙ୍କ ପାଇଁ ପ୍ରସାଦ



ପଠାଯାଇଥିଲା। ସେହିପରି ରାସ୍ତାରେ ଯାଉଥିବା ପଥିକଙ୍କୁ ବିଶୁଦ୍ଧ ଜଳଛତ୍ରର ବ୍ୟବସ୍ଥା ଆସନ୍ତା ଗୁରୁପୂର୍ଣ୍ଣିମା ଯାଏଁ ଚାଲୁ ରହିବ ବୋଲି ସଂଘର ଉପସଭାନେତ୍ରୀ ମମତା ମହାପାତ୍ର ସୂଚନା ଦେଇଥିଲେ। ଶେଷରେ ସଂଘର ବରିଷ୍ଠ ସଦସ୍ୟା ବୀଣା କୁମାରୀ ଶର୍ମା ଧନ୍ୟବାଦ୍ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପଦେଷ୍ଟା ରୀନା ପାଢୀ, ସଭାନେତ୍ରୀ ଜ୍ୟୋସ୍ନା ରାଣୀ ଦାସ, ପ୍ରମିଳା ମହାରଣା, ଉଦୟନାଥ ପଣ୍ଡା, ରାମକୃଷ୍ଣ ଖଟାଇ, ମୁନା ପାଣିଗ୍ରାହୀ, ଲକ୍ଷ୍ମୀ ପାତ୍ର, ଲିପିବାଳା ସାହୁ, ଅଲେଖ ବେହେରା, ଏମ୍. କ୍ରୀଷ୍ଣା ଦୋରା, ଶ୍ରୀନିବାସ ପାତ୍ର, ସୁଜାତା ପଟ୍ଟନାୟକ, ମଧୁସୂଦନ ମହାପାତ୍ର, ମାମି ବେହେରା, ଶ୍ରୀମନ୍ତ ମହାପାତ୍ର ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ବ୍ରହ୍ମପୁର,୧୫।୪(ସମିସ): ଡୁଡୁମା କଲୋନୀ ବସ୍‌ଷ୍ଟାଣ୍ଡ ନିକଟରେ ଏକ ବାଇକ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ନିକଟ କାଳିକା ମନ୍ଦିର ସାହିର ଅମୂଲ୍ୟ ସିଂ(୫୦)। ଗତକାଲି ସକାଳୁ ଅମୂଲ୍ୟ ବ୍ରହ୍ମପୁରରୁ ଆମ୍ବଗଡ଼ ଅଭିମୁଖେ ବାଇକରେ ଯାଉଥିଲେ। ଡୁଡୁମା କଲୋନୀ ବସଷ୍ଟାଣ୍ଡ ନିକଟରେ ଭାରସାମ୍ୟ ହରାଇ ଏକ୍ ପିକଅପ ଭ୍ୟାନକୁ ପଛପଟୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଶିକ୍ଷାନୁଷ୍ଠାନରେ ଆଦର୍ଶ ଆଚରଣ ସଂହିତା ଲାଗୁ ବିରୁଦ୍ଧରେ ଛାତ୍ର ବିକ୍ଷୋଭ

ବ୍ରହ୍ମପୁର,୧୫।୪(ସମିସ): ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତ ୧୦ତାରିଖ ଦିନ ରାଜ୍ୟର ସମସ୍ତ କଲେଜ, ବିଶ୍ୱବିଦ୍ୟାଳୟମାନଙ୍କରେ ଛାତ୍ର-ଶିକ୍ଷକ ଆଦର୍ଶ ଆଚରଣ ସଂହିତା ଲାଗୁ କରାଯିବା ପ୍ରତିବାଦରେ ଏଆଇଡ଼ିଏସଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଠାରେ କୁହାଯାଇଛି ଯେ, ଏହି ସଂହିତା ଅନୁଯାୟୀ, କ୍ୟାମ୍ପସ ମଧ୍ୟରେ କୌଣସି ସଭା, ସମିତି, ସମାବେଶ, ଆନ୍ଦୋଳନ କିମ୍ବା ହରତାଳ କରିବାକୁ ହେଲେ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ଆଣିବାକୁ ହେବ। ଏହି ଆଚରଣ ସଂହିତାକୁ ତୁରନ୍ତ ପ୍ରତ୍ୟାହାର କରିବା, ଶିକ୍ଷାନୁଷ୍ଠାନ ମଧ୍ୟରେ ଗଣତାନ୍ତ୍ରିକ ଓ ଶୈକ୍ଷିକ ବାତାବରଣକୁ ସୁରକ୍ଷା ଦେବା, ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ପାଇଁ ଘୋଷଣା କରିବା ଆଦି ଦାବିରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ (ଏଆଇଡିଏସଓ)




ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ରେଭେନସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଛି। ପ୍ରତିବାଦ କରିବା, ଭିନ୍ନମତ ପୋଷଣ କରିବା, ସଂଗଠନ ତିଆରି କରିବା ଇତ୍ୟାଦି ହେଉଛି ପ୍ରତ୍ୟକ ନାଗରିକର ମୌଳିକ ଗଣତାନ୍ତ୍ରିକ ଅଧିକାର ଏବଂ ଦୀର୍ଘ ଦୁଇ ଶହ ବର୍ଷ ଧରି ବହୁ ଜୀବନ ବଳିଦାନ ଦେଇ ଇଂରେଜ ବିରୁଦ୍ଧରେ ରକ୍ତକ୍ଷୟୀ ସଂଗ୍ରାମ କରି ଦେଶବାସୀ ଏହି ଅଧିକାର ଅର୍ଜନ କରିଛନ୍ତି। ମାତ୍ର ରାଜ୍ୟ ସରକାର ଅତ୍ୟନ୍ତ ଅନ୍ୟାୟ ଭାବରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ସଂପୂର୍ଣ୍ଣଭାବେ ନିଜ ନିୟନ୍ତ୍ରଣକୁ ନେଇ କ୍ୟାମ୍ପସ ମଧ୍ୟରେ ନିଜର ସଭ୍ୟତା ବିରୋଧୀ ପ୍ରତିକ୍ରିୟାଶୀଳ ରାଜନୀତିକୁ ପ୍ରତିଷ୍ଠା କରିବା ପାଇଁ ଏହି ସଂହିତା ଲାଗୁ କରୁଛନ୍ତି। ଅର୍ଥାତ୍ ଛାତ୍ରଛାତ୍ରୀଙ୍କୁ ସେଇ ପୁରୁଣା ମଧ୍ୟଯୁଗୀୟ କୂପମଣ୍ଡୁକତା ଅନ୍ଧତା,କୁସଂସ୍କାର ସାମ୍ପ୍ରଦାୟିକତା ଚିନ୍ତା ମଧ୍ୟକୁ ନିକ୍ଷେପ କରିବା ପାଇଁ ଅପଚେଷ୍ଟା କରୁଛନ୍ତି। ତେଣୁ ଏହି ଧରଣର ଅତ୍ୟନ୍ତ ଶିକ୍ଷା ସଭ୍ୟତା ବିରୋଧୀ ଆଚରଣ ସଂହିତାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

## କଳିଙ୍ଗ ସାହିତ୍ୟ ସମାଜର ମହାବିଷୁବ ସମାବେଶ

ବ୍ରହ୍ମପୁର,୧୫।୪(ସମିସ): ସ୍ଥାନୀୟ କ୍ରଳ ଆଶ୍ରମ ଜାତୀୟ ଭବନ ପରିସରରେ କଳିଙ୍ଗ ସାହିତ୍ୟ ସମାଜର ମହାବିଷୁବ ସାରସ୍ୱତ ସମାବେଶ ଉଦଯାପିତ ହୋଯାଇଛି। ସାହିତ୍ୟ ସମାଜର ଉପସଭାପତି ଡ. ବନମାଳୀ ପାଣିଗ୍ରାହୀଙ୍କ ପୌରୋହିତ୍ୟ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ମଧ୍ୟକାଳୀନ ଓଡ଼ିଆ କାବ୍ୟ ସାହିତ୍ୟର ବିଶିଷ୍ଟ ଆଲୋଚକ ଡ. ଲମ୍ବୋଦର ପାଣିଗ୍ରାହୀ ଓ ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ ଉପ-ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପାରଳାଖେମୁଣ୍ଡି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ରୀନା ସାହୁ ବିଷୁବ ସଂକ୍ରାନ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ହରିକୃଷ୍ଣ ନାୟକ ଓ ଡ. ରମେଶ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। କାର୍ଯ୍ୟକାରୀ ସମିତିର ବରିଷ୍ଠ ସଦସ୍ୟ ଡ. କୁଳମଣି ଓଝା ସମାବେଶର ସଂଚାଳନା ଓ ସଂଯୋଜନା କରିଥିଲେ। ସ୍ୱର୍ଣ୍ଣପ୍ରଭା ପାଢ଼ୀଙ୍କ ଲିଖିତ ଉପନ୍ୟାସ 'ନଈ'




ଏବଂ ମନୋରମା ଦାଶଙ୍କ ରଚିତ ଭକ୍ତିକବିତା ସଂକଳନ 'ସମର୍ପଣ' ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଶେଷରେ ଡ. ସଞ୍ଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟ ସମାଜର ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଓ ସମ୍ପାଦକ ଡ. ଶରତ କୁମାର ଜେନା, ଡ. ହୃଷୀକେଶ ପଣ୍ଡା ଉପସ୍ଥିତ ଥିଲେ। ଅପରପକ୍ଷେ ସାହିତ୍ୟ ସମାଜର ଅନ୍ୟତମ ଉପ-ସଭାପତି ସ୍ୱର୍ଣ୍ଣପ୍ରଭା ପାଢ଼ୀଙ୍କ ଅଧ୍ୟକ୍ଷତାରେ କବିତା ଆବୃତ୍ତି ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତର ଆଧୁନିକ କବି ମନୋରଞ୍ଜନ ପାଣିଗ୍ରାହୀ, ଅନୁପ କୁମାର ମିଶ୍ର ଓ ସୁଶାନ୍ତ ଦାସ ସମ୍ମାନିତ ଅତିଥି ଭାବେ ଓଡ଼ିଆ କବିତାର କୌଳିନ୍ୟ ଓ କ୍ରମୋତ୍ତରଣ ବିଷୟରେ ଆଲୋକପାତ କରିଥିଲେ। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଅତିଥି ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀ ଓ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନ ଇତିହାସ ସହକାରୀ ପ୍ରଫେସର୍ ରାମଚନ୍ଦ୍ର ମାଝୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆବୃତ୍ତି ଆସରରେ କବିମାନେ କବିତା ଆବୃତ୍ତି କରିଥିଲେ।

## ମେରୁ ଯାତ୍ରାରେ ଅସଦାଚରଣ ଓ ଆକ୍ରମଣ ଘଟଣା; ୨ ଗିରଫ

ବ୍ରହ୍ମପୁର,୧୫।୪(ସମିସ): ପାଣିଗ୍ରାହୀ ପେଣ୍ଠଠାରେ ଚାଲିଥିବା ମେରୁ ଯାତ୍ରାରେ ଜଣେ ଯୁବତୀଙ୍କୁ ଅସଦାଚରଣ ଓ ଭାଇଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗଣପତିନଗର ପ୍ରଥମ ଲାଇନର ଓମ୍ ସାହୁ(୧୯) ଓ ପ୍ରଭାତ ସାହୁ(୨୨)।

ସୂଚନାପ୍ରକାରେ, ୧୪ ତାରିଖ ପାଣିଗ୍ରାହୀପେଣ୍ଠରେ ମେରୁ ସଂକ୍ରାନ୍ତି ଚାଲିଥିବା ବେଳେ ପ୍ରବଳ ଭିଡ଼ ହୋଇଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ଓମ୍ ସାହୁ ସେଠାକୁ ଯାତ୍ରା ଦେଖିବାକୁ ଆସିଥିବା ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଯୁବତୀ ଜଣକ ପ୍ରତିବାଦ କରିବାରୁ ଓମ୍ ତାଙ୍କ ଚୁଟି ଭିଡ଼ିବା ସହ ମାଡ଼ ମାରିବାକୁ ଧମକ ଦେଇଥିଲେ। ଏହା ପରଦିନ ଯୁବତୀଙ୍କ ଭାଇ ନିଜର ପଇତା କାଢ଼ିବାକୁ ମନ୍ଦିର ଯାଇଥିବା ବେଳେ ଅଭିଯୁକ୍ତ ଓମ୍ ଗାଳିଗୁଲଜ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଏକ ଇଟା ଏବଂ ହାତ ବ୍ରେସଲେଟ୍ ସାହାଯ୍ୟରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଆଖି ଓ ଆଙ୍ଗୁଠିରେ ମଧ୍ୟ କ୍ଷତ ସୃଷ୍ଟି ହୋଇଥିଲା। ଘଟଣାକୁ ନେଇ ଯୁବତୀଙ୍କ ଭାଇ ଲିଖିତ ଅଭିଯୋଗ କରିବା ପରେ ବଡ଼ବଜାର ଥାନାରେ ଏକ ମାମଲା(୨୪୮/୨୬୦) ରୁଜୁ ହୋଇଥିଲା। ପୁଲିସ ଚଢ଼ଉ କରି ପାଣିଗ୍ରାହୀପେଣ୍ଠ ଅଞ୍ଚଳରୁ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଅଦାଲତ ଚାଲାଣ କରିଛି।

## ଷଷ୍ଠ ଦିନରେ ଜିଲ୍ଲାସ୍ତରୀୟ ସିଏମ୍ କପ



ବ୍ରହ୍ମପୁର,୧୫।୪(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଜିଲ୍ଲାସ୍ତରୀୟ ସିଏମ କପ୍ ବୁଧବାର ଷଷ୍ଠ ଦିନରେ ପହଞ୍ଚିଥିବା ବେଳେ ଖୋ-ଖୋ ଓ ଭଲିବଲ ଖେଳ ଉଦଘାଟନ ହୋଇଛି। ପ୍ରଥମ ମ୍ୟାଚ ଓଏଭି ସ୍କୁଲ ଓ ବାରକ ଗୋଲ୍ଡ ଏଫସି ମଧ୍ୟରେ ହୋଇଥିଲା। ବାରକ ଗୋଲ୍ଡ ଏଫସି ୭-୦ ଗୋଲରେ ବିଜୟୀ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚ ଖେମୁଣ୍ଡି ଏଫସି ଦଳ ଓ ଡ଼ିଏଭି ସ୍କୁଲ ମଧ୍ୟରେ ହୋଇଥିଲା। ଏଥିରେ ଡ଼ିଏଭି ସ୍କୁଲ ୨-୦ ଗୋଲରେ ବିଜୟ ହାସଲ କରିଛି। ମ୍ୟାଚରେ ଅତିଥି ଭାବେ ଏନଆଇଏସ ଭରୋଉତୋଳ ପ୍ରଶିକ୍ଷକ ସଞ୍ଜୀବ କୁମାର ସାହୁ, ଏନଆଇଏସ କୋଚ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ମନୋଜ ଚୌହାନ ଓ ନିକିତା ସିଂ ଯୋଗ ଦେଇଥିଲେ। ମ୍ୟାଚକୁ ରଞ୍ଜିତ ପାତ୍ର, ରମେଶ ବେହେରା, ବିଶ୍ୱନାଥ ପାତ୍ର, ଗୋପାଳ ଚନ୍ଦ୍ର ପଣ୍ଡା ଓ ମ୍ୟାଚ କମିସନର ଭାବେ ସୁଜିତ କୁମାର ପାତ୍ର ପରିଚାଳନା କରିଥିବା ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲକେ ରାଓ, ଡି. ଆପ୍ପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ ଓ ଜି. ଏମ ବାବୁ ଉପସ୍ଥିତ ଥିଲେ।

## ବର୍ଷକୁ ତିନିଥର ଛାଡ଼ଖାଇ

# ଦଣ୍ଡନାଟ ପରେ ଆମିଷ ବଜାରରେ ଭିଡ଼

ବ୍ରହ୍ମପୁର,୧୫।୪(ସମିସ):

ଗଞ୍ଜାମ ଜିଲ୍ଲାରେ ପାରମ୍ପରିକ ଆସ୍ଥା ଓ ଧାର୍ମିକ ବିଚାର ଅନୁସାରେ ବର୍ଷରେ ତିନୋଟି ମୁଖ୍ୟ ମାସ, ଶ୍ରାବଣ ମାସ, କାର୍ତ୍ତିକ ଓ ଦଣ୍ଡନାଟ ସମୟରେ ଆମିଷ ଖାଦ୍ୟ ପରିତ୍ୟାଗ କରିଥାନ୍ତି। ଏହି ସମୟରେ ଶାକାହାରକୁ ଅନୁସରଣ କରନ୍ତି ଭକ୍ତିଭାବରେ ଦେବାଦେବୀଙ୍କ ଉପାସନା କରାଯାଏ। କିନ୍ତୁ ଏହି ପବିତ୍ର ପର୍ବଗୁଡ଼ିକ ଶେଷ ହେବା ସହିତ ଚିତ୍ର ପୁରା ପରିବର୍ତ୍ତିତ ହେଉଛି। ବିଶେଷକରି ଦଣ୍ଡନାଟ ପରେ ଆମିଷ ଖାଦ୍ୟ ପାଇଁ ଲୋକମାନଙ୍କ ମଧ୍ୟରେ ଆଗ୍ରହ ବଢ଼ିଛି। ଦଣ୍ଡନାଟ ସରିଥିବା ବେଳେ ପରମ୍ପରା ଅନୁସାରେ ଦଣ୍ଡୁଆମାନଙ୍କ ମଧ୍ୟରେ ତୋଟା ଭୋଜି ଅନୁଷ୍ଠିତ ହୋଇଥିବା ବେଳେ ତଦନୁରୂପେ ଲୋକେ ମଧ୍ୟ ନିଜ ବ୍ରତ ଭାଙ୍ଗି ପୁନଃର୍ବାର ଆମିଷ ଖାଦ୍ୟ ଆରମ୍ଭ କରିଛନ୍ତି। ଏନେଇ ଆଜି ବ୍ରହ୍ମପୁର ସହରର ସମସ୍ତ ଆମିଷ ବଜାରରେ ଭିଡ଼ ଲକ୍ଷ୍ୟ କରାଯାଇଛି। ସହରର ମର୍ଦ୍ଦରାଜ ଭେଣ୍ଡିଂ ଜୋନରୁ ଆରମ୍ଭ କରି ସମସ୍ତ



ଆମିଷ ବଜାରରେ ଖଚାଖଚ୍ ଭିଡ଼ ପରିଲକ୍ଷିତ ହୋଇଛି। ବିଶେଷ କରି ଲୋକେ ମଟନ୍ ଓ ମାଛ ସମେତ ଚିକେନ୍ କିଣିଥିବା ଦେଖିବାକୁ ମିଳିଛି। ମାସାଧିକ କାଳ ଆମିଷ ପରିତ୍ୟାଗ କରିଥିବା ଲୋକେ ଆଜି ପରିବାର ସହ ଏହା ଭୋଜନ କରି ଖୁସି ମନାଇଛନ୍ତି। ଏନେଇ ମାଂସ ଦୋକାନମାନେ ସକାଳୁ ସେମାନଙ୍କ ଗ୍ରାହକଙ୍କ ଲାଗି ଭଲିକି ଭଲି ସୁସ୍ଥ ମାଂସ ସଂରକ୍ଷିତ ରଖିଥିଲେ। କିଛି ଦୋକାନରେ ଆଗୁଆ ବରାଦ ମଧ୍ୟ ହୋଇଥିଲା।

ସ୍ଥାନୀୟ ବ୍ୟବସାୟୀମାନେ କହିଛନ୍ତି ଯେ, ଦଣ୍ଡନାଟ ସମୟରେ ଆମିଷ ବଜାର ଏକପ୍ରକାର ମାନ୍ଦା ରହିଥିଲା। ଲୋକେ ଦୀର୍ଘଦିନ ପରେ ଆମିଷ ଖାଇବାକୁ ଆସୁଥିବାରୁ ବ୍ୟବସାୟ ଭଲ ହୋଇଛି। ଧାର୍ମିକ ପରମ୍ପରା ଓ ଖାଦ୍ୟ ଆଦତର ଏହି ସମନ୍ୱୟ ଗଞ୍ଜାମ ଜିଲ୍ଲାର ସଂସ୍କୃତିର ଏକ ଅଲଗା ପରିଚୟ ହେବା ସହିତ, ପର୍ବ ପରବର୍ତ୍ତୀ ଆମିଷ ଭୋଜନ ମଧ୍ୟ ଏକ ପ୍ରଥା ଭାବେ ଗଢ଼ିଉଠିଥିବା କୁହାଯାଉଛି। ଅପରପକ୍ଷେ କହିବାକୁ ଗଲେ ମଟନ୍ ପ୍ରାୟ ୫୦କ୍ୱିଣ୍ଟାଲ, ମାଛ ୨୦୦କ୍ୱିଣ୍ଟାଲ୍ ଓ ଚିକେନ୍ ମଧ୍ୟ ୨୦୦ରୁ ଉର୍ଦ୍ଧ୍ୱ କ୍ୱିଣ୍ଟାଲ ବିକ୍ରି ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ୧୮ରେ ମହିଳା କ୍ରିକେଟ ଖେଳାଳି ଚୟନ

ବ୍ରହ୍ମପୁର, ୧୫।୪ (ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚଳିତ ମାସ ୧୮ ତାରିଖରେ ମହିଳା କ୍ରିକେଟ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ଆଗାମୀ ଦିନରେ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜିତ ହେବାକୁ ଥିବା ମହିଳା ଅନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଏହି ଶିବିର ଅନୁଷ୍ଠିତ ହେବ।

ଖେଳାଳିମାନେ ଆବଶ୍ୟକ ପ୍ରମାଣପତ୍ର ସହ ଆଡ୍‌ହକ୍ କମିଟି ସଦସ୍ୟ ସିଦ୍ଧାନ୍ତ ଗଙ୍ଗଦେବ ଓ ତପନ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାକୁ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।

ଶ୍ରଦ୍ଧାଞ୍ଜଳି
ଦଶମ ଶ୍ରାଦ୍ଧବାର୍ଷିକୀ



✓ ଶରତ କୁମାର ମହାନ୍ତି
ବିଣାଦଣ୍ଡା, ବାସୁଦେବପୁର, ଭଦ୍ରକ
ଆବିର୍ଭାବ : ୨୫.୦୧.୧୯୫୯, ତିରୋଧାନ : ୧୬.୦୪.୨୦୧୬
ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

## ବାଇପାସ୍ ରାସ୍ତା ପାଇଁ ତାତିଲେ ଲୋକେ

# ଓରତ-ବିଜୟନଗର ମୁଖ୍ୟ ରାସ୍ତା ଅବରୋଧ

ମହାକାଳପଡ଼ା,୧୫।୪(ସମିସ)



୩ ବର୍ଷ ବିତିଗଲା ହେଲେ ୨ କିମି ବାଇପାସ୍ ରାସ୍ତା ନିର୍ମାଣ ହୋଇ ପାରିଲାନାହିଁ। ବିଭାଗୀୟ ଅଧିକାରୀ ଓ ପ୍ରଶାସନ କେହି ତତ୍ପରତା ପ୍ରକାଶ ନକରିବାରୁ ଜମି ଅଧିଗ୍ରହଣ ମଧ୍ୟ ହୋଇପାରିଲା ନାହିଁ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନକୁ ଅଭିଯୋଗ ସତ୍ତ୍ୱେ ମଧ୍ୟ କିଛି ସୁଫଳ ମିଳିନାହିଁ। ଯାହାକୁ ନେଇ ସ୍ଥାନୀୟ ଲୋକେ ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସୂଚନା ମୁତାବକ ପୂର୍ତ୍ତବିଭାଗ ତରଫରୁ ମହାକାଳପଡ଼ା ବ୍ଲକ, ଦେଉଳପଡ଼ା ପଞ୍ଚାୟତ ଓଲିହା ଗ୍ରାମ ଠାରୁ ମେରଦା ଦଣ୍ଡା ପର୍ଯ୍ୟନ୍ତ ୨.୪୫୦ କିମି ବାଇପାସ୍ ରାସ୍ତା କାମ ଅଧାରେ ଅଟକିଛି। ଜମି ଅଧିଗ୍ରହଣ ପାଇଁ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳୁନାହିଁ ଯାହା ଫଳରେ ଅଧାରେ ଅଟକିଛି ବାଇପାସ୍ ରାସ୍ତା କାର୍ଯ୍ୟ। ପ୍ରଥମ ପର୍ଯ୍ୟାୟରେ ପ୍ରଶାସନ ଯେତିକି ତତ୍ପରତା ଦେଖାଇଥିଲା ତାହା ଆଉ ଦେଖିବାକୁ ମିଳୁନାହିଁ। ଅଧାରୁ କାମ ଛାଡ଼ି ଠିକାଦାର ଛୁ ମାରିଛି।

ବାଇପାସ୍ ରୋଡ଼ ପାଇଁ ୨୦ ଅଗଷ୍ଟ ୨୦୨୩ରେ ତତ୍କାଳୀନ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାଟି କାମ କରିବା କାର୍ଯ୍ୟ ଆରମ୍ଭ ହୋଇ କଂକ୍ରିଟ କାନ୍ଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା ଠିକାଦାର। ମୁଖ୍ୟ ରାସ୍ତା ଠାରୁ ଓଲିହା ଦଣ୍ଡା ପର୍ଯ୍ୟନ୍ତ ୧ କିଲୋମିଟର ରାସ୍ତାର ମାଟି କାମ ସାରି କାର୍ଯ୍ୟ କରୁଥିବା ସଂସ୍ଥା ଯାଇଛି ଯେ ତାର ଆଉ ଦର୍ଶନ ନାହିଁ। ପ୍ରଶାସନ ତରଫରୁ ଜମି ଅଧିଗ୍ରହଣ ପାଇଁ ସେତିକି ତତ୍ପରତା ଦେଖିବାକୁ ମିଳୁନାହିଁ। ନା ପ୍ରଶାସନ ଲୋକଙ୍କ ସହିତ ଆଲୋଚନା କରୁଛି ନା ବିକଳ୍ପ ବ୍ୟବସ୍ଥା ଆପଣାଉଛି। ଯେଉଁଥିପାଇଁ ବାଇପାସ୍ ରାସ୍ତା କାମ ଅଧାରେ ଅଟକିଛି। ବାଇପାସ୍ ରାସ୍ତା ନହେବାରୁ ଗାଁ ରାସ୍ତା ଦେଇ ବଡ଼ ବଡ଼ ମାଲବାହୀ ଗାଡ଼ି ଯିବା ଫଳରେ ଗାଁରେ ରାସ୍ତା ଜାମ୍ ସମସ୍ୟା ଦେଖାଦେଉଛି। ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏଥିପାଇଁ ପ୍ରଶାସନର ଯେମିତି ପୋଡ଼ାଜଳା ନାହିଁ। ଜନଶୁଣାଣିରେ ପ୍ରଶାସନକୁ ଅଭିଯୋଗ ହୋଇଥିଲେ ବି ତାହାର କିଛି ସୁଫଳ ନମିଳିବାରୁ ବାଧ୍ୟ ହୋଇ ଆଜି ସ୍ଥାନୀୟ ଲୋକେ ଓରତ-ବିଜୟନଗର ମୁଖ୍ୟ ରାସ୍ତା ଅବରୋଧ କରି ପ୍ରଶାସନ ଓ ବିଭାଗୀୟ ଅବହେଳା ବିରୋଧରେ ନାରାବାଜି କରିଥିଲେ। କିଛି ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇପଡ଼ିଥିଲା। ମହାକାଳପଡ଼ା ଥାନା ଅଧିକାରୀ ମାନସ ମଲ୍ଲିକ ଧାରଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜମ୍ମୁ ମହୋତ୍ସବ ପାଇଁ ତହସିଲଦାରଙ୍କ ବୈଠକ ହେତୁ ସେ ତାଙ୍କ ସହିତ କଥା ହୋଇ ଏଠାକୁ ଆସିଛନ୍ତି ଓ ୫ ଦିନ ପରେ ତହସିଲଦାରଙ୍କ ସହିତ ଆଲୋଚନା କରି ଆନ୍ଦୋଳନକାରୀ ମାନଙ୍କ ସହିତ ବାଇପାସ୍ ରାସ୍ତା କାର୍ଯ୍ୟର ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ମଲ୍ଲିକ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଅବରୋଧରେ ପ୍ରଶାନ୍ତ କୁମାର ମହାପାତ୍ର, ଚନ୍ଦ୍ରଶେଖର ଜେନା, ଅଭିମନ୍ୟୁ ସାହୁ, ପ୍ରତାପ ରଞ୍ଜନ ତ୍ରିପାଠୀ, ନରେନ୍ଦ୍ର ବେଉରା, ଗୋପବନ୍ଧୁ ସାହୁ, ରାଜକିଶୋର ରାଉତ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସୁରଟରେ ଓଡ଼ିଆ ଶ୍ରମିକ ମୃତ

କେନ୍ଦ୍ରାପଡା,୧୫।୪(ସମିସ): ଗୁଜୁରାଟର ସୁରଟ ସହରରେ ଥିବା ଓଡ଼ିଆ ଶ୍ରମିକ ସନ୍ନ୍ୟାସପୁର ଗାଁର ତ୍ରିଲେଖ ବେହେରା (୪୨)ଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ତ୍ରିଲେଖ ଦୀର୍ଘ ୨୬ ବର୍ଷ ଧରି ସୁରଟର ଏକ ଲୁଗା କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ୧୪ ତାରିଖ ରାତିରେ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଘଟଣା ପରେ କାରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଘଟଣାକୁ ଚାପି ଦେବା ସହ କୌଣସି କ୍ଷତିପୂରଣ ନଦେବା ପାଇଁ ଚେଷ୍ଟା ହେଉଥିବାରୁ ସେଠାରେ ରହୁଥିବା ଓଡ଼ିଆ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରତିବାଦ ସ୍ୱରୂପ, ଶ୍ରମିକମାନେ ମରଶରୀରକୁ କାରଖାନା ଆଗରେ ରଖି ଧାରଣାରେ ବସିଛନ୍ତି। ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ମୃତଦେହକୁ ଗ୍ରାମକୁ ପଠାଇବା ଦାବି କରିଛନ୍ତି। ମୃତ ତ୍ରିଲେଖ ସୁରଟର କୃଷ୍ଣାନଗର ଅଞ୍ଚଳର ଜଲାରାମ ସୋସାଇଟିରେ ରହୁଥିଲେ। ତ୍ରିଲେଖ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଘରେ ବୃଦ୍ଧା ମା', ଅସୁସ୍ଥ ପତ୍ନୀ ଓ ୧୦ ବର୍ଷ ଏବଂ ୩ ବର୍ଷର ଦୁଇ ଝିଅ ଅଛନ୍ତି। ଗତ ବର୍ଷ ତାଙ୍କ ବାପାଙ୍କ ଦେହାନ୍ତ ହୋଇଥିବା ବେଳେ ମା' କର୍କଟ ରୋଗରେ ପୀଡିତା ଥିବା ସୂଚନା ମିଳିଛି।



## ଅଷ୍ଟପ୍ରହର ନାମଯଜ୍ଞ

ଡେରାବିଶ,୧୫।୪(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ଚାନ୍ଦୋଳ ବଜାର ସ୍ଥିତ ମା' ବୁଢ଼ୀ ଜାଗୁଲେଇଙ୍କ ପୀଠରେ ଗତକାଲି ଅଷ୍ଟପ୍ରହରବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ଚାନ୍ଦୋଳ ସ୍ଥିତ ମା ବୁଢ଼ୀ ଜାଗୁଲେଇ କୃପା ପରିଷଦ ଆନୁକୂଲ୍ୟରେ ଏହି ନାମଞ୍ଜର ଶୁଭାଧିବାସ କରାଯାଇଥିଲା। ଗତକାଲି ଅହୋରାତ୍ର ନାମଯଜ୍ଞ କରାଯାଇଥିଲା। ଏହି ନାମଯଜ୍ଞ କାର୍ଯ୍ୟକ୍ରମରେ ପଡ଼ୋଶୀ ଜିଲ୍ଲା ମାନଙ୍କରୁ ବହୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଆଜି ସକାଳେ ନାମଯଜ୍ଞର ପୂର୍ଣ୍ଣାହୁତି ପରେ ନଗରକୀର୍ତ୍ତନ କରାଯାଇ ମଧ୍ୟାହ୍ନରେ ଦଧିହାଣ୍ଡି ଭଙ୍ଗ କରାଯାଇଥିଲା।

## ନବନିର୍ମିତ ଜିଲ୍ଲା ହସ୍ପିଟାଲ ଛାତରୁ ସିଲିଂ ଖସିବା ଘଟଣା

# ଭିଜିଲାନ୍ସ ତଦନ୍ତ ଦାବି କଲା ଜନଶକ୍ତି ପାର୍ଟି

ପଟ୍ଟାମୁଣ୍ଡାଇ,୧୫।୪(ସମିସ): କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ନିର୍ମାଣ ହେବାର ମାତ୍ର ୪ ବର୍ଷରେ ହସ୍ପିଟାଲ ଛାତରୁ ସିଲିଂ ଖସୁଛି ଓ କାନ୍ଥରୁ ପ୍ଲାଷ୍ଟର ଝଡୁଛି। ଯାହା ଶହଶହ ରୋଗୀଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଜିଲ୍ଲା ହସ୍ପିଟାଲ ନିର୍ମାଣ ଲାଗି ଖର୍ଚ୍ଚ ହୋଇଥିବା ୧୧୦ କୋଟି ପାଣିରେ ପଡିବାକୁ ବସିଛି ବୋଲି ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ ଦାଶ ପଟ୍ଟାମୁଣ୍ଡାଇ ଠାରେ ଏକ ପ୍ରେସ ବିବୃତି ଦେଇ ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି। ଆଡ଼ଭୋକେଟ ଶ୍ରୀ ଦାଶ କହିଛନ୍ତି ବ୍ରିଟିଶ ଅମଳରୁ ରାଜ୍ୟର ପ୍ରଥମ ମେଡିକାଲ କେନ୍ଦ୍ରାପଡା ସହର ଖଡିଅଙ୍ଗ ଠାରେ ଖୋଲା ଯାଇଥିଲା ଓମାତ୍ର ୨୦୨୨ ମସିହା ଜାନୁଆରି ୮ ତାରିଖରେ କେନ୍ଦ୍ରାପଡ଼ା ସହରଠାରୁ ୫ କିମି ଦୂର ଇଛାପୁର ଶ୍ୟାମ ଗୁଡ଼ିଆ ଠାରେ ଜିଲା ହସ୍ପିଟାଲ ଗୃହ ନିର୍ମାଣ କରାଯାଇ ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ଓ ସରକାର ଏଠାରେ ସୁଦୃଢ଼ ଭିତ୍ତିଭୂମି ସାଙ୍ଗକୁ ରୋଗୀଙ୍କୁ ଉନ୍ନତମାନର ଅତ୍ୟାଧୁନିକ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ନେଇ ଜିଲ୍ଲା ହସ୍ପିଟାଲ ପ୍ରତିଷ୍ଠା କରିଥିଲେ ହେଲେ ଧିରେ ଧିରେ ଏବେ ହସ୍ପିଟାଲର ସ୍ଥିତି ବିପର୍ଯ୍ୟସ୍ତ ହେବାକୁ ବସିଲାଣି। ତଳ ମହଲା ମେଣ୍ଟନାନ୍ସ ରୁମର ତିନି ଫାଳ କାନ୍ଥରୁ ପ୍ଲାଷ୍ଟର ଖସି କଂକ୍ରିଟ୍ ଇଟା ଦିଶୁଛି। ଯାହା ଶହଶହ ରୋଗୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼? ପ୍ରଶ୍ନବାଚୀ ସୃଷ୍ଟି କରିଛି। କଟକ ବଡ ହସ୍ପିଟାଲରେ ଯେପରି ଅଘଟଣ ଘଟିଲା ତାହାର ପୁନରାବୃତି ହେଲେ ଜନଶକ୍ତି ପାର୍ଟି ବାଧ ହୋଇ ରଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଆଡ଼ଭୋକେଟ ଦାଶ ଚେତାବନୀ ଦେଇଛନ୍ତି।

## ପ୍ରକାଶ ଫାଉଣ୍ଡେସନ ପକ୍ଷରୁ ପଣା ବଣ୍ଟନ

ପଞ୍ଚୁପାଣ୍ଡବ,୧୫।୪(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ଜାଗାରେ ପ୍ରକାଶ ଫାଉଣ୍ଡେସନ ତରଫରୁ ପବିତ୍ର ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଉପଲକ୍ଷେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାର ପୁର ରୁ ନହଙ୍ଗ ପଞ୍ଚାୟତର ସନ୍ଥପୁରା ରାସ୍ତା ରେ ଯାତାୟାତ କରୁଥିବା ଜନସାଧାରଣ ମାନଙ୍କ ପାଇଁ ପଣା ବଣ୍ଟନ କରାଯାଇଥିଲା। ସେହିପରି ପାରାଦୀପ ଚଣ୍ଡିଖୋଲ ଜାତୀୟ ରାଜପଥରର ବିଭିନ୍ନ ସ୍ଥାନରେ ଏହି ଅସହ ତାତିରେ ପ୍ରକାଶ ଫାଉଣ୍ଡେସନ ପକ୍ଷରୁ ପଣା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ସଦସ୍ୟ ମାନଙ୍କ ତରଫରୁ ସଭାପତି ବିପ୍ଲବ କୁମାର ନାୟକ, ରାଜେଶ କୁମାର ବିଶ୍ୱାଳ, ଆଲୋକ ଜେନା, ଜୟନ୍ତ ସାହୁ, ଶିବପ୍ରସାଦ ବାରିକ, ଜଗଦୀଶ ମଲିକ, ନିକୁଞ୍ଜ ସାହୁ, ଖୁଦିରାମ ମଲିକ ସହ ସମସ୍ତ ସଦସ୍ୟ ହଜାର ହଜାର ବାଟୋଇ ମାନଙ୍କୁ ପଣା ବଣ୍ଟନ ରେ ସହଯୋଗ କରିଥିଲେ।

## ନୂଆପାଟଣା ଗ୍ରାମରେ ଝାମୁଯାତ୍ରା

କେନ୍ଦ୍ରାପଡ଼ା,୧୫।୪(ସମିସ): ନିଳକଣ୍ଠପୁର ଗ୍ରାମପଞ୍ଚାୟତର ନୂଆପାଟଣା ଗ୍ରାମରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନୂଆପାଟଣା ଗ୍ରାମର ମା'ମଙ୍ଗଳା ସିଦ୍ଧ ପୀଠ ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପବିତ୍ର ପଣାସଂକ୍ରାନ୍ତୀ ଅବସରରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ପ୍ରଥମେ କାକଟପୁର ମା'ମଙ୍ଗଳାଙ୍କ ପାଖରୁ ଆଜ୍ଞାମାଳ ଆସିବା ପରେ ଏହି ଝାମୁଯାତ୍ରା ଆରମ୍ଭ ହୋଇଥିଲା। ପାଟୁଆମାନେ ନିଆଁରେ ଚାଲିବା ପରେ ଦଣ୍ଡନାଚ କରିଥିଲେ। ଗ୍ରାମବାସୀଙ୍କ ସହଯୋଗ ଓ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଗ୍ରାମର ଶହ ଶହ ସଂଖ୍ୟାରେ ଲୋକ ସେଠାରେ ରୁଣ୍ଡ ହୋଇଥିଲେ।



## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଡେରାବିଶ,୧୫।୪(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପକ୍ଷ ପାଳନ ଅବସରରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ୨୮ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ କର୍ମଚାରୀମାନେ ରକ୍ତଦାନରେ ସାମିଲ ହୋଇଥିଲେ। ୟୁଥ୍ ରେଡ୍‌କ୍ରସ ଏବଂ ଏନଏସ୍‌ଏସ୍ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ କଟକ ଏସ୍‌ସିବି ମେଡିକାଲ୍ ଡାକ୍ତରୀ ଟିମ୍ ରକ୍ତଦାତାମାନଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ୱାଇଆରସି କାଉନସେଲର ପ୍ରଭାକର ଦାସ ଏବଂ ଏନଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପ୍ରଦିପ ରାଉତ ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ, ଶ୍ରୀମତୀ ଦାସ, ମିନାକ୍ଷୀ ପ୍ରଧାନ, ଝରାଶ୍ରୀ ପରିଜା, ମନିଷା ମହାରଣା, ଶାଶ୍ୱତୀ ପ୍ରଜ୍ଞା ସାହୁ, ମନିଷା ଦାସ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ନାରୀଶକ୍ତି ରାଷ୍ଟ୍ରପ୍ରେମୀ ପକ୍ଷରୁ ପଣା ବଣ୍ଟନ

ରାଜନଗର,୧୫।୪(ସମିସ): ରାଜନଗର ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା' ମାଟିଆ ମାଟିଆ ମଙ୍ଗଳା ପୀଠରେ ଶ୍ରଦ୍ଧାଳୁଙ୍କୁ ଗରିବ ବନ୍ଧୁ ନାରୀଶକ୍ତି ରାଷ୍ଟ୍ରପ୍ରେମୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପଣା ବଣ୍ଟନ କରାଯାଇଛି। ଓଡିଆ ନୂଆବର୍ଷ ଓ ମହାବିଷୁବ ସଙ୍କ୍ରାନ୍ତି ଅବସରରେ ଶ୍ରଦ୍ଧାଳୁମାନଙ୍କୁ ପଣା ବଣ୍ଟନ କରାଯାଇଛି। ସଂଗଠନର ସଭାନେତ୍ରୀ ସୁକାନ୍ତି ରାଉତ, ସଂଯୋଜକ ସୁଶାନ୍ତି ସ୍ୱାଇଁ, ସମ୍ପାଦକ ଶାନ୍ତିଲତା ବିଶ୍ୱାଳ, ରୁକ୍ମଣୀ ପରିଡା, ନିବେଦିତା ପାଢୀ, ଦମୟଣୀ ଦାସ, କଲ୍ୟାଣୀ ସ୍ୱାଇଁ, ମମତା ପ୍ରଧାନ, ମମତା ଲେଙ୍କା, ବାସନ୍ତୀ ସାହୁ, ଅନୁସୂୟା ମଲ୍ଲିକ, ଚଞ୍ଚଳା ମହାନ୍ତି, ମିନତୀ ମହାନ୍ତି, ସନ୍ଧ୍ୟାରାଣୀ ଖଣ୍ଡୁଆଲ, ମିନତୀ ବିଶ୍ୱାଳ, ପାର୍ବତୀ ଦାସ, କବିତା ବିଶ୍ୱାଳ, ରଶ୍ମିତା ବିଶ୍ୱାଳ, କୁଞ୍ଜଲତା ସ୍ୱାଇଁ, ଲତିକା ସାହାଣୀ, ଗୀତାଞ୍ଜଳି ଥାଟୋଇ, ପ୍ରତିମା ଦାସ, ଜ୍ୟୋସ୍ନାରାଣୀ ସେଠୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ପଣା ବଣ୍ଟନ କରିଥିଲେ।



## ନଦୀକୁ ଡେଇଁ ଯୁବକ ନିଖୋଜ

ରାଜକନିକା,୧୫।୪(ସମିସ): ଗତକାଲି ବିଳମ୍ବିତ ରାତିରେ ରାଜକନିକା-ଚାନ୍ଦବାଲି ବୈତରଣୀ ସେତୁ ଉପରୁ ଡେଇଁ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ଖବର ମୁତାବକ ଏହି ପୋଲ ଉପରେ ନିଜ ପିନ୍ଧା ଚପଲ ଓ ମୋବାଇଲ ରଖି ମଧୁପଡା ଗାଁର ଜଣେ ଅବିବାହିତ ଯୁବକ ଜୟରଥ ମଲିକ (୨୬) ନଦୀକୁ ଡେଇଁ ପଡ଼ିଥିବା ସନ୍ଦେହ ହୋଇଛି। ମଧୁପଡା ଗାଁର ଜଗବନ୍ଧୁ ମଲିକଙ୍କ ପୁଅ ଜୟରଥ କେଉଁ କାରଣରୁ ଏଭଳି ନିଷ୍ପତ୍ତି ନେଇଛନ୍ତି, ତାହା ଜଣା ପଡି ନ ଥିଲେ ବି ଏହା ଏକ ଆତ୍ମହତ୍ୟା ଭଳି ଜଘନ୍ୟ କାଣ୍ଡ ହୋଇଥିବା ସନ୍ଦେହ ବଢ଼ିଛି।



## ଭୂଦାନକର୍ମୀ ରୁକ୍ମିଣୀଦେବୀଙ୍କ ସ୍ମୃତିସଭା

ମାର୍ଶାଘାଇ,୧୫।୪(ସମିସ): ଚିନ୍ତାମଣି ଗୁରୁଜୀ ଓ ରୁକ୍ମିଣୀଦେବୀ ସ୍ମାରକୀନ୍ୟାସ ତରଫରୁ ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ମଧୁସାଗର ବିଦ୍ୟାପୀଠ ପ୍ରତିଷ୍ଠାନ ସମାଜ ସଂସ୍କାରକ ଚିନ୍ତାମଣି ଗୁରୁଜୀଙ୍କ ଧର୍ମପତ୍ନୀ ଭୂଦାନକର୍ମୀ ରୁକ୍ମିଣୀଦେବୀଙ୍କ ଶ୍ରାଦ୍ଧୋତ୍ସବ ବିଦ୍ୟାପୀଠ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାପୀଠ ପରିସରରେ ଥିବା ପ୍ରତିମୂର୍ତ୍ତି ନ୍ୟାସ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ ଛାତ୍ର ନୀଳମାଧବ ରାଉତଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସ୍ମାରକୀ କନ୍ୟା ସମ୍ପାଦକ ତଥା ପଞ୍ଚଶଖା ଶିକ୍ଷାସେତୁ ସଭାପତି ଭ୍ରମର ରାଉତ, ନ୍ୟାସକିଟ ସଦସ୍ୟ ପ୍ରଭାସ ରଞ୍ଜନ ପରିଡ଼ା, ଅମୂଲ୍ୟ ଜେନା, ବୈଷ୍ଣବ ଚରଣ ଖଣ୍ଡୁଆଳ, ଗୟାଧର ଜେନା, ଅନ୍ତର୍ଯ୍ୟାମୀ ଦାସ, ମଦନ ସେଠୀ ପ୍ରମୁଖ ଯୋଗଦେଇ ବିଦ୍ୟାପୀଠ ଗଠନ ଓ ପରିଚାଳନାରେ ଥିବା ଭୂମିକା ଓ ଭୂଦାନ ଆନ୍ଦୋଳନରେ ଯୋଗଦେଇ ଜମି ସଂଗ୍ରହକରି ଜମି ହୀନ ଲୋକଙ୍କୁ ବଣ୍ଟନ କରିବା ଓ ଏହିକାର୍ଯ୍ୟରେ ଗୁରୁଜୀଙ୍କ ସହଯୋଗ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶେଷରେ ପ୍ରଭାସ ରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ମାଣ ଶ୍ରମିକ ସଂଘର କାର୍ଯ୍ୟକାରୀ କମିଟି

ଡେରାବିଶ,୧୫।୪(ସମିସ): ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଅନ୍ତର୍ଗତ ପ୍ରସିଦ୍ଧ ମାଣିଖଣ୍ଡି ମହାପୁରୁଷଙ୍କ ବିଜେସ୍ଥଳୀରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ବ୍ଲକ ଶାଖାର ଏକ କାର୍ଯ୍ୟକାରୀ କମିଟି ସଭା ଆଜି ଅନୁଷ୍ଠିତ ହୋଇଯାଇଛି। ଅନିରୁଦ୍ଧ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକମାନଙ୍କ ସ୍ୱାର୍ଥକୁ ଉପେକ୍ଷା କରାଯାଉଥିବା କହିଥିଲେ। ବର୍ଷ ବର୍ଷ ଧରି ନିର୍ମାଣ ଶ୍ରମିକ ମାନଙ୍କର ମୃତ୍ୟୁକାଳୀନ ସହାୟତା ନିମନ୍ତେ ଦରଖାସ୍ତ କରି, ଶ୍ରମ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ଖର୍ଚ୍ଚାନ୍ତ ହେଉଛନ୍ତି ସତ କିଛି ଫଳ ମିଳୁନାହିଁ। ପାଞ୍ଚବର୍ଷ ହେବ ନିର୍ମାଣ ଶ୍ରମିକମାନଙ୍କ ଝିଅ ବିଭାଘର ଅନୁଦାନ, ମହିଳା ଶ୍ରମିକମାନଙ୍କୁ ପଞ୍ଜିକରଣ ନିମନ୍ତେ ଶ୍ରମିକମାନେ ଦୌଡ଼ି ଦୌଡ଼ି ନିରାଶ ହେଉଥିବା ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ନିର୍ମାଣ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ଶ୍ରୀ ତ୍ରିପାଠୀ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଧିଷରନ ସାହୁ, ହରି ମାହାଳି, ଲକ୍ଷ୍ମୀଧର ବେହେରା, ଅରୁଣ ଦାସ, ବିରଂଚି ସାହୁ, ପ୍ରମୁଖ ଶ୍ରୀ ତ୍ରିପାଠୀଙ୍କ ବକ୍ତବ୍ୟକୁ ସମର୍ଥନ କରିଥିଲେ। ଶେଷରେ ଚନ୍ଦ୍ରମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସ ବହିଟିଏ କିଣିବା ଓ ଆମ ଲୋକ କଳା କାର୍ଯ୍ୟକ୍ରମ

ରାଜନଗର,୧୫।୪(ସମିସ): ରାଜନଗର ବ୍ଲକ ଶୈଳେନ୍ଦ୍ରନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଓଡିଆ ପକ୍ଷ ପାଳନ ଅବସରରେ 'ଆସ ବହିଟିଏ କିଣିବା' ଓ 'ଆମ ଲୋକକଳା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଶରତଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ କଥାକାର ପ୍ରଦୀପ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ନିରଞ୍ଜନ ଶତପଥୀ, ସମ୍ମାନିତ ବକ୍ତା ଭାବେ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ହାତି ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ତନୁଶ୍ରୀ ମିଶ୍ର ପୁସ୍ତକ ସମୀକ୍ଷା କରିଥିଲେ। ଛାତ୍ରୀ ଇନ୍ଦୁମତୀ ଓ ଶୁଭଶ୍ରୀ ଲୋକକଳା ଉପରେ ଆଧାରିତ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ, ଅରୁଣକୁମାର ରାଉତ, ଅମରକୁମାର ସ୍ୱାଇଁ, ଅଭିରାମ ଦାସ, ଦୟାନିଧି ସାହୁ ପ୍ରମୁଖଙ୍କ ସହ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ସାହିତ୍ୟ ସଂସ୍କୃତି ପରିଷଦର ବିଷୁବ ବନ୍ଧୁ ମିଳନ

ରାଜନଗର,୧୫।୪(ସମିସ): ରାଜନଗର ଅଞ୍ଚଳର ପ୍ରସିଦ୍ଧ ଦେବୀ ମା' ମାଟିଆ ମଙ୍ଗଳାଙ୍କ ମନ୍ଦିର ପରିସରରେ ଓଡିଆ ନବବର୍ଷ ତଥା ପବିତ୍ର ମହା ବିଷୁବ ସଂକ୍ରାନ୍ତି ଦିନ ରାଜନଗର ସାହିତ୍ୟ ସଂସ୍କୃତି ପରିଷଦର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଭେଟାଭେଟି ଉତ୍ସବରେ ପରିଷଦର ଅନେକ ସଦସ୍ୟ ଯୋଗ ଦେଇଥିବା ବେଳେ ଅନେକ ସ୍ଥାନୀୟ ସାହିତ୍ୟପ୍ରେମୀ ଶୁଭେଚ୍ଛୁ ମଧ୍ୟ ଉପସ୍ଥିତ ହୋଇ ପରିଷଦର କାର୍ଯ୍ୟଧାରାକୁ ସ୍ୱାଗତ କରିଥିଲେ। ପରବର୍ତ୍ତୀ ସମୟରେ ରାଜନଗରଠାରେ ଏକ ସାହିତ୍ୟ ମହୋତ୍ସବର ପରିକଳ୍ପନାକୁ ସାକାର କରାଯିବା ନିମନ୍ତେ ଅନୌପଚାରିକ ଭାବେ ଆଲୋଚନା ମଧ୍ୟ କରାଯାଇଥିଲା। ରାଜନଗର ବ୍ଲକ୍ ସରପଞ୍ଚ ସଂଘ ପକ୍ଷରୁ ଆୟୋଜିତ ପଣାସେବନରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା। ପରିଷଦର ଶୁଭେଚ୍ଛୁ ସୁରେନ୍ଦ୍ର ପ୍ରାସାଦ ରାଉତ, ସଭାପତି ଅଭିରାମ ସାହୁ, ସଂପାଦକ ପ୍ରଦୀପ ନାୟକ, ଲଳିତ କୁମାର ସାମଲଙ୍କ ସମେତ ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ସଂପାଦକ ସୁଶ୍ରୀକାନ୍ତ ପରିଡା, କବି ସୀତାକାନ୍ତ ରାଉଳ, ଧୀରେନ୍ଦ୍ର ନାଥ ସାହୁ, ଭୀମସେନ ଲେଙ୍କା, ସୁରେଶ ଚନ୍ଦ୍ର ରାଉଳ, କିଶୋର ଦାସ, ସୁରେଶ ରାଉତରାୟ ପ୍ରମୁଖ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

## ଢଳେଇ ରାସ୍ତା କଡ଼ରେ ଖାଲ, ଯାତ୍ରୀଙ୍କ ପାଇଁ ବିପଦ

ପଞ୍ଚୁପାଣ୍ଡବ,୧୫।୪(ସମିସ):ଡେରାବିଶ ବ୍ଲକ ଅନ୍ତର୍ଗତ ଛୋଟି ପଞ୍ଚାୟତ କାର୍ଯ୍ୟାଳୟରୁ ଛୋଟି ହାଟ ପର୍ଯ୍ୟନ୍ତ ଢଳେଇ ରାସ୍ତା କଡ଼ରେ ଖାଲ ଥିବାରୁ ଯାତାୟାତ କରୁଥିବା ବାଟୋଇଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ପ୍ରାୟ ବର୍ଷେ ହେବ ରାସ୍ତା କାମ ହୋଇଥିଲେ ସୁଦ୍ଧା ରାସ୍ତା କଡ଼ରେ ଠିକାଦାର ମାଟି ପକାଇବାରେ ବିଳମ୍ବ କରୁଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ବିଭିନ୍ନ ପ୍ରକାରର ଗାଡ଼ି ମଟର ଚଳାଚଳ କରୁଛି। ରାସ୍ତାରେ ଯାତାୟାତ କରୁଥିବା ଲୋକ ଦିନରେ ପଡ଼ି ଖଣ୍ଡିଆ ଖାବରା ହୋଇ କାହାର ହାତ ଭାଙ୍ଗିଛି ତ କାହାର ମୁଣ୍ଡ ଫାଟି ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ମରଣଯନ୍ତା ପାଲଟିଥିବାବେଳେ କାମ ବିଳମ୍ବ ହେଉଥିବାରୁ ଅଞ୍ଚଳବାସୀ ନିନ୍ଦା କରିବା ସହ ଏହାର ତଦନ୍ତ କରାଯାଇ ଯେତେ ଶୀଘ୍ର ରାସ୍ତାର ଦୁଇ ପାଶ୍ୱର୍ରେ ମାଟି ପକାଇବା ପାଇଁ ଦାବି କରିଛନ୍ତି।

## ଧାନେଶ୍ୱରୀ ପୀଠରେ ବ୍ରହ୍ମଏକାକ୍ଷର ମେଳା

ପଟ୍ଟାମୁଣ୍ଡାଇ,୧୫।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୀଠର ପିଠାଧୀଶ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ପଣ୍ଡା, ସେବକ ରତିକାନ୍ତ ଧଳ, ଗଗନ ମହାଳିକ, ଶିକ୍ଷାବିତ୍ ବିଚିତ୍ରାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଓ ଶ୍ରୀକାନ୍ତ ଧଳ, ପ୍ରିୟଙ୍କା ଧଳଙ୍କ ପୌରାହିତ୍ୟରେ ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଓ ଜନସାଧାରଣ ଯୋଗଦେଇ ପୂଜା ପାଠ କରିଥିଲେ। ଆୟୋଜିତ ମେଳାରେ ୧୫ନମ୍ବର ଜୋନର ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ସରୋଜିନୀ ଦାସ, ପ୍ରକାଶ ଦାସ, ସୁକାନ୍ତ ରାଉତ, କିଶୋର ରାଉତ, ଗଗନ ଧଳ, ବାଳକୃଷ୍ଣ ରାଉଳ, ଅନ୍ତର୍ଯ୍ୟାମୀ ନାୟକ, ପର୍ଶୁରାମ ସେଠୀ, ଘନଶ୍ୟାମ ମଳିକ, ସୁନାକାର ମଳିକ, ମନୋସ୍ୱିନୀ ବିଶ୍ୱାଳ, ଦିବ୍ୟରଞ୍ଜନ ବିଶ୍ୱାଳ, କଳ୍ପତରୁ ନାୟକ, ପଦ୍ମନାଭ ନାୟକ, ସୁଦର୍ଶନ ବିହାରୀ ପ୍ରମୁଖ ଯୋଗ ଦେଇ ଭଗବତ କାର୍ଯ୍ୟରେ ଭାଗ ନେଇ ଥିଲେ। ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ପୂଜାର ନୀତିକାନ୍ତି ସମ୍ପୂର୍ଣ୍ଣ ହୋଇଥିଲା। ଶେଷରେ ଶ୍ରୀକାନ୍ତ ଧଳ, ପ୍ରିୟଙ୍କା ଧଳ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ।

# ଖରସ୍ରୋତା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ରାଜକନିକା,୧୫।୪(ସମିସ)



ଖରସ୍ରୋତା ଅବବାହିକାର କଣ୍ଡିଆହାଟଠାରେ ପ୍ରତିଷ୍ଠିତ ଖରସ୍ରୋତା ସାଂସ୍କୃତିକ ପରିଷଦ ସାହିତ୍ୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳାର କୋଣାର୍କ, ଚେତନାର ଉଦ୍ରେକ ସହ ସ୍ଥିତାବସ୍ଥା ବିରୋଧୀ ବ୍ୟବସ୍ଥାରେ ସାହିତ୍ୟର ଅତୀବ ଆକର୍ଷଣ ଏ ମାଟିର ସନ୍ତାନଙ୍କୁ ଅନନ୍ୟ କରି ଗଢି ତୋଳିଥିବାରୁ ପରିଷଦରର ଜୟଯାତ୍ରା ଅବ୍ୟାହତ ରହିବ ବୋଲି ମୁଖ୍ୟଅତିଥି ଭାବେ ଯୋଗ ଦେଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରାଧ୍ୟାପକ ଡ. ହୃଷିକେଶ ମଲ୍ଲିକ କହିଛନ୍ତି। ସେହିପରି ମୁଖ୍ୟବକ୍ତା ଭାବରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟା ମେଜର ଡ. କଳ୍ପନା ଦାସ ଯୋଗ ଦେଇ ସାହିତ୍ୟର କେବେ ବି ଅବକ୍ଷୟ ହୁଏ ନାହିଁ ଓ ଡିଜିଟାଲ ଅଭ୍ୟାସର ଟିପ ଦବାଇବା 'ଏଆଇ' କେବେ ବି 'ଆଇ ମା" କାହାଣୀ ପେଡିର ଅସ୍ତିତ୍ୱକୁ ହଜାଇ ପାରିବ ନାହିଁ ବୋଲି କହିଥିଲେ। ସାହିତ୍ୟ ଓ ସାଂସ୍କୃତିକ ଜାଗରଣ ଆଣିବାରେ ସମର୍ଥ ଖରସ୍ରୋତା ସାଂସ୍କୃତିକ ପରିଷଦର ଆଜି କଣ୍ଡିଆହାଟ ଠାରେ ଅନୁଷ୍ଠିତ ପଞ୍ଚବିଂଶତମ ସମାବର୍ତ୍ତନ ଉତ୍ସବ ସ୍ଥାନୀୟ ଅଞ୍ଚଳରେ ଏକ ସମ୍ମୋହନ ଆଣିବାରେ ସମର୍ଥ ହୋଇଛି। ଆଜି ଅପରାହ୍ନରେ ପରିଷଦର ସଭାପତି ନଛେନ୍ଦ୍ର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପରିଷଦର ସମ୍ପାଦକ ନିରଞ୍ଜନ ବେହେରା ସମ୍ପାଦକୀୟ ବିବରଣୀ, ପତ୍ରିକା ସମ୍ପାଦକ ଲୋକନାଥ ସାମଲ ପତ୍ରିକାର ସୂଚନା ପ୍ରଦାନ କରିଥିଲେ। ପରମ୍ପରାକର୍ମରେ ଆଳିର ବିଶିଷ୍ଟ ବାମପନ୍ଥୀ ନେତା କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହ ମରଣଉତ୍ତର ଭାବରେ ପରିଷଦର ପୂର୍ବତନ ସଭାପତି ବାସୁଦେବ କୁଅଁର, ପୂର୍ବତନ ସମ୍ପାଦକ ସ୍ୱର୍ଗତ କେଶବ ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଜିର ମଞ୍ଚରେ ରଶ୍ମିତା ବେହେରା ପ୍ରଦାନ କରିଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଶ୍ରୀକ୍ଷେତ୍ର ସିଟି

୧୫/୪/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୫୦,୮୩୦/- ସୁନା:୦୧.୦୫୦ ଗ୍ରାମ୍ ରୁପା:୧୫.୫୦୦ ଗ୍ରାମ୍







## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ,୧୫।୪(ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୫ଟା ୨୦ରେ ଦ୍ୱିପ୍ରହର ଧୂପ ସରିବା ପରେ ମଇଲମ, ତଡ଼ପଲାଗି ହୋଇ ସନ୍ଧ୍ୟା ୬ଟା ୧୦ରେ ପହୁଡ଼ ଆଳତି କରାଯାଇଥିଲା। ଏହାପରେ ସନ୍ଧ୍ୟା ୬ଟା ୩୦ରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

● ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ମାନସମନ୍ଥନ

## ଚାରିଦ୍ୱାରରେ ଲଗେଜ୍ ଓ ବ୍ୟାଗେଜ୍ ସ୍କାନର ବ୍ୟବସ୍ଥା

ପୁରୀ,୧୫।୪(ସମିସ): ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଛି। ସୁରକ୍ଷା ବଳୟକୁ ଭେଦ କରି କେତେବେଳେ ସ୍ପାଏ କ୍ୟାମେରା, ମୋବାଇଲ ଫୋନ୍ ଭିତରକୁ ନିଆଯାଉଛି ତ ପୁଣି କେତେବେଳେ ମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ଭିତରର ବହୁ ସମ୍ବେଦନଶୀଳ ସ୍ଥାନର ଫଟୋ, ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏପରିକି ଭିତରୁ ଭିଡିଓ କଲ୍ କରାଯାଉଛି। ଅନେକଥର ମନ୍ଦିର ପରିସର ବିଭିନ୍ନ ସ୍ଥାନରୁ ଚୋରି ହେବାର ଦୃଷ୍ଟାନ୍ତ ବି ରହିଛି। ତେଣୁ କିପରି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଏବଂ କଡ଼ାକଡ଼ି କରାଯାଇପାରିବ ସେ ନେଇ ବୁଧବାର ସୁରକ୍ଷା ସବ୍ କମିଟି ବୈଠକରେ ମାନସ ମନ୍ଥନ କରାଯାଇଛି। ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ସୁରକ୍ଷା ସବ୍ କମିଟି ଅଧ୍ୟକ୍ଷ ଡ. ଗିରିଶ ଚନ୍ଦ୍ର ମୁର୍ମୁଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ପି ପ୍ରତୀକ୍ ସିଂ, ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ, ନୀତି ପ୍ରଶାସକଙ୍କ ସମେତ ଅନ୍ୟ ଅଧିକାରୀ ଯୋଗଦେଇଥିଲେ।

ବୈଠକରେ ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ସୁରକ୍ଷିତ ଦର୍ଶନ, ମୋବାଇଲ ଫୋନ୍ କଟକଣା, ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ବୈଠକ ପୂର୍ବରୁ ସୁରକ୍ଷା ସବ୍ କମିଟି ଅଧ୍ୟକ୍ଷ ଡ. ଗିରିଶ ମୁର୍ମୁ ଓ ଅନ୍ୟାନ୍ୟ ଅଧିକାରୀ ଶ୍ରୀମନ୍ଦିର ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସେହିପରି ଶ୍ରୀମନ୍ଦିର ଚାରିଦ୍ୱାରରେ ମେଟାଲ ଡିଟେକ୍ଟର ଦ୍ୱାରା ଯାଞ୍ଚ, ଫ୍ରିସ୍କିଙ୍ଗ୍ ବ୍ୟବସ୍ଥାକୁ ଆହୁରି ଦୃଢ଼ୀଭୂତ କରିବା, ଚାରିଦ୍ୱାରରେ ଖୁବ୍‌ଶୀଘ୍ର ଲଗେଜ୍ ଓ ବ୍ୟାଗେଜ୍ ସ୍କାନର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର ସୁରକ୍ଷା ନେଇ ଏନ୍‌ଆଇଏ ଦେଇଥିବା ପରାମର୍ଶକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏଥିସହ ଭିତ୍ତିଭୂମି ଓ ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗକୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି ଏସ୍‌ପି ଶ୍ରୀ ସିଂ।

ଆସୁଛି ଚନ୍ଦନ ଯାତ୍ରା

## ନରେନ୍ଦ୍ର ପୁଷ୍କରିଣୀ ପରିଦର୍ଶନ କଲେ ଜିଲ୍ଲାପାଳ

ପୁରୀ,୧୫।୪(ସମିସ): ଆସନ୍ତା ୨୦ରୁ ଆରମ୍ଭ ହେବ ଚନ୍ଦନ ଯାତ୍ରା। ପଞ୍ଚମହାଦେବଙ୍କ ସହ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ନରେନ୍ଦ୍ରରେ ଜଳକ୍ରୀଡ଼ା କରିବେ। ତେବେ ଚଳିତ ବର୍ଷର ଚନ୍ଦନ ଯାତ୍ରାକୁ ପରମ୍ପରା ଅନୁଯାୟୀ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ପାଇଁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପରାମର୍ଶ ଦେଇଛନ୍ତି। ବୁଧବାର ଜିଲ୍ଲାପାଳ ନରେନ୍ଦ୍ର ପୁଷ୍କରିଣୀର ଚନ୍ଦନ ଚକଡ଼ା ଓ ଚାପସ୍ଥଳ ପରିଦର୍ଶନ କରିଥିଲେ। ଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ଗାଡ଼ି ଚଳାଚଳ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ଆଲୋକ ବ୍ୟବସ୍ଥା, ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା, ସୂଚନା କେନ୍ଦ୍ର, ପାନୀୟ ଜଳ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଇତ୍ୟାଦିର ସୁବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ଷେତ୍ର ପରିଦର୍ଶନରେ ଜିଲ୍ଲା ପରିଷଦର ଉନ୍ନୟନ ଅଧିକାରୀ ତଥା ମ୍ୟୁନିସିପାଲ୍ କର୍ପୋରେସନର କମିଶନର ଅରୁଗୁଳା ସ୍ନେହା, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## 'ଦ ବେଲ୍'ର ପ୍ରତିଷ୍ଠା ଦିବସ




ପୁରୀ,୧୫।୪(ସମିସ): ପବିତ୍ର ପଣା ସଂକ୍ରାନ୍ତି ଅବସରରେ ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମ୍ମୁଖ୍ୟ ଦ ବେଲ୍‌ର ୫ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ତରଫରୁ "ଏକ ସୁରକ୍ଷିତ ପରିବେଶ ପାଇଁ ଆମେ ସମସ୍ତେ' ଶୀର୍ଷକ ସଚେତନତା ମୂଳକ ଇ-ପୋଷ୍ଟର୍ ଉନ୍ମୋଚିତ ହୋଇଥିଲା। ଭାରତ ଯୋଗ କେନ୍ଦ୍ର ପରିସରରେ ଥିବା ଏକଲବ୍ୟ ପାଠଶାଳାଠାରେ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ଫଳ, ପଣା ଓ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ଅଧ୍ୟକ୍ଷ ସିଦ୍ଧାର୍ଥ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦ ବେଲ୍ ଓମେନ୍ସ କ୍ଲବ୍, ୟୁଥ୍ କ୍ଲବ, ସିନିୟର ସିଟିଜେନ୍ସ କ୍ଲବ୍ ସଦସ୍ୟ ସଦସ୍ୟା ସହିତ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ରାଜକିଶୋର ପାତ୍ର ଓ ସୁକାନ୍ତ ପଣ୍ଡା ପରିଚାଳନା କରିଥିଲାବେଳେ ଏକଲବ୍ୟ ଅନୁଷ୍ଠାନ ମୁଖ୍ୟ ପରିଚାଳକ ଉମେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

ପାଳନ ହେଉନି ହାଇକୋର୍ଟଙ୍କ ନିର୍ଦ୍ଦେଶ

# ଦିବ୍ୟାଙ୍ଗଙ୍କ ପାଇଁ ଦର୍ଶନ ସୁବିଧା କେବେ?

ପୁରୀ,୧୫।୪(ସମିସ)

ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ (ଚାଲିବାକୁ ସକ୍ଷମ ନ ଥିବା) ଭକ୍ତମାନେ ଯେପରି ସୁବିଧାରେ ଦର୍ଶନ କରିପାରିବେ ସେଥିଲାଗି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ୪ ବର୍ଷ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଯାଏ ଦିବ୍ୟାଙ୍ଗଙ୍କ ପାଇଁ କୌଣସି ଦର୍ଶନ ସୁବିଧା କରାଯାଇନାହିଁ। ଏକାଧିକଥର ଏହି ପ୍ରସଙ୍ଗ ଛତିଶା ନିଯୋଗ, ପରିଚାଳନା କମିଟି ବୈଠକରେ ଉଠିଛି। ଅନେକ ପ୍ରସ୍ତାବ ଆଗତ ହୋଇଛି। ଶେଷଥର ପାଇଁ ଦିବ୍ୟାଙ୍ଗଙ୍କ ନିମନ୍ତେ କାଠ ଚୌକି ବ୍ୟବସ୍ଥା କରାଯିବାକୁ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ପ୍ରକାରେ ୨ଟି କାଠ ଚୌକି ମଧ୍ୟ ତିଆରି କରାଯାଇଥିଲା। କିନ୍ତୁ ଦିବ୍ୟାଙ୍ଗଙ୍କ ଦର୍ଶନ ସୁବିଧା ଲାଗି ଏ ଯାଏ କିଛି ବି କରାଯାଇ ନାହିଁ। ଫଳରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସି ସିଂହଦ୍ୱାର ସମ୍ମୁଖରୁ ଫେରୁଛନ୍ତି ଦିବ୍ୟାଙ୍ଗ ଭକ୍ତ।

ମହାପ୍ରଭୁଙ୍କ ଦର୍ଶନ ପାଇଁ ସବୁ ବର୍ଗର ଭକ୍ତ ଆସୁଛନ୍ତି। ଏମାନଙ୍କ ମଧ୍ୟରେ ଅନେକ ଦିବ୍ୟାଙ୍ଗ ଭକ୍ତ ଅଛନ୍ତି ଯେଉଁମାନେ ନିଜେ ଚାଲିବାକୁ ସକ୍ଷମ ହୋଇ ନ ଥା'ନ୍ତି। ଏହି ବର୍ଗର ଦିବ୍ୟାଙ୍ଗମାନେ ହ୍ୱିଲ୍‌ଚେୟାରରେ ସିଂହଦ୍ୱାର ନିକଟକୁ ଯାଇ କେବଳ ପତିତପାବନଙ୍କୁ ଦର୍ଶନ କରିଥା'ନ୍ତି। ତେଣୁ ଏହି ଦିବ୍ୟାଙ୍ଗ ଭକ୍ତମାନେ କିପରି ମନ୍ଦିର ଭିତରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବେ ସେ ନେଇ ବହୁବାର ଆଲୋଚନା ହୋଇଥିବାବେଳେ ହାଇକୋର୍ଟ ମଧ୍ୟ ଏ ଦିଗରେ ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଜଣେ ଦିବ୍ୟାଙ୍ଗ ଭକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ ଏବଂ ଭିନ୍ନକ୍ଷମ ଅଧିକାର ଆଇନ ୧୯୧୬ ମୁତାବକ ଏହାକୁ କାର୍ଯ୍ୟକାରୀ କରିବା ନେଇ ସେ ପିଟିସନରେ ନିବେଦନ କରିଥିଲେ। ୨୦୨୨ ଫେବୃଆରୀ ୨୮ ରେ ଏହାର ଶୁଣାଣି ହୋଇଥିଲା। ସମସ୍ତ ଅଭିଯୋଗର ବିଚାର କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଓ ଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୧ ମାସ ମଧ୍ୟରେ ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଥିଲା। ଏହାପରେ ମନ୍ଦିର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ତେଣୁ ଛତିଶା ନିଯୋଗ ଏବଂ ପରିଚାଳନା କମିଟି ବୈଠକରେ ଏକାଧିକଥର ଆଲୋଚନା କରାଯାଇଥିଲା। ଶେଷଥର ପାଇଁ ୨୦୨୪ ଫେବୃଆରୀରେ ଅନୁଷ୍ଠିତ ପରିଚାଳନା କମିଟି ବୈ÷ଠକରେ ଏ ନେଇ ନିଷ୍ପତ୍ତି ବି ନିଆଯାଇଥିଲା। ଏଣିକି ମହାପ୍ରଭୁଙ୍କୁ ସହଜରେ ଦର୍ଶନ କରିପାରିବେ ଦିବ୍ୟାଙ୍ଗ (ଚାଲିବାକୁ ସକ୍ଷମ ନ ଥିବା) ଭକ୍ତ। ଜୟବିଜୟ ଦ୍ୱାର ନିକଟରୁ ଦାରୁବିଗ୍ରହଙ୍କ ଆଖି ସହ ଆଖି ମିଳାଇପାରିବେ। ସେମାନେ ସ୍ୱତନ୍ତ୍ର ଭାବେ ନିର୍ମିତ କାଠ ଚୌକିରେ ବସି ଠାକୁରଙ୍କୁ ଦର୍ଶନ କରିବେ। ଏଥିପାଇଁ ଦିବ୍ୟାଙ୍ଗ ଭକ୍ତଙ୍କୁ ସହଯୋଗ କରିବେ ବାହକ ଏବଂ ସ୍ୱେଚ୍ଛାସେବୀ ବୋଲି ବୈଠକରେ ସ୍ଥିର ହୋଇଥିଲା।

ସେହି ନିଷ୍ପତ୍ତି ପ୍ରକାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ କାଠରେ ଦୁଇଟି ଚେୟାର ଡେମୋ ଭାବେ ପ୍ରସ୍ତୁତ କରାଯାଇଥିଲା। ପରିଚାଳନା କମିଟି ପକ୍ଷରୁ କୁହାଯାଇଥିଲା ଯେ, ଦିବ୍ୟାଙ୍ଗ ଭକ୍ତଙ୍କୁ ଦର୍ଶନ କରାଇବା ପାଇଁ ଖୁବ୍‌ଶୀଘ୍ର କିଛି ବାହକ ନିଯୁକ୍ତି ହେବେ। ଦିବ୍ୟାଙ୍ଗ ଭକ୍ତଙ୍କୁ ଏଥିପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବାକୁ ପଡ଼ିବ। ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ତନଖି କେନ୍ଦ୍ରରେ ପଞ୍ଜୀକରଣ ଯାଞ୍ଚ ପରେ ସମ୍ପୃକ୍ତ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍‌ଚେୟାରରେ ଉତ୍ତରଦ୍ୱାର ପାର୍ଶ୍ୱରେ ଥିବା ବିଶ୍ରାମ ଗୃହକୁ ନିଆଯିବ। ସେଠାରେ ପାନୀୟଜଳ, ପରିଶ୍ରାଗାର ଓ ବସିବା ଇତ୍ୟାଦି ମୌଳିକ ସୁବିଧା ଯୋଗାଇ ଦିଆଯିବ। ସେଠାରେ କାଠ ଚୌକି ବାହକ ସହିତ ସ୍ୱେଚ୍ଛାସେବୀ ଦଳ ପ୍ରସ୍ତୁତ ଥିବେ। ଦିବ୍ୟାଙ୍ଗ ଭକ୍ତ କାଠ ନିର୍ମିତ ଚୌକିରେ ବସିବା ପରେ ବାହକ ତାଙ୍କୁ ଉତ୍ତରଦ୍ୱାର, ବାହାର ଗୁମୁଟ, ଘଣ୍ଟିଦ୍ୱାର ଦେଇ ଜୟ ବିଜୟ ଦ୍ୱାର ନିକଟକୁ ନେବେ। ସେହି ଦୋଳାୟମାନ ଅବସ୍ଥାରେ ଦିବ୍ୟାଙ୍ଗମାନେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବେ। ହେଲେ କୌଣସି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇନାହିଁ। ଅନ୍ୟପକ୍ଷରେ ଉତ୍ତର ଦ୍ୱାର ରାମ୍ପ୍ ଦେଇ ଦିବ୍ୟାଙ୍ଗମାନେ ଦର୍ଶନ କରିବେ ବୋଲି ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ରାମ୍ପ୍ ନିର୍ମାଣକୁ ନେଇ ଯେଉଁ ସମସ୍ୟା ଥିଲା ତାହା ସେବାୟତଙ୍କ ସହ ଆଲୋଚନା କରାଯାଇ ସମାଧାନ ହୋଇଛି। ଖୁବ୍‌ଶୀଘ୍ର ଦିବ୍ୟାଙ୍ଗମାନଙ୍କ ପାଇଁ ଦର୍ଶନ ସୁବିଧା ହେବ ବୋଲି ଘୋଷଣା କରାଯାଇଥିଲା। ଇତିମଧ୍ୟରେ ୨ ବର୍ଷରୁ ଅଧିକ ହେଲାଣି, ହେଲେ ଦିବ୍ୟାଙ୍ଗମାନେ ସୁବିଧାରେ ଦର୍ଶନ କରିପାରୁ ନାହାନ୍ତି। ସିଂହଦ୍ୱାରରେ ପତିତପାବନଙ୍କୁ ଦୁଇହାତ ଟେକି ପ୍ରଣାମ ଜଣାଇ ଫେରୁଛନ୍ତି।

## ଜୁନ୍ ୧ରୁ ବେଳାଭୂମିରେ କୃଷି ଓ ଲୋକମେଳା




ପୁରୀ,୧୫।୪(ସମିସ): ଆସନ୍ତା ଜୁନ୍ ମାସରେ ପୁରୀରେ ଅନୁଷ୍ଠିତ ହେବ ୨୪ତମ ଜାତୀୟ ଲୋକମେଳା ଓ ୧୭ତମ କୃଷି ମେଳା। ଏହାର ପ୍ରଥମ ପ୍ରସ୍ତୁତି ବୈଠକ ବୁଧବାର ବୀରହରେକୃଷ୍ଣପୁରସ୍ଥିତ ମା' ବିରାଜାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲୋକମେଳାରେ ଭାରତର ୨୫ ରାଜ୍ୟରୁ ପ୍ରାୟ ୮୦୦ ଲୋକନୃତ୍ୟ ଯୋଗ ଦେଉଥିବା ବେଳେ ଭାରତ ସରକାର ଓ ରାଜ୍ୟ ସରକାରଙ୍କ କୃଷି, ମତ୍ସ୍ୟ ଓ ପଶୁପାଳନ, ପାଣିପାଗ ବିଭାଗ କୃଷିମେଳାରେ ଯୋଗଦେବେ। ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବିଜେପି ଜିଲ୍ଲା ସଭାପତି ଦେବେନ୍ଦ୍ର ନାଥ ତରାଇ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଶ୍ରୀକ୍ଷେତ୍ର ସୂଚନା ଅଧ୍ୟକ୍ଷ ଆଚାର୍ଯ୍ୟ ହରେକୃଷ୍ଣ ଶତପଥୀ, ଉପାଧ୍ୟକ୍ଷ ଭରତ ନାୟକ, ସାଧାରଣ ସମ୍ପାଦକ ରାଜେଶ ମହାନ୍ତି, ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ଡ. ବଦ୍ରି ମିଶ୍ର, କୋଷାଧ୍ୟକ୍ଷ ନାରାୟଣ ପାତ୍ରଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଯୋଗଦେଇଥିଲେ। ବୈଠକରେ ନିଷ୍ପତ୍ତି ହୋଇଛି ଯେ, ଆସନ୍ତା ଜୁନ୍ ୧ରୁ ୫ ତାରିଖ ପର୍ଯ୍ୟନ୍ତ ମହୋଦଧି ନିବାସ ସମ୍ମୁଖ ପୁରୀ ବେଳାଭୂମିରେ ୨୪ତମ ଜାତୀୟ ଲୋକମେଳା ଆୟୋଜିତ ହେବ, ଯେଉଁଥିରେ ଦେଶର ୨୫ଟି ରାଜ୍ୟର ସାଂସ୍କୃତିକ ଦଳ ଯୋଗଦେଇ ନିଜର ଲୋକନୃତ୍ୟ, ସଙ୍ଗୀତ ଓ ପାରମ୍ପରିକ କଳାକୃତି ପ୍ରଦର୍ଶନ କରିବେ। ସେହିପରି ୧୭ତମ ଜାତୀୟ କୃଷି ମେଳାରେ କୃଷି, ଉଦ୍ୟାନ, ମାଛଚାଷ, ପଶୁପାଳନ, ବାୟୋଟେକ୍ନୋଲୋଜି ଓ ଗ୍ରାମୀଣ ଉନ୍ନତି ସମ୍ବନ୍ଧୀୟ ନୂତନ ପ୍ରଯୁକ୍ତି ଓ ନବୀନତା ପ୍ରଦର୍ଶିତ ହେବ। ଏହା କୃଷକ, ଗବେଷକ ଓ ଉଦ୍ୟମୀମାନଙ୍କ ପାଇଁ ଏକ ଜାତୀୟ ମଞ୍ଚ ରୂପେ କାର୍ଯ୍ୟ କରିବ।

ନବନିଯୁକ୍ତ ଦୁଇ କୁଳପତି ସମ୍ବର୍ଦ୍ଧିତ

ଏହି ଅବସରରେ ଉଭୟ କୁଳପତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇ ତାଙ୍କୁ ସଂଗଠନର ପରାମର୍ଶଦାତା ଭାବେ ଯୋଗଦେବାକୁ ଅନୁରୋଧ କରାଯାଇଥିଲା। ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜ୍ୟର କଳାକାରମାନେ ବେଳାଭୂମି ସଫେଇ କରିବେ ବୋଲି ଅନୁଷ୍ଠାନର ସମ୍ପାଦକ ରାଜେଶ ମହାନ୍ତି କହିଛନ୍ତି। ଏଥିରେ ସତ୍ୟବ୍ରତ ଦାସ, ହୁଲାଶ ଚନ୍ଦ୍ର, ପ୍ରତାପ ଚନ୍ଦ୍ର ଦଳେଇ, ଶ୍ୟାମ ପ୍ରକାଶ ସେନାପତି, ସନ୍ତୋଷ କୁମାର ମହାନ୍ତି, ତାରା ପ୍ରସାଦ ଦାଶ, ଶିବସୁନ୍ଦର ମିଶ୍ର, ବିଦ୍ରୋହ ସିଂହ, ସୌମ୍ୟରଞ୍ଜନ ମିଶ୍ର, ଗୌତମ ମିଶ୍ର, ସୁନୀଲ ରଥ, ବିଶ୍ୱନାଥ ମିଶ୍ର, ମନୋଜ ରଥ, ପୁଷ୍କର ସାହୁ ଓ ପ୍ରଶାନ୍ତ ସାହୁ ଉପସ୍ଥିତ ଥିଲେ।

## ବିଷୁବ ସଂକ୍ରାନ୍ତିରେ ଆଧ୍ୟାତ୍ମିକ ଆଲୋଚନାଚକ୍ର

ପୁରୀ,୧୫।୪(ସମିସ): ବିଷୁବ ସଂକ୍ରାନ୍ତି ଅବସରରେ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ଚେତନା ସଂଗଠନ ପକ୍ଷରୁ ଜାଗେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆଧ୍ୟାତ୍ମିକ ଆଲୋଚନା ଓ ଓଡ଼ିଆ ନବବର୍ଷର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ବାସୁଦେବ ଛାଟୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ରଙ୍କ ପ୍ରଭାତ ଚିନ୍ତନ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପ୍ରଫେସର ମହେଶ୍ୱର ଦାଶ ବିଷୁବ ସଂକ୍ରାନ୍ତିର ପ୍ରାସଙ୍ଗିକତା, ଧନଞ୍ଜୟ ନାୟକ ପୂର୍ବ ଆଲୋଚନା ଉପସ୍ଥାପନା ଓ ଡ. ସିଦ୍ଧେଶ୍ୱର ମହାପାତ୍ର ପୁରୀ ଉପରେ ଆଲୋଚନା କରିଥିଲେ। ଡ. ଶଙ୍କର୍ଷଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପ୍ରଫେସର ବିଶ୍ୱଜିତ୍ ଦାଶ, ପ୍ରଫେସର ସୁରତ କୁମାର ସ୍ୱାଇଁ ଏଥିରେ ଅଂଶଗ୍ରହଣ କରିଥିଲେ। ପରିଚୟ ପ୍ରଦାନ କରିଥିଲେ ଡ. ମନୋଜ କୁମାର ସାମନ୍ତରାୟ। ସନ୍ତୋଷ କୁମାର ସାହୁ, ଚନ୍ଦନ ବାରିକ, ସତ୍ୟନାରାୟଣ ବେହେରା, ବିଶ୍ୱନାଥ ଖଟେଇ, ସିପ୍ରାରାଣୀ ଦାସ, ଲିଜା ମହାପାତ୍ର, ଦିଶା ଜେନା, ରାଜେଶ୍ୱରୀ ମହାରଣା, ସାଇ ରାଜେଶ୍ୱରୀ ବେହେରା, ସତ୍ୟ ନାରାୟଣ ମିଶ୍ର, ସନ୍ତୋଷ ମହାନ୍ତି ସହଯୋଗ କରିଥିଲେ। ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ; ଜେଜେବିକୁ ଗଲା ନାବାଳକ

କୋଣାର୍କ,୧୫।୪(ସମିସ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କସ୍ଥିତ ଏକ ଉଚ୍ଚ ବିଦ୍ୟାଳୟର ଜଣେ ନାବାଳିକା ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଜଣେ ନାବାଳକ ଛାତ୍ର ଦୁଷ୍କର୍ମ କରିବା ନେଇ ଅଭିଯୋଗ ହୋଇଛି। ନାବାଳିକା ଛାତ୍ରୀ କୋଣାର୍କ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସମ୍ପୃକ୍ତ ନାବାଳକକୁ ଗିରଫ କରି ବ୍ରହ୍ମପୁରସ୍ଥିତ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ(ଜେଜେବି)କୁ ପଠାଇଛି। ଏ ନେଇ ପୁଲିସ ଅଧିକ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, କୋଣାର୍କ ଏନ୍‌ଏସି ଅଧୀନ ୫ନଂ ୱାର୍ଡର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀ ଟ୍ୟୁସନ ଯାଇଥିଲେ। ଗୋରଡ଼ି ଗ୍ରାମର ଦଶମ ଶ୍ରେଣୀରେ ଅଧ୍ୟୟନରତ ୧୫ ବର୍ଷୀୟ ଜଣେ ନାବାଳକ ଛାତ୍ରୀ ଜଣକୁ ଗତ ମଙ୍ଗଳବାର ସନ୍ଧ୍ୟାରେ କୋଣାର୍କ ହେଲିପ୍ୟାଡ୍ ପଡ଼ିଆକୁ ଡାକି ନେଇ ଦୁଷ୍କର୍ମ କରିଥିଲା। ଛାତ୍ରୀ ଜଣକ ଏ ସଂକ୍ରାନ୍ତରେ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀଙ୍କ ନିର୍ଦ୍ଦେଶ କ୍ରମେ କୋଣାର୍କ ଥାନା ଏସ୍‌ଆଇ କେଦାରନାଥ ଦୋରା ସମ୍ପୃକ୍ତ ନାବାଳକକୁ ତାଙ୍କ ଗାଁରୁ ଗିରଫ କରି ବ୍ରହ୍ମପୁରସ୍ଥିତ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡକୁ ପଠାଇଛନ୍ତି। ଏ ନେଇ ଥାନାରେ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୮୪/୨୬) ରୁଜୁ କରି ପୁଲିସ ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଶ୍ରୀ ପଡ଼ିଆରୀ କହିଛନ୍ତି।

୫୨ତମ ବିଷୁବ ମିଳନ ମହୋତ୍ସବ

# ଚନ୍ଦ୍ରଶେଖର, ଲକ୍ଷ୍ମୀପ୍ରିୟା ଓ ଉମାକାନ୍ତଙ୍କୁ ବିଷୁବ ସମ୍ମାନ

ପୁରୀ,୧୫।୪(ସମିସ)




ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ବିକାଶ ବିଶେଷତଃ ଓଡ଼ିଶା ଓ ଓଡ଼ିଆ ଅସ୍ମିତା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି କହିଛନ୍ତି ଓଡ଼ିଆ ସାହିତ୍ୟ ଏକାଡେମୀ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା। ସଂସ୍କୃତି ଭବନରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ଅନୁରାଗ ପତ୍ରିକାର ମୁଖ୍ୟ ସମ୍ପାଦକ ବ୍ରଜକିଶୋର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୫୨ତମ ବିଷୁବ ମିଳନ ମହୋତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ହୋତା କହିଥିଲେ ଯେ, ବିଷୁବ ମିଳନର ଶ୍ରୀବୃଦ୍ଧି ପାଇଁ ଏକାଡେମୀ ପ୍ରତିଶ୍ରୁତିବଦ୍ଧ। ମୁଖ୍ୟ ଅତିଥି ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ କହିଥିଲେ ଯେ, ଓଡ଼ିଆ ଭାଷାର ପ୍ରଚାରପ୍ରସାର ଏବଂ ଭାଷା ସାହିତ୍ୟ ଉପରେ ଅଧିକରୁ ଅଧିକ ଗବେଷଣା ପାଇଁ ବିଶ୍ୱବିଦ୍ୟାଳୟ ସମସ୍ତ ସହଯୋଗ କରିବ। ଏହି କାର୍ଯ୍ୟକ୍ରମକୁ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ଅନୁରାଗ ସମ୍ପାଦକ ଡ. ବଦ୍ରି ମିଶ୍ର ଓ ସୁଲେଖା ସମ୍ପାଦକ ସଦାଶିବ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଳ୍ପ ପାଇଁ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ପ୍ରବନ୍ଧ ପାଇଁ ଡ. ଚନ୍ଦ୍ରଶେଖର ହୋତା, ଗାନ୍ଧୀ କଥା ପାଇଁ ଗୌରାଙ୍ଗ ଚରଣ ପରିଡ଼ା, ସଂସ୍କୃତି ପାଇଁ ଉମାପ୍ରସାଦ ମହାନ୍ତି ଓ କବିତା ପାଇଁ ଉମାକାନ୍ତ ମହାପାତ୍ର ଏବଂ ରୁନୁ ମହାନ୍ତିଙ୍କୁ ବିଷୁବ ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା। ଏଥିସହ ଡ. ବଳରାମ ଦାସ, ମିନତୀ ମିଶ୍ର, ନିରୁପମା ପୂଜାପଣ୍ଡା ଓ ପ୍ରସ୍ତର ଶିଳ୍ପୀ ନିରଞ୍ଜନ ମହାରଣାଙ୍କୁ ସୁଲେଖା ସମ୍ମାନ ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ କମିଟି ସଦସ୍ୟ ତଥା ସାମ୍ବାଦିକ ଜଗନ୍ନାଥ ବସ୍ତିଆ, ସାମ୍ବାଦିକ ମଧୁସୂଦନ ମିଶ୍ର ମହୋତ୍ସବର ଆଭିମୁଖ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଷୁବ, ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ଉପରେ ଅତିଥି, ପଣ୍ଡିତ ଉମାବଲ୍ଲଭ ମହାପାତ୍ର, ଗବେଷକ ନରେଶ ଚନ୍ଦ୍ର ଦାଶ, ବରିଷ୍ଠ ସେବାୟତ କଣ୍ଡୁରି ସୁଆର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଡ. ଭାସ୍କର ମିଶ୍ର, ଗୌରହରି ପ୍ରଧାନ ଉଦ୍‌ବୋଧନ ଦେଇଥିବାବେଳେ କବି ଅନନ୍ତ ପ୍ରଧାନ, ସର୍ବାଣୀ ଦାସ ଓ ଶିବସୁନ୍ଦର ମିଶ୍ରଙ୍କ ସଂଯୋଜନାରେ ୪୦ ଜଣ କବି କବିତା ଆବୃତ୍ତି କରିଥିଲେ। ଏହି ପରିପ୍ରେକ୍ଷୀରେ ୫୫ ବର୍ଷରେ ପହଞ୍ଚିଥିବା ଅନୁରାଗ ପତ୍ରିକାର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ବ୍ରଜକିଶୋର ତ୍ରିପାଠୀଙ୍କ ସମ୍ପାଦିତ ଅନୁରାଗର ବିଷୁବ ସଂଖ୍ୟା ଓ ସଦାଶିବ ମିଶ୍ରଙ୍କ ସମ୍ପାଦିତ ସୁଲେଖାର ବିଷୁବ ସଂଖ୍ୟା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ସୁରେଶ ପଟ୍ଟନାୟକ, ଶିବରାମ ପ୍ରଧାନ, ଦେବରାଜ ଦାସ ଓ ଜ୍ୟୋତି ପ୍ରକାଶ ମହାପାତ୍ର।

ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଆପ୍‌ର ଦାବିପତ୍ର

## ସଦରରେ ପର୍ଯ୍ୟାପ୍ତ କର୍ମଚାରୀ ନିଯୁକ୍ତି ଓ ନିରନ୍ତର ବିଜୁଳି ଦିଅ



ପୁରୀ,୧୫।୪(ସମିସ): ବିଦ୍ୟୁତ୍ ସମସ୍ୟାକୁ ନେଇ ବୁଧବାର ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ପୁରୀରେ ମୋଟ ୧୭ଟି ସେକ୍ସନ ଥିବାବେଳେ ମାତ୍ର ୮ଟିରେ ତିନି ସିଫ୍ଟରେ କାର୍ଯ୍ୟ କରାଯାଉଛି। ଆଉ ୯ଟି ସେକ୍ସନ୍‌ରେ କେବଳ ଦୁଇ ସିଫ୍ଟରେ କାମ ଚାଲିଛି। ପର୍ଯ୍ୟାପ୍ତ କର୍ମଚାରୀ ନ ଥିବାରୁ ସଦର ଅଞ୍ଚଳରେ ସଠିକ୍ ଓ ନିରନ୍ତର ବିଜୁଳି ସେବା ଉପଲବ୍ଧ ହେଉନାହିଁ। ଲାଇଟ୍ କଟିଯାଉଛି, କର୍ମଚାରୀ ଠିକ୍ ସମୟରେ ପହଞ୍ଚିପାରୁ ନାହାନ୍ତି। କିନ୍ତୁ ସହର ଉପରେ ଆପଣଙ୍କ ଫୋକସ୍ ରହୁଥିବାରୁ ଏଠି ୩ ସିଫ୍ଟରେ କାମ ଚାଲୁଛି। ଗ୍ରାମାଞ୍ଚଳରେ ମଧ୍ୟ ଏପରି ସେବା ଦେବା ଦରକାର।

ଅନେକ ସମୟରେ ଦେଖାଯାଉଛି ଯେ, ସହର ସେକ୍ସନ୍‌ରେ କାମ କରୁଥିବା କର୍ମଚାରୀଙ୍କୁ ସେହି ସମୟରେ ସଦର/ଗ୍ରାମାଞ୍ଚଳର କୌଣସି ବିଦ୍ୟୁତ୍ ସମସ୍ୟା ହେଲେ ସମାଧାନ ପାଇଁ ପଠାଯାଉଛି। ଏ ପରିସ୍ଥିତିରେ ଗୋଟିଏ କର୍ମଚାରୀ ଦୁଇଟି ସ୍ଥାନର କାମ ଭାର ବହନ କରିବାକୁ ବାଧ୍ୟ ହେଉଛନ୍ତି। ତେଣୁ ଆପ୍ ପ୍ରଶ୍ନ କରିଛି ନୂଆ କର୍ମଚାରୀ କାହିଁକି ନିଯୁକ୍ତି ଦିଆଯାଉନାହିଁ? ପୁରୁଣା କର୍ମଚାରୀଙ୍କୁ କାହିଁକି ବାଧ୍ୟବାଧକତାରେ କାମର ଭାର ଲଦାଯାଉଛି ? ଯଦି ଗୋଟିଏ କର୍ମଚାରୀ ଦୁଇ ଜାଗାରେ କାମ କରୁଥିବା ସମୟରେ କୌଣସି ଦୁର୍ଘଟଣା ଘଟେ ତେବେ ତାହା ପାଇଁ କେଉଁ ସେକ୍ସନ ଦାୟୀ ରହିବ? କର୍ମଚାରୀମାନଙ୍କ ଜୀବନ ସୁରକ୍ଷା ପାଇଁ ମଧ୍ୟ ଗୁରୁତର ଚିନ୍ତା କରିବା ଦରକାର। ତେଣୁ ତୁରନ୍ତ ପର୍ଯ୍ୟାପ୍ତ କର୍ମଚାରୀ ନିଯୁକ୍ତ କରାଯାଇ ସମସ୍ତ ସେକ୍ସନରେ ନୂଆ ନିଯୁକ୍ତି ଦେଇ ସଠିକ୍ ଭାବେ କାର୍ଯ୍ୟ ବଣ୍ଟନ କରାଯାଉ। ଏଥିସହିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନିରନ୍ତର ଓ ସୁଚାରୁ ଭାବେ ବିଜୁଳି ସେବା ଯୋଗାଇବାକୁ ଆବଶ୍ୟକ ପଦକ୍ଷେପ ନିଆଯାଉ ଏବଂ କର୍ମଚାରୀଙ୍କ ଜୀବନ ସୁରକ୍ଷା ସୁନିଶ୍ଚିତ କରାଯାଉ ବୋଲି ଆପ୍ ପୁରୀ ନଗର ସଭାପତି ରମାକାନ୍ତ ସ୍ୱାଇଁ, ପୁରୀ ସଦର ସମ୍ପାଦିକା ସନ୍ଧ୍ୟାରାଣୀ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

ସକାଳ
THE SAKALA



ତୁତୁ ମେମେ ଭିତରେ ଉଦ୍‌ଘାଟନକୁ ଅଢ଼େଇ ବର୍ଷ ପୂରିଲା

# ବ୍ୟବହାରଯୋଗ୍ୟ ହେଉନି ଗୋଷ୍ଠୀ ପରିମଳ କେନ୍ଦ୍ର

ବନ୍ତ/ଆଗରପଡ଼ା,୧୫।୪(ସମିସ)




ଉଦ୍‌ଘାଟନକୁ ଅଢ଼େଇ ବର୍ଷ ବିତିଯାଇଥିଲେ ସୁଦ୍ଧା ନିର୍ମାଣାଧୀନ ପ୍ରକଳ୍ପ ବ୍ୟବହାରଯୋଗ୍ୟ ହୋଇ ନ ପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ଏପରିସ୍ଥଳେ ବିଡିଓ ସୀତାକାନ୍ତ ରାଉତଙ୍କୁ ଯୋଗାଯୋଗ କରିବାରୁ କେନ୍ଦ୍ରଟିକୁ ବର୍ଷେ ହେବ ପଞ୍ଚାୟତକୁ ହସ୍ତାନ୍ତର କରାଯିବା ପରେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ସରପଞ୍ଚଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ସରପଞ୍ଚ ଉକ୍ତ କେନ୍ଦ୍ର ନିର୍ମାଣ ସରିବାର ବହୁ ମାସ ଧରି ବିଡିଓ ତାଙ୍କ ଅଧୀନରେ ରଖିଥିଲେ ଏବଂ ଅଳ୍ପ ଦିନ ତଳେ ଏହାକୁ ପଞ୍ଚାୟତକୁ ହସ୍ତାନ୍ତର କରିଛନ୍ତି। କିନ୍ତୁ ହସ୍ତାନ୍ତର ସମୟରେ କେନ୍ଦ୍ରର ବିଦ୍ୟୁତ୍ ସଂଯୋଗୀକରଣ ହୋଇ ନ ଥିବା ପ୍ରକାଶ କରିଥିଲେ। ତେଣୁ ଉଦ୍‌ଘାଟନକୁ ଅଢ଼େଇ ବର୍ଷ ପୂରିଯିବା ପରେ ମଧ୍ୟ ପ୍ରଶାସନ ଓ ଜନନାୟକଙ୍କ ତୁତୁ ମେମେ ଭିତରେ ଏହା କାର୍ଯ୍ୟକ୍ଷମ ହୋଇ ନ ପାରି ଅଟକି ରହିଛି। ବନ୍ତ ବ୍ଲକ୍ ସଦର ମହକୁମାରେ ବନ୍ତ ପଞ୍ଚାୟତ ଓ ବନ୍ତ ବ୍ଲକ୍‌ର ମିଳିତ ଆର୍ଥିକ ସହାୟତାରେ ବନ୍ତ ଥାନା ଛକ ନିକଟରେ ନିର୍ମିତ ହୋଇଥିବା ଗୋଷ୍ଠୀ ପରିମଳ କେନ୍ଦ୍ରଠାରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି।

୨୦୨୦-୨୧ ଆର୍ଥିକ ବର୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଭଦ୍ରକ ଆନୁକୂଲ୍ୟରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ୫ମ ଏସ୍‌ଏଫ୍‌ସି (ପିଏସ୍) ଯୋଜନାରେ ୩ଲକ୍ଷରୁ ଅଧିକ ଅଟକଳ ମୂଲ୍ୟରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ୨ ବର୍ଷ ପରେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାରୁ ୨୦୨୨-୨୩ ଆର୍ଥିକ ବର୍ଷରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଅନୁମୋଦିତ ୭ଲକ୍ଷ ଟଙ୍କାରେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ପରେ ୨୦୨୩ ଅଗଷ୍ଟ ୨୪ ତାରିଖରେ ତତ୍କାଳୀନ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଜିଲ୍ଲାପାଳ(ଭଦ୍ରକ) ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ୍ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ବିଡିଓ ପ୍ରଦୀପ ସେଠୀ ପ୍ରମୁଖଙ୍କ ଉପସ୍ଥିତିରେ ତତ୍କାଳୀନ ବିଧାୟକ ପ୍ରଫୁଲ୍ଲ ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ଇତି ମଧ୍ୟରେ ଉଦ୍‌ଘାଟନକୁ ଅଢ଼େଇ ବର୍ଷ ବିତିଯାଇଥିଲେ ସୁଦ୍ଧା ଗୋଷ୍ଠୀ କେନ୍ଦ୍ରଟି ବିଭିନ୍ନ କାରଣରୁ ବ୍ୟବହାର ଯୋଗ୍ୟ ହୋଇ ନ ପାରି ପଡ଼ିରହିଛି। ଯଦ୍ୱାରା ଏହା ସାଧାରଣ ଲୋକଙ୍କ ବ୍ୟବହାରରେ ଲାଗିପାରୁନାହିଁ। ଯାହାକି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ନିର୍ମାଣାଧୀନ ପ୍ରକଳ୍ପ ଲୋକଙ୍କ କାମରେ ଲାଗିପାରୁ ନ ଥିବାରୁ ଲୋକେ ନିଜ ଅସନ୍ତୋଷ ବ୍ୟକ୍ତ କରିବାକୁ ଯାଇ ଏହାକୁ ଜୋତାମାଳ ପିନ୍ଧାଇଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ମଧ୍ୟ ଜୋର୍ ଧରିଥିଲା। ତେଣୁ ବିଭାଗୀୟ ଅଧିକାରୀ ଓ ଜନନାୟକ ଉକ୍ତ ପ୍ରକଳ୍ପରେ ଲାଗିରହିଥିବା ସମସ୍ୟାର ଶୀଘ୍ର ସମାଧାନ କରି ଏହାକୁ ଲୋକମାନଙ୍କ ବ୍ୟବହାର ଯୋଗ୍ୟ କରିବାରେ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଆମ୍ବେଦକରଙ୍କ ଜୟନ୍ତୀ ଓ ଆଲୋଚନାଚକ୍ର

ଭଦ୍ରକ,୧୫।୪(ସମିସ): ଭାରତର ଛାତ୍ର ଫେଡେରେସନ(ଏସ୍‌ଏଫ୍‌ଆଇ) ଓ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡିୱାଇଏଫ୍‌ଆଇ) ପକ୍ଷରୁ ସମ୍ବିଧାନ ପ୍ରଣେତା, ଭାରତରତ୍ନ ଡ. ବାବାସାହେବ ଆମ୍ବେଦକରଙ୍କ ୧୩୫ତମ ଜନ୍ମ ବାର୍ଷିକୀ ସମାରୋହ ଅବସରରେ "ଭାରତୀୟ ସମାଜ ବ୍ୟବସ୍ଥାର ମୂଳଭିତ୍ତି ଓ ସମ୍ବିଧାନ' ସମ୍ପର୍କରେ ଏକ ଆଲୋଚନାଚକ୍ର ଡିୱାଇଏଫ୍‌ଆଇର ଜିଲ୍ଲା ଆବାହକ ଯୁବ ଆଇନଜୀବୀ ବିକାଶ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ସଭାରେ ଏସ୍‌ଏଫ୍‌ଆଇର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନର ରାଜ୍ୟ ସମ୍ପାଦକ ଦୀପକ ମହାପାତ୍ର ଯୋଗଦେଇ ଭାରତର ମୂଳଭିତ୍ତି ଅର୍ଥନୈତିକ ଓ ରାଜନୈତିକ ସାର୍ବଭୌମତ୍ୱ, ଧର୍ମନିରପେକ୍ଷ ଗଣତନ୍ତ୍ର, ସାମାଜିକ ନ୍ୟାୟ ଓ ସାଧାରଣ ଲୋକଙ୍କ ମୌଳିକ ଅଧିକାର କିପରି ବିପର୍ଯ୍ୟସ୍ତ ତାହା ଆଲୋଚନା କରିଥିଲେ। ଅନ୍ୟତମ ଆଲୋଚକ ଭାବେ ବିଶିଷ୍ଟ ସ୍ତମ୍ଭକାର ସନ୍ତୋଷ ଦାସ ଯୋଗଦେଇ ସମ୍ବିଧାନ ଓ ଗଣତନ୍ତ୍ରର ୪ଟି ସ୍ତମ୍ଭ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ କିପରି ବିପଦରେ ଅଛି ତାହା ଦର୍ଶାଇଥିଲେ। ଅନ୍ୟତମ ଆଲୋଚକ ଭାବେ ଏସ୍‌ଏଫ୍‌ଆଇର ପୂର୍ବତନ ରାଜ୍ୟ ସଭାପତି ନରେନ୍ଦ୍ର ଦାସ ଯୋଗଦେଇ ଦଳିତ, ସଂଖ୍ୟାଲଘୁ, ଆଦିବାସୀ ଓ ସାଧାରଣ ଜନତାଙ୍କ ମୁକ୍ତି ଦିଗରେ ଡ. ବାବା ସାହେବ ଆମ୍ବେଦକର କିପରି କାର୍ଯ୍ୟ କରିଥିଲେ, ତାହା ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିୱାଇଏଫ୍‌ଆଇର ପୂର୍ବତନ ରାଜ୍ୟ ସଭାପତି ପ୍ରଫୁଲ୍ଲ ପାଢ଼ୀ, ଆଇନଜୀବୀ ବିଷ୍ଣୁମୋହନ ମହାପାତ୍ର, ଶଶିଭୂଷଣ ପଣ୍ଡା, ଅଶୋକ ନାୟକ, ବିଚିତ୍ରାନନ୍ଦ ଯେନା, ଗିରିଧାରୀ ନାଥ, ରାଧାନାଥ ଦାସ, ପ୍ରଦୀପ ଯେନା, ଆଇନଜୀବୀ ବିଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଅବ୍‌ଦୁଲ ହାକିମ୍ ବରିଷ୍ଠ ନାଗରିକ ପରିଷଦର ଉପସଭାପତି ମନୋନୀତ



ଧାମନଗର,୧୫।୪(ସମିସ): ଧାମନଗର ବରିଷ୍ଠ ନାଗରିକ ପରିଷଦର ନୂତନ ଉପସଭାପତି ଭାବେ ଶିକ୍ଷାବିତ୍ ଅବ୍‌ଦୁଲ ହାକିମ୍ ସର୍ବସମ୍ମତିରେ ମନୋନୀତ ହୋଇଛନ୍ତି। ମଙ୍ଗଳବାର ପରିଷଦର ସଭାଗୃହ ପରିସରରେ ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମହାବିଷୁବ ମିଳନ ଓ ଓଡ଼ିଆ ନବବର୍ଷ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ସଭାପତି ଅନିଲ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ସଂଗଠନକୁ ବ୍ୟାପକ କରିବା ସମ୍ପର୍କରେ ଆଲୋଚନା କରିବା ସହିତ ପରସ୍ପରକୁ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ପଣା ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ତେବେ ପରିଷଦର ସାଂଗଠନିକ କ୍ଷେତ୍ରରେ ସଭ୍ୟ ସଂଖ୍ୟା ପ୍ରାୟ ୧୪୦୦ରୁ ଉର୍ଦ୍ଧ୍ୱ ଏବଂ ଏହା ଏକ ଭାଇଚାରାର ପ୍ରମୁଖ ସହର ହୋଇଥିବାରୁ ଅନ୍ୟ ଏକ ଉପସଭାପତି ପଦ ସୃଷ୍ଟି କରାଗଲା। ସଭାପତି ଅନିଲ ବାରିକଙ୍କ ପ୍ରସ୍ତାବ କ୍ରମେ ସମ୍ପାଦକ ଶଚିକାନ୍ତ ପଣ୍ଡାଙ୍କ ସମର୍ଥନରେ ପରିଷଦର ନୂତନ ଉପସଭାପତି ଭାବେ ସେକ୍ ଅବ୍‌ଦୁଲ ହାକିମଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସର୍ବସମ୍ମତିରେ ଘୋଷଣା କରାଯାଇଥିଲା। ନୂତନ ଉପସଭାପତି ସେକ୍ ହାକିମ ପରିଷଦର ସଭାପତି, ସମ୍ପାଦକଙ୍କୁ କୃତଜ୍ଞତା ଜ୍ଞାପନ ସହିତ ଧନ୍ୟବାଦ ଜଣାଇ ପରିଷଦର ଉନ୍ନତି ନିମନ୍ତେ ସାହାଯ୍ୟ ସହଯୋଗ ପାଇଁ (ଗୋରା ସାର) ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ହୁସନାରା ହାକିମ୍ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଡ. ମହମ୍ମଦ ଅବ୍‌ଦୁଲ ମକିମ୍ ଏବଂ ହାକିମ୍ ପରିବାର ବର୍ଗଙ୍କ ତରଫରୁ ବରିଷ୍ଠ ନାଗରିକ ପରିଷଦର ସମସ୍ତ କର୍ମକର୍ତ୍ତାଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଘର ପୋଡ଼ି ମାମଲାର ୪ ମାସ ପରେ ଯୁବକ ଗିରଫ



ଅଭିଯୁକ୍ତ ସୁନୀଲ

ତିହିଡ଼ି,୧୫।୪(ସମିସ): ତିହିଡ଼ି ଥାନା ଫତେପୁର ଗ୍ରାମରେ ଗତ ନଭେମ୍ବର ୨୦ ତାରିଖ ରାତିରେ ବଡ଼ବାପାର ଦୁଇ ପୁଅଙ୍କ ବାସଗୃହକୁ ପୋଡ଼ିଦେବା ଦେବା ଅଭିଯୋଗର ୪ ମାସ ପରେ ତିହିଡ଼ି ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଏହି ଘଟଣାରେ ଉଭୟ ବାପା ଓ ପୁଅଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ବାପାକୁ ଗିରଫ କରାଯାଇଥିବା ବେଳେ ପୁଅ ସୁନୀଲ ରାଉତ ଫେରାର୍ ଥିଲା। ତିହିଡ଼ି ଥାନାର ନୂତନ ଅଧିକାରୀ ଲୋପାମୁଦ୍ରା ନାୟକ କୌଣସି ସୂତ୍ରରୁ ଖବର ପାଇ ଗୋଳାପୋଖରୀ ଛକରେ ବସିଥିବା ସୁନୀଲକୁ ଗିରଫ କରିଥିଲେ। ବୁଧବାର ଡାକ୍ତରୀ ପରୀକ୍ଷା କରିବା ପରେ ତାକୁ କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ, ଜାଗାବାଡ଼ି ବିବାଦକୁ ନେଇ ନିତ୍ୟାନନ୍ଦ ରାଉତ ଓ ନିମାଇଁ ଚରଣ ରାଉତ ଦୁଇ ଭାଇଙ୍କ ପରିବାର ମଧ୍ୟରେ ଶତ୍ରୁତା ରହିଥିଲା। ତେବେ ୨୦୨୫ ନଭେମ୍ବର ୨୦ ତାରିଖରେ ଭଦ୍ରବ୍ୟକ୍ତି ସମାଧାନ ପାଇଁ ବସିଥିଲେ ବି ତାହା ସମ୍ଭବ ହୋଇ ନ ଥିଲା। ରାତିରେ ନିତ୍ୟାନନ୍ଦ ରାଉତଙ୍କ ୨ ପୁଅ ରଞ୍ଜନ ରାଉତ ଓ ଗୌରାଙ୍ଗ ରାଉତ ନିଜ ପରିବାର ସହ ଘରେ ଶୋଇଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଦୁଇ ପରିବାରର ୪ ବଖରା ଭସ୍ମୀଭୂତ ହେବା ସହ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଥିଲା। ତେବେ ସୁନୀଲ ଅଗ୍ନିକାଣ୍ଡ ଘଟାଇ ପଳାଉଥିବାବେଳେ ଅଗ୍ନିବିପନ୍ନମାନେ ତାକୁ ଅଟକାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ ବୋଲି ଥାନାରେ ଅଭିଯୋଗ କରିଥିଲେ। ସୁନୀଲକୁ ଗିରଫ କରାଯାଉ ନ ଥିବାରୁ ବିପନ୍ନମାନେ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ୍ କରି ଅଭିଯୋଗ କରିଥିଲେ।

## ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ବାର୍ଷିକ ଉତ୍ସବ

ତିହିଡ଼ି,୧୫।୪(ସମିସ): କୋହ୍ଲସ୍ଥିତ ଦିବ୍ୟଭୂମି ପରିସରରେ ମାନବ ସମାଜର ଭବିଷ୍ୟତ ଉଦ୍‌ଗାତା ଦିବ୍ୟଦ୍ରଷ୍ଟା ଶ୍ରୀଅରବିନ୍ଦଙ୍କ ୩୦ତମ ପବିତ୍ର ଦେହାଂଶ ପ୍ରତିଷ୍ଠା ଉତ୍ସବ ଦିନ ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଟାରେ ପ୍ରାର୍ଥନା ଗୃହରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପକ ଜନ୍ମେଜୟ ଦ୍ୱିବେଦୀ ମାତୃ ପତାକା ଉତ୍ତୋଳନ କରିଥିଲେ। ବନ୍ଦେ ମାତରମ୍ ଗାନ ସହ ଛାତ୍ରଛାତ୍ରୀମାନେ ମାତୃପତାକାକୁ ସମ୍ମାନ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ପିଲାମାନଙ୍କ ଦ୍ୱାରା ଅନୁଷ୍ଠିତ ପରେଡ୍‌ରେ ଅଭିବାଦନ କରିବା ସହ ପିଲାମାନଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ନିତ୍ୟାନନ୍ଦ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଦେହାଂଶ ମନ୍ଦିରର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦିବ୍ୟଭୂମି ଟ୍ରଷ୍ଟି ହରିହର ସେନାପତି, ଜିଲ୍ଲା ସଂଯୋଜକ ପ୍ରଦୀପ ଜେନା, ନାରାୟଣ ଅଗସ୍ତି, ବିଦ୍ୟୁତ୍‌ଲତା ନାୟକ, ନିରୁପମା ନାୟକ, ଗଙ୍ଗାଧର ପାଣିଗ୍ରାହୀ, ହୃଷୀକେଶ ପଣ୍ଡା ପ୍ରମୁଖ ଆଲୋଚନା କରିଥିଲେ।



ମାତୃଭକ୍ତ ଭଗବାନ ପତି ମାତୃସଂଗୀତ ଗାନ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ବାସନ୍ତୀ ଲତା ଦାସ ଧ୍ୟାନ ପ୍ରାର୍ଥନା ପାଠ କରିଥିଲେ। ଦିନ ୧୧ଟା ୪୫ରୁ ୧୨ଟା ୧୫ ପର୍ଯ୍ୟନ୍ତ ସମବେତ ଧ୍ୟାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁମୋହନ ନାୟକ, ନୃସିଂହ ଚରଣ ମହାପାତ୍ର, ଶରତ ପାଣିଗ୍ରାହୀଙ୍କ ସମେତ ବାସନ୍ତୀ, ଟିଲି, ଅଜୟ, ଭାରତୀ, ଭଗବତୀ, ମିନତି, ମଞ୍ଜୁଳା, ଦୀପକ, ସଞ୍ଜୀବ ପ୍ରମୁଖ ଅପାଭାଇମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଶୋକ ସାମଲ ପରେଡ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମା' କନ୍ତିଆଶୁଣୀଙ୍କ ପୀଠରେ ନାମଯଜ୍ଞ

ବନ୍ତ/ଆଗରପଡ଼ା,୧୫।୪(ସମିସ): ବନ୍ତ ବ୍ଲକ୍ ଆଗରପଡ଼ା ସନ୍ନିକଟ ବର୍ତ୍ତନା ପଞ୍ଚାୟତ ମା' କନ୍ତିଆଶୁଣୀଙ୍କ ପୀଠରେ ୨୧ତମ ମହାବିଷୁବ ପଣାସଂକ୍ରାନ୍ତି, ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନିକଟସ୍ଥ ଗ୍ରାମ୍ୟ ପୁଷ୍କରିଣୀରୁ ୧୧ଟି କଳସ ଘଟ ଉତ୍ତୋଳନ କରାଯାଇ ଗ୍ରାମ ବଜାର ପରିକ୍ରମା ପରେ ପୂଜା ମଣ୍ଡପକୁ ଅଣାଯାଇଥିଲା। ପୂଜକ ଅଶୋକ କୁମାର ପଣ୍ଡା, ସୁରେନ୍ଦ୍ର ଆଚାର୍ଯ୍ୟ, ସୁଦର୍ଶନ ପଣ୍ଡା ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିବାବେଳେ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଗୋଲାପରାଣୀ ମିଶ୍ର କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ମା'ଙ୍କୁ ଦୀର୍ଘ ୧୦୦ ବର୍ଷ ହେବ ଛିନ୍ନମସ୍ତା ଭାବେ ପୂଜା କରାଯିବା ପରେ ଏବେ ସ୍ୱଶରୀରରେ ପୂଜା କରାଯାଉଛି। ପ୍ରଫୁଲ୍ଲ ପାଣିଙ୍କ ନେତୃତ୍ୱରେ ମା'ଙ୍କ ପୂଜାର୍ଚ୍ଚନା ସହ ଭଜନ ପରିବେଷଣ କରାଯାଇଥିଲା। ଏଥିରେ ଜଗନ୍ନାଥ ପଣ୍ଡା, ଦେବେନ୍ଦ୍ର ପଣ୍ଡା, ମାଳତୀ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ଜ୍ଞାନେନ୍ଦ୍ର ପଣ୍ଡା, ଅମରେନ୍ଦ୍ର ପଣ୍ଡା, ଡ. ଅଭିଜିତ୍ ପଣ୍ଡା, ଡ. ରେଣୁକା ପଣ୍ଡା, ଫୁଲମଣି ପଣ୍ଡା, ରତ୍ନାକର ଓଝା, ବନମାଳି ଓଝା, ମୂଷି ଖୁଣ୍ଟିଆ, ଶୁଭାଶିଷ ପଣ୍ଡା, ମହେନ୍ଦ୍ର ଓଝା, ରବୀନ୍ଦ୍ର ବାରିକ, ଦେବେନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। କନ୍ତିଆ ଗ୍ରାମର ଈଶ୍ୱର ଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ସଂକୀର୍ତ୍ତନ ଦଳ ସାମିଲ୍ ହୋଇଥିଲେ। ମା' କନ୍ତିଆଶୁଣୀ ଦୀର୍ଘ ବର୍ଷ ଧରି ଗଛ ମୂଳରେ ପୂଜା ପାଉଥିବାବେଳେ ୨୦୦୫ରେ ସ୍ୱର୍ଗତ ମହେନ୍ଦ୍ର ପଣ୍ଡାଙ୍କ ପରିବାର ଓ ଗ୍ରାମବାସୀଙ୍କ ସହଯୋଗରେ ମନ୍ଦିର ନିର୍ମାଣ କରାଯାଇଥିଲା।

## ହାଇୱା ଧକ୍କାରେ ବରିଷ୍ଠ ନାଗରିକ ଗୁରୁତର

ଭଣ୍ଡାରିପୋଖରୀ/ବାରିକପୁର,୧୫।୪(ସମିସ): ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ୍ ଫାଣ୍ଡି ଅନ୍ତର୍ଗତ ନାଆମୀ ପଞ୍ଚାୟତ କୋଚିଲାପଦି ରାସ୍ତାରେ ଗୋଟିଏ ଚିପ୍ସ ବୋଝେଇ ହାଇୱା ଧକ୍କା ଦେବାରୁ ଜଣେ ବରିଷ୍ଠ ନାଗରିକ ଗୁରୁତର ହୋଇଛନ୍ତି। ଆହତ ଜଣକ ସ୍ଥାନୀୟ ଗ୍ରାମର ଶରତ ପାତ୍ର(୭୦)। ସେ ରାସ୍ତାରେ ଯାଉଥିବାବେଳେ ଦ୍ରୁତଗାମୀ ହାଇୱାଟି ତାଙ୍କୁ ଧକ୍କା ଦେଇଥିଲା। ଲୋକମାନେ ଦୁର୍ଘଟଣାସ୍ଥଳରୁ ବୃଦ୍ଧଙ୍କୁ ଉଦ୍ଧାର କରି ମଞ୍ଜୁରୀରୋଡ୍ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଯାଜପୁର ମେଡିକାଲକୁ ପଠାଯାଇଛି। ଫାଣ୍ଡି ପକ୍ଷରୁ ହାଇୱାଟିକୁ ଜବତ କରାଯାଇଥିବା ସୂଚନା ମିଳିଛି।

## ଉପଜିଲ୍ଲାପାଳଙ୍କ ପିଏମ୍‌ଶ୍ରୀ ବିଦ୍ୟାଳୟ ପରିଦର୍ଶନ

ବାରିକପୁର,୧୫।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ଏକମାତ୍ର ପିଏମ୍‌ଶ୍ରୀ ରହଣିଆ ସରକାରୀ ଉଚ୍ଚ ବିଦ୍ୟାଳୟଟି ଦୀର୍ଘଦିନ ହେବ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଏହାର ଶୈକ୍ଷିକ ବାତାବରଣ ଦିନକୁ ଦିନ କ୍ଷୁଣ୍ଣ ହେଉଥିବାବେଳେ ବିଦ୍ୟାଳୟ ପରିଚାଳନାରେ ମଧ୍ୟ ଅନେକ ତ୍ରୁଟି ବିଚ୍ୟୁତି ଦେଖାଯାଉଛି। ଏନେଇ ବିଦ୍ୟାଳୟ ପରିଚାଳନା କମିଟି ଉପସଭାନେତ୍ରୀ ମୀନା ସାହୁ, ବରିଷ୍ଠ ସଦସ୍ୟା ଅନୁସୟା ବାରିକ, ସୁକାନ୍ତି ଜେନା, ମାନସୀ ଜେନା ପ୍ରମୁଖ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ସପ୍ତାହରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଶିକ୍ଷା ବିଭାଗର ଦୁଇଜଣ ଅଧିକାରୀ ବିଦ୍ୟାଳୟକୁ ଆସି କ୍ଷେତ୍ରୀୟ ତଦନ୍ତ କରିଥିଲେ। ପ୍ରଧାନଶିକ୍ଷକ ସଠିକ୍ ସମୟ ଓ ନିୟମିତ ବିଦ୍ୟାଳୟକୁ ଆସୁ ନ ଥିବାବେଳେ ମଧ୍ୟାହ୍ନଭୋଜନରେ ମଧ୍ୟ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ଅର୍ଥନୈତିକ ପରିଚାଳନାରେ ବିଭିନ୍ନ ବାଟମାରଣା ହେଉଥିବା ଅଭିଯୋଗରେ ଦର୍ଶାଯାଉଛି। ସବୁ ଅଭିଯୋଗ ସମ୍ପର୍କରେ ଉପଜିଲ୍ଲାପାଳ ତଦନ୍ତ କରି ଏଥିରେ ଅନେକ ସତ୍ୟତା ଥିବା ଜାଣିବାକୁ ପାଇଥିଲେ। ତଦନ୍ତ ରିପୋର୍ଟ ଆଧାରରେ ଆଗକୁ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତା' ଉପରେ ସମସ୍ତଙ୍କ ନଜର ରହିଛି।

## ମାଟି ବୋଝେଇ ୨ ଟ୍ରାକ୍ଟର ଜବତ



ଦୋବଲ,୧୫।୪(ସମିସ): ଧାମନଗର କଲେଜ ନିକଟ ରାଣୀପୋଖରୀ ହୁଡ଼ା ଗୋଚର ଜମିରେ ଚାଲିଥିବା ଅବାଧ ମାଟି ଚୋରି ଘଟଣାରେ ଖଣି ବିଭାଗ ପକ୍ଷରୁ ବୁଧବାର ଚଢ଼ଉ କରାଯାଇ ୨ଟି ଟ୍ରାକ୍ଟର ଜବତ କରାଯାଇଛି। ଖଣି ବିଭାଗର ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କ ନେତୃତ୍ୱରେ ଏହି ଅଭିଯାନ ଚାଲିଥିଲା। ସୂଚନାନୁସାରେ, ଜେସିବି ସହାୟତାରେ ଗୋଚର ଜମିରୁ ଅବାଧ ମାଟି ଖନନ କରି ଟ୍ରାକ୍ଟର ଯୋଗେ ଚାଲାଣ କରାଯାଉଥିଲା। ଖବର ପାଇ ଖଣି ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରି ୨ଟି ଟ୍ରାକ୍ଟରକୁ ଜବତ କରି ଧାମନଗର ଥାନା ଜିମା ଦେଇଥିଲେ। ଜବତ ଟ୍ରାକ୍ଟରଗୁଡ଼ିକର କୌଣସି ବୈଧ କାଗଜପତ୍ର ମିଳି ନ ଥିବା ସହ ବିନା ନମ୍ବର ପ୍ଲେଟ୍‌ରେ ପଛ ଡାଲା ଖୋଲି ମାଟି ଚୋରି ହେଉଥିବା ଜଣାପଡ଼ିଛି। ଏହା ଫଳରେ ରାସ୍ତା ଉପରେ ମାଟି ପଡ଼ି ଯାତାୟାତ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ସମ୍ଭାବନା ବଢ଼ୁଥିବାରୁ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରି ଅଭିଯୋଗ କରିଆସୁଥିଲେ। ଏନେଇ ଖଣି ବିଭାଗ ପକ୍ଷରୁ ଏପରି ଅବାଧ ଖନନ ବିରୋଧରେ ଆଗାମୀ ଦିନରେ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଜଣାପଡ଼ିଛି।

## ଜଳଦାନ କେନ୍ଦ୍ର ଉଦ୍‌ଘାଟିତ

ବାରିକପୁର,୧୫।୪(ସମିସ): ତୀବ୍ର ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ସବୁ ବର୍ଷ ଭଳି ଚଳିତ ବର୍ଷ ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ପକ୍ଷରୁ ବୁଧବାର ଜଳଦାନ କେନ୍ଦ୍ର ଶୁଭାରମ୍ଭ ହୋଇଛି। ଅମଲା ସହାୟକ ଉଦୟନାଥ ବେଜଙ୍କ ସଂଯୋଜନାରେ ଆୟୋଜିତ ଜଳଛତ୍ର ଶିବିରକୁ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ବିଡିଓ ଦେବଦତ ଦାସ ଉପସ୍ଥିତ ରହି ବ୍ଲକ୍‌କୁ ଆସୁଥିବା ଜନସାଧାରଣଙ୍କୁ ପୋଦିନା ମିଶ୍ରିତ ଘୋଳଦହି ସର୍ବତ ବଣ୍ଟନ କରିଥିଲେ। ଏହାଛଡ଼ା ଗ୍ରୀଷ୍ମ ପ୍ରବାହ ସତର୍କତା ଅବଲମ୍ବନ କରିବାକୁ ବିଡିଓ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ୍ ପ୍ରଶାସନର ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ପଞ୍ଚାୟତର ପ୍ରତିନିଧିମାନେ ଯୋଗଦେଇଥିଲେ। ଅନୁରୂପ ଭାବେ ବିଭିନ୍ନ ପଞ୍ଚାୟତ ପକ୍ଷରୁ ମଧ୍ୟ ଗାଁ ଛକମାନଙ୍କରେ ଜଳଛତ୍ର ଖୋଲାଯାଇଛି।

## ଆଧ୍ୟାତ୍ମିକ 'ଉତ୍କଳୀୟ ଚେତନ ମଞ୍ଚ' ସଭା

ଭଦ୍ରକ,୧୫।୪(ସମିସ): ଆର୍ଯ୍ୟ ସଂସ୍କୃତିର ନବବର୍ଷ ଉପଲକ୍ଷେ ଆମ ଓଡ଼ିଆ ଜାତି ଏହାକୁ ନୂଆବର୍ଷ ରୂପେ ପାଳନ କରି ଆସୁଛି। ମହାବିଷୁବ ସଂକ୍ରାନ୍ତି ଦିନରାତି ଏ ଉଭୟର ସମରେଖାରେ ପରିଗଣିତ ହୋଇଥାଏ। ଏହି ଦିବସଟିକୁ ଶ୍ରୀହନୁମାନଜୀଉଙ୍କ ଜନ୍ମ ଉତ୍ସବ ଭାବରେ ପାଳନ କରାଯାଇଥାଏ। ଏସବୁର ଦିଗ୍‌ଦର୍ଶକ ହୋଇଥାଏ ଆଧ୍ୟାତ୍ମିକତାର ମନୋଭାବ। ଏହି ଆଧ୍ୟାତ୍ମିକତା ପ୍ରତି ଯୁବଗୋଷ୍ଠୀ ଆକର୍ଷିତ ହୋଇପାରିଲେ ସେମାନଙ୍କ ଜୀବନଚର୍ଯ୍ୟା ସୁଖମୟ ହୋଇପାରିବ ବୋଲି ଭଦ୍ରକସ୍ଥିତ ସନ୍ଥିଆ ଗ୍ରାମ ଶ୍ରୀରାଧା ମଦନମୋହନଜୀଉ ମଠ ପରିସରରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଅନୁଷ୍ଠିତ ଆଧ୍ୟାତ୍ମିକ 'ଉତ୍କଳୀୟ ଚେତନ ମଞ୍ଚ' ସଭାରେ ସ୍ଥାନୀୟ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଅନ୍ୟାନ୍ୟ ବକ୍ତାଗଣ ମତ ପ୍ରକାଶ କରିଥିଲେ। ପୂର୍ବାହ୍ନରେ ଶ୍ରୀରାଧା ମଦନମୋହନଜୀଉ, ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ, ଶ୍ରୀହନୁମାନଙ୍କ ପୂଜା ଓ ବିଶ୍ୱଶାନ୍ତି ଯଜ୍ଞ ଶ୍ରୀଦେବକୁମାର ଗୋସ୍ୱାମୀ, ହୃଷୀକେଶ ଗୋସ୍ୱାମୀ ଓ ସେବାୟତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଅପରାହ୍ଣ ୫ଟାରେ ଏକ ଆଧ୍ୟାତ୍ମିକ ସଭା ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବରେଣ୍ୟ ଅତିଥି ସୁବଳ ସିଂହ ଓ ମଠାଧିଶ ଆଶିଷ ଗୋସ୍ୱାମୀ ଯୋଗଦେଇଥିଲେ। ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁ ସମିତିର ସଂକ୍ଷିପ୍ତ ବିବରଣୀ ଓ ଲକ୍ଷ୍ୟ ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ। ସମିତିର ସହ ଆବାହକ ବାବୁଲାଲ୍ ଦାସ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କାଶୀନାଥ ପଣ୍ଡା, ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କଦେ, ଲକ୍ଷ୍ମୀଧର ଖଟୁଆ, ଲଳିତମୋହନ ମିଶ୍ର, ପ୍ରବୋଧ ଅଗସ୍ତି, ଗୀତାଞ୍ଜଳି ଅଗସ୍ତି, ଡ. ପ୍ରତାପ ପାତ୍ର, ସୁବଳ ଚନ୍ଦ୍ର ବଳ ପ୍ରମୁଖ ସହଯୋଗ କରିଥିଲେ।

● ଆମ ମାତୃଭାଷା ପରିଷଦର ନବମ ସ୍ୱନକ୍ଷତ୍ର ଦିବସ

## ନୂତନତ୍ୱକୁ ଆବାହନ କରେ ବିଷୁବ ସଂକ୍ରାନ୍ତି

ଭଦ୍ରକ,୧୫।୪(ସମିସ): ଆମ ମାତୃଭାଷା ପରିଷଦର ବିଷୁବ ସଂକ୍ରାନ୍ତି ଆସରର ନବମ ସ୍ୱନକ୍ଷତ୍ର ଦିବସ ସାମରାଇପୁରସ୍ଥିତ ପ୍ରତିଷ୍ଠାତା ସମ୍ପାଦକ ଡ. ଅନିଲ କୁମାର ଦାଶଙ୍କ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ସମାଜସେବୀ ଶୁଭ୍ରକାନ୍ତି ଦାଶ ଉଦ୍‌ଘାଟନ କରିଥିଲେ। ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଗୌରାଙ୍ଗ ଚନ୍ଦ୍ର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। 'ଆମ ମାଟିରେ ବିଷୁବ ସଂକ୍ରାନ୍ତି' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ପ୍ରାଧ୍ୟାପକ ଡ. ଗିରିଶ ବିହାରୀ ମିଶ୍ର, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ସାହୁ, ସମ୍ମାନିତ ଅତିଥି କାଦମ୍ବିନୀ ପତ୍ରିକାର ସହ ସମ୍ପାଦକ ଯୁବ ସାହିତ୍ୟିକ ଅମିତାଭ ଖିଲାର, ବିଶିଷ୍ଟ ଅତିଥି ଅନନ୍ୟା ପତ୍ରିକାର ସମ୍ପାଦକ ସନ୍ତୋଷ କୁମାର ନନ୍ଦ, କାର୍ଯ୍ୟକାରୀ ସଭାପତି ଅଧ୍ୟକ୍ଷ ନିହାର ରଞ୍ଜନ କର, ଅତିଥି ପିତାମ୍ବର ଦାଶ, ଅଧ୍ୟାପକ ଡ. ରମାକାନ୍ତ ନାୟକ, ଲକ୍ଷ୍ମଣ ମହାନ୍ତି, ଶିକ୍ଷାବିତ୍ ପାର୍ଥସାରଥି ମହାନ୍ତି, ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ର, ହୃଷୀକେଶ ପତି, ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ଗୟାଧର ଦାସ ପ୍ରମୁଖ ବିଷୁବ ସଂକ୍ରାନ୍ତି ଓଡ଼ିଆ ନୂତନ ବର୍ଷକୁ ଆବାହନ କରେ ଓ ନୂତନ ପଞ୍ଜିକା ଆରମ୍ଭ ହୁଏ। ପ୍ରଥମ ରାଶି ମେଷ ରାଶି ଆରମ୍ଭ ହୁଏ। ନୂତନ ପଣା ଚଉରା ମୂଳରେ ଠେକି ପ୍ରଦାନପୂର୍ବକ ପଣାପାନର ପର୍ବ ପାଳନ ହୁଏ, ପଣା ପ୍ରଦାନରେ ଅଶେଷ ପୁଣ୍ୟ ହୁଏ ବୋଲି ମତପୋଷଣ କରିଥିଲେ। ଅଧ୍ୟାପିକା ଡ. ମମତା ସାହୁ ଓ କବୟିତ୍ରୀ ମାନସୀବାଳା ସୂତାରଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ଉମେଶ ଚନ୍ଦ୍ର ମହାପାତ୍ର, ଅଧ୍ୟାପିକା ପ୍ରମୋଦା କୁମାରୀ ପଣ୍ଡା, ବିଜୟ ବହଳୀ, ଶ୍ରଦ୍ଧାଞ୍ଜଳି ମିଶ୍ର, ଶିଶୁକବି ଅଂଶୁମାନ ସ୍ୱାଇଁ, ବସନ୍ତ ପାତ୍ର, କୈଳାସ




ଦାସ, ମହେନ୍ଦ୍ର ଓଝା, ବିପ୍ଳବ ହୋତା, ମୋନାଲିସା ସାହୁ, ମିନତୀ ବାରିକ, ମନୋରମା ରାୟ ପ୍ରମୁଖ ଅନେକ କବି ସ୍ୱରଚିତ ବିଷୁବ କବିତା ପାଠ କରିଥିଲେ। କେଦାରନାଥ ମହାପାତ୍ର ବେଦପାଠ, ମମତାରାଣୀ ମହାନ୍ତି ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ, ସହସମ୍ପାଦିକା ମମତାରାଣୀ ଦାଶମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ରାସ୍ତା ଉପରେ କମ୍ୟୁନିଟି ସେଣ୍ଟର ନିର୍ମାଣ ଅଭିଯୋଗ

ବନ୍ତ/ଆଗରପଡ଼ା,୧୫।୪(ସମିସ)



ବାଇପୁର ଗ୍ରାମ ରାସ୍ତା ଉପରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ହେଉଥିବା ନେଇ ବନ୍ତ ବିଡିଓ, ତହସିଲ୍‌ଦାର, ଜିଲ୍ଲାପାଳଙ୍କ ନିକଟରେ ଉକ୍ତ ଗ୍ରାମର ହରେକୃଷ୍ଣ ସେନାପତି ଅଭିଯୋଗ କରିଛନ୍ତି। ବାଇପୁର ମୌଜାରେ ପ୍ରଶସ୍ତ ସରକାରୀ ଜମି (ଖାତା ନଂ-୧୧୨ର ପ୍ଲଟ୍ ନଂ-୮୫) ରହିଥିବାବେଳେ ଗ୍ରାମର ଯେନାସାହି କମ୍ୟୁନିଟି ସେଣ୍ଟରଟିକୁ ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ପ୍ରମୋଦ ପାତ୍ର, ଖାତା ନଂ.୧୧୧ର ରାସ୍ତା ପ୍ଲଟ୍ ନଂ.୮୪ ଉପରେ ଜୋର୍‌ଜବରଦସ୍ତ ନିର୍ମାଣ କରାଇ ଜନସାଧାରଣଙ୍କୁ ଅସୁବିଧାରେ ପକାଇଛନ୍ତି। ଏହା ଦ୍ୱାରା ରାସ୍ତାକଡ଼ରେ ଡ୍ରେନ୍ ନିର୍ମାଣ ହୋଇପାରିବ ନାହିଁ। ଭବିଷ୍ୟତରେ ରାସ୍ତା ପ୍ରଶସ୍ତୀକରଣ ହେଲେ ତାହା ବାଧାପ୍ରାପ୍ତ ହେବ ବୋଲି ଉକ୍ତ ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଯନ୍ତ୍ରୀଙ୍କୁ ଏ ସମ୍ବନ୍ଧରେ ଗ୍ରାମବାସୀ ହରେକୃଷ୍ଣ ସେନାପତି ପଚାରିବାରୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଧମକ ମଧ୍ୟ ଦେଉଛନ୍ତି।

ପ୍ରକାଶ ଥାଉ କି, ୮୫ ନମ୍ବର ପ୍ଲଟ୍ ପାଇଁ ଛୟାଳସିଂହ ଆର୍‌ଆଇ ଫିଜିବିଲିଟି ରିପୋର୍ଟ ଦେଇଥିବାବେଳେ ମନମୁଖୀ ଭାବେ କନିଷ୍ଠ ଯନ୍ତ୍ରୀ ଉକ୍ତ ପ୍ରକଳ୍ପକୁ ରାସ୍ତା ପ୍ଲଟ୍ ନଂ.୮୪ ଉପରେ କରାଉଛନ୍ତି। ରାସ୍ତାଟି ନକ୍ସାରେ ୫୦ କଡ଼ିରୁ ଉର୍ଦ୍ଧ୍ୱ ରହିଥିବାବେଳେ ୩୦ କଡ଼ିର ରାସ୍ତା ଅଛି ଓ ୨୦ କଡ଼ି ଉପରେ ଘର ନିର୍ମାଣ ହେଉଛି। ବର୍ତ୍ତମାନ ଉକ୍ତ ଘରର ନିମିଟାଲ ସ୍ତରରେ କାର୍ଯ୍ୟ ରହିଛି। ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରିବା ସହିତ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗତ ମାର୍ଚ୍ଚ ୨୪ ତାରିଖରେ ବନ୍ତ ବିଡିଓଙ୍କୁ ବାଇପୁର ଗ୍ରାମର ହରେକୃଷ୍ଣ ସେନାପତି ଯେନାସାହି କମ୍ୟୁନିଟି ସେଣ୍ଟର ବିଷୟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହି ଘଟଣାରେ କୌଣସି ତଦନ୍ତ କରି ନ ଥିବା ଅଭିଯୋଗ କରିଛନ୍ତି ହରେକୃଷ୍ଣ।

# ନିଯୁକ୍ତି ମେଳାରେ ୫୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ

ଜଗତସିଂହପୁର,୧୫।୪(ସମିସ)



ଜଗତସିଂହପୁର ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ତରଫରୁ ରାହାମା (ସାଇଲୋ) ସ୍ଥିତ ମିନି ଷ୍ଟାଡିୟମ୍ ଠାରେ ନିଯୁକ୍ତି ମେଳା ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ସାହୁ,ରାହାମା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ନାୟକ ଏବଂ ପାରାଦୀପ ଫସଫେଟ ଲିମିଟେଡ ତରଫରୁ ବରିଷ୍ଠ ଅଧିକାରୀ ପଲ୍ଲନିସ୍ୱାମୀ ଭେଲୁସ୍ୱାମୀ, ସୁମିତ ସେନାପତି ଓ ଶୁଭେନ୍ଦୁ ବିଶ୍ୱାଳ ଉପସ୍ଥିତ ଥିଲେ। ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ କାର୍ଯ୍ୟକ୍ରମରର ସଭାପତିତ୍ୱ କରିଥିଲେ। ପ୍ରଧାନମନ୍ତ୍ରୀ ଇଣ୍ଟର୍ନସିପ୍ ଯୋଜନା ମାଧ୍ୟମରେ ସ୍ଥାନୀୟ ଶିଳ୍ପ ସଂସ୍ଥା ମାନଙ୍କରେ ତାଲିମ ନେବା ପାଇଁ ମନ୍ତ୍ରୀ ଉତ୍ସାହିତ କରିଥିଲେ। ଏହି ନିଯୁକ୍ତି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୫୪ଟି ସରକାରୀ ଓ ବେସରକାରୀ ସଂସ୍ଥା ଉପସ୍ଥିତ ରହି ନିଯୁକ୍ତି ପାଇଁ ଯୁବପିଢ଼ିଙ୍କୁ ମନୋନୀତ କରିଥିଲେ। ଏହି ନିଯୁକ୍ତି ମେଳାରେ ଜଗତସିଂହପୁର ଜିଲ୍ଲା ଓ ଜିଲ୍ଲା ବାହାରୁ ୧୮୮୬ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ସେମାନଙ୍କ ମନ ପସନ୍ଦର ନିଯୁକ୍ତି ସଂସ୍ଥା ବାଛିଥିଲେ। ୫୬ ଜଣ ଯୁବକ/ଯୁବତୀଙ୍କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟାଳୟର ଅଶୋକ କୁମାର ମଢୁଆଳ, ସଞ୍ଜୟ ପରିଡା, ସମ୍ବିତ ନାୟକ, ଦିବ୍ୟଜ୍ୟୋତି ମହାପାତ୍ର, ସ୍ୱର୍ଣ୍ଣଶ୍ରୀ ଦାସ, ଅଶୋକ କହ୍ନର, ଅଜିତ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଅଠରବାଙ୍କୀ ମାର୍କେଟରେ ଲାଗିଲା ହାଇମାକ୍ସ ଲାଇଟ୍



ପାରାଦୀପ,୧୫।୪(ସମିସ): ଅଠର ବାଙ୍କୀ ମାର୍କେଟ ବଣିକ ସଙ୍ଘ ପରିସରରେ ଆଜି ହାଇମାକ୍ସ ଲାଇଟର ଶୁଭ ଉଦଘାଟନ କରାଯାଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇ ଏହି ଆଲୋକୀକରଣ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ୬ ନମ୍ବର ୱାର୍ଡର କାଉନସିଲର ବନିତା ରାଉତ, ୧୨ ନମ୍ବର ୱାର୍ଡର କାଉନସିଲର ପ୍ରତାପ ନାୟକ ଓ ସାଂସଦଙ୍କ ପ୍ରତିନିଧି ଗୌତମ କୁମାର ନାୟକ ପ୍ରମୁଖ ଉପସ୍ଥିତି ଥିଲେ।ଅନ୍ୟମାନଙ୍କ ମଧ୍ୟରେ ଅଠରବାଙ୍କୀ ବଣିକ ସଙ୍ଘର ସଭାପତି ଚିତ୍ତରଞ୍ଜନ ମଲ୍ଲିକ, ଉପସଭାପତି ଉମେଶ ଚନ୍ଦ୍ର ସ୍ୱାଇଁ ଓ ସନତ କୁମାର ପାତ୍ର, ସାଧାରଣ ସଂପାଦକ ଅଚ୍ୟୁତାନନ୍ଦ ବିଶ୍ୱାଳ, ସମ୍ପାଦକ ଜ୍ୟୋତି ରଞ୍ଜନ ସ୍ୱାଇଁ, କୋଷାଧ୍ୟକ୍ଷ ପ୍ରଭାତ ସାହୁ ଓ ପ୍ରସନ୍ନ ରାଉତ, ସଂଯୋଜକ ମନୋଜ ସ୍ୱାଇଁ ଓ ଚନ୍ଦନ ବାରିକ ଏବଂ ବଣିକ ସଙ୍ଘର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥି ସହିତ ଓଡ଼ିଆ ନବ ବର୍ଷ ଅବସରରେ ବଣିକ ସଙ୍ଘ ପରିସରରେ ପଣାର ବ୍ୟବସ୍ଥା କରାଯାଇଥିଲା।

## ରାମଚଣ୍ଡୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ପାରାଦୀପ,୧୫।୪(ସମିସ): ବିଜୟଚନ୍ଦ୍ରପୁର ତାରିଣୀଗଡା ସ୍ଥିତ ରାମଚଣ୍ଡୀ ବିହାରରେ ଥିବା ରାମଚଣ୍ଡୀ ଦେବୀଙ୍କର ବାର୍ଷିକ ଉତ୍ସବ ତଥା ମା'ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ତିନି ଦିନ ଧରି ଆୟୋଜିତ ହୋଇଛି। ଅପରାହ୍ନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବହୁ ଅନ୍ତେବାସୀ ମହିଳାମାନେ ଅଂଶ ଗ୍ରହଣ କରିଥିଲେ। ରାତିରେ ଶୁଭାଧିଭାସ ଓ ଅଷ୍ଟପ୍ରହରି ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ମା' ରାମଚଣ୍ଡୀଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଓ ନାମ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରୀରୁ ୫ ଜଣ ପଣ୍ଡିତ ଏହି ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମନ୍ଦିରର ସମସ୍ତ କାର୍ଯ୍ୟକ୍ରମକୁ ଅୟସକାନ୍ତ ସାମଲ, ତୁଷାର ବିଶ୍ୱାଳ, ପ୍ରଦୀପ ଦାସ, କୈଳାସ ସ୍ୱାଇଁ, ବୁଲୁ ଜେନା, ସୁରେନ୍ଦ୍ର ବିଶ୍ୱାଳ, ତ୍ରିନାଥ ସ୍ୱାଇଁ, ରମାକାନ୍ତ ସ୍ୱାଇଁ ଓ ଟୁଟୁ ବେଉରା ପ୍ରମୁଖ ପରିଚାଳନା କରିଥିଲେ।

## କବିତା ପାଠୋତ୍ସବ ଓ ବିଷୁବ ମିଳନ

କୁଜଙ୍ଗ,୧୫।୪(ସମିସ): ବରିଷ୍ଠ ନାଗରିକ ସଂଘ କୁଜଙ୍ଗ ତରଫରୁ କୁଜଙ୍ଗ ଆଯାଦହିନ୍ଦ କ୍ଲବ ପରିସରରେ ପଣା ସଂକ୍ରାନ୍ତ ଓଡିଆ ନବ ବର୍ଷ, ବାବା ସାହେବ ଆମ୍ବେଦକର ଜୟନ୍ତୀ, ବିଷୁବ ମିଳନ ସହ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ବାବୁରାମ ଚୌଧୁରୀଙ୍କ ପୌରୋହିତ୍ୟରେ କବି ଗୀତା ଦାସ, ନୀବନ ପ୍ରଧାନ, ପୂର୍ବତନ ସରପଞ୍ଚ ବିଜୟ ଖଟେଇ, ଗୌରହରି ବାରିକ, ଡ. କଙ୍ଗାଧର ସାମନ୍ତରାୟ, ସୁଭାଷ ସାମନ୍ତରାୟ, ଶଙ୍କର ଦାସ ପ୍ରମୁଖ ଯୋଗ ଦେଇ କବିତା ପାଠ ସହ ବିଷୁବ ମିଳନ ଓ ସରସ୍ୱତ ଆସରରେ ଭାଗ ନେଇଥିଲେ।

### ସରକାରୀ ଅର୍ଥ ତୋଷାରପାତ ଅଭିଯୋଗ

## ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ନାମରେ ଏତଲା

କୁଜଙ୍ଗ,୧୫।୪(ସମିସ): କୁଜଙ୍ଗ ବ୍ଲକ ବାଲିଆ ପଞ୍ଚାୟତ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ନାମରେ ବିଡିଓ ସରକାରୀ ଅର୍ଥ ତୋଷାରପାତ ଅଭିଯୋଗରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। କୁଜଙ୍ଗ ବ୍ଲକ ବାଲିଆ ପଞ୍ଚାୟତର, ନିର୍ବାହୀ ରଘୁନାଥ ଚମ୍ପିଆ ଓ ସରପଞ୍ଚ ସରପଞ୍ଚ ସରୋଜିନୀ ନାୟକଙ୍କ କାର୍ଯ୍ୟକାଳ ସମୟ ମଧ୍ୟରେ ୪୬ ଲକ୍ଷ ୮୬ ହଜାର ୨୦୨ ଟଙ୍କା ତୋଷାରପାତ କରିଥିବା ନେଇ କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉଭୟ ବ୍ଲକ ଓ ପଞ୍ଚାୟତର ବିଭିନ୍ନ ଯୋଜନାରେ ରହିଥିବା ଅର୍ଥକୁ କୌଣସି କାର୍ଯ୍ୟରେ ବିନିଯୋଗ ନକରି ପର୍ଯ୍ୟାୟକ୍ରମେ ମିଳିତ ଭାବେ ଟଙ୍କା ଉଠାଇ ଚାଲିଥିଲେ। କ୍ରମଶ ଏହି ଅନିୟମିତତା ବିଡିଓଙ୍କ ଦୃଷ୍ଟିକୁ ଆସିବା ପରେ ତାଙ୍କୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଏହାର ଜବାବ ଦେବାକୁ ଚିଠି କରାଯାଇଥିଲା। ମାତ୍ର ସରପଞ୍ଚ ଓ ନିର୍ବାହୀ ଅଧିକାରୀ ଏହାର କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରିନଥିଲେ। ପରେ ବିତ୍ତ ବିଭାଗ ପକ୍ଷରୁ ଏହାର ତଦନ୍ତ କରାଇଥିଲେ। ତଦନ୍ତ ପରେ ଏହି ପରିମାଣ ୪୬ ଲକ୍ଷ ୮୬ ହଜାର ୨୦୨ ବୋଲି ଜଣାପଡିଥିଲା। ଜିଲ୍ଲାପାଳ ଚିଠିସଂଖ୍ୟା ୩୫୨ରେ ବିଡିଓଙ୍କୁ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ନାମରେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଚିଠି ଆଧାରରେ ବିଡିଓ ଗତ ୧୦ ତାରିଖରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ କୁଜଙ୍ଗ ଥାନାରେ ମାମଲା ସଂଖ୍ୟା ୧୦୧ରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଚମ୍ପିଆ ପୂର୍ବରୁ ମଧ୍ୟ ନିଲମ୍ବିତ ହୋଇଥିଲେ।

## ନରେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ସପ୍ତାହ




ଜଗତସିଂହପୁର,୧୫।୪(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ନରେନ୍ଦ୍ରନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ପୁନଙ୍ଗରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଓ ସାକ୍ଷରତା ବିଭାଗ ଏବଂ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ମିଳିତ ସହାୟତାରେ ରାଷ୍ଟ୍ରୀୟ ଆବିଷ୍କାର ସପ୍ତାହ ପାଳିତ ହୋଇଯାଇଛି। ଜାତୀୟ ସବୁଜ ବାହିନୀ ନିମନ୍ତେ ଉଦ୍ଦିଷ୍ଟ ମିଶନ ଲାଇଫ୍ କାର୍ଯ୍ୟାବଳୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟଧାରାକ୍ରମରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ, ଜଳଶୋଚକ ଖାତ ନିର୍ମାଣ ଜନପ୍ରିୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ମନୋରମା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଜନପ୍ରିୟ ଆଲୋଚନାଚକ୍ରରେ ସ୍ଥାନୀୟ ବରିଷ୍ଠ ଶିକ୍ଷାବିତ୍ ଭବାନୀ କୁମାର ଗୋସ୍ୱାମୀ ଓ ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ମିତାଲି ମଧୁଛନ୍ଦା ସମ୍ମାନିତ ଆଲୋଚକ ଏବଂ ଜାତୀୟ ସବୁଜ ବାହିନୀର ପୂର୍ବତନ ଜିଲ୍ଲା ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ପ୍ରମୁଖ ଆଲୋଚକ ଭାବରେ ଯୋଗଦେଇଥିଲେ। ପ୍ରଶ୍ନୋତ୍ତର ମାଧ୍ୟମରେ ଛାତ୍ରଛାତ୍ରୀ ଏତାଦୃଶ କାର୍ଯ୍ୟଧାରା କିପରି ଆପେଣେଇ ପାରିବେ, ସେ ସମ୍ପର୍କରେ ଅତିଥିମାନେ ବିଶଦଭାବେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସୁନନ୍ଦା ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୁବାସ ଚନ୍ଦ୍ର ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ମିଶ୍ର, ସରିତା ବେହେରା, ରୋଜାଲିନ୍ ପ୍ରଧାନ, ପୂର୍ଣ୍ଣପ୍ରଭା ସାମନ୍ତରାୟ, ପ୍ରଣତି ରାଉତ ଓ ଶିକ୍ଷକ ମୋଇନୁଦ୍ଦିନ୍ ଖାନ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନାଉଗାଁରେ ନିଶାମୁକ୍ତ ଜନଜାଗରଣ ରଥ

ନାଉଗାଁ,୧୫।୪(ସମିସ): ଓଡ଼ିଶା ଅନୁସୂଚିତ ଜାତି କଂଗ୍ରେସର ଅଧ୍ୟକ୍ଷ ମାନସ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନ ଗତକାଲି ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମପୀଠ ପୁରୀ ଜିଲ୍ଲା ସୁଆଣ୍ଡୋ ଠାରୁ ବାହାରି ଓଡ଼ିଶାର ୩୫ଟି ସାଂଗଠନିକ ଜିଲ୍ଲା ଗସ୍ତ କରି ଜନ ସଚେତନତା କରାଇବା ସମୟେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାଉଗାଁ ବ୍ଲକର ନାଉଗାଁ ହାଟ ଠାରେ ବ୍ଲକ କଂଗ୍ରେସ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ସ୍ୱାଗତ ସମ୍ବର୍ଦ୍ଧନାରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ, ଜିଲ୍ଲା ଅନୁସୂଚିତ ସେଲ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ମଲ୍ଲିକ, ବ୍ଲକ ସଭାପତି ବିଚିତ୍ରାନନ୍ଦ ଲେଙ୍କା, ଯୁବ କଂଗ୍ରେସ ନେତା କୁମାର ପ୍ରିତମ ପରିଜା, ଜିଲ୍ଲା ଉପସଭାପତି ସୁବ୍ରତ ରାୟ, ସଂପାଦକ ପ୍ରହଲ୍ଲାଦ ବିଶ୍ୱାଳ, ସମୀର ସ୍ୱାଇଁ, ଲିଙ୍ଗରାଜ ରାଉତ, ଅଙ୍ଗଦ ନାୟକ, ବିଜୟ ବେହେରା, ବିରଞ୍ଚି ନାରାୟଣ ଦାସ, ପିଣ୍ଟୁ ଦାସ, ବିଭୁ ପ୍ରସାଦ ନାୟକ, ରଞ୍ଜିତ ସ୍ୱାଇଁ, ଗୋପୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିବା ଦେଖାଯାଇଛି।

## ବ୍ରାଉନସୁଗର ଜବତ

ପାରାଦୀପ,୧୫।୪(ସମିସ): ପାରାଦୀପ ମଡେଲ ଥାନା ଅଧୀନ ଅଞ୍ଚଳରୁ ପ୍ରଦୀପ ସେଠୀ ନାମକ ଜଣେ ବ୍ରାଉନସୁଗର ବ୍ୟବସାୟୀଙ୍କୁ ଗିରଫ କରିଛି ପୁଲିସ। ଅଭିଯୁକ୍ତର ଘର ଅଠରବାଙ୍କୀ ଉପର ଲକ୍‌ପଡ଼ା ହୋଇଥିବା ବେଳେ ତା' ନିକଟରୁ ୧୭ଗ୍ରାମର ବ୍ରାଉନସୁଗର ଜବତ କରାଯାଇଛି। ଏନେଇ ଆଜି ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ତାକୁ କୋର୍ଟଚାଲାଣ କରାଯାଇଛି।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

ଜଗତସିଂହପୁର/ବାଲିକୁଦା,୧୫।୪(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଯୁବ ଯାଦବ ମହାସଭା ତରଫରୁ ଓଷକଣା ପଞ୍ଚାୟତ ଶୋଭା ଗ୍ରାମର ସମାଜସେବୀ ମାଗୁ ଚରଣ ପରିଡ଼ାଙ୍କ ଏକାଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କ ପରିବାରକୁ ଯୁବ ଯାଦବ ମହାସଭା ତରଫରୁ ୨୦,୨୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ଯୁବ ଯାଦବ ମହାସଭାର ସଭାପତି ଜିତେନ୍ଦ୍ର ବେହେରା, ସମ୍ପାଦକ ସାଗର କୁମାର ପରିଡ଼ା, ତପନ କୁମାର ଦାସ, ନିତ୍ୟାନନ୍ଦ ବେହେରା, ସୌମେନ୍ଦ୍ର କୁମାର ଦାସ, ନରେଶ ଚନ୍ଦ୍ର ଦାସ, ରାଜେନ୍ଦ୍ର ଦାସ, ଭୀମସେନ ଦାସ, ପପୁ ପଣ୍ଡା, ଦୀପକ ଦାସ, ପ୍ରକାଶ ବାହାଲିଆ, ନିଲୁ ମହାନ୍ତି, ଜଟାଧାରୀ ଦାସ, ମାନସ କୁମାର ଦାସ, ବାବୁନା ଲେଙ୍କା, ପୂର୍ଣ୍ଣଚନ୍ଦ୍ର ଦାସ, ପପୁ ସ୍ୱାଇଁ, ବିନୋଦ ସ୍ୱାଇଁ, ନିଧିରାମ ବେହେରା, ପିତୁଆ ଦାସ, ଡୁଲୁ ମାଟିଆ, ବବୁଲ ସାହୁ, ପୀତାମ୍ବର ଦାସ, ପ୍ରକାଶ ଦାସ ପ୍ରମୁଖଙ୍କ ସହିତ ଯୁବ ଯାଦବ ମହାସଭାର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## କ୍ଷେତ୍ରପାଳ ପୀଠରେ ଜଳଛତ୍ର

ତିର୍ତ୍ତୋଲ,୧୫।୪(ସମିସ): ପବିତ୍ର ଓଡ଼ିଆ ନବ ବର୍ଷ ତଥା ପଣା ସଂକ୍ରାନ୍ତି ଅବସରରେ ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ କନୀମୂଳ ପଞ୍ଚାୟତ ମିର୍ଜାପୁର ମା' କ୍ଷେତ୍ରପାଳ ମନ୍ଦିର ଠାରେ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ସମାଜସେବୀ ନିପ୍ରଭ କୁମାର୍ ବେହେରା (ବିଜନ ଭାଇ)ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ପୂର୍ବତନ ବିଇଓ ପବିତ୍ର କୁମାର କର, ସମ୍ମାନିତ ଅତିଥି ମଦନ ମୋହନ ବାରିକ, ସୁରେନ୍ଦ୍ର ନାଥ ପୃଷ୍ଟି, କେଲୁଚରଣ ନାୟକ, ଅନିଲ ବେହେରା, ସମୀର ସାହୁ, ପ୍ରଦୀପ୍ତ ଜେନା, ପ୍ରଶାନ୍ତ ମଲ୍ଲିକ, କରୁଣାକର ପ୍ରମୁଖ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଦୀପ୍ତ ରାଉତ, ବିକାଶ ପଣ୍ଡା ଓ ଶିବଶଙ୍କର ସ୍ୱାଇଁ ପରିଚାଳନା କରିଥିଲେ।

## ଭୁତମୁଣ୍ଡାଇରେ ହନୁମାନ ଜୟନ୍ତୀ

ପାରାଦୀପ,୧୫।୪(ସମିସ): ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ସହିତ ବଜରଙ୍ଗବାଲି ପ୍ରଭୁ ହନୁମାନଙ୍କ ଜୟନ୍ତୀ ଉପଲକ୍ଷେ ଭୁତମୁଣ୍ଡାଇ ଗାଁରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। ଶହ ଶହ ଯୁବକଙ୍କ ଅଂଶଗ୍ରହଣରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଶୋଭାଯାତ୍ରା ସମୟରେ ଜଗତି, ଭୁତମୁଣ୍ଡାଇ ଓ ପିମ୍ପଳ ଗ୍ରାମ ମାଧ୍ୟମରେ ମହାବୀର ପ୍ରଭୁ ହନୁମାନଙ୍କ ଫଟୋକୁ ପୁଷ୍ପ ସଜା ଗାଡିରେ ସୁସଜ୍ଜିତ କରି ପରିକ୍ରମା କରାଯାଇଥିଲା। ଏହାକୁ ଭୁତମୁଣ୍ଡାଇର ଯୁବ ସମାଜସେବୀ ସୁନିଲ୍ ରଣାଙ୍କ ତତ୍ତ୍ୱାବଧାନରେ ସୁସଂଗଠିତ ଭାବେ ଆୟୋଜନ କରାଯାଇଥିଲା।

## ବିଚାରପତିଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା




କୁଜଙ୍ଗ,୧୫।୪(ସମିସ): କୁଜଙ୍ଗ ଓକିଲ ସଂଘ ତରଫରୁ କୋର୍ଟ ସଭା ଗୃହରେ କୁଜଙ୍ଗ ଓକିଲ ସଂଘର ସଭାପତି ଆଇନଜୀବୀ ସଞ୍ଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅବକାଶ କାଳୀନ ସିନିୟର ସିଭିଲ ଜଜ୍, ମିସ୍ ଶର୍ମିଷ୍ଠା ଶୁଭଦର୍ଶିନୀ ମହାନ୍ତି, ସିଭିଲ ଜଜ୍ ଜୁନିଅର ଡିଭିଜନ ଡ. ବିଶ୍ୱ ଭୂଷଣ ନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସିଭିଲ ଜଜ୍ ସିନିୟର ଡିଭିଜନ ଅବକାଶ ଚୌଧୁରୀ, କୈଳାଶ ଚନ୍ଦ୍ର ପରିଡା, ସୁଶାନ୍ତ କୁମାର ପଟ୍ଟନାୟକ, ଅମୃତ ଦାସ, ଏଏନ୍‌ଡି ଯାଦବ, ଦାମୋଦର ସ୍ୱାଇଁ, ନୃସିଂହ ପ୍ରଧାନ, ରମେଶ ଦାସ, ନଳିନୀ ମହାନ୍ତି, ଦୀପକ ମହାନ୍ତି, ନିଶିକାନ୍ତ ପ୍ରଧାନ, ଦେବାଶିଷ କଣ୍ଠ, ବ୍ରଜ କିଶୋର ରାଉତ, କାର୍ତ୍ତିକ ଚନ୍ଦ୍ର ମହାନ୍ତି, ଦୀପକ ନାୟକ, ସୁରେନ୍ଦ୍ର ନନ୍ଦ, ଅମିୟ ତରାଇ, କାଳି ପ୍ରସାଦ ମୁଦୁଲି, ପ୍ରିୟମ୍ବଦା ପାଣି, ଲକି ବାଳକ୍ଷ ପ୍ରଧାନ, ପରେଶ ନାଥ, ସୁବର୍ଣ୍ଣ ଶତପଥୀ, କିଶୋର ଶତପଥି, ଗତିକୃଷ୍ଣ ଶତପଥି, ପ୍ରଣୟ ପରିଜା ପ୍ରମୁଖ ଆଇନଜୀବୀ ମାନେ ଉପସ୍ଥିତ ରହି କୁଜଙ୍ଗ ଓକିଲ ସଂଘ ଗରିମା ବାର୍ ବେଞ୍ଚ୍ ମଧ୍ୟରେ ସମ୍ପର୍କ ଅନନ୍ୟ ବୋଲି କହିଥିଲେ। ଶେଷରେ ଓକିଲ ସଂଘର ସମ୍ପାଦକ ରଞ୍ଜିତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପିପିଏଲ ଡିଏଭି ଛାତ୍ରୀ ଶୁଭଶ୍ରୀ ସ୍କୁଲ ଟପ୍ପର







ପାରାଦୀପ,୧୫।୪(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ଆୟୋଜିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଡିଏଭି ପିପିଏଲର ଛାତ୍ରଛାତ୍ରୀ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଛାତ୍ରୀ ଶୁଭଶ୍ରୀ ଅପରାଜିତା ଜେନା ୯୮.୨୦ ପ୍ରତିଶତ ନମ୍ବର ରଖି ସ୍କୁଲରେ ପ୍ରଥମ ହୋଇଥିବା ବେଳେ ଦ୍ୱିତିକୃଷ୍ଣ ସାହୁ ୯୭.୮ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ କୁମାରୀ ଅଭିପ୍ସା ମହାପାତ୍ର ୯୬ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ମୋଟ ୧୨ଜଣ ଛାତ୍ର ଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପରୀକ୍ଷାରେ କୃତକାର୍ଯ୍ୟ ହେବା ସହ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।

## ପାରାଦୀପ ବନ୍ଦରରେ ଅଗ୍ନିଶମ ସେବା ସପ୍ତାହ



ପାରାଦୀପ,୧୫।୪(ସମିସ): ପାରାଦୀପ ବନ୍ଦର ସିଆଇଏସଏଫ ଅଗ୍ନିଶମ ୟୁନିଟ ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। ଚଳିତ ବର୍ଷ "ନିରାପଦ ସ୍କୁଲ ନିରାପଦ ହସ୍ପିଟାଲ ଏବଂ ଅଗ୍ନି ସୁରକ୍ଷା ସଚେତନତା ସମାଜ - ଅଗ୍ନି ନିବାରଣ ପାଇଁ ଏକତ୍ରିତ' ବିଷୟବସ୍ତୁ ଉପରେ ଏହି କାର୍ଯ୍ୟକ୍ରମ ଆଧାରିତ ଥିଲା। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମଟି ବନ୍ଦର ଅଗ୍ନିଶମ ଷ୍ଟେସନରେ ଏକ ସମାରୋହ ସହିତ ଆରମ୍ଭ ହୋଇଥିଲା। ଉଦଘାଟନୀ ଉତ୍ସବରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଉପାଧ୍ୟକ୍ଷ ଟି.ଭେନୁଗୋପାଳ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦରର ସିଆଇଏସଏଫ ୟୁନିଟର କମାଣ୍ଡାଣ୍ଟ ସନତ କୁମାର ପଟେଲଙ୍କ ସହିତ ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ସିଆଇଏସଏଫ କର୍ମଚାରୀମାନେ ଯୋଗ ଦେଇଥିଲେ। ସପ୍ତାହବ୍ୟାପୀ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମର ଏକ ଅଂଶସ୍ୱରୂପ, କର୍ମଚାରୀ, ଠିକା କର୍ମଚାରୀ, ଛାତ୍ର, ଗୃହିଣୀ ଏବଂ ସାଧାରଣ ଲୋକଙ୍କୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଅଭ୍ୟାସ ବିଷୟରେ ଶିକ୍ଷା ଦେବା ପାଇଁ ସଚେତନତା କାର୍ଯ୍ୟକ୍ରମ, ପ୍ରଦର୍ଶନ, ପ୍ରତିଯୋଗିତା ଏବଂ ପ୍ରଚାର ପ୍ରସାର କାର୍ଯ୍ୟକଳାପର ଏକ ଶୃଙ୍ଖଳା ଆୟୋଜନ କରାଯିବ। ଶେଷରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆକାଶ ଜୟସୱାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସରକାରୀ ଯୋଜନା ଫଳକରେ କାଳିବୋଳା ଘଟଣା

## ପାରାଦୀପରେ ରାଜନୈତିକ ଉଷ୍ମତା; ବିଜେପି-ବିଜେଡି ମୁହାଁମୁହିଁ



ପାରାଦୀପ, ୧୫।୪ (ସମିସ): ପାରାଦୀପରେ ବିଜେପି ହୀନ ରାଜନୀତି କରୁଥିବା ନେଇ ଆଜି ପୌର ପରିଷଦର ୧୬ ନମ୍ବର ୱାର୍ଡର କାଉନସିଲର ମନୋଜ ନାୟକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଯେଉଁଥିରେ କାଉନସିଲର ଶ୍ରୀ ନାୟକ ଙ୍କର କିମ୍ବା ତାଙ୍କ ସମର୍ଥକ ଙ୍କର କୌଣସି ହାତ ଏଭଳି ହୀନ କାର୍ଯ୍ୟ ରେ ନଥିବା ସେ କହିଛନ୍ତି।ଯେହେତୁ ବିଜେଡି ଏହି ୱାର୍ଡ ରେ ସମସ୍ତ ଜନ ସାଧାରଣ ଙ୍କୁ ଏଖାଟି କରି ରଖି ପାରିଛି, ବିଜେପି କର୍ମୀ ମାନେ ଏହାକୁ ସହି ନପାରି ଏଭଳି ମିଥ୍ୟା ଅଭିଯୋଗ ତାଙ୍କ ନାମରେ କରିଥିବା ସେ କହିଛନ୍ତି। ତେବେ

ପାରାଦୀପରେ ସରକାରୀ ଯୋଜନା ଫଳକରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ଉପରେ କାଳୀ ଓ ଗୋବର ପକାଇବା ଘଟଣାକୁ ନେଇ ପାରାଦୀପରେ ରାଜନୈତିକ ଉଷ୍ମତା ସହିତ ବିଜେପି ଓ ବିଜେଡି ମଧ୍ୟରେ ବାକଯୁଦ୍ଧ ଭଳି ପରିସ୍ଥିତି ଦେଖିବାକୁ ମିଳିଛି। ସୋମବାର ବିଳମ୍ବିତ ରାତ୍ରିରେ ପାରାଦୀପ ମ୍ୟୁନିସିପାଲିଟି ଅନ୍ତର୍ଗତ ୧୬ ନମ୍ବର ୱାର୍ଡ ନୂଆବଜାର ଛକ ନିକଟରେ ରହିଥିବା ପାନୀୟ ଜଳ ଯୋଜନାର ସରକାରୀ ଫଳକରେ ରହିଥିବା ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ରରେ କେହି କାଳି ଓ ଗୋବର ଫୋପାଡ଼ିବା ଘଟଣାକୁ ନେଇ ପାରାଦୀପ ନଗର ମଣ୍ଡଳ ବିଜେପି ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ୧୬ ନମ୍ବର ୱାର୍ଡର ପାରିଷଦଙ୍କ ଇଙ୍ଗିତରେ ଏହିଭଳି ଘଟଣା ଘଟିଥିବା ନେଇ ପାରାଦୀପ ଆଦର୍ଶ ଥାନାରେ ଏତଲା ଦିଆଯାଇଥିଲା। ଯାହାକୁ ନେଇ ପାରାଦୀପ ନଗର ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ବର୍ଷୀଛନ୍ତି ବିଜେଡି ନେତା ମାନେ। ସରକାରୀ ଯୋଜନା ଫଳକରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋଚିତ୍ରକୁ କାଳିଫିଙ୍ଗା ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ବିଜେଡିର ଆଗ ଧାଡିର ନେତୃତ୍ୱ। ବିଜେଡି ନେତାମାନେ କହିଛନ୍ତି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସାରା ଭାରତ ଓ ଓଡିଶା ବାସୀଙ୍କର। ରାଷ୍ଟ୍ର ଓ ରାଜ୍ୟର ଏହି ଦୁଇ ମୁଖ୍ୟଙ୍କୁ ଅସମ୍ମାନ ଘଟଣା ଆମେ ଏହାର ତୀବ୍ର ନିନ୍ଦା କରୁଛୁ। ହେଲେ ବିଜେପି ପକ୍ଷରୁ ବିଜେଡି କାଉନସିଲରଙ୍କ ନାମରେ କରାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଆଜି ସକାଳୁ ଏହି ୱାର୍ଡର ଜଣେ ବିଜେପି ସମର୍ଥକ ବିଜେଡି ବ୍ୟାନରକୁ ଚିରିବା ଏବଂ ଲୋକଙ୍କୁ ଧମକ ଚମକ ଦେବାନେଇ ଅଭିଯୋଗ ଆଣିଛନ୍ତି ୧୬ ନମ୍ବର ୱାର୍ଡର ପାରିଷଦ ମନୋଜ କୁମାର ନାୟକ। ବିଜେପି ତରଫରୁ ଯେଉଁ ଅଭିଯୋଗ ଅଣାଯାଉଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ବିଜେପିର କିଛି ଯୁବକ ପଥଭ୍ରଷ୍ଟ ହୋଇ ଏହିଭଳି ଘଟଣା ଘଟାଇବା ସହିତ ଅଯଥାରେ ରାଜନୈତିକ ହିଂସା ଭଳି ପରିସ୍ଥିତି ଉପୁଜାଇବା, ଅଯଥାରେ ଶାନ୍ତିଶୃଙ୍ଖଳା ଭଙ୍ଗ କରି ଦଙ୍ଗା ପରିସ୍ଥିତି ସୃଷ୍ଟି କରୁଥିବା ଅଭିଯୋଗ ଆଣିଛନ୍ତି। ଏହି ଘଟଣା ରେ ପ୍ରଶାସନ ସଠିକ ତଦନ୍ତ କରି ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିବା ସହିତ ଅଯଥାରେ କାହାକୁ ବଦନାମ ନ କରିବାକୁ ସେ ନିବେଦନ କରିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ସୁଶୀଲ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ନରେନ୍ଦ୍ର ରାଉତ ଓ ଜିଲ୍ଲା ସମ୍ପାଦକ ଅନୁପ ସାହାଣୀ ପ୍ରମୁଖ ଉପସ୍ଥିତ

ସକାଳ
THE SAKALA



# ଆଦ୍ୟାଶା ଆଦର୍ଶ ବିଦ୍ୟାଳୟର ଟପ୍ପର



କୁନ୍ଦୁରା,୧୫।୪(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦ୍ୱାରା ପରିଚାଳିତ ୨୦୨୬ ବର୍ଷର ଦଶମ ଶ୍ରେଣୀ ପରୀକ୍ଷାରେ କୁନ୍ଦୁରା ବ୍ଲକ ଅନ୍ତର୍ଗତ ଗୁଣ୍ଡାଲ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଆଦ୍ୟାଶା ପ୍ରିୟଂଶୀ ପଣ୍ଡା ୯୦ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି । କୃତୀ ଛାତ୍ରଛାତ୍ରୀଙ୍କ ତାଲିକାରେ ଅନ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ ରାଜେଶ ପରଜା ୮୨ ପ୍ରତିଶତ ଏବଂ ବିଦ୍ୟାଭୂଷଣ ତ୍ରିପାଠୀ ୭୯ ପ୍ରତିଶତ ନମ୍ବର ରଖିଥିବା ବେଳେ ପ୍ରଥମ ଶ୍ରେଣୀରେ ୧୪ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୮ ଜଣ ଏବଂ ତୃତୀୟ ଶ୍ରେଣୀରେ ୪ ଜଣ ପାସ୍ କରିଛନ୍ତି। ବିଦ୍ୟାଳୟର ଅଧକ୍ଷ ଅଶୋକ ପଣ୍ଡା ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ କୃତି ଛତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅଭିନବ ସାହୁ ହେଲେ ବନଭାରତୀ ଟପ୍ପର





## ଅଭିନନ୍ଦନ ସ୍ୱାଇଁ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଟପ୍ପର
## ଶିବ ଓ ସାଇ ଆଦର୍ଶ ବିଦ୍ୟାଳୟ ଯୁଗ୍ମ ଟପ୍ପର

କୋରାପୁଟ,୧୫।୪(ସମିସ): କେନ୍ଦ୍ର ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇଛି।ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠରେ ୧୩୦ ଜଣ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୩୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୭ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ଅନ୍ୟାନ୍ୟ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଭିନବ ସାହୁ ଅନୁଷ୍ଠାନ ରେ ଶତକଡା ୯୭ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ତାଙ୍କର ଏହି କୃତି ଯୋଗୁ ଅଧକ୍ଷା ଅତସି ସାହୁ , ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟର ପରିଚାଳନା କମିଟିର ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଭବିଷ୍ୟତରେ ସେ ଜଣେ ଭାରତୀୟ ପ୍ରଶାସନିକ ଅଧିକାରୀ ହେବା ପାଇଁ ଯୋଜନା ରଖିଛନ୍ତି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେହିପରି ଅଭିନନ୍ଦନ ସ୍ୱାଇଁ ୯୮.୩ ପ୍ରତିଶତ ମାର୍କ ରଖି ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଟପର ହୋଇଛନ୍ତି। ବିଦ୍ୟାଳୟର ୬୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ପାସ କରିଛନ୍ତି। ଆଦର୍ଶ ବିଦ୍ୟାଳୟ ମାଛରାର ଶିବ ପ୍ରସାଦ ନାୟକ ଓ ସାଇରାଜ ବେହେରା ୯୭.୬ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପର ହୋଇଛନ୍ତି।

# ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟନ କଲେ ଗଣଶିକ୍ଷା ମନ୍ତ୍ରୀ




ନନ୍ଦାହାଣ୍ଡି,୧୫।୪(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ପରିସରରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ଗୁଡିକୁ ବୁଧବାର ଲୋକାର୍ପଣ କରାଯାଇଛି । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ବିଧାୟକ ଗୌରୀଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲ। ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା, ଉପାଧକ୍ଷ ସଦନ ଗୌଡ଼, ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର ଓ ଦିବ୍ୟଦାନ ସୁନା, ଜିଲ୍ଲା ଏସଡିସି ଅଧକ୍ଷା ବାସନ୍ତୀ ମାଝୀ ଓ ଉପାଧକ ଲିଙ୍ଗରାଜ ଭତରା ଏବଂ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ବୃନ୍ଦ ଯୋଗ ଦେଇଥିଲେ। ତହସିଲଦାର ଚନ୍ଦ୍ର ଦାସ ମହାନନ୍ଦିଆ ସମେତ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ସୁଭଦ୍ରା ଶକ୍ତି କାଫେ, ପ୍ରବେଶ ଦ୍ୱାର, ବଜାର ଗୃହ, ଖୋଲା ଶିଶୁ କସରତ କେନ୍ଦ୍ର, ଡିଜିଟାଲ ପାଠାଗାର ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ମହାପୁରୁଷ ଯଥା ମହାତ୍ମା ଗାନ୍ଧୀ, ସୁବାସ ଚନ୍ଦ୍ର ବୋଷ। ଗୋପବନ୍ଧୁ ଦାସ, ଲକ୍ଷ୍ମଣ ନାୟକ, ମଧୁସୂଦନ ଦାସ, ରାଣୀ ଲକ୍ଷ୍ମୀ ବାଇ, ବାଜି ରାଉତ, ସଦାଶିବ ତ୍ରିପାଠୀ, ଏପିଜେ ଅବଦୁଲ କଲାମ, ସ୍ୱାମୀ ବିବେକାନନ୍ଦ ଓ ବିଆର ଆମ୍ବେକରଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ସର୍ବ ମୋଟ ୫୩ ଲକ୍ଷ ୨୬ ହଜାର ବ୍ୟୟରେ ନିର୍ମାଣ ହୋଇଥିବା ପ୍ରକଳ୍ପ ଗୁଡିକର ଲୋକାର୍ପଣ ହୋଇଥିବା ସୂଚନା ମିଳିଛି। ଏତଦ୍ ବ୍ୟତୀତ ୧୧ ଜଣ ବ୍ୟକ୍ତିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ଆଠ ଜଣ ବ୍ୟକ୍ତିଙ୍କୁ ସ୍ତମ୍ଭ ଖ ସଂଶୋଧିତ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିବା ଏଗାର ଜଣଙ୍କ ଉତ୍ତରାଧିକାରୀଙ୍କୁ ମଧ ମନ୍ତ୍ରୀ ଶ୍ରୀ ଗୋଣ୍ଡ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଦୁଇଦିନ ପରେ ଶବକୁ ମିଳିଲା ଶ୍ମଶାନ

ଉମରକୋଟ,୧୫।୪ (ସମିସ): ଶବ ସତ୍କାରକୁ ନେଇ ଦେଖା ଦେଇଥିବା ବିବାଦ ତିନି ଦିନପରେ ସମାଧାନ ହୋଇଛି। ଶେଷରେ ନିଜ ଜମିରେ ଶବ ପୋତିବେ ବୋଲି ମୃତକଙ୍କ ସ୍ୱାମୀ ସହମତି ପ୍ରଦାନ କରିଥିଲେ। ଗ୍ରାମବାସୀ ମଧ୍ୟ ଏହି ନିଷ୍ପତିକୁ ସ୍ୱାଗତ ଜଣାଇଲେ। ଦୀର୍ଘ ତିନି ଦିନ ହେବ ଘରେ ପଡ଼ିରହି ଥିବା ଶବ ଶେଷରେ ଶ୍ମଶାନ ପାଇଲା। ଘଟଣା ପ୍ରକାରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୋପେନା ପଞ୍ଚାୟତ ଅଣ୍ଡ୍ରି ଗ୍ରାମର ମାଣିକ ସାନ୍ତାଙ୍କର ଗତ ସୋମବାର ସନ୍ଧ୍ୟାରେ ମୃତ୍ୟୁ ଘଟିଥିଲା। ମାଣିକଙ୍କ ପରିବାର ନିଜ ମୂଳ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ଶବ ସତ୍କାରକୁ ନେଇ ଗ୍ରାମରେ ବିବାଦ ଆରମ୍ଭ ହୋଇଥିଲା। ଗ୍ରାମର ଅନ୍ୟ ହିନ୍ଦୁଧର୍ମାବଲମ୍ବୀ ମାନେ ଏହି ଶବକୁ ଗାଁ ଶ୍ମଶାନରେ ସତ୍କାର କରିବାକୁ ଦେବେ ନାହିଁ ବୋଲି ଜିଦ୍‌ରେ ଅଟଳ ଥିଲେ। ଏହାପରେ ଗ୍ରାମରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଘଟଣାସ୍ଥଳରେ ଉପଜିଲ୍ଲାପାଳ ପ୍ରକାଶ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ଶବର, ପାପଡାହାଣ୍ଡି ଆରକ୍ଷୀ ଅଧିକ୍ଷକ ସତ୍ୟଜିତ କାନ୍ଦଲକର, ଉମରକୋଟ ଥାନା ଅଧିକାରୀ ବିପିନ କୁମାର ବାଘ, ଚନ୍ଦାହାଣ୍ଡି ଥାନା ଅଧିକାରୀ ବିମଲ ଲାକ୍ରା, ରାଇଘର ଥାନା ଅଧିକାରୀ ଟିକଚନ୍ଦ ବାହୁବଳ ଖଟୁଆ , ଉମରକୋଟ ତହସିଲଦାର ମେଘବାନ ବାଗ ଅତିରିକ୍ତ ତହସିଲଦାର ନିଳାମ୍ବର ପୂଜାରୀ,ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର,ଏସ ଆଇ ଅକ୍ଷୟ ମିଶ୍ର, ତିନି ପ୍ଲାଟୁନ ଫୋର୍ସ ଓ ପୋଲିସ ପ୍ରଶାସନ ଉପସ୍ଥିତ ରହି ଶବ ସଂସ୍କାର କରିଥିଲେ। ପୋଲିସ ଓ ପ୍ରଶାସନ ଉଭୟ ପକ୍ଷକୁ ବୁଝାସୁଝା କରିଥିଲେ। ଶେଷରେ ନିଷ୍ପର୍ଷ ବାହାରିଥିଲା



# ସିଜିମାଳିରେ ବିଜେପିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



ଟିକିରି,୧୫।୪(ସମିସ): ରାୟଗଡ଼ା ଜିଲ୍ଲାର କାଶିପୁର ବ୍ଲକ୍ ଅନ୍ତର୍ଗତ ସିଜିମାଳୀ ବକ୍ସାଇଟ ଖଣି ଅଞ୍ଚଳରେ ଗତ ୭ ତାରିଖ ଦିନ ରାସ୍ତା ନିର୍ମାଣକୁ ନେଇ ପୋଲିସ ଓ ସ୍ଥାନୀୟ ବାସିନ୍ଦାଙ୍କ ଭିତରେ ଖଣ୍ଡ ଯୁଦ୍ଧ ହୋଇଥିଲା। ଏଥିରେ ୩୮ ଜଣ ପୋଲିସ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ଆହତ ହୋଇଥିଲେ। ସେଠାରେ ଚଳିତ ମାସ ୭ ତାରିଖରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଏନଏସ ୧୬୩ ଜାରି ରହିଛି। ବୁଧବାର ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ନେତୃତ୍ୱରେ ବିଜେପିର ଏକ ୧୦ ଜଣୀଆ ପ୍ରତିନିଧି ଦଳ କାଶିପୁର ବ୍ଲକ୍‌ର ଶିଜିମାଳି ବକ୍ସାଇଟ ଖଣି ପ୍ରଭାବିତ ଅଞ୍ଚଳ ଗସ୍ତ କରିଥିଲେ। ଏହି ଦଳରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତରା, ଧର୍ମଗଡ ବିଧାୟକ ସୁଧୀର ପାଟଯୋଶୀ ,ବିଜେପି ଜନଜାତି ମୋର୍ଚ୍ଚା ଜାତୀୟ ସାଧାରଣ ସମ୍ପାଦକ କାଳୀରାମ ମାଝୀ , ରଜ୍ୟ ବିଜେପି ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ରାୟଗଡ଼ା ବିଜେପି ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ବିଜେପି ବିଧାୟକ ପ୍ରାର୍ଥୀ ବସନ୍ତ ଉଲକା, ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାଶ କୁଲୁସିକା ପ୍ରମୁଖ ଅଛନ୍ତି। ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସକାଳେ କଣ୍ଟାମାଳ ଗ୍ରାମରେ ପହଞ୍ଚି ସିଜିମାଳି ଅଞ୍ଚଳ ଲୋକଙ୍କ ସହ ଆଲୋଚନା କରି ଏକ ରିପୋର୍ଟ ରାଜ୍ୟ ବିଜେପି ନେତୃବୃନ୍ଦଙ୍କୁ ପ୍ରଦାନ କରିବେ। ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଯାହା ଯାହା ଘଟଣା ଘଟିଛି ସେମାନେ ପୁଲିସ ଗିରଫ ଭୟରେ କିପରି ଘରୁ ବାହାରି ପାରୁନାହାନ୍ତି, ଲୋକଙ୍କ ଠାରୁ ଶୁଣିଲା ପରେ ଲୋକଙ୍କୁ ଆଶ୍ୱସନା ଦେଇଛନ୍ତି ଯେ ସେମାନେ ନିର୍ଭୟରେ ବୁଲନ୍ତୁ । ସେମାନଙ୍କୁ ପୁଲିସ ଗିରଫ କରିବ ନାହିଁ। ଆଉ ସରକାରଙ୍କ ପାଖରେ ସେମାନଙ୍କ ଅସୁବିଧା ଜଣାଇବେ। ସମସ୍ୟାର କିପରି ସମାଧାନ ହୋଇ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ଉଲକା, ୟଲା କଣ୍ଡାବାବୁ, ମଞ୍ଜୁଳା ମିଣିଆକା ,ସନ୍ତୋଷ ବେହେରା, ଦୁଷ୍ମନ୍ତ ସିଂ , ରାମ ବେହେରା ଓ ଅଞ୍ଚଳର ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ।

# ଘରେ କେହି ନଥିବା ସମୟରେ ଚୋରି

ଉମରକୋଟ,୧୫।୪ (ସମିସ): ଘରେ କେହି ନଥିବାର ସୁଯୋଗ ନେଇ ଲୁଟି ନେଲେ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ଟଙ୍କା। ସୂଚନା ପ୍ରକାରେ ପୌର ପରିଷଦର ଜେନା ସାହିରେ ରହୁଥିଲେ ଜିତେନ୍ଦ୍ର କୁମାର ଜେନାଙ୍କ ଭଉଣୀ ପ୍ରଣତି ବିଶୋଇ ଓ ତାଙ୍କ ଵ୍ୱାଇଁ ଦିନେଶ ନାଥ ବିଶୋଇ। ଗତ ୪/୫ ମାସ ହେଲା ସ୍ୱାମୀ ଓ ସ୍ତ୍ରୀ ଦୁହେଁ ବ୍ରହ୍ମପୁରକୁ ମେଡିକାଲ କାମରେ ଯାଇ ରହିଛନ୍ତି। ଯିବା ସମୟରେ ଏ ଦୁହେଁ ଘରକୁ ଭଲଭାବରେ ତାଲା ପକାଇ ଯାଇଥିଲେ। ୧୪ ତାରିଖ ଦିନ ଜିତେନ୍ଦ୍ର ଜାଣିବାକୁ ପାଇଲେ ଯେ ତାଙ୍କ ଭଉଣୀ ଘରର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଘର ଭିତରେ ପଶି ଆଲମିରା ଭାଙ୍ଗି ଆଲମିରା ଭିତରେ ଥିବା ରୂପାର ପାଉଞ୍ଜି ୩ ହଳ, ସୁନାର କାନଫୁଲ ୨ ହଳ, ବ୍ରେସଲେଟ ୧, ପାଟ ଶାଢ଼ୀ ୪ ଖଣ୍ଡ ଓ ନଗଦ ଦଶ ହଜାର ଟଙ୍କା ଚୋରି କରି ନେଇଯାଇଛନ୍ତି। ଆଲମାରୀରେ ଥିବା ଜିନିଷ ପତ୍ର ଗୁଡିକୁ ଏଣେତେଣେ ଫୋପାଡି ଦେଇଛନ୍ତି। ଏନେଇ ଆଜି ଜିତେନ୍ଦ୍ର ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିର୍ତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ଜୟପୁର କ୍ରିକେଟ୍ ଲିଗ୍‌ର ଆଜି ଶେଷ ମ୍ୟାଚ୍



ଜୟପୁର,୧୫।୪ (ସମିସ): ଜୟପୁର ଦଶହରା ପଡିଆ ଠାରେ ଆୟୋଜିତ କ୍ରିକେଟ ଲିଗର ଆଜି ଶେଷ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମେ ଜଗନ୍ନାଥ ଜିଆଣ୍ଟସ ଦଳ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୫ ଓଭରରେ ୮ଟି ରେ ୧୬୬ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳ ଆୟୋଜକ ଇଭିନିଂ କ୍ଲବ ଦଳ ୧୪.୪ ଓଭରରେ ୭ଟି ୱିକେଟ ହରାଇ ୧୬୭ ରନ ସଂଗ୍ରହ କରିବା ସହିତ ବିଜୟୀ ହୋଇଥିଲେ। ଇଭିନିଂ କ୍ଲବର ଖେଳାଳି ସନ୍ଦିପ ପଟ୍ଟନାୟକ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଏମ୍ପାୟର ଭାବେ ଅନିଲ କୁମାର ଓ ଦିଲୀପ ବେହେରା ପରିଚାଳନା କରିଥିଲେ। ଆଜି ଲିଗ୍ ମ୍ୟାଚ ଶେଷ ହେବା ପରେ ଆସନ୍ତା କାଲି ଠାରୁ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ଆଦର୍ଶ ବିଦ୍ୟାଳୟର ଟପ୍ପର ହେଲେ ସୋନାକ୍ଷୀ ନାୟକ



ବୈପାରିଗୁଡ଼ା,୧୫।୪(ସମିସ): ବୈପାରିଗୁଡ଼ା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଚନ୍ଦ୍ରପଡ଼ାର ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ବିଦ୍ୟାଳୟର ଟପ୍ପର ହୋଇଛନ୍ତି ସୋନାକ୍ଷୀ ନାୟକ। ପରୀକ୍ଷାରେ ବୈପାରିଗୁଡ଼ା ବ୍ଲକ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଚନ୍ଦ୍ରପଡ଼ାର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ମୋଟ ୪୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କ ତାଲିକାରେ ବିଦ୍ୟାଳୟର ଶ୍ରେଷ୍ଠ ଚାରିଜଣ ସଫଳ ପରୀକ୍ଷାର୍ଥୀ ହେଲେ ପ୍ରଥମ ସୁଶ୍ରୀ ସୋନାକ୍ଷୀ ନାୟକ ୯୫ ପ୍ରତିଶତ, ଦ୍ୱିତୀୟ ସୌମ୍ୟ ଜ୍ୟୋତି ରାଉତ ୯୩.୮ ପ୍ରତିଶତ, ତୃତୀୟ ରଶ୍ମି ତେନ୍ତୁଳିପାଡ଼ିଆ ୯୩.୨୦ ପ୍ରତିଶତ ଏବଂ ଚତୁର୍ଥ ସିଦ୍ଧାର୍ଥ ପ୍ରଧାନ ୯୧.୬୦ ପ୍ରତିଶତ ସ୍ଥାନ ପାଇଛନ୍ତି। ଏହାଛଡ଼ା ପ୍ରଥମ ଶ୍ରେଣୀରେ ୨୯ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୧୪ ଜଣ ଏବଂ ତୃତୀୟ ଶ୍ରେଣୀରେ ୫ ଜଣ ପାସ୍ କରିଛନ୍ତି। ବିଦ୍ୟାଳୟର ଅଧକ୍ଷ ଶଶି ଭୂଷଣ ମହାପାତ୍ରଙ୍କ ଦକ୍ଷ ନେତୃତ୍ୱ ଏବଂ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିଷ୍ଠାପର ଉଦ୍ୟମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

# ଉପଜିଲ୍ଲାପାଳଙ୍କୁ ଭେଟିଲେ ସିପିଆଇ ପ୍ରତିନିଧି ଦଳ



ଜୟପୁର,୧୫।୪(ସମିସ): ଜୟପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ବତାସନା ପଞ୍ଚାୟତ ବାସିନ୍ଦା ଓ ସିପିଆଇ ପ୍ରତିନିଧି ଦଳ ବେଆଇନ୍ ଭାବେ ସରକାରୀ ଜମି ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ଦାବି ନେଇ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହିତ ଆଲୋଚନା କରିଛନ୍ତି। କୋଟପାଡ ତହସିଲ ବତାସନା ଗ୍ରାମପଞ୍ଚାୟତ ଅଞ୍ଚଳରେ ସରକାରୀ ଜମିକୁ କିଛି ବ୍ୟକ୍ତି ଜବରଦଖଲ କରି ନିଜ ଅକ୍ତିଆରରେ ରଖିଛନ୍ତି। ଏଥିନେଇ ସ୍ଥାନୀୟ ଗରିବ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ସିପିଆଇ ନେତୃତ୍ୱରେ କୋଟପାଡ଼ ତହସିଲ କାର୍ଯ୍ୟାଳୟ ବତାସନା ପଞ୍ଚାୟତବାସୀ ବିଭିନ୍ନ ଦାବି ସହ ମୁଖ୍ୟତଃ ସରକାରୀ ଜମି ଜବରଦଖଲକାରୀଙ୍କୁ ହଟେଇ ଭୂମିହୀନଙ୍କ ମଧ୍ୟରେ ବଣ୍ଟନ ପାଇଁ ଦାବି କରିଥିଲେ। ଏହି ସମ୍ବନ୍ଧରେ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ରାଜସ୍ୱ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଉପଜିଲ୍ଲାପାଳ ଦ୍ୟୁମଣି ନାୟକଙ୍କ ସହିତ ବରିଷ୍ଠ ସିପିଆଇ ନେତା ଯୁଧିଷ୍ଠିର ରାଉଳ ଏବଂ ବତାସନା ପଞ୍ଚାୟତ ପ୍ରତିନିଧି ମାନେ ଉପସ୍ଥିତ ରହିବା ସହିତ ଆଲୋଚନା କରିଥିଲେ। ଏହିପରି କୋଟପାଡ଼ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ସହିତ ତଦନ୍ତ ସହ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ନାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବତାସନା ପଞ୍ଚାୟତର ରୂମନାଥ ଭତରା, ପୁର୍ଣ୍ଣ ଚନ୍ଦ୍ର ସୁରୁ ,ତ୍ରିପତୀ ଭତରା , ଗୋବର୍ଦ୍ଧନ ଭତରା, ଗୋପବନ୍ଧୁ ହରିଜନ, ମୁକୁନ୍ଦ ଭତରା ପ୍ରମୁଖ ଉପସ୍ଥିତ ଦେଇଥିଲେ।

# ୨୧ କ୍ୱିଣ୍ଟାଲ୍ ମହୁଲ ଜବତ

ଚନ୍ଦ୍ରପୁର,୧୫।୪(ସମିସ): ରାୟଗଡ଼ା ଜିଲ୍ଲା ଚାନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ପଞ୍ଚାୟତ ଅଧୀନ ପାଣ୍ଡରାଖାଲ ଗ୍ରାମରେ ବୁଧବାର ଦିନ ବିଶେଷ ସୂତ୍ରରୁ ଖବର ପାଇ ରାୟଗଡ଼ା ଅବକାରୀ ବିଭାଗ ର ଅବକାରୀ ଭିଜିଲାନ୍ସ ବିଭାଗର ଅଧିକାରୀ କମ୍ପପାନି ସିନ୍ଦୁରଙ୍କ ନେତୃତ୍ୱରେ, ପାଣ୍ଡରାଖାଲ ଗ୍ରାମର ବ୍ୟବସାୟୀ ସଦାନନ୍ଦ ସାମଲଙ୍କ ଘରୁ ବେଆଇନ ଭାବେ ବିକ୍ରି ପାଇ ରଖାଯାଇଥିବା୨୧ କ୍ୱିଣ୍ଟାଲ ୧୦୫ ବସ୍ତା ମହୁଲକୁ ଜବତ କରିବାରେ ଅବକାରୀ ବିଭାଗ ସଫଳ ହୋଇଛି, ଏ ନେଇ ଅବକାରୀ ବିଭାଗ ସଦାନନ୍ଦ ସାମଲକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅବକାରୀ ନିରୀକ୍ଷକଙ୍କ ଠାରୁ ସୂଚନା ମିଳିଛି। ଜବତ ସମୟରେ, ଅବକାରୀ କନେଷ୍ଟବଳ, କରୁଣାକର ପାତ୍ର, ସନ୍ୟାସୀ ହିଆଲ, ମହିଳା କନେଷ୍ଟବଳ ରୀନା ବାରିକ ପ୍ରମୁଖ ଉପସ୍ଥିତ ରହି ଜବତ କରିବାରେ ସହଯୋଗ କରିଥିଲେ।

## ଓଭରବ୍ରିଜ ପୁନରୁଦ୍ଧାର କାର୍ଯ୍ୟରେ ସହଯୋଗ

# ଜନସାଧାରଣଙ୍କୁ ଧନ୍ୟବାଦ ଦେଲେ ପ୍ରଶାସନ ଓ ବୁଦ୍ଧିଜୀବୀ



ରାୟଗଡ଼ା,୧୫।୪(ସମିସ): ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ରାୟଗଡ ସହରର ଲାଇଫଲାଇନ କୁହାଯାଉଥିବା ରେଳ ଓଭରବ୍ରିଜର ପୁନଃରୁଦ୍ଧାର କାଳୀନ ସମୟରେ ଜନସାଧାରଣଙ୍କ ଦେଖାଇଥିବା ସହଯୋଗ ଓ ସଚେତନତା ଏକ ଉତ୍କୃଷ୍ଟ ଉଦାହରଣ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଏବଂ ରାୟଗଡର ବୁଦ୍ଧିଜୀବିମାନଙ୍କ ପକ୍ଷରୁ ରାୟଗଡବାସୀଙ୍କୁ ସାଧୁବାଦ ଜଣାଯାଇଛି। ଦିନକୁ ଦିନ ବୃଦ୍ଧି ପାଉଥିବା ଯାତାୟାତର ଚାପ ମଧ୍ୟରେ ଓଭରବ୍ରିଜର ମରାମତି ଓ ସୁଦୃଢୀକରଣ କାମ ଆରମ୍ଭ ହେବାରୁ ସହରରେ ଯାତୟାତ ବ୍ୟବସ୍ଥା ଗତ ଦୁଇମାସରୁ ଅଧିକ ସମୟ ଧରି ପ୍ରଭାବିତ ହୋଇଥିଲା। କାମ ଚାଲିଥିବା ସମୟରେ ରାସ୍ତା ବନ୍ଦ, ବିକଳ୍ପ ରାସ୍ତା ବ୍ୟବହାର ଓ ଦିନଚର୍ଯ୍ୟା କାର୍ଯ୍ୟରେ ବିଳମ୍ବ ଭଳି ଅନେକ ଅସୁବିଧା ସ୍ୱତେ ମଧ ସ୍ଥାନୀୟ ଲୋକମାନେ ଧର୍ଯ୍ୟ ଓ ସହିଷ୍ଣୁତା ଏବଂ ଶୃଙ୍ଖଳା ପାଳନ କରି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ସମ୍ମାନ ଜଣାଇବା ସହ ସହଯୋଗ କରିଛନ୍ତି। ଏହି ସହଯୋଗ ଫଳରେ ପୁନଃରୁଦ୍ଧାର କାମ ଦ୍ରୁତ ଗତିରେ ଆଗକୁ ବଢି ପାରିଥିଲା ଓ ସମ୍ଭାବ୍ୟ ସଡକ ଦୁର୍ଘଟଣାଗୁଡିକୁ ମଧ ରୋକାଯାଇ ପାରିଥିଲା। ବିକଳ୍ପ ରାସ୍ତାରେ ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବିଶେଷ ପୋଲିସ ବ୍ୟବସ୍ଥା କରାଯାଇଥିବା ବେଳେ ସମସ୍ତ ବ୍ୟବସ୍ଥା ମଧ୍ୟରେ ସ୍ଥାନୀୟ ଜନସାଧରଣଙ୍କର ସକ୍ରିୟ ସହଭାଗୀତା ପୁନଃରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ବର ଭୂମିକା ନେଇଛି। ଯଦିଓ କାମ ସମୟରେ ଯାତାୟାତ ସମସ୍ୟା ଓ ବିଳମ୍ବ ଦେଖାଦେଇଥିଲା,ତଥାପି ଶୃଙ୍ଖଳିତ ପରିସ୍ଥିତି ରହିଥିବାରୁ ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁନ୍ଦର ସମନ୍ୱୟ ପ୍ରକାଶ ପାଇଛି। ସହରର ଉନ୍ନତି ଓ ସୁରକ୍ଷିତ ଯାତାୟାତ ପାଇଁ ଏହି ପୁନଃରୁଦ୍ଧାର କାମ ଅତ୍ୟନ୍ତ ଜରୁରୀ ଥିବା ବେଳେ ରାୟଗଡବାସୀଙ୍କ ଏହି ସହଯୋଗ ନିଶ୍ଚିୟଭାବେ ପ୍ରଶଂସାର ଯୋଗ୍ୟ ହୋଇଥିବାରୁ ଏହି ପରିସ୍ଥିତିରେ ରାୟଗଡବାସୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ହୃଦୟଙ୍ଗମ ସାଧୁବାଦ ଜଣାଯାଉଛି ବୋଲି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି କହିଛନ୍ତି। ଅପରପକ୍ଷେ ଓଭରବ୍ରିଜର ପୁନଃରୁଦ୍ଧାର କାଳୀନ ସମୟ ମଧ୍ୟରେ ଜନସାଧରଣଙ୍କ ସହଯୋଗକୁ ନେଇ ରାୟଗଡ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଆଞ୍ଚଳିକ ନିର୍ଦ୍ଦେଶକ ଡଃ.ରାଜେଶ କୁମାର ପାଢୀ କହିଛନ୍ତି ଯେ ,ଦୀର୍ଘ ୨ମାସରୁ ଉର୍ଦ୍ଧ ସମୟ ପରେ ଓଭରବ୍ରିଜରେ ସ୍ୱାଭାବିକ ଭାବେ ଗାଡି ଚଳାଚଳ କରିବା ପାଇଁ ଅନୁମତି ଦିଆଯାଇଥିବାରୁ ସମସ୍ତେ ଖୁସି ପ୍ରକଟ କରୁଥିବା କହିଛନ୍ତି। ଏଥିସହ ମରାମତି କାମ ଯୋଗୁଁ ବିକଳ୍ପ ରାସ୍ତାରେ ବିଳମ୍ବ ଯୋଗୁଁ ଲୋକେ ବସଷ୍ଟାଣ୍ଡ,କୋର୍ଟ,ପୋଲିସ ଥାନା,ହାଇସ୍କୁଲ ଓ ଅନ୍ୟାନ୍ୟ ସ୍ଥାନକୁ ଯିବାକୁ ହଇରାଣ ହୋଇଥିଲେ ମଧ ଦୀର୍ଘ ସମୟ ଧରି ସହଯୋଗ କରି ରାୟଗଡବାସୀ ଯେଉଁ କଷ୍ଟ ସହିଲେ ସେମାନଙ୍କୁ ମଧ ଧନ୍ୟବାଦ ବୋଲି କହିଛନ୍ତି। ତେବେ ଓଭରବ୍ରିଜର ତଳ ସ୍ଥାନର ବିକାଶ ସହ ବ୍ରିଜ ପାଶ୍ୱର୍ରେ ଉଠିଥିବା ଗଛଗୁଡିକୁ କାଟିବା ଆବଶ୍ୟକ ରହିଛି ବୋଲି ଶ୍ରୀ ପାଢୀ କହିଛନ୍ତି। ସେହିପରି ରାୟଗଡ ଓକିଲ ସଂଘ ସଭାପତି ବରିଷ୍ଠ ଆଇନଜୀବୀ ବ୍ରଜସୁନ୍ଦର ନାୟକ ମଧ ଓଭରବ୍ରିଜରେ ଗାଡି ଚଳାଚଳ ସ୍ୱାଭାବିକ କରିଥିବାରୁ ପ୍ରଶାସନକୁ ଧନ୍ୟବାଦ ଜଣାଇବା ସହ ଜନସାଧାରଣଙ୍କ ଅପେକ୍ଷା ଓ ଧର୍ଯ୍ୟକୁ ସାଧୁବାଦ ଜଣାଇବା ସହ ଅନ୍ୟ ସହରରେ ଥିବା ଓଭରବିଜ୍ର ତଳ ପାଶ୍ୱର୍ରେ ଉନ୍ନତିମୂଳକ କାର୍ଯ୍ୟ ହୋଇଥିବା ବେଳେ ରାୟଗଡରେ ହେଉନାହିଁ ବୋଲି କହିଛନ୍ତି। ରାୟଗଡବାସୀଙ୍କ ସହନଶୀଳତା ଓ ଉଦାର ମନୋଭାବ ରହିଥିବାରୁ ପ୍ରଶାସନକୁ ସହଯୋଗ କରାଯାଇଛି କିନ୍ତୁ ପ୍ରଶାସନ ମରାମତି କାମ ରାତିଦିନ କରି ବହୁ ପୂର୍ବରୁ ସାରିବା ଆବଶ୍ୟକ ରହିଥିଲା ବୋଲି କହିଛନ୍ତି। ସେହିପରି ‘ସକାଳ’ର ଜୟପୁର ସଂସ୍କରଣ ମୁଖ୍ୟ ରାକେଶ କୁମାର ପାଢୀ ନିଜ ପ୍ରତିକ୍ରିୟାରେ ରାୟଗଡ ଓଭରବ୍ରିଜର ପୁନଃରୁଦ୍ଧାର କାମକୁ ସ୍ୱାଗତ କରିଥିବା ବେଳେ ଆଗାମୀ ଦିନରେ ଏହାର ପୁଣି ମରାମତି ଆବଶ୍ୟକ। ହେଲେ ସମସ୍ତ ଗାଡି ଚଳାଚଳ ପାଇଁ ସହରରେ ସ୍ଥାୟୀ ଏକ ବିକଳ୍ପ ରାସ୍ତାର ସୁବ୍ୟବସ୍ଥା ନିହାତି ଆବଶ୍ୟକ ରହିଛି ବୋଲି କହିଛନ୍ତି। ରାୟଗଡବାସୀଙ୍କ ସହଭାଗୀତା ଓ ସହନଶୀଳତାକୁ ସେ ପ୍ରଶଂସା କରିଛନ୍ତି।

ପ୍ରକାଶ ଥାଉ କି,ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଥିବା ରାୟଗଡର ରେଳ ଓଭରବ୍ରିଜର ପୁନଃରୁଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ଗତ ଜାନୁଆରୀ ମାସ ୧୦ତାରିଖରୁ ଗାଡି ଚଳାଚଳ ଉପରେ କଟକଣା ଲଗାଯାଇଥିଲା। ତେବେ ଓଭରବ୍ରିଜର ଫୁଟପାଥ କାମ, ତଳେ ଗ୍ରାଉଣ୍ଡିଂ, ଗଛ କାଟିବା ଭଳି ଅନେକ କିଛି ବାକି ରହିଛି ଯାହା ଆସନ୍ତା ମାସ ପ୍ରଥମ ସପ୍ତାହ ସୁଦ୍ଧା ଶେଷ ହେବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ସୂଚନା ମିଳିଛି ।

ଶ୍ରଦ୍ଧାଞ୍ଜଳି
ଦଶମ ଶ୍ରାଦ୍ଧବାର୍ଷିକୀ



✓ ଶରତ କୁମାର ମହାନ୍ତି
ବିଣାଦଣ୍ଡା, ବାସୁଦେବପୁର, ଭଦ୍ରକ
ଆବିର୍ଭାବ : ୨୫.୦୧.୧୯୫୯, ତିରୋଧାନ : ୧୬.୦୪.୨୦୧୬
ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା
ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

## ବଳିଆପଶି ଗ୍ରାମସଭାକୁ ବିରୋଧ; ବିଭିନ୍ନ ଗ୍ରାମକମିଟିର ସଭା




ତୁରୁମୁଙ୍ଗା, ୧୫।୪(ସମିସ): ବୁଧବାର ବଳିଆପଶି ଗ୍ରାମସଭାକୁ ଜିନ୍ଦଲ-ପେସ୍କୋ ପ୍ରତିରୋଧ ମଞ୍ଚ ବିରୋଧ କରିଛି। ବିଭିନ୍ନ ଗ୍ରାମ କମିଟି ପକ୍ଷରୁ ଏନେଇ ପ୍ରତିବାଦ ସଭା କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଚେମଣା, ବରୁଡ଼ିପଶି, ଚିଲିଦା, ଗୋଡିପୋଖରୀ, ବରୁଡିପଶି ଆଦି ଗ୍ରାମରେ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ। ମଞ୍ଚ ପକ୍ଷରୁ ୨୦୦୬ରୁ ୨୦୧୩ ପର୍ଯ୍ୟନ୍ତ କମ୍ପାନୀ ବିରୋଧରେ ଲଢ଼େ ଚାଲିଥିବା କୁହାଯାଇଥିବା ବେଳେ ୧୩ ବର୍ଷ ପରେ ଉକ୍ତ ସ୍ଥାନରେ ରାଜ୍ୟ ସରକାର ଷ୍ଟିଲପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଜିନ୍ଦଲ ଓ ପୋସ୍କୋ ସହ ବୁଝାମଣା ସ୍ୱାକ୍ଷର କରିଛନ୍ତି। ମଞ୍ଚ ପକ୍ଷରୁ ବାରମ୍ବାର ସରକାର ଓ ପ୍ରଶାସନକୁ ଜଣାଯାଇଛି ଯେ ଉର୍ବର ଚାଷ ଜମି ପରିବର୍ତ୍ତେ କେନ୍ଦୁଝର ଜିଲ୍ଲାରେ ଖଣି ସଂଲଗ୍ନ ଅଞ୍ଚଳରେ ଥିବା ସରକାରୀ ଜମିରେ କାରଖାନା ନିର୍ମାଣ କରାଯାଉ; ଯେଉଁଥିରେ ବିସ୍ଥାପିତ ସମସ୍ୟା ହେବ ନାହିଁ। ମଞ୍ଚର ଯମୁନାପଶି, କୋଡଖମଣ, ବରୁଡ଼ିପଶି, ଗୋଡ଼ିପୋଖରୀ, ଚିଲିଦା, ଚେମଣା ଆଦି ବିଭିନ୍ନ ଗ୍ରାମ କମିଟି ପକ୍ଷରୁ ବେଣୁଧର ସର୍ଦ୍ଦାର, ଘନଶ୍ୟାମ ମହାନ୍ତ, ଶତ୍ରୁଘ୍ନ ନାଏକ, ଲକ୍ଷ୍ମଣ ମହାନ୍ତ, ଇନ୍ଦ୍ରମଣି ମହାନ୍ତ, ପଙ୍କଜ ଦେହୁରୀ ନେତୃତ୍ୱ ନେଇଥିଲେ।

### ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ବଳିଆପଶି ୬ଷ୍ଠ ଗ୍ରାମସଭା

# ଏକର ପ୍ରତି ୨୦ କୋଟି ଟଙ୍କା ଦାବି






ତୁରୁମୁଙ୍ଗା, ୧୫।୪(ସମିସ): କେନ୍ଦୁଝରରେ ପ୍ରସ୍ତାବିତ ମେଗାଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବୁଧବାର ଚେମଣା ଗ୍ରାମପଞ୍ଚାୟତ ବଳିଆପଶି ଗ୍ରାମର ଦରବାର ଚତୁରୀ ନିକଟରେ ୬ଷ୍ଠ ଗ୍ରାମସଭା ସଫଳତାର ସହ ଶେଷ ହୋଇଛି। ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଗାଁର ୭୬.୮୯୦ ଏକର ଘରୋଇ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଆୟୋଜିତ ଗ୍ରାମସଭାରେ ଜନସାଧାରଣଙ୍କଠାରୁ ମତାମତ ଗ୍ରହଣ କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ୫ ଜଣ ୪୫ ଦଫା ପ୍ରଶାସନ ନିକଟରେ ଉପସ୍ଥାପନ କରିବା ସହ ଏକର ପ୍ରତି ୨୦ କୋଟି ଟଙ୍କା ଦାବି କରିଥିଲେ। ତେବେ ଗ୍ରାମସଭା ଚାଲିଥିବା ସମୟରେ ଜଣେ ମହିଳା କାନ୍ଦୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ମହିଳା ଜଣଙ୍କ ନିଜର ଦାବି ଉପସ୍ଥାପନ କରି ଗ୍ରାମସଭାରେ ବସିଥିଲେ, ହେଲେ ଜମି ହରାଉଥିବା ଦୁଃଖରେ ମହିଳା ଜଣଙ୍କ କୋହ ସମ୍ଭାଳି ପାରି ନଥିଲେ। ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବଳିଆପଶିଗ୍ରାମର ୧୧୫ଟି ଖାତାରୁ ୨୫୨ ପ୍ଲଟ ୭୬.୮୯୦ ଏକର ଜମି ସହ ୭୨.୦୫ ଏକର ସରକାରୀ ଜମି ଅଧିଗ୍ରହଣ ହେବାର ଯୋଜନା ରହିଛି। ଚେମଣା ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗ୍ରାମସଭାରେ ଅତିରିକ୍ତ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ସମିତିସଭ୍ୟ ମନୋଜ ମହାନ୍ତ, ଇଡ଼କୋ ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର, ୱାର୍ଡମେମ୍ବର ସରୋଜ କୁମାର ନାଏକ, ଯଦୁମଣି ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ

### କୋହ ସମ୍ଭାଳି ନ ପାରି ଲୁହ ଝରାଇଲେ ମହିଳା

ପକ୍ଷରୁ ଶଶିଭୂଷଣ ନାଏକ, ଲକ୍ଷ୍ମୀପ୍ରିୟା ନାଏକ, ସୁଜାତା ନାଏକ, ଧ୍ରୁବ ନାଏକ, ସନାତନ ନାଏକ ୪୫ ସମ୍ବଳିତ ଦାବି ସର୍ତ୍ତ ରଖି ମତାମତ ଦେଇଥିଲେ। ବଳିଆପଶି ଗ୍ରାମଟି ଆଦିବାସୀ ବହୁଳ ହୋଇଥିବାରୁ ଏଠାରେ ପୂର୍ବରୁ ଜମି କିଣାବିକା ହୋଇନାହିଁ। କେନ୍ଦୁଝର ବଜାର ଉପରେ ଥିବା ଜମି ମୂଲ୍ୟ ଆଧାରରେ ଜମିର ଦରକୁ ବୃଦ୍ଧି କରିବାକୁ ଗ୍ରାମର ଧ୍ରୁବ ନାଏକ କହିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁ, ପ୍ରତ୍ୟୁଷ ମହାପାତ୍ର, ଜ୍ୟୋତିର୍ମୟ ଭୁକ୍ତା, ଶୁଭସ୍ମିଗ୍ଧା ସେଠୀ, ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ସଦର ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗଇ, ପ୍ରଶାନ୍ତ ବେହେରା, ବିଜୟ ବିହାରୀ, ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁଙ୍କ ସହ ବଡ଼ବିଲ ଥାନାଧିକାରୀ ଅଶୋକ ନାଏକ, ବାରିଆ ଥାନାଧିକାରୀ ରଞ୍ଜୁହାସିନୀ କୁଲୁ, ଯୋଡ଼ା ଥାନାଧିକାରୀ ପ୍ରଶାନ୍ତ ସାମଲ, ପୁଲିସ ଫୋର୍ସ ମୁତୟନ ଥିଲେ। ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ସହଯୋଗ କରିଥିଲେ।

● ସତ୍ୟଜିତ ପ୍ରଧାନଙ୍କ ଭଜନରେ ଝୁମିଲେ ଦର୍ଶକ

## ସାମନ୍ତରାୟପୁର ଗ୍ରାମଶ୍ରୀ ଠାକୁରାଣୀଙ୍କ ଚଇତି ପର୍ବ

କେନ୍ଦୁଝର, ୧୫।୪(ସମିସ): କେନ୍ଦୁଝର ସହରର ସାମନ୍ତରାୟପୁର ଶାସନ ଏବଂ ଆଖପାଖ ଅଞ୍ଚଳର ଗ୍ରାମଦେବତୀ ଗ୍ରାମଶ୍ରୀ ଠାକୁରାଣୀଙ୍କ ପୀଠରେ ଚୈତ୍ର ଶୁକ୍ଳ ପକ୍ଷ ସଂକ୍ରାନ୍ତିରେ ଚଇତି ପର୍ବ ବହୁ ଧୁମଧାମରେ ପାଳିତ ହେଉଛି। ମାଆଙ୍କ ପୀଠ ଓ ଏହାର ସନ୍ନିକଟ ସ୍ଥାନ ଆଲୋକ ମାଳାରେ ସଜ୍ଜିତ ହୋଇ ବେଶ ମନୋରମ ଦିଶୁଥିଲା ବେଳେ ୧୪ ତାରିଖ ପଣା ସଂକ୍ରାନ୍ତି ଅପରାହ୍ନରେ ମାଆଙ୍କ ନିକଟରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା ସହ ଶଙ୍ଖୁଡ଼ି ଭୋଗରେ ଖେଚୁଡ଼ି, ଡାଲି, ଘାଣ୍ଟ ତରକାରୀ ଓ ଖଟା ଲାଗି ହୋଇ ପ୍ରାୟ ୨ ହଜାର ଭକ୍ତଙ୍କୁ ବିତରଣ କରଯାଇଥିଲା। ସନ୍ଧ୍ୟାରେ ଓଡ଼ିଆ ସିନେ ଜଗତର ସୁନାମଧନ୍ୟ ଗାୟକ ସତ୍ୟଜିତ ପ୍ରଧାନ, ପ୍ରଭୁପ୍ରସାଦ ନନ୍ଦ, ଗାୟିକା ପ୍ରିୟଙ୍କା ପ୍ରଭୃତି ଭଜନ ପରିବେଷଣ କରିଥିଲେ। ହଜାର ହଜାର ଦର୍ଶକ ସତ୍ୟଜିତ ପ୍ରଧାନଙ୍କ ଭଜନକୁ ବେଶ ଉପଭୋଗ କରୁଥିବାର ପରିଲକ୍ଷିତ ହୋଇଥିଲା। ଏହି ଭଜନ ସମାରୋହ ଦୁଇ ଦିନ ଧରି ଚାଲିବ। ଗ୍ରାମଶ୍ରୀ ଠାକୁରାଣୀ କଲଚରାଲ କମିଟିର ନିତ୍ୟାନନ୍ଦ ଦାଶ, ଆଲୋକ ମିଶ୍ର, ସାତ ନମ୍ବର ୱାର୍ଡର କାଉନସିଲର ଅବିନାଶ ମିଶ୍ର, ଅବିନାଶ ଲୋହାନି, ଝୁନୁ ଭୂୟାଁ, ଅଜୟ ମିଶ୍ର, ମୋହିନୀ ମୋହନ ମିଶ୍ର, ନାରାୟଣ କର, ପର୍ଶୁରାମ କର, ଗୁରୁଚରଣ ନାଏକ, ଦୁର୍ଯ୍ୟୋଧନ ନାଏକ, ପ୍ରମୋଦ ନାଏକ, ସତ୍ୟାନନ୍ଦ ବିଶ୍ୱାଳ, ଭୁବନ ନାଏକ, ରବି ନାଏକ, ସୁଶାନ୍ତ ସାହୁ, ପୁପୁନ ପଟ୍ଟନାୟକ, ମନରଞ୍ଜନ ସାହୁ, ବିଶ୍ୱମ୍ବର ନାଏକ, ଜୁକୁଲୁ ନାଏକ, ବିକି ନାଏକ, ମଗ୍ଗୁଲୁ ନାଏକ ସହଯୋଗ କରିଥିଲେ।

● ଓଏଭିରେ ଆଇନ ସଚେତନତା

## ବାଲ୍ୟ ବିବାହ ଉପରେ କ୍ଷୁଦ୍ର ନାଟିକା 'ମିତାର ସଂଗ୍ରାମ' ମଞ୍ଚସ୍ଥ

କେନ୍ଦୁଝର, ୧୫।୪(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆୟୋଜନରେ ସଦର ବ୍ଲକ ବୋଦାପଲସାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମନୁଷ୍ୟ ଓ ବନ୍ୟଜନ୍ତୁ ସଂଘର୍ଷ ଏବଂ ମାନସିକ ଅନଗ୍ରସରଙ୍କୁ ଆଇନ ସହାୟତା ସଂପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ମୁଖ୍ୟଅତିଥି ଭାବେ ବାଲ୍ୟ ବିବାହ ରୋକାଯିବା ଉପରେ ସମସ୍ତ ବର୍ଗର ଲୋକମାନେ ସଚେତନ ହେବାକୁ ପରାମର୍ଶ ଦେଇ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ ଓ ମାନସିକ ଅନଗ୍ରସର ପିଲାଙ୍କ ପାଇଁ ପ୍ରାଧିକରଣର ଭୂମିକା ଉପରେ ବିବରଣୀ ପ୍ରଦାନ କରି 'ମିତାର ସଂଗ୍ରାମ' ନାଟିକାକୁ ରାଜ୍ୟସ୍ତରରେ ପହଞ୍ଚାଇବାକୁ ମତ ଦେଇଥିଲେ। କେନ୍ଦୁଝର ବନଖଣ୍ଡର ସହକାରୀ ବନ ସଂରକ୍ଷକ ଅଶୋକ ଦାସ, ତଦାଶା ସଂପାଦକ ତଥା ପ୍ରାଧିକରଣ ସଦସ୍ୟ ଅକ୍ଷୟ କୁମାର ଚକ୍ର, ଭାରପ୍ରାପ୍ତ ଅଧକ୍ଷ ଓଡିଶା ଆଦର୍ଶ ବିଦ୍ୟାଳୟ ବିଶ୍ୱରଞ୍ଜନ ସାହୁ, ପିଏଲଭି ପୁଷ୍ପିତା ବାରିକ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଶିକ୍ଷକ ଅମରେନ୍ଦ୍ର ମହାରଣାଙ୍କ ଦ୍ୱାରା ରଚିତ ଓ ଶିକ୍ଷକ ପଙ୍କଜ ସାହୁଙ୍କ ଦ୍ୱାରା ନିର୍ଦ୍ଦେଶିତ କ୍ଷୁଦ୍ରନାଟିକା ବାଲ୍ୟ ବିବାହ ରୋକିବା ଉପରେ 'ମିତାର ସଂଗ୍ରାମ' ମଞ୍ଚସ୍ଥ ହୋଇଥିଲା। ଲକ୍ଷ୍ମୀପ୍ରିୟା ବେହେରା, ଆଦ୍ୟାଶା ଦାସ, ଅଭିପ୍ସା ପତି, ପ୍ରୀତିପ୍ରଜ୍ଞା ରାଉତ, ରୋଜାଲିନ ମୁନ୍ଦୁୟା, ଯଶୋବନ୍ତି ଗିରି, ଅଙ୍କିତା ଗିରି, ସାଇ ଆୟୁଷ ଜେନା, ସିଦ୍ଧି ମହାନ୍ତି, ରବି ଜେନା, ସାହିଲ ଟୁଟୁ, ପଙ୍କଜ ସାମଲ ଅଭିନୟ କରିଥିଲେ।

## କେନ୍ଦୁଖୁଣ୍ଟାରେ ମା'ତାରିଣୀଙ୍କ ବାର୍ଷିକ ମହାଯଜ୍ଞ

ଆନନ୍ଦପୁର,୧୫।୪(ସମିସ): ଆନନ୍ଦପୁର ଉପଖଣ୍ଡ କେନ୍ଦୁଖୁଣ୍ଟା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ତାରିଣୀଙ୍କ ମନ୍ଦିରରେ ମହାବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ୩୮ତମ ବାର୍ଷିକ ମହାଯଜ୍ଞ ବହୁ ଆଡ଼ମ୍ବରରେ ପାଳନ କରାଯାଇଛି। ମୁଖ୍ୟକର୍ତ୍ତା ଭାବେ ସତ୍ୟପ୍ରିୟ ବାରିକ ତାଙ୍କ ସହଧର୍ମିଣୀ ମାନିନୀ ବାରିକଙ୍କ ଦ୍ୱାରା ପୂଜା କଳସ ବୁଡ଼ାଇ ଯଜ୍ଞମଣ୍ଡପରେ ସ୍ଥାପନା କଲାପରେ ପୂଜା ଓ ଚଣ୍ଡୀପାଠ ଯଜ୍ଞ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଆଖପାଖର ବହୁ ଭକ୍ତଙ୍କ ସମାଗମ ହୋଇଥିଲା ବେଳେ ମନ୍ଦିର ପରିସରକୁ ସୁସଜ୍ଜିତ କରି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯାଜପୁର କଳାକାରଙ୍କ ଦ୍ୱାରା ଭଜନସଂଧ୍ୟା ଏବଂ ଷ୍ଟେପ ଆଣ୍ଡ ଷ୍ଟାଇଲ ଡ୍ୟାନ୍ସ ଏକାଡେମୀ ଯାଜପୁରରୋଡ଼ର କୁନିକୁନି କଳାକାର ଦ୍ୱାରା ନୃତ୍ୟ ପରିବେଷିତ ହୋଇଥିଲା। ପୂର୍ଣ୍ଣାହୁତି ପରେ ଅନୁଷ୍ଠାନ ତରଫରୁ ମଧ୍ୟାହ୍ନରେ ପଣା, ଟଙ୍କତୋରାଣୀ ସହ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା। ସୁଶୀଲ ରାଉତ, ପ୍ରଭାତ ରାଉତ, ଦୀପକ ରାଉତ, ଶ୍ରୀକାନ୍ତ ରାଉତ, ପ୍ରକାଶ ରାଉତ, ଦିଲ୍ଲୀପ ରାଉତ, ପିଣ୍ଟୁଆ ରାଉତ, କାଳିଆ ରାଉତ, ସୌରଭ ରାଉତ, ସଚିନ ରାଉତ, ସିପି ରାଉତ, ରାକେଶ ରାଉତ, ସାନୁ ରାଉତ, ଡିଲୁ ରାଉତ, ଇଲା ରାଉତ, ବାଣ୍ଟିଆ ରାଉତ, କେଦାର ରାଉତ, ରଘୁ ସେଠୀ, ଗୁନିଆ ବେହେରା, ଚନ୍ଦନ ବାରିକ, ବାପି ବାରିକ, ଟିକୁ ଘଡେଇ, କାହ୍ନା ଘଡେଇ, ଦିପୁ ଘଡେଇ, ଶିବା ସେଠୀ, ବଣି ସେଠୀ, ବୁଲେଟ ସାହୁ ସହଯୋଗ କରିଥିଲେ।

## ଜୁଆଙ୍ଗ ସମାଜ ପକ୍ଷରୁ ଜଳଛତ୍ର ଲୋକାର୍ପିତ




ତେଲକୋଇ, ୧୫।୪(ସମିସ): ମହାବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ଚାରିଗଡ ପିଢ଼ ଜୁଆଙ୍ଗ ସମାଜ ତେଲକୋଇ ପକ୍ଷରୁ ମଧୁସୂଦନପୁର ଛକଠାରେ ଜଳଛତ୍ର ଉଦଘାଟନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚାରିଗଡ ମହାବିଦ୍ୟାଳୟ ଅଧ୍ୟାପକ ସୁରୀୟା ଜୁଆଙ୍ଗ ଯୋଗ ଦେଇଥିଲେ। ଜୁଆଙ୍ଗ ସମାଜର ସମ୍ପାଦକ ହରିବନ୍ଧୁ ଜୁଆଙ୍ଗ, କୋଷାଧ୍ୟକ୍ଷ ଶ୍ରୀଧର ଜୁଆଙ୍ଗ, ସମାଜସେବୀ ରମାକାନ୍ତ ଜୁଆଙ୍ଗ, ଜୁଆଙ୍ଗ ସର୍ଦ୍ଦାର ସୁଦାମ ଜୁଆଙ୍ଗ, ସକ୍ରିୟ ସଦସ୍ୟ ସୁଗ୍ରୀବ ଜୁଆଙ୍ଗ, ସଂଯୋଜକ ବୁଦ୍ଧଦେବ ଜୁଆଙ୍ଗ, ବଲ୍ଲଭ ଜୁଆଙ୍ଗ, ତପନ ଜୁଆଙ୍ଗଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। ଅପ୍ରେଲ ମାସ ଅଧା ହୋଇ ସାରିଥିବା ବେଳେ ପ୍ରଶାସନ ପକ୍ଷରୁ ଅଦ୍ୟାବଧି ଜଳଛତ୍ର ଖୋଲା ଯାଇ ନାହିଁ। ଏପରିସ୍ଥଳେ ଜୁଆଙ୍ଗ ସମାଜ ପକ୍ଷରୁ ଜଳଛତ୍ର ଖୋଲା ଯାଇ ଗଭୀର ନିଦ୍ରାରେ ଶୋଇଥିବା ପ୍ରଶାସନକୁ ନିଦରୁ ଉଠାଇବାକୁ ଏହା ଏକ ସୁନ୍ଦର ପ୍ରୟାସ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

## ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଉପକରଣ ବଣ୍ଟନ



ତୁରୁମୁଙ୍ଗା, ୧୫।୪(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ୍ ଏମବିବିଆର ଉଚ୍ଚବିଦ୍ୟାଳୟରେ ବୁଧବାର ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଶିକ୍ଷା ଉପକରଣ ବଣ୍ଟନ କରାଯାଇଛି। ସଭାରେ ଉଚ୍ଚବିଦ୍ୟାଳୟର ପ୍ରଧାନମନ୍ତ୍ରୀ ଶିକ୍ଷକ ଧନୁର୍ଜୟ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଜୁକେସନ ଡେଭଲପମେଣ୍ଟ ସୋସାଇଟିର ସମ୍ପାଦକ ଶିରିଶ କୁମାର ନାୟକ ଛାତ୍ରଛାତ୍ରୀଙ୍କୁ ଦୃଢ ଇଚ୍ଛାଶକ୍ତି ରଖିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ ଦ୍ୱାରିକାନାଥ ମହାନ୍ତ ସଭା ପରିଚାଳନା କରିଥିଲେ। କୃତୀ ଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କାର ବଣ୍ଟନ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କୁ ସଂଗଠନ ତରଫରୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ସଂଗଠନର ସଦସ୍ୟା ସାଉଣୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ସଭାପତି ହେମାଞ୍ଜରୀ ନାଏକ, ଉପସଭାପତି ସୁଷମା ନାୟକ ଓ ସହସମ୍ପାଦକ ପଦ୍ମନାଭ ନାୟକଙ୍କ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ସଂଘ ପ୍ରଚାରକ ପ୍ରଦୀପ ବାନପ୍ରସ୍ଥିଙ୍କ ପରଲୋକ



ଆନନ୍ଦପୁର, ୧୫।୪(ସମିସ): କେନ୍ଦୁଝର ଜିଲ୍ଲା ସଂଘ ପ୍ରଚାରକ ତ୍ରିଲୋଚନ ନାୟକ ଓରଫ ପ୍ରଦୀପ ବାନପ୍ରସ୍ଥି ଶାନ୍ତିକୁଞ୍ଜ, ହରିଦ୍ୱାରଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ବାବାଜୀ ନାମରେ ଅତି ଆଦରରେ ପରିଚିତ ଥିବା ପ୍ରଦୀପ ବାନପ୍ରସ୍ଥି ଜରୁରୀ ପରିସ୍ଥିତି ବିରୋଧରେ ଜନଆନ୍ଦୋଳନ କରି କାରାବରଣ କରିଥିଲେ। ପରେ ଶାନ୍ତିକୁଞ୍ଜଠାରେ ସନ୍ନ୍ୟାସ ବ୍ରତ ଅବଲମ୍ବନ କରିଥିଲେ। ମହାବିଷୁବ ସଂକ୍ରାନ୍ତି ଦିନ ଧ୍ୟାନ ଅବସ୍ଥାରେ ସେ ସ୍ୱର୍ଗାରୋହଣ କରିଛନ୍ତି। ଏହି ଅବସରରେ ଆନନ୍ଦପୁର ଲୋକତନ୍ତ୍ର ସେନାନୀ ସଙ୍ଘ ପକ୍ଷରୁ ସତ୍ୟାଗ୍ରହୀ ଅଧ୍ୟାପକ ଗଦାଧର ମିଶ୍ରଙ୍କ ବାସଭବନରେ ଆୟୋଜିତ ଏକ ଶୋକ ସଭାରେ ସତ୍ୟାଗ୍ରହୀ ଅରୁଣ ମିଶ୍ର, ରବୀନ୍ଦ୍ର ପ୍ରସାଦ ଚାନ୍ଦ, ନଗେନଚନ୍ଦ୍ର ଚାନ୍ଦ, ନିତ୍ୟାନନ୍ଦ ଦାସ ଓ ଗଦାଧର ମିଶ୍ର ସ୍ୱର୍ଗତ ବାବାଜୀଙ୍କ ଉଦ୍ଦେଶ୍ୟରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## ଯୋଡ଼ା ଟ୍ରକ ମାଲିକ ସଂଘର ସହାୟତା



ଚମ୍ପୁଆ, ୧୫।୪(ସମିସ): ଗତ ଜାନୁଆରୀରେ ହୃଦଘାତରେ ପ୍ରାଣ ହରାଇଥିବା ଯୋଡ଼ା ଟ୍ରକ ମାଲିକ ସଂଘର ସଦସ୍ୟ ସର୍ଫରାଜ ଆଲାମଙ୍କ ପରିବାରକୁ ଆଜି ଯୋଡା ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ସହାୟତାର ହାତ ବଢାଇଛନ୍ତି। ଚମ୍ପୁଆ ମୌଲାନା ଗୋଡା ଅଞ୍ଚଳର ସର୍ଫରାଜ ଆଲାମ ଜଣେ ଟ୍ରକ ବ୍ୟବସାୟୀ ଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଛି। ସଭାପତି ମାତା ଜୟସ୍ୱାୱାଲ, ସଂପାଦକ ସୁଶାନ୍ତ ବାରିକ, ଉପସଭାପତି ବିଜୁ ଆପଟ, ସହସମ୍ପାଦକ ଅଶୋକ କାରୁଆ ଓ ରାଜେଶ ରୋଶନଙ୍କ ସହ ସ୍ଥାନୀୟ ଟ୍ରକ ମାଲିକ ଖୁର୍ସିଦ ଆଲାମ, ସୁର ସାହୁ, ଭୋଳା ପଣ୍ଡା, ରବିକାନ୍ତ ଗିରି, ଏମଡି ମୁସଲିମ ପ୍ରମୁଖଙ୍କ ଉପସ୍ଥିତିରେ ସର୍ଫରାଜଙ୍କ ପୁଅ ସାହାଜେବ ସାହିଲଙ୍କୁ ୧ ଲକ୍ଷ ଟଙ୍କାର ଚେକ ସହାୟତା ପ୍ରଦାନ କରାଯାଇଛି।

## ମା' ଟାଙ୍ଗରାଣୀ ପୀଠରେ ମହାବିଷୁବ ସଂକ୍ରାନ୍ତି

ତୁରୁମୁଙ୍ଗା, ୧୫।୪(ସମିସ): ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସର ରେ ମଙ୍ଗଳବାର ଖିରେଇଟାଙ୍ଗିରିସ୍ଥିତ ମା' ଟାଙ୍ଗରାଣୀପାଟ ପୀଠରେ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ପୀଠର ସମ୍ପାଦକ ଗଣେଶ୍ୱର ନାୟକଙ୍କ ନେତୃତ୍ୱରେ ଦେହୁରୀ ଗୁରୁଚରଣ ନାୟକ ଏବଂ ତାଙ୍କ ସହଯୋଗୀ ପୂଜା ପରିଚାଳନା କରିଥିଲେ। ପାଟଣା ବିଧାୟକ ପାଟଣା ଅଖିଳଚନ୍ଦ୍ର ନାୟକଙ୍କ ସହ ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ ଆଶୀର୍ବାଦ ଭିକ୍ଷା କରିଥିବା ବେଳେ ମା'ଟାଙ୍ଗରାଣୀ ପାଟ ଯୁବକ ସଂଘର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

### ଖଲଣା କଣ୍ଟାଫୋଡ଼ା ଯାତ୍ରା

# ଶୁଭ କଳସ ଗୋଟିଏ ବର୍ଷ ମାଟି ତଳେ ରହେ



ଆନନ୍ଦପୁର, ୧୫।୪ (ସମିସ):

ଘସିପୁରା ବ୍ଲକ ଖଲଣା ଗ୍ରାମରେ କଣ୍ଟାଫୋଡ଼ା ଯାତ୍ରା ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ। ପଣା ସଂକ୍ରାନ୍ତି ଅବସରରେ ମା' ମଙ୍ଗଳାଙ୍କ ପୀଠରେ ଏହି ପାରମ୍ପରିକ ଉତ୍ସବ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ପୂର୍ବଦିନ ବିଷୁଣି ଓଷା ପାଳନ ପରେ ସଂକ୍ରାନ୍ତି ଦିନ ଶ୍ରଦ୍ଧାଳୁମାନେ ଉପବାସ ରଖି ପରିବାର ଓ ଅଞ୍ଚଳର ମଙ୍ଗଳ କାମନା କରିଥାନ୍ତି। ସକାଳୁ ଦେହୁରୀ କୈଳାଶ ପ୍ରଧାନଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଭକ୍ତମାନେ ମା'ଙ୍କ ଦର୍ଶନ କରି ଭୋଗ ଲଗାଇଥାନ୍ତି। ମା' କାଳିସୀ ରୂପରେ ଆବିର୍ଭାବ ହୋଇ ଭକ୍ତମାନଙ୍କ ସମସ୍ୟାର ସମାଧାନର ପଥ ପ୍ରଦର୍ଶନ କରୁଥିବା ବିଶ୍ୱାସ ରହିଛି। ଏହି ଯାତ୍ରାର ସବୁଠାରୁ ବଡ଼ ଆକର୍ଷଣ ହେଉଛି କଣ୍ଟାଫୋଡ଼ା ପର୍ବ। ପାଟୁଆମାନେ ବିଭିନ୍ନ ବେଶଭୂଷାରେ ସଜ୍ଜିତ ହୋଇ ଦିନବେଳେ ଜିଭରେ ଓ ରାତିରେ ପିଠିରେ କଣ୍ଟା ଫୋଡ଼ି ଗ୍ରାମ ପରିକ୍ରମା କରିଥାନ୍ତି, ଯାହା ଦେଖିବାକୁ ଲୋକଙ୍କ ଭିଡ଼ ଲାଗିଥାଏ। ଏଥିସହିତ ତିନି ଦିନ ଧରି ସନ୍ଧ୍ୟା ସମୟରେ ଭକ୍ତମାନେ କଳସ ଧରି ଗ୍ରାମ ପରିକ୍ରମା କରିଥାନ୍ତି। ସଂକ୍ରାନ୍ତି ରାତିରେ ଏହି କଳସକୁ ପୂଜାର୍ଚ୍ଚନା କରିବା ପରେ ମାଟି ତଳେ ପୋତି ଦିଆଯାଏ, ଯାହା ପୂରା ଗୋଟିଏ ବର୍ଷ ପର୍ଯ୍ୟନ୍ତ ସେହିଭଳି ରହିଥାଏ। ମା' ମଙ୍ଗଳାଙ୍କ ପ୍ରତି ଗ୍ରାମବାସୀଙ୍କ ଗଭୀର ବିଶ୍ୱାସ ଓ ଆସ୍ଥା ରହିଥିବା ବେଳେ ମାନସିକ ମନସ୍କାମନା ପୂରଣ ହେଉଥିବା ବିଶ୍ୱାସ ମଧ୍ୟ ରହିଛି। ଏହି ପର୍ବ ଅବସରରେ ସମଗ୍ର ଗ୍ରାମରେ ଭକ୍ତିମୟ, ଶାନ୍ତିମୟ ଓ ଆନନ୍ଦମୟ ପରିବେଶ ସୃଷ୍ଟି ହୋଇଥିଲା।

## ଜ୍ୟୋତିପୁର ବାସୁଳି ପୀଠରେ ଫୋଡ଼ା ଯାତ୍ରା



ତୁରୁମୁଙ୍ଗା, ୧୫।୪(ସମିସ):

କେନ୍ଦୁଝର ଜିଲ୍ଲା ଜ୍ୟୋତିପୁର ଗ୍ରାମ ମଙ୍ଗଳବାର ପଣା ସଂକ୍ରାନ୍ତି ପାଇଁ ଉତ୍ସବମୁଖର ହୋଇଥିଲା। ମା ବାସୁଳିଙ୍କ ପୀଠରେ ଭକ୍ତିମୟ ପରିବେଶ ମଧ୍ୟରେ କଣ୍ଟାଫୋଡା ପର୍ବ ପାଳନ କରାଯାଇଛି। ମାନସିକଧାରୀମାନେ ନିକଟସ୍ଥ ବୈତରଣୀ ନଦୀରେ ବୁଡ଼ ପକାଇବା ପରେ ମା'ଙ୍କ ପଟି ପୂଜା କରି ଆଶୀର୍ବାଦ ନେଇ ଦେହରେ କଣ୍ଟା ଫୋଡାଇ ନିଜ ନିଜର ମାନସିକ ପୂରଣ କରିଛନ୍ତି। ପୂର୍ବରୁ ବଳି ଦିଆଯାଉଥିବା ପ୍ରଥା ରହିଥିବା ରହିଥିବା ବେଳେ ପର୍ଯ୍ୟାୟକ୍ରମେ ତାହା ବନ୍ଦ ହୋଇଯାଇଛି। ଯାତ୍ରା ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବା ବେଳେ ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ କାରାଯାଇଥିଲା। ପାରମ୍ପରିକ ଆସ୍ଥା ଓ ଭକ୍ତିର ଏହି ଅଦ୍ଭୁତ ଦୃଶ୍ୟ ଜ୍ୟୋତିପୁରରେ ପଣା ସଂକ୍ରାନ୍ତିକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି।

ଶ୍ରଦ୍ଧାଞ୍ଜଳି
ଦଶମ ଶ୍ରାଦ୍ଧବାର୍ଷିକୀ



✓ ଶରତ କୁମାର ମହାନ୍ତି
ବିଣାଦଣ୍ଡା, ବାସୁଦେବପୁର, ଭଦ୍ରକ
ଆବିର୍ଭାବ : ୨୫.୦୧.୧୯୫୯, ତିରୋଧାନ : ୧୬.୦୪.୨୦୧୬
ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

# ବୌଦ୍ଧକୁ ସବୁ କ୍ଷେତ୍ରରେ ଅଗ୍ରଣୀ କରିବାକୁ ଆହ୍ୱାନ

ବୌଦ୍ଧ, ୧୫ ।୪(ସମିସ)




ବୌଦ୍ଧ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ପଞ୍ଚାୟତ ଭବନରେ ଚଳିତ ଆର୍ଥିକ ବର୍ଷର ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ବୌଦ୍ଧ ବିଧାୟକଙ୍କ ପ୍ରତିନିଧି ସୁଶାନ୍ତ ପ୍ରଧାନ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଦଣ୍ଡସନାଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ପ୍ରତ୍ୟେକ ବିଭାଗର କେନ୍ଦ୍ର ସରକାରଙ୍କ ଯୋଜନାଗୁଡିକର ପ୍ରଗତି, ଆଗାମୀ ଦିନରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା । ସାଂସଦ ଶ୍ରୀ ପାଣିଗ୍ରାହୀ ଆଗାମୀ ଦିନରେ ଜିଲ୍ଲାକୁ ରାଜ୍ୟରେ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ ଜିଲ୍ଲା କରି ଗଢି ତୋଳିବା ପାଇଁ ବିଭାଗ ଗୁଡିକର ସହଯୋଗ ଓ ଉଚିତ ପଦକ୍ଷେପ ନେବାକୁ ଜୋର ଦେଇଥିଲେ । କେନ୍ଦ୍ରୀୟ ଯୋଜନାଗୁଡିକର ସୁଫଳକୁ ଜନସାଧାରଣଙ୍କ ପାଖରେ ଠିକ୍ ସମୟରେ ପହଞ୍ଚାଇ ତୃଣମୂଳ ସ୍ତରରେ ଜନସାଧାରଣଙ୍କର ଜୀବନ ଧାରଣ ମାନରେ ଉନ୍ନତି ପାଇଁ ଏକ ଯୋଜନାବଦ୍ଧ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରି ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ୱାର୍ଡ ନଂ ୯ ଆରଏସଏସ କାର୍ଯ୍ୟାଳୟଠାରୁ ଜିଲ୍ଲା ସାମ୍ବାଦିକ ଫୋରମ୍ ସହ ସଂଯୋଜିତ ୧୧ କେଭି ତାରକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏଥିନିମନ୍ତେ ଟିପିଏସଓଡିଏଲର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗରେ ସ୍ପେଶାଲିଷ୍ଟ ଡାକ୍ତର ନିଯୁକ୍ତି, ପୁରୁଣାକଟକ ଚିକିତ୍ସାଳୟରେ ଚିକିତ୍ସକଙ୍କ ପଦବୀ ପୂରଣ, ଜିଲ୍ଲାରେ ଆମ୍ବୁଲାନ୍ସ ଓ ମହାପ୍ରୟାଣ ଗାଡିର ସଂଖ୍ୟା ବଢ଼ାଇ ଲୋକଙ୍କୁ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ଗ୍ରାମାଞ୍ଚଳରେ ପାନୀୟ ଜଳର ସୁବିଧା ନିମିତ୍ତ ନଳକୂପ ଖନନ, ପାଇପ ପାଣିର ସୁବିଧା, ଖରାଦିନେ ପାନୀୟ ଜଳର ସଙ୍କଟ ଦୂର ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ପିଏମ କିଷାନ, ସିଏମ୍ କିଷାନ, ଡିଜିଟାଲ କ୍ରପ ସର୍ଭେ, ଜାତୀୟ ଉଦ୍ୟାନ କୃଷି ମିଶନରେ ଚାଷୀର ଆର୍ଥିକ ଉନ୍ନତି ଓ ଉତ୍ପାଦନ ବୃଦ୍ଧି ପାଇଁ ବୈଠକରେ ଆଲୋଚନା ହୋଇଥିଲା । ବୁଣାକାରଙ୍କୁ ରୋଜଗାର ବୃଦ୍ଧି ପାଇଁ ହସ୍ତତନ୍ତ ଯୋଗାଇଦେବା, ବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ, ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ଦକ୍ଷତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ନିମିତ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

## ଆଜି ବୀରମହାରାଜପୁର ବନ୍ଦ

ବୀରମହାରାଜପୁର, ୧୫ ।୪(ସମିସ): ବଜରଙ୍ଗ ଦଳ ଗୁରୁବାର ବୀରମହାରାଜପୁର ବନ୍ଦ ଡାକରା ଦେଇଛି । ମଙ୍ଗଳବାର ପୂର୍ବାହ୍ନରେ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଶୋଭାଯାତ୍ରା ହୋଇଥିଲା । ଏହି ସମୟରେ ଆମ୍ବେଦକର ସେବା ସଂଘ ଦ୍ୱାରା ମର୍ଯ୍ୟଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଫଟୋ ଚିରି ଦିଆଯାଇଥିଲା । ଏହାକୁ ନେଇ ସହରରେ ଉତ୍ତେଜନା ଦେଖା ଦେଇଥିଲା । ସନ୍ଧ୍ୟାରେ ବଜରଙ୍ଗ ଦଳ ଶୋଭାଯାତ୍ରାରେ ଯୋଗ ଦେବା ପାଇଁ ବିଧାୟକ ବିଧାୟକ ରଘୁନାଥ ଜଗଦଲା ପହଞ୍ଚି ଥିଲେ; ହେଲେ ତାଙ୍କୁ ବିରୋଧ କରାଯାଇଥିଲା । ସେ ନ ଗଲା ପର୍ଯ୍ୟନ୍ତ ଶୋଭାଯାତ୍ରା ହେବ ନାହିଁ ବୋଲି ବଜରଙ୍ଗ ଦଳର କର୍ମକର୍ତ୍ତା ଜିଦ୍ ଧରିଥିଲେ । ଏଣୁ ବିଧାୟକ ଫେରିଯିବାକୁ ବାଧ ହୋଇଥିଲେ । ଏହାପରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଏଣୁ ରାମ ହନୁମାନଙ୍କ ଫଟୋ ଚିରିବା ଘଟଣାର ପ୍ରତିବାଦରେ ଗୁରୁବାର ୧୨ ଘଣ୍ଟିଆ ବୀରମହାରାଜପୁର ବନ୍ଦ ଡାକରା ଦିଆଯାଇଛି । ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବୀରମହାରାଜପୁରର ଦୈନିକ ବଜାର, ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ, ସ୍କୁଲ୍ କଲେଜ୍, ବ୍ୟାଙ୍କ, ଗାଡ଼ିମୋଟର ବନ୍ଦ ରହିବ ବୋଲି କୁହାଯାଇଛି ।

## ରାସ୍ତାକଡ଼ ଗଛରେ ଧକ୍କା ହୋଇ ବାଇକ୍ ଆରୋହୀ ମୃତ

ବୌଦ୍ଧ, ୧୫ ।୪(ସମିସ): ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅଧୀନ ୫୭ ନମ୍ବର ଜାତୀୟ ରାଜପଥର ପୁରୁଣା କଟକ ସତସଙ୍ଗ କେନ୍ଦ୍ର ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛରେ ପିଟି ହୋଇଛି । ଏହାଫଳରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ରାଜେଶ ନାଏକ । ଗୁରୁତର ଜଣକ ହେଲେ ଜଗନ୍ନାଥ ନାଏକ । ଉଭୟଙ୍କ ଘର ବୌଦ୍ଧ ଥାନା ରାମ୍ପିକଟାରେ । ଉଭୟ ମେରୁ ଯାତ୍ରା ଦେଖି ଭୋରରେ ଲଣ୍ଡରେଜୋରରୁ ଫେରୁଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଜଗନ୍ନାଥଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ହେବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୌଦ୍ଧ ଓ ପରେ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି ।

## ବାଉଁଶୁଣୀ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ

ବୌଦ୍ଧ, ୧୫ ।୪(ସମିସ): ବୌଦ୍ଧ ବ୍ଲକ ବାଉଁଶୁଣୀ ହନୁମାନ ମନ୍ଦିରରେ ପବିତ୍ର ହନୁମାନ ଜୟନ୍ତୀ ଉଦ୍‌ଯାପିତ ହୋଇଯାଇଛି । ପୂଜକ ଅରୁଣ ଦେହୁରୀ ପୂଜାକାର୍ଯ୍ୟ କରିଥିଲେ । ତ୍ରିବିକ୍ରମ ପାଣି ହନୁମାନ କଥା ଓ ଚାଳିଶା ପଠନ କରିଥିଲେ । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ପୁରାଣ ପାଠ ଶ୍ରବଣ ସହ ହନୁମାନଙ୍କ ଉଦ୍ଦେଶ୍ୟରେ ୧୦୦୮ ଦୀପ ପ୍ରଜ୍ୱଳନ କରିଥିଲେ ।

## ତରଭାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା

ତରଭା, ୧୫ ।୪(ସମିସ): ତରଭା ନୂଆପଡ଼ାସ୍ଥିତ ଶ୍ରୀଶ୍ରୀ ସଙ୍କଟ ମୋଚନ ହନୁମାନଙ୍କ ମନ୍ଦିରରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ହନୁମାନ ଜୟନ୍ତୀ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପରେ ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମ, ହନୁମାନଙ୍କ ଏକ ସୁସଜ୍ଜିତ ଭବ୍ୟ ରଥରେ ସହର ପରିକ୍ରମା କରିଥିଲେ । ଏଥିରେ ଶହ ଶହ ଭକ୍ତ ସାମିଲ ହୋଇଥିଲେ । ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା । ଶୋଭାଯାତ୍ରା ନୂଆପଡ଼ା ଛକ, ରଥଛକ ମେହେରପଡ଼ା, ମାରୱାଡିପଡ଼ା ଦେଇ ବ୍ଲକ ଛକ, ଦୁର୍ଗା ମଣ୍ଡପ ଧର୍ମଶାଳା ଦେଇ ତରଭା ସହର ପରିକ୍ରମା ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲା । ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ଦୀପ୍ତି ମୟୀ ଭୁଏ ଓ ଶାନ୍ତି ଶୃଙ୍ଖଳା ପାଇଁ ଥାନା ଅଧିକାରୀ ଅନିତା କିଡୋଙ୍କ ତତ୍ତ୍ୱାବଧାନରେ ତରଭା ପୁଲିସ ଓ ଏକ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ ।

## ବୌଦ୍ଧରେ ମେରୁଯାତ୍ରା ଉଦ୍‌ଯାପିତ

ବୌଦ୍ଧ, ୧୫ ।୪(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ବିଭିନ୍ନ ଅଞ୍ଚଳରେ ମହାସମାରୋହରେ ମେରୁ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ଦୀର୍ଘ ଦିନର କଠିନ ବ୍ରତ ଓ ତପସ୍ୟା ପରେ ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନର ଏହି ଶେଷ ପର୍ଯ୍ୟାୟ ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ବିଶେଷ କରି ବାବା ଆଦେଶ୍ୱର ଏବଂ ମା' ରଦ୍ରକାଳୀଙ୍କୁ ଦର୍ଶନ କରିବା ପାଇଁ ହରଭଙ୍ଗାର କୋଣ ଅନୁକୋଣରୁ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଭକ୍ତଙ୍କ ଜୟ ଜୟ ଧ୍ୱନି, ଶଙ୍ଖ ନାଦ ଓ ହୁଳହୁଳିରେ ଗ୍ରାମର ପ୍ରତିଟି ଗଳି ପ୍ରକମ୍ପିତ ହୋଇଉଠିଥିଲା । ଗ୍ରାମର ଜନସାଧାରଣ ଅତ୍ୟନ୍ତ ଭକ୍ତିର ସହ ନାମ ସଂକୀର୍ତ୍ତନ କରି ମାଆଙ୍କୁ ପାଛୋଟି ଆଣିବା ସହ ପୂଜାର୍ଚ୍ଚନା କରିଥିଲେ ।

## ଖଣ୍ଡିକନପା ଦଣ୍ଡଯାତ୍ରା ଉଦ୍‌ଯାପିତ



ଶଗଡ଼ା, ୧୫ ।୪ (ସମିସ): ବୌଦ୍ଧ ଜିଲ୍ଲା ଶଗଡ଼ା ପଞ୍ଚାୟତ ପ୍ରସିଦ୍ଧ ଖଣ୍ଡିକନପା ଦଣ୍ଡ ଯାତ୍ରା ଉଦ୍‌ଯାପିତ ହୋଇଛି । ୨୧ ଦିନ ଧରି ଚାଲିଥିବା ଦଣ୍ଡ ଯାତ୍ରାର ଅନ୍ତିମ ଦିବସରେ ଆଜି ଖଣ୍ଡିକନପା ଝାମୁଯାତ୍ରାରେ ପ୍ରାୟ ୫୦୦ ଭକ୍ତ ପ୍ରଚଣ୍ଡ ଖରାରେ ଦୀର୍ଘ ସମୟ ତତଲା ବାଲିରେ ଗଡ଼ିବା ଦେଖିବାକୁ ମିଳିଥିଲା । ଝାମୁଯାତ୍ରାକୁ ଆଖପାଖ ଅଞ୍ଚଳ ହଜାର ହଜାର ଶ୍ରଦ୍ଧାଳୁ ଆସିଥିଲେ ।

## ସୋନପୁରରୁ ବିପୁଳ ନକଲି ନୋଟ୍ ଜବତ






ମନମୁଣ୍ଡା, ୧୫ ।୪(ସମିସ): ସୋନପୁର ପୁଲିସ ୮ ଲକ୍ଷ ୪୭ ହଜାର ୫୦୦ ଟଙ୍କା ନକଲି ନୋଟ ଜବତ କରିଛି । ଏହି ଘଟଣାରେ ଏକ ସ୍କର୍ପିଓ ଜବତ ହୋଇଛି । ସେହିଭଳି ଘଟଣରେ ଜଡିତ ୨ ଜଣକୁ ପୁଲିସ ଗିରଫ କରିଛି । ଏମାନେ ହେଲେ ଯାଜପୁରର ପୁରୁଷୋତ୍ତମ ଶତପଥୀ ଓ ନୟାଗଡ଼ ଜିଲ୍ଲାର ପ୍ରଶାନ୍ତ ଦାଶ । ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ ଏହି ସୂଚନା ଦେଇଛି । ମଙ୍ଗଳବାର ରାତିରେ ସନ୍ଦେହ ଜନକ ଭାବେ ବ୍ଲକ ଛକରେ ଏକ କଳା ସ୍କର୍ପିଓ ବୁଲୁଥିଲା । ପୁଲିସର ପାଟ୍ରୋଲିଂ ଟିମ୍ ଏହି ଗାଡିକୁ ଦେଖି ଅଟକାଇଥିଲା । ଯାଞ୍ଚକଲା ପରେ ଗାଡ଼ିରୁ ୧୬୯୫ଟି ନକଲି ୫୦୦ ଟଙ୍କିଆ ନୋଟ ବାହାରିଥିଲା । ଅଭିଯୁକ୍ତ ଦ୍ୱୟ ଏହି ନକଲି ନୋଟ ବରଗଡ଼ ଜିଲ୍ଲାରୁ ସଂଗ୍ରହ କରି ସୁବର୍ଣ୍ଣପୁର ଜିଲ୍ଲା ଏବଂ ଅନ୍ୟାନ୍ୟ ଅଞ୍ଚଳରେ କାରବାର କରିବାକୁ ଆଣିଥିବା ପୁଲିସ ଆଗରେ ସ୍ୱୀକାର କରିଛନ୍ତି ।

## ମିଳିଲାନି ଭତ୍ତା ଟଙ୍କା; ନିରାଶରେ ଫେରିଲେ ହିତାଧିକାରୀ



ବୌଦ୍ଧ, ୧୫ ।୪ (ସମିସ): ପ୍ରତ୍ୟେକ ମାସ ୧୫ ତାରିଖରେ ବୃଦ୍ଧବୃଦ୍ଧ, ବିଧବା, ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ପକ୍ଷରୁ ସୂଚନା ଦିଆଯାଇଥିଲା । ଏହାଫଳରେ ବୁଧବାର ସକାଳ ୮ଟାରୁ ଗୌତମପାଲି, ପୋଡାବଳସ, ଚନ୍ଦ୍ରପୁର, କଂପରା, ସୁବର୍ଣ୍ଣପୁର, ଆନନ୍ଦପୁର, ରାମପୁର, କାସଲପୁର, କମଳପୁର, ଧୁଡ୍ରୁବାହାଲ ହିତାଧିକାରୀ ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ । ଖାତା ଦେଇ ଅପେକ୍ଷା କରିଥିଲେ । ଦୀର୍ଘ ସମୟ ଅପେକ୍ଷା କରିବା ସତ୍ତ୍ୱେ ଟଙ୍କା ମିଳି ନ ଥିଲା । ଏହାଫଳରେ ହିତାଧିକାରୀ ନିରାଶ ହୋଇ ଘରକୁ ଫେରିଥିଲେ । ଏ ସମ୍ପର୍କରେ ପିଇଓ ଆଜାଦ ନାଏକଙ୍କୁ ଯୋଗାଯୋଗ କରିବାରୁ ପଞ୍ଚାୟତ ଆକାଉଣ୍ଟରେ ଟଙ୍କା ଜମା ହୋଇନାହିଁ ବୋଲି କହିଥିଲେ ।

## ରାମଚନ୍ଦ୍ର ତାଣ୍ଡି ବିଜେପି ଏସ୍‌ସି ମୋର୍ଚ୍ଚା ସଭାପତି



କଣ୍ଟମାଳ, ୧୫ ।୪(ସମିସ): କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ମଣ୍ଡଳ ବରଗାଁ ପଞ୍ଚାୟତ ମଲିକୁଦ ଗ୍ରାମର ବିଜେପି ନେତା ରାମଚନ୍ଦ୍ର ତାଣ୍ଡି ବୌଦ୍ଧ ଜିଲ୍ଲା ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି ଭାବେ ଚୟନ ହୋଇଛନ୍ତି । ଏହି ଖବର ପ୍ରସାରିତ ହେବାପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ବହୁ ଆଶାୟୀଙ୍କୁ ପଛରେ ପକାଇ ସେ ଏହି ପଦରେ ନିଯୁକ୍ତ ପାଇଛନ୍ତି ।

## ସପ୍ତଦୀପାର ବିଷୁବ ସାରସ୍ୱତ ଆସର

ବୀରମହାରାଜପୁର, ୧୫ ।୪(ସମିସ): ମହା ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ସପ୍ତଦୀପା ସାହିତ୍ୟ ସଂସଦର ସାରସ୍ୱତ ଆସର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନାଗରିକ ସଂଗଠନ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସାରସ୍ୱତ



ଆସରରେ ଦ୍ୱିତୀକୃଷ୍ଣ ପଣ୍ଡା ସଭାପତିତ୍ୱ କରିଥିଲେ । ବରିଷ୍ଠ ନାଗରିକ ସଂଗଠନର ପୂର୍ବତନ ସଭାପତି ଡ. ପ୍ରଫୁଲ୍ଲ ରଥ ମୁଖ୍ୟ ଅତିଥି, ଶିକ୍ଷାବିତ୍ ରାଧେଶ୍ୟାମ ପୁରୋହିତ ମୁଖ୍ୟବକ୍ତା, ଶିକ୍ଷାବିତ୍ ଜ୍ଞାନେନ୍ଦ୍ର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କବି ବାସୁଦେବ ରଥ ହନୁମାନ ଚାଳିଶା ପାଠ କରିଥିଲେ । କବି ସୁକାନ୍ତ ସାହୁ ସ୍ୱାଗତ କରିଥିବା ବେଳେ ଶୁଭ୍ରାଂଶୁ ଶେଖର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । କବି ପର୍ତ୍ତୀ ବୁଡେକ, ଧର୍ମଦତ୍ତ ପାଢ଼ୀ, ଉମେଶ ପ୍ରସାଦ ପଧାନ ପ୍ରମୁଖ କବିତା ଆବୃତ୍ତି କରିଥିଲେ । ସୁରୁ ସାହୁ, ଚମରା ମହାକୁର ପ୍ରମୁଖ ସହଯୋଗ କରିଥିଲେ ।

## କୋଟସମଲାଇ ବାହାରିପଡ଼ାରେ ରାମଲୀଳା ଉଦ୍‌ଯାପିତ



ବୀରମହାରାଜପୁର, ୧୫ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କୋଟସମଲାଇ ବାହାରିପଡ଼ା ରଘୁନାଥ ମନ୍ଦିର ନିକଟରେ ଶ୍ରୀ ରଘୁନାଥ ନାଟ୍ୟ କଳାପରିଷଦ ତରଫରୁ ଚଳିତ ବର୍ଷ ୭୫ବର୍ଷ ରାମଲୀଳା ମହୋତ୍ସବ ଉଦ୍‌ଯାପିତ ହୋଇଛି । ୧୮ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା । ଏହି ଅବସରରେ ଗାଁରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଶ୍ରୀରାମ ଜନ୍ମଠାରୁ ଆରମ୍ଭ ହୋଇ ଧନୁଭଙ୍ଗ, ସୀତା ବିବାହ, ରାମ ବନବାସ, ଭରତ ମିଳନ, ସୂର୍ପଣଖା ନାଶା ଛେଦନ, ବାଳି ବଧ, ସୀତା ଚୋରି, ଲଙ୍କା ପୋଡି, ବିଭୀଷଣ ଶରଣ, ରାମ ରାବଣ ପ୍ରଥମ ଯୁଦ୍ଧ, କୁମ୍ଭକର୍ଣ୍ଣ ବଧ, ଇନ୍ଦ୍ରଜିତ ବଧ, ଲକ୍ଷ୍ମଣ ଶକ୍ତିଭେଦ, ମହିରାବଣ ବଧ ଇତ୍ୟାଦିକୁ ନେଇ ରହିଥିବା ପୌରାଣିକ କଥାବସ୍ତୁ ଉପରେ ଗ୍ରାମ୍ୟ କଳାକାରମାନେ ନିଖୁଣ ଅଭିନୟ କରିଥିଲେ । ଅନ୍ତିମ ରଜନୀରେ ରାବଣ ବଧ ସହ ଶ୍ରୀରାମଙ୍କ ରାଜ୍ୟାଭିଷେକ ଲୀଳା ମଞ୍ଚସ୍ଥ ହୋଇଥିଲା । ଏଥିରେ ଶ୍ରୀରାମ ଭୂମିକାରେ ବୁଦ୍ଧଦେବ ମେଣ୍ଡିଲି, ଲକ୍ଷ୍ମଣ ଭାବେ ନରେନ୍ଦ୍ର ବାଘ, ସୀତା ଭାବେ ବୃଷଭ କର୍ଣ୍ଣ, ବିଭୀଷଣ ଭାବେ ସୁବାଷ ବନଛୋର, ହନୁମାନ ଭାବେ ଲକ୍ଷିନ୍ଦ୍ର ବସ୍ତିଆ, ରାବଣ ଭାବେ ଦିଗାମ୍ବର ଚୌଧୁରୀଙ୍କ ଅଭିନୟ ଉଚ୍ଚକୋଟିର ଥିଲା । ଅନ୍ୟାନ୍ୟ ଭୂମିକାରେ କିଶୋର ପଧାନ, ଅନାଦି ବସ୍ତିଆ, ପ୍ରଦ୍ୟୁମ୍ନ ପାଢ଼ୀ, ରାମଗୋପାଳ ସେଠୀ, କାହ୍ନା ଗଡ୍ଡୁଆ, ଜନ୍ମ ବାରକୁଟିଆ, ହୃଷିକେଶ ପଧାନ, ଶରଦ କର୍ଣ୍ଣ, ସଞ୍ଜିବ ପଧାନ, ରାଜେଶ ବାଘ, ଘାସିରାମ ମେଣ୍ଡିଲି, ସଞ୍ଜିବ ପଧାନ ପ୍ରମୁଖ ଅତି ଚମତ୍କାର ଅଭିନୟ କରିଥିଲେ ମନୋରଞ୍ଜନ ପାଢ଼ୀ, ଜାନକୀରାମ ଦେହେରୀ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ପଞ୍ଚାନନ ମନ୍ତ୍ରା, ଚମରା ସେଠୀ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ । ବୀରମିତ୍ର ପଧାନ, ସରୋଜ ପୂଜାହାରୀ, ଚିତ୍ତରଞ୍ଜନ ପାଢ଼ୀ, ଦଶରଥ ମେଣ୍ଡିଲି, ଭିକାରୀ ସେଠୀ, ବିଭୀଷଣ ସେଠୀ, ଅନିଲ ପୁରୋହିତ, ଅନିରୁଦ୍ଧ ଗଡ୍ଡୁଆ, ଦୟାନିଧି ଖୁର୍ଡିଆ, ପରେଶ ବାଘ, ରଘୁନାଥ ବାରକୁଟିଆ, ଚକ୍ରପାଣି ମେଣ୍ଡିଲି, ଅଖୁଜ ଖୁର୍ଡିଆ, ସୁରେଶ ଦେହେରୀଙ୍କ ସମମେତ ଗ୍ରାମବାସୀ ସହଯୋଗ କରିଥିଲେ । ଯଜ୍ଞ କାର୍ଯ୍ୟରେ ଚିତ୍ତରଞ୍ଜନ ପାଢ଼ୀ, ଦଶରଥ ମେଣ୍ଡିଲି, ମୀନକେତନ ପାଢ଼ୀ, ଅନାଦି ବସ୍ତିଆ, ଗୋପାଳ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଜନ୍ମ ବାରକୁଟିଆ, ସତ୍ୟବ୍ରତ ଚୌଧୁରୀ, ସୁନୀଳ ସାହୁ, ଦୀନବନ୍ଧୁ ବସ୍ତିଆ, ଦୀନବନ୍ଧୁ କର୍ଣ୍ଣ, ସତ୍ୟାନନ୍ଦ ମେଣ୍ଡିଲି, ନଳିନୀକାନ୍ତ ବାଘ, ଚକ୍ରପାଣି ମେଣ୍ଡିଲି, ସୁରେଶ ମେଣ୍ଡିଲି, ସଦାନନ୍ଦ ମେଣ୍ଡିଲି, ଆଶୁତୋଷ କର୍ଣ୍ଣ, ଅନିରୁଦ୍ଧ ପାଢ଼ୀ, ଲକ୍ଷ୍ମଣ ନାୟକ ରାହୁଲ ନାୟକ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ ।

## ଅସହାୟ ବ୍ୟକ୍ତିଙ୍କ ଶବ ସତ୍କାର କଲା ରାମଲୀଳା ନାଟ୍ୟ ସଂସଦ



ବୌଦ୍ଧ, ୧୫ ।୪(ସମିସ): ପବିତ୍ର ହିନ୍ଦୁ ନବବର୍ଷ ଓ ପଣା ସଂକ୍ରାନ୍ତି ଭଳି ଦିନରେ ଶ୍ରୀ ରାମଲୀଳା ନାଟ୍ୟ ସଂସଦର ସଦସ୍ୟମାନେ ଏକ ଅପରିଚିତ ବ୍ୟକ୍ତିଙ୍କ ଶବଦାହ ଭଳି ମହତ କାର୍ଯ୍ୟ କରିଛନ୍ତି । ବାଉଁଶୁଣୀ ଅଞ୍ଚଳର ସନ୍ତୋଷ ପାଣ୍ଡେ (୫୫)ଙ୍କ ଶବ ସତ୍କାର କରାଯାଇଛି । ତାଙ୍କ ପରିବାରରେ କେହି ନାହାନ୍ତି । ସନ୍ତୋଷ ବୁଲି ବୁଲି ସମସ୍ତଙ୍କ ଘରେ ଖଉଥିଲେ । ବାହାରେ ବୁଲୁଥିଲେ । ସନ୍ଧ୍ୟାରେ ସନ୍ତୋଷଙ୍କ ଦେହ ଅସୁସ୍ଥ ହେବାରୁ କେହି ଆଣି ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା । ବ୍ୟବଚ୍ଛେଦ ପରେ ବୌଦ୍ଧ ପୁଲିସ ଶବ ସତ୍କାର ପାଇଁ ଶ୍ରୀ ରାମଲୀଳା ନାଟ୍ୟ ସଂସଦର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରିଥିଲା । ଅନୁଷ୍ଠାନର ଉପଦେଷ୍ଟା ଜୟନାରାୟଣ ମହାନ୍ତି, ସନ୍ତୋଷ ସାହୁ, ଜଗଦୀଶ ବାରିକ, ବିଶ୍ୱାମିତ୍ର ସାହୁ, କାହ୍ନା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶବ ସତ୍କାର କରିଥିଲେ ।

## ନାରାୟଣନଗରକୁ ରାଜସ୍ୱ ଗ୍ରାମ ଘୋଷଣା ନେଇ ଜନ ଶୁଣାଣି

ବୌଦ୍ଧ, ୧୫ ।୪ (ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ମୌଜାର ପଡ଼ା ଗ୍ରାମ



ନାରାୟଣନଗରକୁ ରାଜସ୍ୱ ଗ୍ରାମ ଘୋଷଣା କରାଯିବାକୁ ପ୍ରସ୍ତାବ ରହିଛି । ଏଥିପାଇଁ ନାରାୟଣ ନଗର କଲ୍ୟାଣ ମଣ୍ଡପଠାରେ ପ୍ରଶାସନ ପକ୍ଷରୁ ଏକ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ତହସିଲଦାର ଅନୀତା ସାହୁଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା । ତେବେ କାର୍ଯ୍ୟକ୍ରମରେ ନାରାୟଣ ନଗରର କୌଣସି ବ୍ୟକ୍ତି ଉପସ୍ଥିତ ନ ଥିଲେ । କେବଳ ଲକ୍ଷ୍ମୀପ୍ରସାଦ ଗ୍ରାମବାସୀ ଉପସ୍ଥିତ ଥିଲେ । ସେମାନେ ଅଭିଯୋଗ କରିଥିଲେ ପ୍ରସ୍ତାବିତ ନୂତନ ରାଜସ୍ୱ ଗ୍ରାମ ନାରାୟଣ ନଗରକୁ ହିଁ ନେଇ ଗଠନ କରାଯାଉ । ପଞ୍ଚାୟତର ନାମ, ଲକ୍ଷ୍ମୀପ୍ରସାଦ ମୌଜାରେ ଥିବା ବନ୍ଧ ପୋଖରୀ, ସରକାରୀ ଜମି, ରାସ୍ତାଘାଟ ଆଦି ମୂଳ ମୌଜାରୁ ବିଚ୍ଛିନ୍ନ ନ କରିବାକୁ ସେମାନେ ଦାବି କରିଥିଲେ । ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ, ସମିତି ସଭ୍ୟ ପିଣ୍ଟୁ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ ।

## ନୀଳଚକ୍ର ସାହିତ୍ୟ ସଂସଦର ବିଷୁବମିଳନ ଉତ୍ସବ



ବୌଦ୍ଧ, ୧୫ ।୪(ସମିସ): ବୌଦ୍ଧରେ ନୀଳଚକ୍ର ସାହିତ୍ୟ ସଂସଦ, ଭାବସମ୍ରାଟ ଓ ବୌଦ୍ଧଚକ୍ର, ତ୍ରୈମାସିକ ସାହିତ୍ୟ ପତ୍ରିକାର ବିଷୁବମିଳନ ଉତ୍ସବ ପାଳିତ ହୋଇଯାଇଛି । ପ୍ରଫେସର ପ୍ରଶାନ୍ତ ମହାପାତ୍ର, ପ୍ରଫେସର ଡମ୍ବରୁଧର ଭୋଇ, ଡକ୍ଟର ଶରତ ଚନ୍ଦ୍ର ପତି, ଡକ୍ଟର କଳ୍ପତରୁ ନାୟକ, ଦୁଃଖୀଶ୍ୟାମ ବେହେରା, କମଳକାନ୍ତ ଦଳବେହେରା, ସଞ୍ଜୟ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଚିତ୍ତରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ । ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ସେହିଭଳି ଦ୍ୱିତୀୟ ଅଧିବେଶନରେ ବ୍ରହ୍ମାନନ୍ଦ ଥାଟି, ହୃଷିକେଶ ପ୍ରଧାନ, ସତ୍ୟନାରାୟଣ ସାହୁ, ସନ୍ତୋଷ କର୍ଣ୍ଣ, ଗୋପାଳ ଅମାତ, ପ୍ରମୋଦିନୀ ବାଇ, ଚନ୍ଦ୍ରକାନ୍ତ ନାୟକ, ହୃଦାନନ୍ଦ ପ୍ରଧାନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । କବିତା ପାଠୋତ୍ସବରେ ଡକ୍ଟର ଦେବେନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ । ଏହି ଅବସରରେ ଡକ୍ଟର ଶରତ ଚନ୍ଦ୍ର ପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ହୃଷିକେଶ ପ୍ରଧାନଙ୍କ ରଚିତ 'ବିବିଧା' କବିତା ପୁସ୍ତକ ଉନ୍ମୋଚିତ ହୋଇଥିଲା । ସୁଶାନ୍ତ ମହାପାତ୍ର ସମୀକ୍ଷା କରିଥିଲେ ।

# ଆଜି ପର୍ଯ୍ୟନ୍ତ ବସ୍‌ଷ୍ଟାଣ୍ଡ ଦେଖିପାରିଲାନି ମନମୁଣ୍ଡା

ମନମୁଣ୍ଡା, ୧୫ ।୪(ସମିସ)

ପଶ୍ଚିମ ଓଡ଼ିଶାରୁ ପୂର୍ବ ଓ ଦକ୍ଷିଣ ଓଡ଼ିଶାକୁ ଯାତାୟାତର ପ୍ରବେଶ ଦ୍ୱାର ଭାବେ ମନମୁଣ୍ଡା ପରିଚିତ । ପଶ୍ଚିମ ଓଡ଼ିଶାରୁ ପୂର୍ବ ଓ ଦକ୍ଷିଣ ଓଡ଼ିଶାକୁ ଯାତାୟାତ ପାଇଁ ରାସ୍ତାର ସୁବିଧା ନ ଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ସମୟରେ ମନମୁଣ୍ଡା ତେଲନଦୀଠାରେ ୧୯୭୩ ମସିହାରେ ଏକ ସେତୁ ନିର୍ମାଣ କରାଯାଇଥିଲା । ରାଜ୍ୟପାଳ ବି ଡି ଜତ୍ତି ଏହାକୁ ଉଦ୍‌ଘାଟନ କରିଥିଲେ । ସେହି ଦିନଠାରୁ ପଶ୍ଚିମ ଓଡ଼ିଶାରୁ ପୂର୍ବ ଓ ଦକ୍ଷିଣ ଓଡ଼ିଶାକୁ ଯାତାୟାତର ପଥ ଖୋଲିଲା । ଯାତ୍ରୀବାହୀ ବସ୍ ସମେତ ସମସ୍ତ ପ୍ରକାର ଯାନବାହନ ଯିବା ଆସିବା ଆରମ୍ଭ ହେଲା । ରାଜ୍ୟ ରାଜପଥ ବଦଳରେ ମନମୁଣ୍ଡା ସହର ଦେଇ ଜାତୀୟ ରାଜପଥ (୫୭) ଆରମ୍ଭ ହୋଇଛି । ତେଲନଦୀର ଉଭୟ ପାର୍ଶ୍ୱରେ ସୋନପୁର ଜିଲ୍ଲା ସଦର ମହକୁମା ଓ ମନମୁଣ୍ଡା ସହର ଅବସ୍ଥିତ । ମନମୁଣ୍ଡା ବୌଦ୍ଧ ଜିଲ୍ଲାର ପ୍ରବେଶ ଦ୍ୱାର ହୋଇଥିବାରୁ କଣ୍ଟାମାଳ ବ୍ଲକର ୨୪ଟି ପଞ୍ଚାୟତ ସମେତ ବୌଦ୍ଧ ବ୍ଲକର ଅନେକ ପଞ୍ଚାୟତର ଜନସାଧାରଣ କଟକ, ଭୁବନେଶ୍ୱର, ବାଲେଶ୍ୱର, ପୁରୀ, ବ୍ରହ୍ମପୁର, ଫୁଲବାଣୀ ଇତ୍ୟାଦି ଅନେକ ସହର ତଥା ପୂର୍ବ ଓ ଦକ୍ଷିଣ ଓଡ଼ିଶାକୁ ଯିବା ପାଇଁ ମନମୁଣ୍ଡାକୁ ଆସି ବସରେ ଚଢ଼ିଥାନ୍ତି । ଲୋକ ସଂଖ୍ୟାରେ ବୌଦ୍ଧ ଜିଲ୍ଲାର ସବୁଠୁ ବଡ ପଞ୍ଚାୟତ ମନମୁଣ୍ଡାରେ ପ୍ରାୟ ସମସ୍ତ ସରକାରୀ କାର୍ଯ୍ୟାଳୟ ରହିଛି । ଏହା ଏକ ପ୍ରମୁଖ ବାଣିଜ୍ୟକେନ୍ଦ୍ର । ଏଠାରେ ରେଳ ଷ୍ଟେସନ ମଧ୍ୟ ସ୍ଥାପନ ହୋଇଗଲାଣି । ବଲାଙ୍ଗିର-ଖୋର୍ଦ୍ଧା ରେଳୱେ ଚଳାଚଳ କାମ ସମ୍ପୂର୍ଣ୍ଣ ହେଲା ପରେ ରେଳରେ ଯିବା ପାଇଁ ଏହି ଅଞ୍ଚଳର ଲୋକମାନେ ମନମୁଣ୍ଡା ଷ୍ଟେସନ ଉପରେ ନିର୍ଭର କରିବେ; କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟଯେ ଏଠାରେ ଅଦ୍ୟାବଧି ବସଷ୍ଟାଣ୍ଡଟିଏ ମଧ୍ୟ ନିର୍ମାଣ କରାଯାଇନାହିଁ । ଗତ ସରକାର ସମୟରେ ମନମୁଣ୍ଡାରେ ଏକ ଆଦର୍ଶ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଏଠିକାର ବାଇପାସ୍ ଯୋଗିପଦର ଛକଠାରେ ପୂର୍ବତନ ଜିଲ୍ଲାପାଳ ଲଳାଟେନ୍ଦୁ ମିଶ୍ର ନିଜେ ସରଜମିନ ଆସି ଜାଗା ଚିହ୍ନଟ କରିଥିଲେ । ଓଏସଆରଟିସି ଅଧିକାରୀମାନେ ମଧ୍ୟ ଆସି କ୍ଷେତ୍ର ପରିଦର୍ଶନ ପୂର୍ବକ ଉପଯୁକ୍ତ ଜାଗା ବୋଲି କହିଥିଲେ । ପ୍ରତ୍ୟେକ ବ୍ଲକରେ ଗୋଟିଏ ବସଷ୍ଟାଣ୍ଡ କରାଯିବାର ନିର୍ଦ୍ଦେଶ ରହିଥିଲା; କିନ୍ତୁ ମନମୁଣ୍ଡା ପ୍ରତି ବୈମାତୃକ ମନୋଭାବ ପୋଷଣ କରି ମନମୁଣ୍ଡା ପରିବର୍ତ୍ତେ ତାହା ଅନ୍ୟତ୍ର ନିର୍ମାଣ କରାଗଲା । ଯେଉଁ ଜାଗାକୁ ଦିନକୁ ୫ଟା ବସ ଯାଉଛି ତାହାକୁ ଗୁରୁତ୍ୱ ଦିଆଯାଇଥିବାବେଳେ ଦିନକୁ ୫୦ଟି ବସ ଯାଉଥିବା ଜାଗାକୁ ଅଣଦେଖା କରାଯାଇଛି । ଦିନକୁ ଦିନ ବସ ଓ ଯାତ୍ରୀ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇଛି । ବସଷ୍ଟାଣ୍ଡ ଅଭାବରୁ ଯାତ୍ରୀ ଖରା, ବର୍ଷା ଓ ଶୀତରେ ଖୋଲା ଆକାଶ ତଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରି ରହିବାକୁ ପଡୁଛି । ବସର କୌଣସି ନିର୍ଦ୍ଦିଷ୍ଟ ରହିବା ସ୍ଥାନ ନ ଥିବାରୁ ଯାତ୍ରୀ ଛୋଟ ଛୁଆ, ବୃଦ୍ଧ, ବୟସ୍କଙ୍କୁ ସାଙ୍ଗରେ ଧରି ଜିନିଷପତ୍ର ସହ ବସ ଚଢ଼ିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି । ସେହିଭଳି ପରିସ୍ରା, ଶୌଚ ପାଇଁ ମଧ୍ୟ ଅସୁବିଧା ଭୋଗୁଛନ୍ତି । ଆହୁରି ମଧ୍ୟ ମନମୁଣ୍ଡା ବ୍ୟତୀତ ରାସ୍ତା କଡରେ ଥିବା ପ୍ରାୟ ପ୍ରତ୍ୟେକ ଗ୍ରାମରେ ବସକୁ ଅପେକ୍ଷା ପାଇଁ ଗୋଟିଏ ଲେଖାଏଁ ଯାତ୍ରୀ ବିଶ୍ରାମଗାର ନିର୍ମାଣ କରାଯାଇଛି । ମନମୁଣ୍ଡା ଭଳି ଜିଲ୍ଲାର ଏକ ପ୍ରମୁଖ ସହରରେ ତାହା ନିର୍ମାଣ କରାଯାଇ ନ ଥିବା ମନମୁଣ୍ଡା ପ୍ରତି ରାଜନୈତିକ ଆନ୍ତରିକତା ନ ଥିବା ଅଭିଯୋଗ ହେଉଛି । ପ୍ରଶାସନର ଦୂରଦୃଷ୍ଟି ଅଭାବ ଓ ଅବହେଳା ବୋଲି ମଧ୍ୟ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସରକାର ତଥା ପ୍ରଶାସନ ଯେଉଁ ପ୍ରକଳ୍ପ ଯେଉଁ ଜାଗା ପାଇଁ ନିହାତି ଆବଶ୍ୟକ ତାହା ସେଠାରେ କରାଯିବା ପାଇଁ ପଦକ୍ଷେପ ନେବା ଉଚିତ; କିନ୍ତୁ ତାହା ନ କରି ମନମୁଣ୍ଡା ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରାଯାଇଛି । ଏହାକୁ ନେଇ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ମନମୁଣ୍ଡାଠାରେ ଏକ ଆଦର୍ଶ ବସ୍‌ଷ୍ଟାଣ୍ଡ ନିର୍ମାଣ ସହ ରାସ୍ତା କଡ଼ର ବିଭିନ୍ନ ଛକରେ ଯାତ୍ରୀ ଅପେକ୍ଷା ସ୍ଥଳ ନିର୍ମାଣ ଆବଶ୍ୟକ । ଅନ୍ୟଥା ଏହାକୁ ନେଇ ଆନ୍ଦୋଳନ, ରାସ୍ତାରୋକ ଇତ୍ୟାଦି କରାଯିବା ଜଳ ଜଳ ଦିଶୁଛି ।

● ସିବିଏସଇ ଦଶମ ପରୀକ୍ଷା ଫଳ ପ୍ରକାଶିତ

## ଡିପିଏସର ଶତପ୍ରତିଶତ ସଫଳତା; ଶ୍ରୀୟାଶିଳ୍ପୀ ଟପ୍ପର




ଢେଙ୍କାନାଳ, ୧୫।୪(ସମିସ): ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାରେ ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ସ୍କୁଲର ମୋଟ ୧୬୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୫ଜଣ ୯୫ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ କରିଥିବା ବେଳେ ୪୮ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ବିଦ୍ୟାଳୟର ଛାତ୍ରୀ ଶ୍ରୀୟାଶିଳ୍ପୀ ସାହୁ ୯୯ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ସୁନାମ ଅର୍ଜନ କରିବା ସହ ଟପ୍ପର ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରମଣ୍ୟ କୁମାର ଶ୍ରୀପଦ, ପ୍ରୋ ଭାଇସ୍ ଚେୟାରମ୍ୟାନ ବିନୋଦ ଦାଶ, ନିର୍ଦ୍ଦେଶକ ଡ. ଲଗ୍ନଜିତ ଶୁଭେଚ୍ଛା ଜ୍ଞାପନ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଟ୍ରକ ଧକ୍କାରେ ସ୍ୱାମୀ ମୃତ; ସ୍ତ୍ରୀ ଗୁରୁତର

● ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ଢେଙ୍କାନାଳ, ୧୫।୪(ସମିସ): ଢେଙ୍କାନାଳ-ସପ୍ତଶଯ୍ୟା ରାସ୍ତାର ଟାଉନଥାନା ଅନ୍ତର୍ଗତ ମହିଷାପାଟ ଛକ ନିକଟରେ ଟ୍ରକ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସ୍ଥାନୀୟ ରଗଡ଼ିସାହିର ଶ୍ୟାମସୁନ୍ଦର ନାୟକ। ଶ୍ୟାମସୁନ୍ଦର ତାଙ୍କ ସ୍ତ୍ରୀ ଭାରତୀ ନାୟକଙ୍କ ସହ ବାଇକ୍ ଯୋଗେ ଶଶୁର ଘରୁ ନିଜ ଘରକୁ ଫେରୁଥିଲେ। ବିପରୀତ ଦିଗରୁ ଆସୁଥିବା ଚାଉଳ ବୋଝେଇ ଟ୍ରକ ସେମାନଙ୍କ ଧକ୍କା ଦେଇଥିଲା। ଶ୍ୟାମସୁନ୍ଦର ଟ୍ରକ ଚକତଳେ ଚାପିହୋଇ ଯାଇଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଭାରତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଛନ୍ତି। ପୁଲିସ ଟ୍ରକ ଜବତ କରି ତଦନ୍ତ ଚଳାଇଛି। ଘଟଣାସ୍ଥଳରେ ମୃତଙ୍କ ସମ୍ପର୍କୀୟ ପହଞ୍ଚିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରେ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି।

## ପୋଖରୀରେ ବୁଡ଼ି ଯୁବକ ମୃତ

କାମାକ୍ଷାନଗର, ୧୫।୪(ସମିସ): ପୋଖରୀରେ ବୁଡ଼ି ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ନୂଆଗାଁର ଧବଳେଶ୍ୱର ମହାନ୍ତ (୩୪)। ମଧ୍ୟାହ୍ନରେ ଧବଳେଶ୍ୱର ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ମେଡିକାଲ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୁଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

## ହାତୀ ଆକ୍ରମଣରେ ବୃଦ୍ଧା ମୃତ

ହିନ୍ଦୋଳ, ୧୫।୪(ସମିସ): କାଜୁ ତୋଳିବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ହିନ୍ଦୋଳ ଏନଏସି ୫ନଂ ୱାର୍ଡଧୁନ୍ଦିନାଳୀ ଗ୍ରାମର ଜୟନ୍ତୀ ସାହୁ (୬୨) ମିଳିଥିବା ସୂଚନା ଅନୁଯାୟୀ ଜୟନ୍ତୀ ଅନ୍ୟ ମହିଳାମାନଙ୍କ ସହ ହିନ୍ଦୋଳ ବନାଞ୍ଚଳ ପୁରୁଷବେଣୀ ତଇଲଳା ନିକଟକୁ କାଜୁ ତୋଳିବାକୁ ଯାଇଥିବା ବେଳେ ଗୋଟିକିଆ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିଥିଲା। ପାଦରେ ଦଳିଚକଟି କଚାଡ଼ି ଦେବାରୁ ସେ ଗୁରୁତର ହୋଇଥିଲେ। ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହିନ୍ଦୋଳ ଥାନା ପୁଲିସ ଓ ବନବିଭାଗ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ କରୁଛନ୍ତି। ବନବିଭାଗ ପକ୍ଷରୁ ତୁରନ୍ତ ୧ଲକ୍ଷ ଟଙ୍କା ସହାୟତା ଘୋଷଣା କରାଯାଇଛି। ଅନ୍ୟାନ୍ୟ ସହାୟତା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରିବାରକୁ ଯୋଗାଇ ଦିଆଯିବ ବୋଲି ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ କହିଛନ୍ତି। ଜୟନ୍ତୀଙ୍କ ମୃତ୍ୟୁରେ ପୂର୍ବତନ ସାଂସଦ ମହେଶ ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ଦିନକୁ ଦିନ ବୃଦ୍ଧି ପାଉଥିବା ହାତୀ-ମଣିଷ ଲଢ଼େଇ ରୋକିବା ପାଇଁ ବନବିଭାଗ ଓ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେବା ଓ ମୃତକଙ୍କ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର



ଢେଙ୍କାନାଳ, ୧୫।୪(ସମିସ): ଜେବିଆର ହସ୍ପିଟାଲ ଓ ତୀର୍ଥବାସୀ ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ପଙ୍ଗାତିରାଠାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଜେବିଆର୍ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ପ୍ରଧାନ, ଯୁବ ସମାଜସେବୀ ପ୍ରତୀକ କୁମାର ସାହୁ ଏଥିରେ ଯୋଗଦେଇଥିଲେ। ଦୋଳମଣ୍ଡପ ସାହି ଗଣେଶ ପୂଜା କମିଟି ସଦସ୍ୟମାନଙ୍କ ମିଳିତ ଉଦ୍ୟମରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ଯୋଗାଇ ଦିଆଯାଇଥିଲା।

ଜିଲ୍ଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# ଦଳୀୟ ନେତୃବୃନ୍ଦଙ୍କ ବିରୋଧରେ ମନ୍ତବ୍ୟ ଦେଉଥିବା ବ୍ୟକ୍ତି ଦଳ ଛାଡ଼ନ୍ତୁ

ଢେଙ୍କାନାଳ, ୧୫।୪(ସମିସ)




ସ୍ଥାନୀୟ ଅଡିଟରିୟମ ଗୃହରେ ଜିଲ୍ଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଡ. ନୃସିଂହ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ ସଭାପତି, ନଗର ସଭାପତି, ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷ, ସମିତି ସଭ୍ୟ, ସରପଞ୍ଚଙ୍କ ସମେତ ଦଳୀୟ ପଦାଧିକାରୀ ଯୋଗଦେଇଥିଲେ। ଆଗାମୀ ଦିନରେ ସଙ୍ଗଠନକୁ କିପରି ମଜବୁତ କରାଯିବ ସେ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଏଥିସହ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଆସନ୍ତା ମେ ମାସ ସୁଦ୍ଧା ସମସ୍ତ ବ୍ଲକରେ ବ୍ଲକ ନୋମିନି, ପଞ୍ଚାୟତ ନୋମିନି ଗଠନ କରିବା ପାଇଁ ସଭାପତି ଡ. ସାହୁ ଦଳୀୟ ପଦାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ମ୍ୟୁନିସିପାଲଟି ଓ ଏନଏସିରେ ୱାର୍ଡ କମିଟି ଗଠନ କରି ଦଳକୁ ତୃଣମୂଳ ସ୍ତରରୁ ମଜବୁତ କରିବାକୁ କହିଥିଲେ। ଗତ ରାଜ୍ୟସଭା ନିର୍ବାଚନରେ ଯେଉଁ ବିଧାୟକମାନେ ଦଳ ବିରୋଧରେ ଯାଇ ବିରୋଧୀମାନଙ୍କୁ ଭୋଟ ଦେଇଥିଲେ ସେମାନଙ୍କୁ ସୁପ୍ରିମୋ ନବୀନ ପଟ୍ଟନାୟକ ଦଳରୁ ବହିଷ୍କାର କରିଥିବା ନିଷ୍ପତ୍ତିକୁ ସମସ୍ତ ପଦାଧିକାରୀ ସ୍ୱାଗତ କରିବା ସହ ସମର୍ଥନ କରିଥିଲେ। ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ତାଙ୍କ ବକ୍ତବ୍ୟରେ କହିଲେ ଯେ ରାଜ୍ୟରେ ଦଳ ଭଲ ସ୍ଥିତିରେ ରହିଛି। ରାଜ୍ୟର ସମସ୍ତ ଆଞ୍ଚଳିକ ଦଳ ନିଜ ସ୍ଥିତି ହରାଇଥିବା ବେଳେ ବିଜେଡି ତାହାର ସ୍ଥିତି ବଜାୟ ରଖିଛି। କୌଣସି କର୍ମୀ ବ୍ୟସ୍ତ ନ ହୋଇ ଦଳପାଇଁ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଦଳୀୟ ନେତୃବୃନ୍ଦଙ୍କ ବିରୋଧରେ ମନ୍ତବ୍ୟ ଦେଉଥିବା ବ୍ୟକ୍ତି ଦଳ ପରିତ୍ୟାଗ କରନ୍ତୁ ବୋଲି ତାଗିଦ୍ କରିଥିଲେ। ପୂର୍ବତନ ସାଂସଦ ମହେଶ ସାହୁ ତାଙ୍କ ବକ୍ତବ୍ୟରେ ବିଜେପି ସରକାର କିଭଳି ଲୋକଙ୍କୁ ନିରାଶ କରୁଛି ସେ ବିଷୟରେ କହିବା ସହ ବିଜେଡି କର୍ମୀମାନେ ସଙ୍ଗଠିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଓକିଲ ସଂଘ ସଭାପତି ଗୋପାଳ ପାତ୍ର, ବିଜେଡି ମହିଳା ସଭାପତି ସାଗରିକା ମିଶ୍ର, କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀ, ଯୁବ ସଭାପତି ଧର୍ମାନନ୍ଦ ପରିଡ଼ା, ଛାତ୍ର ସଭାପତି ଆର୍ଯ୍ୟନ ଦାସ, ମହିଳା କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଭୁବନ ନଗରପାଳ ଶୁଭେନ୍ଦୁ ସାହୁ, ପୂର୍ବତନ ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, କାମାକ୍ଷାନଗର ବ୍ଲକ ସଭାପତି ପ୍ରଭାସ ମିଶ୍ର, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ନାୟକ, କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଜିଲ୍ଲା ଉପସଭାପତି ତିଳୋତ୍ତମା ଚୌଧୁରୀ, ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା, ଅଜୟ କୁମାର ସେଠୀ, ଗନ୍ଦିଆ ବ୍ଲକ ସଭାପତି ପ୍ରଦୀପ କୁମାର ରାଉତ ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। ଜିଲ୍ଲାପରିଷଦ ସଭ୍ୟ ଅଶୋକ ସାହୁ, ଅଶୋକ କୁମାର ପରିଡ଼ା, ନିରାକାର ପ୍ରଧାନ, ମମତାଞ୍ଜଳି ବେହେରା, ପ୍ରତାପ ଦାସ, ଝଙ୍କଚାନ୍ଦ ମିଶ୍ର, ଜିଲ୍ଲା ସୋସିଆଲ ମେଡିଆ ସଂଯୋଜକ ଗଙ୍ଗାଧାର ରାଉତ, ଯୁବ ବିଜେଡି ନଗର ସଭାପତି ବ୍ରହ୍ମାନନ୍ଦ ସାହୁ, ଜିଲ୍ଲା ସମ୍ପାଦକ ରଞ୍ଜନ କୁମାର ନାୟକ, ମାନସ ମହାରଣା, କାଉନସିଲର ଲିପିକା ଦାସ, ମହମ୍ମଦ ସାଗିର, ବଂଶୀଧର ଦଳେଇଙ୍କ ସମେତ ବହୁ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର ମଞ୍ଚ ପରିଚାଳନା କରିଥିଲେ।

● କିଙ୍ଗ ଅଫ ଫରେଷ୍ଟ ଗ୍ୟାଙ୍ଗର ରାକେଶ ନାଥ ଗିରଫ ଘଟଣା

## ଗୁଳି ଓ ବୋମାମାଡ଼ ହୋଇଥିବା ସୁବାସଙ୍କ ଘରେ ତଦନ୍ତ



କାମାକ୍ଷାନଗର, ୧୫।୪(ସମିସ): କାମାକ୍ଷାନଗର ସମେତ ସମଗ୍ର ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ ଆତଙ୍କ ସୃଷ୍ଟି କରିଥିବା ଦୁର୍ଦ୍ଦାନ୍ତ ଅପରାଧୀ ଗ୍ୟାଙ୍ଗ କିଙ୍ଗ ଅଫ ଫରେଷ୍ଟର ମୁଖ୍ୟ ରାକେଶ ନାଥକୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ କାମାକ୍ଷାନଗର ଥାନା ଖୁଣ୍ଟାପଶି ଗ୍ରାମରେ ଗ୍ୟାଙ୍ଗର ଅନ୍ୟତମ ପ୍ରମୁଖ ସଦସ୍ୟ ତଥା ରାକେଶ ନାଥର ମୁଖ୍ୟ ସହଯୋଗୀ ସୁବାସ ଖୁଣ୍ଟିଆ ଘର ଉପରକୁ ଗୁଳି ଓ ବୋମାମାଡ଼ ଘଟଣାରେ ପୁଲିସ ରାକେଶ ନାଥକୁ ଉଠାଇ ନେଇଛି ପୁଲିସ। ମଙ୍ଗଳବାର ସନ୍ଧ୍ୟାରେ ରାକେଶ କିଛି ସହଯୋଗୀଙ୍କ ସହ ସୁବାସ ଘରକୁ ଯାଇ ସେଠାରେ ଫାଙ୍କା ଗୁଳି ଚଳାଇବା ସହ ବୋମାମାଡ଼ କରି ପରିବାର ଲୋକଙ୍କୁ ଧମକଚମକ ଦେଉଥିଲା। ଏହି ସମୟରେ ସୁବାସ ଘରେ ନ ଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପୁଲିସ ରାକେଶଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ସହଯୋଗୀ ଫେରାର ହୋଇଯାଇଥିଲେ। ରାକେଶକୁ ବୁଧବାର ଢେଙ୍କାନାଳ ସ୍ଥାନାନ୍ତର କରାଯାଇଥିବା ବେଳେ ସାଇଣ୍ଟିଫିକ ଟିମ୍ ଓ ପୁଲିସର ଏକ ସ୍ୱତନ୍ତ୍ର ଦଳ ସୁବାସ ଖୁଣ୍ଟିଆ ଘରେ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି। କେମିତି ଓ କାହିଁକି ଗୁଳି ଓ ବୋମାମାଡ଼ ହୋଇଥିଲା, ଘଟଣା ବେଳେ ରାକେଶ ନାଥ ସହ କେଉଁମାନେ ସୁବାସ ଖୁଣ୍ଟିଆ ଘରକୁ ଯାଇଥିଲେ ସେ ସବୁର ତଦନ୍ତ କରିବା ସହ ଘଟଣାସ୍ଥଳରୁ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରିଛି ସାଇଣ୍ଟିଫିକ ଟିମ। ଏହି ଘଟଣାକୁ ନେଇ ସୁବାସ ଖୁଣ୍ଟିଆଙ୍କ ସ୍ତ୍ରୀ କାମାକ୍ଷାନଗର ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରିଛି। ରାକେଶଙ୍କ ସହଯୋଗୀମାନଙ୍କୁ ଖୁବଶୀଘ୍ର ଧରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଛି।

## ଝୋଟରୁ ନିର୍ମିତ ଦ୍ରବ୍ୟର ଉପକାରିତା ସମ୍ପର୍କିତ ପ୍ରଶିକ୍ଷଣ



କଙ୍କଡ଼ାହାଡ଼, ୧୫।୪(ସମିସ): କଙ୍କଡ଼ାହାଡ଼ ବ୍ଲକ ଝିଲି ପଞ୍ଚାୟତ ଟମ୍ପେଇ ଗ୍ରାମରେ ଝୋଟ ଓ ଏଥିରୁ ନିର୍ମିତ ଦ୍ରବ୍ୟର ଉପକାରିତା ସମ୍ପର୍କରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଫେବୃଆରୀ ୧୬ରୁ ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ଝୋଟ ଓ ଏହାର ବିବିଧ ପଣ୍ୟର ସାମାଜିକ ବ୍ୟବହାର ଏବଂ ଏଥିରୁ କିପରି ପ୍ରସ୍ତୁତ କରାଯାଏ ତାହା ଉପରେ ପ୍ରଶିକ୍ଷଣ ଶିବିର ହୋଇଥିଲା। ଶିବିରରେ ସ୍ୱୟଂ ସହାୟିକା ଗୋଷ୍ଠୀର ୬୦ ଜଣ ଓ ଏଫପିଓ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଝୋଟ ଦ୍ୱାରା ପରିବେଶ ସ୍ୱଚ୍ଛ ରହିବା ସହ ଦୈନନ୍ଦିନ ଜୀବନରେ ସ୍ୱାବଲମ୍ବୀ ହେବା ପାଇଁ ପଣ୍ୟ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହା ଦ୍ୱାରା ପରିବେଶ ପ୍ଲାଷ୍ଟିକମୁକ୍ତ ହୋଇ ପାରିବ ବୋଲି ପ୍ରଶିକ୍ଷକମାନେ ମାର୍ଗଦର୍ଶନ ଦେଇଥିଲେ। ଝୋଟରୁ ତିଆରି ଫାଇଲ, ବ୍ୟାଗ, ପାଣି ବୋତଲ ବ୍ୟାଗ ପ୍ରସ୍ତୁତ ଓ ସିଲେଇ ମେସିନ ବ୍ୟବହାର ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ସରପଞ୍ଚ ରୋଜାଲିନ ସାହୁ ମୁଖ୍ୟଅତିଥି, ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାସ ମୁଖ୍ୟବକ୍ତା, ଉପବିଭାଗୀୟ କୃଷି ଅଧିକାରୀ ପ୍ରଦୀପ କୁମାର ବେଉରା, ବ୍ଲକ କୃଷି ଅଧିକାରିଣୀ ମଧୁସ୍ମିତା ଶତପଥୀ, ଜିଆରଏସ ହିମାଂଶୁ ଭୂଷଣ ସାହୁ, ୱାଇକେ ଲିବ୍ରା ସଚିବ ଜମ୍ବେଶ୍ୱର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୋଗିନାଥ ସାମଲ ପ୍ରଶିକ୍ଷକ ଭାବେ ଯୋଗ ଦେଇ ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ବଜରଙ୍ଗ ପ୍ରିମିୟର ଲିଗ ଉଦ୍‌ଯାପିତ




ଢେଙ୍କାନାଳ, ୧୫।୪(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବ ତରଫରୁ ତିନିଦିନ ଧରି ଚାଲିଥିବା ବଜରଙ୍ଗ ପ୍ରିମିୟର ଲିଗର ପ୍ରଥମ ସଂସ୍କରଣ ଉଦ୍‌ଯାପିତ ହୋଇଛି। ଏହି ଲିଗ୍ କେବଳ ବଜରଙ୍ଗ କ୍ଲବ୍ ସଦସ୍ୟମାନଙ୍କୁ ନେଇ ହୋଇଥିଲା। ବଜରଙ୍ଗ ସୁପର ଷ୍ଟ୍ରାଇକର୍, ବଜରଙ୍ଗ ସୁପର କିଙ୍ଗ୍, ବଜରଙ୍ଗ ଟାଇଗର୍, ବଜରଙ୍ଗ ୱାରିୟର୍, ବଜରଙ୍ଗ ଡେୟାର୍‌ଡେଭିଲ୍, ବଜରଙ୍ଗ ଟାଇଟନ୍, ବଜରଙ୍ଗ ବ୍ଲାଷ୍ଟର୍ସ, ବଜରଙ୍ଗ ଚ୍ୟାଲେଞ୍ଜର ଆଦି ୮ ଟିମ ଗଠନ କରାଯାଇ ପରସ୍ପର ମଧ୍ୟରେ ମ୍ୟାଚ ହୋଇଥିଲା। ଫାଇନାଲ ମ୍ୟାଚ୍ ବଜରଙ୍ଗ ୱାରିୟର୍ ଓ ବଜରଙ୍ଗ ଟାଇଗର ମଧ୍ୟରେ ଖେଳାଯାଇଥିଲା। ବଜରଙ୍ଗ ୱାରିୟର୍ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ପ୍ରଥମ ଦିନ ମୁଖ୍ୟଅତିଥି ଭାବେ ଆଇଆଇଏମସି ନିର୍ଦ୍ଦେଶକ ଆନନ୍ଦ ପ୍ରଧାନ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିନ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଢେଙ୍କାନାଳ ପୌର ଉପାଧ୍ୟକ୍ଷ ପ୍ରକାଶ କୁଅଁର ଓ ଦୀପ୍ତିରଞ୍ଜନ ବେହେରା ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶିବସାଇ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବଜରଙ୍ଗ କ୍ଲବ ସଦସ୍ୟ ରାଜେଶ ସୋନି, ବରିଷ୍ଠ ସଦସ୍ୟ ଚନ୍ଦ୍ରଶେଖର ମାଝୀ ଓ ଦେବାଶିଷ ମିଶ୍ର ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବଜରଙ୍ଗ କ୍ଲବ ମହିଳା ଶାଖା ସଦସ୍ୟା ନେହା ଧାରାବିବରଣୀ ପ୍ରଦାନ କରିଥିଲେ।

## ଅଗ୍ନିକାଣ୍ଡ; ଜଳିଗଲା ୧୦ ବଖରା ଘର



କାମାକ୍ଷାନଗର, ୧୫।୪(ସମିସ): କାମାକ୍ଷାନଗର ବ୍ଲକ ବଡ଼ସୁଆଳ ପଞ୍ଚାୟତ କନ୍ଧବୋଲ ଗାଁରେ ବୁଧବାର ଅପରାହ୍ନ ୧ଟାରେ ଅଗ୍ନିକାଣ୍ଡ ଘଟି ୧୦ରୁ ଊର୍ଦ୍ଧ୍ୱ ବଖରା ଘର ଜଳିଯାଇଛି। ଦୟାନିଧି ପ୍ରଧାନଙ୍କ ୪ ବଖରା, ଗୋବର୍ଦ୍ଧନ ପ୍ରଧାନଙ୍କର ୩ବଖରା ଓ ଶିଶିର ପ୍ରଧାନଙ୍କ ୩ବଖରା ଘର ଭସ୍ମୀଭୂତ ହୋଇଛି। ଏଥିସହ ଘରର ସମସ୍ତ ଅସବାବପତ୍ର, ଧନ ସମ୍ପତ୍ତି ପୋଡ଼ି ପାଉଁଶ ହୋଇଛି। କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ସମସ୍ତ ବିପନ୍ନ ଗରିବ ହୋଇଥିବାରୁ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଜିରିଡ଼ାମାଳିରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ପଣାସଂକ୍ରାନ୍ତି

କାମାକ୍ଷାନଗର, ୧୫।୪(ସମିସ): କାମାକ୍ଷାନଗର ସହର ନିକଟ ଜିରିଡ଼ାମାଳି ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ପଣାସଂକ୍ରାନ୍ତି ଉତ୍ସବ ପାଳିତ ହୋଇଛି। ଦୀର୍ଘ ୩୧ ବର୍ଷ ଧରି ପଣାସଂକ୍ରାନ୍ତି ଅବସରରେ ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ରଘୁନାଥଜୀଉଙ୍କ ପୀଠରେ ଏହି ଉତ୍ସବ ପାଳିତ ହୋଇ ଆସୁଛି। ଏହି ଉପଲକ୍ଷେ ବେଦଜ୍ଞ ବ୍ରାହ୍ମଣମାନଙ୍କ ଦ୍ୱାରା ତିନିଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣାସଂକ୍ରାନ୍ତି ଦିନ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା।



ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିବା ବେଳେ ପଣା ବଣ୍ଟନ କରାଯାଇଥିଲା। ତିନିଦିନ ଧରି ଭଜନ, କୀର୍ତ୍ତନ ଓ ବିଭିନ୍ନ ମନ୍ତ୍ରଧ୍ୱନିରେ ପୀଠ ପରିସର ପ୍ରକମ୍ପିତ ହେବା ସହ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଯଜ୍ଞରେ କର୍ତ୍ତା ଭାବେ ସର୍ବେଶ୍ୱର ପଣ୍ଡା, ପ୍ରଭାସିନୀ ପଣ୍ଡା, ହୃଦୟ ବଲ୍ଲଭ ମିଶ୍ର, ସଙ୍ଗୀତା ମିଶ୍ର, ଲକ୍ଷ୍ମୀଧର ପଣ୍ଡା, ଅମରେଶ ବିଶ୍ୱାଳ, ଆରତୀ ବିଶ୍ୱାଳ ଯୋଗଦେଇଥିଲେ। ଆଚାର୍ଯ୍ୟ ଅଚ୍ୟୁତାନନ୍ଦ ମିଶ୍ର, ଭବାନୀ ପ୍ରସାଦ ମିଶ୍ର ପ୍ରମୁଖ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। କ୍ଷୀରୋଦ ସାହୁ, ହୃଦାନନ୍ଦ ସେଠୀ, କାହ୍ନୁ ଦେହୁରୀ, କାଳନ୍ଦୀ ପଣ୍ଡା, ଚିତ୍ତରଞ୍ଜନ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ଥଣ୍ଡା ପାଣି ଓ ପଣା ବଣ୍ଟନ

ଭୁବନ, ୧୫।୪(ସମିସ): ପବିତ୍ର ପଣା ସଂକ୍ରାନ୍ତି ଓ ଝାମୁଯାତ୍ରାରେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ଯୁବ ସଙ୍ଗଠନ, ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଥଣ୍ଡା ପାନୀୟ ଜଳ ସହ ପଣା ବଣ୍ଟନ କରାଯାଇଛି।




ମଙ୍ଗଳବାର ପବିତ୍ର ଓଡ଼ିଆ ନବବର୍ଷ ଉପଲକ୍ଷେ ଘରୋଇ ପରିବହନ ମାଲିକ ଜନମଙ୍ଗଳ ପକ୍ଷରୁ ଥଣ୍ଡା ବିଶୁଦ୍ଧ ପାଣି ଓ ପଣା ବଣ୍ଟନ କରାଯାଇଥିଲା। ନୂଆ ବଜାରସ୍ଥିତ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାପତି ଗଣେଶ୍ୱର ନାୟକ ଏହାର ନେତୃତ୍ୱ ନେଇଥିଲେ।

# କବିଭୂଷଣ ରାଜକିଶୋର ପଟ୍ଟନାୟକଙ୍କ ଜୟନ୍ତୀ

ଢେଙ୍କାନାଳ, ୧୫।୪(ସମିସ)

ସ୍ଥାନୀୟ ଷ୍ଟାଡିୟମ ପରିସରରେ ନିୟୁ ଇଣ୍ଡିଆ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ମହିମା ବହି ମେଳା ଅବସରରେ କବିଭୂଷଣ ରାଜକିଶୋର ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ଶଙ୍କର୍ଷଣ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ କବିଙ୍କ ପ୍ରତିଭା, ସାହିତ୍ୟ ପ୍ରତି ସମର୍ପଣ ଯୁଗ ଯୁଗ ମନେ ରହିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ରମେଶ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାପକ ଡ. ରମେଶ ଚନ୍ଦ୍ର ସାହୁ, ଡ. ପ୍ରଶାନ୍ତ କୁମାର ରଥ ପ୍ରମୁଖ ଯୋଗଦେଇ କବିଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ତପନ କୁମାର ଶତପଥୀ ଯୋଗଦେଇ କବିଙ୍କ ସାରସ୍ୱତ ସୃଜନ ଉପରେ ମତବ୍ୟକ୍ତ କରିବା ସହ ଢେଙ୍କାନାଳ ସାରସ୍ୱତ କ୍ଷେତ୍ରକୁ ଅବଲୋକନ କରି କବିଭୂଷଣଙ୍କ ଅବଦାନ ଅତୀବ ପ୍ରଶଂସନୀୟ ବୋଲି କହିଥିଲେ। ଏହି ଅବସରରେ ପୌରାଧ୍ୟକ୍ଷା ପାତ୍ରଙ୍କୁ ଆଦର୍ଶ ନାରୀ ସମ୍ମାନ, ତପନ କୁମାର ଶତପଥୀଙ୍କୁ ସମରକବି ସମ୍ମାନ, ଡ. ରମେଶ ଚନ୍ଦ୍ର ସାହୁଙ୍କୁ କବିଭୂଷଣ ସମ୍ମାନ, ପ୍ରଶାନ୍ତ କୁମାର ରଥଙ୍କୁ ଶ୍ରୀରଙ୍ଗରାଜ ସମ୍ମାନ, ଗୁରୁ ଅକ୍ଷୟ କୁମାର ନାୟକଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ, ଗୁରୁ ଲକ୍ଷ୍ମୀଧର ନାୟକଙ୍କୁ ଅର୍ଘ୍ୟ ସମ୍ମାନ, ରମେଶ ଚନ୍ଦ୍ର ସାହୁଙ୍କୁ କବି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହ ଶଙ୍କର୍ଷଣ ଶତପଥୀଙ୍କ ରଚିତ ଶ୍ରୀରାମକଥାସାଗର, ଶିଳ୍ପୀ ପରେଶ ପଟ୍ଟନାୟକଙ୍କ କବିଭୂଷଣ ଡାଏରୀ, ଆଲୋକ କୁମାର ଦାସଙ୍କ ଗୀତିନାଟ୍ୟ ଶଶିରେଖା, ନୃସିଂହ ମହାନ୍ତିଙ୍କ ଆଣ୍ଠାମାନ କେବେ, ରମେଶ ଚନ୍ଦ୍ର ଦାଶଙ୍କ ଉତ୍କଳୀୟ ସଂସ୍କୃତି ଏବଂ ପରମ୍ପରାରେ ଓଷାବ୍ରତ ଓ ପର୍ବପର୍ବାଣୀ, ଡ. ସମୀର ସାହୁଙ୍କ ସ୍ୱାମୀ ଚିନ୍ମୟାନନ୍ଦ ଇଣ୍ଟରପ୍ରିଟେସନ ଅଫ ଭାଗବତ ଗୀତା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶେଷଦେବ ରାଉତ ସ୍ୱାଗତ ଭାଷଣ, ସମୀର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ କଳା ସଂସ୍କୃତି ସଙ୍ଘ ଉପସଭାପତି ଅବନୀ ମିଶ୍ର ସଂଯୋଜନା କରିଥିଲେ।

## ମନୀଷା ପଣ୍ଡାଙ୍କ ଗଳ୍ପ ପୁସ୍ତକ 'ପୁଣି ବର୍ଷା' ଉନ୍ମୋଚିତ



ଢେଙ୍କାନାଳ, ୧୫।୪(ସମିସ): ଟାଇମ୍ ପାସ୍ ପ୍ରକାଶନ ସଂସ୍ଥା ଦ୍ୱାରା ଭୁବନେଶ୍ୱର ବୁଦ୍ଧମନ୍ଦିରଠାରେ ଆୟୋଜିତ ବହି ବିଷୁବ କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲା ଅଙ୍କରାନ୍ତିପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମନୀଷା ପଣ୍ଡାଙ୍କ ପ୍ରଥମ ଓଡ଼ିଆ ଗଳ୍ପ ପୁସ୍ତକ 'ପୁଣି ବର୍ଷା' ଉନ୍ମୋଚିତ ହୋଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ବଂଶୀଧର ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ପ୍ରକାଶକ ସରୋଜ ବଳଙ୍କ ଉପସ୍ଥିତିରେ ବହି ଉନ୍ମୋଚିତ ହୋଇଥିଲା। ଟାଇମ୍ ପାସ୍ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ମନୀଷା ପଣ୍ଡାଙ୍କ ଏହି ଗଳ୍ପ ପୁସ୍ତକ ସହ ଅନ୍ୟ ୧୧ ପୁସ୍ତକ ନିର୍ବାଚିତ ହୋଇ ପୂର୍ବରୁ ପ୍ରଥମ ପୁରସ୍କାର ଲାଭ କରିଥିଲା। ଭେଟିଥିବା ଗ୍ରାମ୍ୟ ଚରିତ୍ର ଓ ବର୍ତ୍ତମାନର ଅତ୍ୟାଧୁନିକ ଚଳଣିକୁ ନେଇ ୨୫ଟି ଗଳ୍ପ ଉକ୍ତ ପୁସ୍ତକରେ ସ୍ଥାନ ପାଇଛି। ମନୀଷା ତାଙ୍କର ଏହି ନୂଆ ବହି ପାଇଁ ଖୁସି ବ୍ୟକ୍ତ କରିବା ସହ ଟାଇମ୍ ପାସ୍‌ର ନିର୍ଦ୍ଦେଶକ ସରୋଜ ବଳଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବହିଟି ପାଠକୀୟ ଆଦୃତି ଲାଭ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ବହିଟି ଟାଇମ୍ ପାସ୍ ବୁକ୍ କ୍ୟାଫେ ଓ ଆମାଜନ୍ ଇଣ୍ଡିଆରେ ଉପଲବ୍ଧ ଅଛି।



# ଭୁବନେଶ୍ୱର ସିଟି

## ମରାମତି ହେଉନି ପାନୀୟ ଜଳ ପ୍ରକଳ୍ପ

# ପାଣି ପାଇଁ ତହଳବିକଳ ପଥଚାରୀ

ଭୁବନେଶ୍ୱର, ୧୫।୪(ସମିସ): ଦିନକୁ ଦିନ ବୃଦ୍ଧି ପାଉଛି ତାପମାତ୍ରା। ଅସହ୍ୟ ଗୁଳିଗୁଳି ସାଙ୍ଗକୁ ପ୍ରଚଣ୍ଡ ଖରାର ତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ୁଥିବା ବେଳେ ପାଣି ପାଇଁ ତହଳବିକଳ ହେଉଛନ୍ତି ରାଜଧାନୀର ପଥଚାରୀ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ପ୍ରମୁଖ ଜନଗହଳିସ୍ଥାନ ବାଣୀବିହାର ଛକରେ। ଯେଉଁଠି ଦୀର୍ଘବର୍ଷ ହେବ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଅଚଳ ହୋଇପଡ଼ିଥିଲେ ବି ଏହାକୁ ମରାମତି କରାଯାଉ ନ ଥିବାରୁ ପଥଚାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ରାଜଧାନୀବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ୱାଟର୍ ଏଟିଏମ୍ ସ୍ଥାପନ କରାଯାଇଥିଲା। ବିଶେଷ କରି ଖରାଦିନରେ ଏହି ୱାଟର ଏଟିଏମ୍ ପଥଚାରୀମାନଙ୍କୁ ବେଶ୍ ସହାୟକ ହେଉଥିଲା। ସମସ୍ତେ ଟଙ୍କା ଦେଇ ପାଣି ବୋତଲ କିଣିବା ସମ୍ଭବ ହେଉନଥିବାରୁ ଏହି ୱାଟର ଏଟିଏମ୍ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ପରିତାପର ବିଷୟ ବର୍ଷ ବର୍ଷ ଧରି ଏଗୁଡ଼ିକ ଅଚଳ ହୋଇଥିବା ବେଳେ ଏହକୁ ମରାମତି କରିବାକୁ ଗୁରୁତ୍ୱ ଦିଆଯାଉ ନଥିବା ଅଭିଯୋଗ ହୋଇଛି। ୨୦୧୬ ମସିହାରେ ଭୁବନେଶ୍ୱର ମହାନଗର ପକ୍ଷରୁ



କୋଟି କୋଟି ଟଙ୍କା ବ୍ୟୟରେ ସହରର ଜନଗହଳି ସ୍ଥାନଗୁଡ଼ିକରେ ୪୦ରୁ ଊର୍ଦ୍ଧ୍ୱ ୱାଟର ଏଟିଏମ୍ ସ୍ଥାପନ ହୋଇଥିଲା। ହେଲେ ସେଥିମଧ୍ୟରୁ ଅଧିକାଂଶ ୱାଟର ଏଟିଏମ୍ ଦିନ କେଇଟା ପରେ ଅଚଳାବସ୍ଥାରେ ପଡ଼ି ରହିଛି। ସହରର ସବୁଠୁ ଜନଗହଳି ସ୍ଥାନ ବାଣୀବିହାର ଛକରେ ପ୍ରତିଦିନ ଶହଶହ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥାଏ। ନିଜ ଗନ୍ତବ୍ୟସ୍ଥଳକୁ ଯିବାକୁ ଏଠାରେ ଅଟୋ କିମ୍ବା ବସ୍‌କୁ ଅପେକ୍ଷା କରିଥାନ୍ତି ଛାତ୍ରଛାତ୍ରୀଙ୍କ ଠାରୁ ସରକାରୀ ଓ ବେସରକାରୀ କର୍ମଚାରୀ ଏବଂ ଦିନମଜୁରିଆ ଓ ଶ୍ରମିକ ଶ୍ରେଣୀର ଲୋକମାନେ। ଏହି ୱାଟର ଏଟିଏମ୍‌ରେ ମାତ୍ର ୧ଟଙ୍କାରେ୧ ଲିଟର ଥଣ୍ଡା ପାଣି ମିଳୁଥିବାରୁ ସହରବାସୀଙ୍କ ସମେତ ସହରକୁ ବିଭିନ୍ନ ସ୍ଥାନରୁ ଆସୁଥିବା ଲୋକଙ୍କର ମଧ୍ୟ ପାଣି ବୋତଲ କିଣିବା ଖର୍ଚ୍ଚ ବଞ୍ଚାଉଥିଲା। ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀ, ପଥଚାରୀମାନେ ଏଥିରୁ ସୁବିଧା ପାଉଥିଲେ। ହେଲେ ପ୍ରାୟ ୫ବର୍ଷ ହେବ ଅଚଳାବସ୍ଥାରେ ପଡ଼ି ରହିଛି ୱାଟର ଏଟିଏମ୍। ଗତବର୍ଷ ଖରାଦିନରେ ଏହାକୁ ସଜାଡ଼ିବା ପାଇଁ ସ୍ଥାନୀୟ ବ୍ୟବସାୟୀମାନେ ବିଏମ୍‌ସିକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି।

## ଦିଲ୍ଲୀପ ବିଷୋୟୀଙ୍କ ଇଂରାଜୀ ଗଳ୍ପ ପୁସ୍ତକ 'କମେଡି ଟୁ କ୍ରାଇମ' ଉନ୍ମୋଚିତ



ଭୁବନେଶ୍ୱର, ୧୫।୪(ସମିସ): ଦିଲ୍ଲୀପ ବିଷୋୟୀଙ୍କ ଇଂରାଜୀ ଅନୁବାଦ ଗଳ୍ପ ପୁସ୍ତକ 'କମେଡି ଟୁ କ୍ରାଇମ' ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକରେ ଯଶସ୍ୱୀ ସାହିତ୍ୟିକ ବାମା ଚରଣ ମିତ୍ରଙ୍କର ନିର୍ବାଚିତ ନଅଟି ପ୍ରସିଦ୍ଧ ଓଡ଼ିଆ ଗଳ୍ପର ଇଂରାଜୀ ଅନୁବାଦ ସ୍ଥାନିତ ହୋଇଛି। ମିମିର ସାହିତ୍ୟ ଶିକ୍ଷା, ବାବା ତହରାନନ୍ଦଙ୍କ ରୋମାଞ୍ଚକର କାହାଣୀ, ଲଡ୍ଡୁ, ବଟ ମହାପୁରୁଷ ଭଳି ହାସ୍ୟରସାତ୍ମକ ଗଳ୍ପ ସମେତ ନର ଚଞ୍ଚାଣ ଭଳି ରହସ୍ୟ ରୋମାଞ୍ଚକର କାହାଣୀ ଆଦିର ଇଂରାଜୀ ଅନୁବାଦ ପୁସ୍ତକରେ ସନ୍ନିବେଶିତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପୁସ୍ତକର ମୁଖବନ୍ଧ ଲେଖିଛନ୍ତି।

## କଳା ଦିବସରେ ବୃହତ୍ ଚିତ୍ରରେ ଶୁଭେଚ୍ଛା




ଭୁବନେଶ୍ୱର, ୧୫।୪(ସମିସ): ଚିତ୍ରଶିଳ୍ପୀ ଲିଓନାର୍ଡ ଦାଭିଞ୍ଚିଙ୍କ ଜନ୍ମଦିନ ଅବସରରେ ଧଉଳି ଶାନ୍ତିସ୍ତୂପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟ ଦ୍ୱାରା ବିଶ୍ୱ କଳା ଦିବସକୁ ନିଆରା ଢଙ୍ଗରେ ପାଳିଛନ୍ତି ଚିତ୍ରଶିଳ୍ପୀ। ଏହି ଅବସରରେ ମହାବିଦ୍ୟାଳୟରେ ଆୟୋଜିତ ଏକ ୩୦ ଜଣିଆ ଚିତ୍ରକଳା ଶିବିରକୁ ଉଦ୍ଘାଟନକରିଥିଲେ ବରିଷ୍ଠ ଚିତ୍ରଶିଳ୍ପୀ ଗୌରାଙ୍ଗ ବାରିକି ଓ ଶୁକଦେବ ମହାରଣା। ସମ୍ମାନିତ ଅତିଥି ଭାବେ ଚିନ୍ତାମଣି ବିଶ୍ୱାଳ, ସରସୀ ଦାସ, ଫିର୍ଦୋଷୀ ତବସୁମ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବରେ ପ୍ରଦର୍ଶିତ ୧୬ ଫୁଟରେ ୫ ଫୁଟର ଏକ ବୃହତ୍ ଚିତ୍ରକଳା ମାଧ୍ୟମରେ ଶିଳ୍ପୀମାନେ ସମସାମୟିକ ଚିତ୍ରକଳା ଶୈଳୀ ଓ ଓଡ଼ିଶାର ସଂସ୍କୃତିକୁ ଏକ ନିଆରା ଢଙ୍ଗରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ ଅତିଥି ପରିଚୟ ସହ ବିଶ୍ୱ କଳା ଦିବସର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ ଓ ସମ୍ପାଦକ ରବିଶଙ୍କର ଦାସ ବିବରଣୀ ପାଠ କରିଥିଲେ।

## ଶୁଣିଲେନି ସରକାର; କରି ଦେଖାଇଲେ କର୍ପୋରେଟର




### ଭିଏସ୍ଏସ୍ ନଗରରେ ଖୋଲିଲା ଅସ୍ଥାୟୀ ଯାତ୍ରୀ ବିଶ୍ରାମାଗାର ଓ ଜଳଛତ୍ର

ଭୁବନେଶ୍ୱର, ୧୫।୪(ସମିସ): ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରିରହିଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି ଓ ଖରା ତାତିରେ ରାଜଧାନୀବାସୀ ବି କଲବଲ ହେଉଛନ୍ତି। ତା ଉପରେ ବ୍ୟବସ୍ଥାରେ ଢିଲାପଣ ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ। ଭୁବନେଶ୍ୱର ଭିଏସ୍ଏସ୍ ନଗର ଛକରେ ଆମ ବସ୍ ପାଇଁ ବସଷ୍ଟାଣ୍ଡର ବ୍ୟବସ୍ଥା ନାହିଁ। ଫଳତଃ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ସେତିକି ନୁହେଁ, ଏ ବାବଦରେ ସରକାରଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାଁନ୍ତି। ଖୋଦ୍ ଅଞ୍ଚଳବାସୀଙ୍କ ସମେତ ସ୍ଥାନୀୟ କର୍ପୋରେଟରଙ୍କ ଦାବି ଏବଂ ଅନୁରୋଧ ପ୍ରତି କାହାର ନିଘା ନାହିଁ କ୍ଷଶେଷରେ ଅସ୍ଥାୟୀ ଯାତ୍ରୀ ବିଶ୍ରାମାଗାର ଖୋଲିଛି। ଭୁବନେଶ୍ୱର ଉତ୍ତର ବିଧାୟକ ଓ ମେୟରଙ୍କ ହାତରେ ଉଦଘାଟନ ହୋଇଛି ଏହି ଅସ୍ଥାୟୀ ବିଶ୍ରାମାଗାର। ଏଥିସହିତ ଜଳଛତ୍ର ମଧ୍ୟ ଖୋଲିଛି। ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ଥାନୀୟ ୧୭ ନମ୍ବର ୱାର୍ଡ କର୍ପୋରେଟର ପୂଜା ମହାରଣାଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାଶ, ଯୁବ ବିଜେଡି ନେତା ଭୋଳାନାଥ ମହାରଣାଙ୍କ ଉପସ୍ଥିତିରେ ଏହି ଅସ୍ଥାୟୀ ବିଶ୍ରାମାଗାର ଏବଂ ଜଳଛତ୍ର ଉଦଘାଟିତ ହୋଇଛି। ଆଗାମୀ ଦିନରେ ଏକ ସ୍ଥାୟୀ ଯାତ୍ରୀ ବିଶ୍ରାମଗାର ଖୋଲିବାକୁ ଏହି ଅବସରରେ ସରକାରଙ୍କ ନିକଟରେ ପୁନଃ ଦାବି ଦୋହରାଇଛନ୍ତି କର୍ପୋରେଟର।

## ଓବିସିଙ୍କ ମଧ୍ୟରେ ମହିଳାଙ୍କୁ ୨୭% ସଂରକ୍ଷଣ ପାଇଁ ଦାବି

ଭୁବନେଶ୍ୱର, ୧୫।୪(ସମିସ): ଗୁରୁବାରଠୁ ସଂସଦର ସ୍ୱତନ୍ତ୍ର ଅଧିବେଶନ ବସିବ। ଏହି ଅଧିବେଶନରେ ମହିଳାଙ୍କୁ ସଂସଦ ଓ ବିଧାନସଭାମାନଙ୍କରେ ୩୩ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ଆଲୋଚନା କରାଯାଇ ବିଲ ପାସ୍ କରାଯିବ। ଏହି ସଂରକ୍ଷଣ ଭିତରେ ଓବିସି ମହିଳାଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦେବାକୁ ଓବିସି ଫୋରମ ଓଡ଼ିଶା ରାଜ୍ୟ କମିଟି ଦାବି କରିଛି। କମିଟିର ଅଧ୍ୟକ୍ଷ ରବି ବେହେରା ବୁଧବାର ଓବିସି ସଂସଦୀୟ କମିଟି ଅଧ୍ୟକ୍ଷଙ୍କୁ ଏକ ଚିଠି ଲେଖି ସଂସଦୀୟ ଆଲୋଚନା ସମୟରେ ଓବିସି ମହିଳାଙ୍କୁ ଏହି ସଂରକ୍ଷଣ ନେଇ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଅନୁରୋଧ କରିଛନ୍ତି।

## ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଜନସମାଗମ



ଭୁବନେଶ୍ୱର, ୧୫।୪(ସମିସ): ଜନତା ମୈଦାନଠାରେ ଅନୁଷ୍ଠିତ ୧୩ ତମ ଭୁବନେଶ୍ୱର ଆନ୍ତର୍ଜାତୀୟ ବାଣିଜ୍ୟ ମେଳା ବୁଧବାର ଚତୁର୍ଥ ଦିନରେ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା। ପ୍ରତ୍ୟେକ ଦିନ ୧୫ ହଜାରରୁ ଅଧିକ ଲୋକ କିଣାକିଣି କରିଛନ୍ତି। ବିଭିନ୍ନ ପ୍ରକାରର ଖୋଦେଇ ଫର୍ଣ୍ଣିଚର, ୩ ଶହ ପ୍ରକାରର ଡ୍ରାଏ ଫ୍ରୁଟ୍ସ, ଦୁବାଇର ବକ୍ଲାବା ପେଷ୍ଟ୍ରିର ବିଶେଷ ଭାବରେ ଚାହିଦା ଦେଖିବାକୁ ମିଳିଛି। ପ୍ରାୟ ଜିନିଷ ଉପରେ ୩୦-୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମିଳୁଛି। ଏଥର ବାଣିଜ୍ୟ ମେଳାରେ ବିଭିନ୍ନ ଡିଜାଇନର କଲେକ୍ସନ ଯେମିତିକି ହସ୍ତତନ୍ତ, ହାଣ୍ଡଲୁମର ଶାଢ଼ି ଏବଂ ଡ୍ରେସ ମ୍ୟାଟେରିଆଲ, ଆକର୍ଷଣୀୟ ଜୁଏଲେରୀ, ଆଣ୍ଟିକ ସାମଗ୍ରୀ ଇତ୍ୟାଦିର ସମ୍ଭାର ଲାଗିଛି। ନାରୀ ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀର ଏକ ବିଶାଳ ସଂଗ୍ରହ ମଧ୍ୟ ଏହି ମେଳାରେ ସ୍ଥାନ ପାଇଛି। ଚଳିତ ବର୍ଷ ମେଳାରେ ସୁସ୍ୱାଦୁ ଖାଦ୍ୟର ପସରା ମେଳିଛି। ବିଭିନ୍ନ ସ୍ଥାନର ଖାଦ୍ୟ ସହିତ ଚମ୍ପାରନ ମଟନରେ ବିଶେଷ ଭିଡ ହେବା ସହ ନାମୀ ଦାମୀ ଅଟୋମୋବାଇଲ ଏବଂ ବିଲଡ଼ର ପାଭିଲିଆନ ଗ୍ରାହକଙ୍କୁ ବିଶେଷ ଭାବରେ ଆକର୍ଷିତ କରୁଛି।

## ଅଙ୍ଗଦାନ ସଚେତନତା ପାଇଁ ଜେସିଆଇ ଭୁବନେଶ୍ୱର ଓ ହାଇଟେକ୍ ମଧ୍ୟରେ ଏମ୍ଓୟୁ

ଭୁବନେଶ୍ୱର, ୧୫।୪(ସମିସ): ଅଙ୍ଗଦାନ କ୍ଷେତ୍ରରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଜୁନିୟର ଚାମ୍ବର ଇଣ୍ଟରନ୍ୟାସନାଲ ଭୁବନେଶ୍ୱର ଏବଂ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍ଥାନୀୟ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ଠାରେ ଅନୁଷ୍ଠିତ ହୋଇଛି। ଅଙ୍ଗଦାନର ଗୁରୁତ୍ୱ ଉପରେ ଆଧାରିତ ଚଳଚ୍ଚିତ୍ର 'ଆଫା'ର ଏକ ସ୍ୱତନ୍ତ୍ର ସ୍କ୍ରିନିଂ ପ୍ରଦର୍ଶନ କରାଯାଇଛି। ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ କହିଥିଲେ, ଜଣେ ବ୍ୟକ୍ତିର ମୃତ୍ୟୁ ପରେ, ଯଦି ଆମେ ତାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ଦାନ କରୁ, ତେବେ ସେହି ଅଙ୍ଗ ଅନ୍ୟ ୮ ଜଣ ଲୋକଙ୍କ ଶରୀରରେ ପ୍ରତିରୋପଣ କରାଯାଇ ଜୀବନ ରକ୍ଷା କରାଯାଇପାରିବ। ହାଇଟେକ୍ ମେଡିକାଲ୍ କଲେଜ ପରିସରରେ ଏକ ସ୍ୱତନ୍ତ୍ର ଓଟି ଏହି ଅଙ୍ଗ ପ୍ରତିରୋପଣ ପାଇଁ ପ୍ରସ୍ତୁତ କରାଯାଇଥିବା କହିଛନ୍ତି ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ। ଜେସିଆଇ ଭୁବନେଶ୍ୱରର ସଭାପତି ଶ୍ରୀନିବାସ ସୁବୁଦ୍ଧି କହିଥିଲେ ଯେ, ଏହି ମହତ କାର୍ଯ୍ୟ ପାଇଁ ହାଇଟେକ୍ ମେଡିକାଲ କଲେଜ ସହିତ ହାତ ମିଳାଇବା ଦ୍ୱାରା ଅଙ୍ଗଦାନ ଅଭିଯାନକୁ ଅଧିକ ବେଗବାନ କରାଯାଇପାରିବ ଓ କାର୍ଯ୍ୟକ୍ରମରେ ହାଇଟେକ୍ ସିଓଓ ଜ୍ୟୋର୍ତୀମୟ ପଣ୍ଡା, ସହ ନିର୍ଦ୍ଦେଶକ ଅନୀଲ ପାଣିଗ୍ରାହୀ, ଡ. ମନୋଜ ଦାସଙ୍କ ସମେତ ବହୁ ବରିଷ୍ଠ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ରହିଥିଲେ।



## ମା' ତାରିଣୀ ଦେବୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଯାଁଳା, ୧୫।୪(ସମିସ): ଭୁବନେଶ୍ୱର ଉପକଣ୍ଠ ରାଉତ ଗାଡ଼ିଆ ବୀରବନ୍ଧ ସ୍ଥିତ ମା'ତାରିଣୀ ଦେବୀଙ୍କ ପୀଠରେ ନବମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଯାଇଛି। ଏହି ଯଜ୍ଞ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ମୁଖ୍ୟ ପ୍ରଚାରକ ପ୍ରଭଞ୍ଜନ ମହାପାତ୍ର(ବୁଲୁ ଭାଇନା) ଓ ମୁଖ୍ୟ ପୁରୋଧା କୈଳାସ ଚନ୍ଦ୍ର ଦାଶଙ୍କ ଦ୍ୱାରା ଜଳଯାତ୍ରା, ଅଙ୍କୁରାରୋପଣ, ଅଧିବାସ, ସର୍ବଦେବାଦେବୀ ପୂଜା ଓ ଅଗ୍ନି ସ୍ଥାପନ, ସୂର୍ଯ୍ୟପୂଜା, ଗୋ ପୂଜା, ମାଆଙ୍କ ଷୋଡ଼ଶ ଉପଚାର ଓ ପୂର୍ଣ୍ଣାହୁତି ଆଦି ସମସ୍ତ ନୀତିକାନ୍ତି ବୈଦିକ ରୀତିରେ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା। ବାପି ପ୍ରଧାନ ଓ ତାଙ୍କ ସହଧର୍ମୀଣୀ ଏଥିରେ କର୍ତ୍ତା ଆସନରେ ବସିଥିଲେ। ପଞ୍ଚପଲ୍ଲୀ ତଥା ପ୍ରଧାନ ସାହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁ ଏହି ଯଜ୍ଞାନୁଷ୍ଠାନରେ ଯୋଗଦେଇ ମା'ଙ୍କ ଆଶିଷ ଭିକ୍ଷା କରିଥିଲେ। ଆଞ୍ଚଳିକ ତାରିଣୀ ପୂଜା କମିଟି ସଦସ୍ୟମାନଙ୍କ ସହଯୋଗରେ ପୂର୍ଣ୍ଣାହୁତି ଦିବସରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ସୋଆ ପକ୍ଷରୁ ପ୍ରଥମ ଆଇଇଇଇ ଆନ୍ତର୍ଜାତିକ ସମ୍ମିଳନୀ

ଭୁବନେଶ୍ୱର, ୧୫।୪(ସମିସ):ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ, ବିଗ୍ ଡାଟା ଆନାଲିଟିକ୍ସ, ଡିପ୍ ଲର୍ଣ୍ଣିଙ୍ଗ, କ୍ଲାଉଡ୍ ଆଣ୍ଡ ଫଗ୍ କମ୍ପ୍ୟୁଟିଙ୍ଗ୍, ଇଣ୍ଟରନେଟ ଅଫ୍ ଥିଙ୍ଗ୍‌ସ ଓ ଇଭୋଲ୍ୟୁସନାରୀ କମ୍ପ୍ୟୁଟିଙ୍ଗ ଭଳି ବିବିଧ ବିଷୟକୁ ନେଇ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ 'ଇମର୍ଜିଂ ଟ୍ରେଣ୍ଡସ ଇନ୍ ଆଡଭାନ୍ସମେନ୍ସ ଆଣ୍ଡ ଆପ୍ଲିକେସନ୍ସ ଅଫ୍ କମ୍ପ୍ୟୁଟେସ୍‌ନାଲ ଇଣ୍ଟେଲିଜେନ୍ସ ଟେକ୍ନିକ୍ସ' ଅନୁଷ୍ଠିତ ହୋଇଯାଇଛି। ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ପ୍ରଥମ ଆଇଇଇଇ ସମ୍ମିଳନୀରେ ନ୍ୟୁରୋଲା ନେଟୱାର୍କ, ଅପ୍ଟିମାଇଜେସନ୍ ଟେକ୍ନିକ୍ସ ଓ ସିକ୍ୟୁରିଟି ଟେକ୍ନୋଲଜି ଭଳି ପ୍ରସଙ୍ଗକୁ ନେଇ ବିଶେଷଜ୍ଞମାନେ ଆଲୋଚନା କରିଥିଲେ। ବିଶେଷଜ୍ଞମାନଙ୍କ ମଧ୍ୟରେ ବିଟ୍ସ ପିଲାନି, ଦୁବାଇ କ୍ୟାମ୍ପସ୍‌ର ପ୍ରଫେସର ଅମିତାଭ ମୁଖାର୍ଜୀ, ଆଇଆଇଟି, ପାଟନାର ପ୍ରଫେସର ସୋମନାଥ ତ୍ରିପାଠୀ, ୟୋନସେଇ ବିଶ୍ୱବିଦ୍ୟାଳୟ, ସାଉଥକୋରିଆର ପ୍ରଫେସର ସୁଙ୍ଗ-ବେ ସୋ ଏବଂ ଏନ୍ଆଇଟି ରାଉରକେଲାର ପ୍ରଫେସର ବିଭୁଦତ୍ତ ସାହୁ ପ୍ରମୁଖ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ। ୟୁକେ, ୟୁଏସ୍ଏ, ଥାଇଲ୍ୟାଣ୍ଡ, ୟୁଏଇ, ମାଲେସିଆ, ଜର୍ମାନୀ, ନ୍ୟୁଜିଲ୍ୟାଣ୍ଡ ଏବଂ ଜୋର୍ଡାନ୍ ଭଳି ଦେଶରୁ ପ୍ରାୟ ୨୦୦୦ ଗବେଷଣା ସନ୍ଦର୍ଭ ଏହି ସମ୍ମିଳନୀରେ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଡ. ରଶ୍ମିତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କର୍ମଜୀବୀ ଦମ୍ପତି ପାଇଁ ସୁହାଉଛି ମେସିନ୍ ରୁଟି

# ସଞ୍ଜହେଲେ ରୁଟିଭାଟି ଆଗରେ ଭିଡ଼

ଭୁବନେଶ୍ୱର, ୧୫।୪(ସମିସ): ଆଜିର ଦିନରେ ରାଜଧାନୀର ଅଧିକାଂଶ ଲୋକ କର୍ମମୟ ଜୀବନରେ ବ୍ୟସ୍ତ। ନିଜ ପାଇଁ ହେଉ କିମ୍ବା ରୋଷେଇ କାର୍ଯ୍ୟ ତଥା ଘରର ଅନ୍ୟାନ୍ୟ କାର୍ଯ୍ୟ ପାଇଁ ସମୟ କାଢିବା କଷ୍ଟକର ହୋଇ ପଡୁଛି। ତେଣୁ ବିଶେଷକରି କର୍ମଜିବୀ ମହିଳାଙ୍କନ୍ସନ୍ଦ ପାଲଟିଛି ମେସିନ ରୁଟି। ସେଥିପାଇଁ ସନ୍ଧ୍ୟା ହେବା ମାତ୍ରେ ରୁଟିଭାଟିରେ ଭିଡ଼ ଦେଖିବାକୁ ମିଳୁଛି।

ରାଜଧାନୀବାସୀ ରାତିରେ ରୁଟି ଖାଇବାକୁ ପସନ୍ଦ କରିଥାନ୍ତି। ଏମିତି ଅଧିକ ଲୋକ ଦିନବେଳା ମଧ୍ୟ ରୁଟି ଖାଇଥାନ୍ତି। କିନ୍ତୁ ରୁଟି ପ୍ରସ୍ତୁତ କରିବା ସମସ୍ତଙ୍କ ଦ୍ୱାରା ସମ୍ଭବ ହୋଇ ନଥାଏ। ବିଶେଷକରି ରାଜଧାନୀର କର୍ମଜୀବୀ ମହିଳାମାନେ ଘରେ ରୁଟି ନକରି ଭାଟି ଉପରେ ନିର୍ଭର କରୁଛନ୍ତି। କାରଣ କର୍ମ କ୍ଷେତ୍ରରୁ ଫେରିବା ପରେ ମହିଳା ମାନେ ରୋଷେଇ ପ୍ରତି ଇଚ୍ଛୁକ ନୁହନ୍ତି। ସେଥିପାଇଁ ମେସିନ ସହାୟତାରେ ରୁଟି ପ୍ରସ୍ତୁତ କରାଯାଇ ବିକ୍ରି କରାଯାଉଥିବା ସ୍ଥାନ ହିଁ ଏବେ ସେମାନଙ୍କ ପାଇଁ ଠିକଣା ପାଲଟିଛି। ସେହି ରୁଟି ଭାଟିରେ ସ୍ୱଚ୍ଛତାର ସହ ସହଜରେ ରୁଟି ପ୍ରସ୍ତୁତ ହେଉଥିବାରୁ ଲୋକେ ସେହି ରୁଟି କିଣିବାକୁ ପସନ୍ଦ କରୁଛନ୍ତି। ଏମିତି କି ହୋଟେଲ୍, ଢାବା ଓ ରେସ୍ତୋରାଁଗୁଡ଼ିକରେ ଆବଶ୍ୟକ ପଡୁଥିବା ରୁଟି ପାଇଁ ଭାଟି ଉପରେ ନିର୍ଭର କରିବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସହରରେ ଏବେ ଶତାଧିକ ରୁଟିଭାଟିମାନ ଖୋଲିଛି। ବିଶେଷକରି ନୂଆପଲ୍ଲୀ, ଖଣ୍ଡଗିରି, କଳିଙ୍ଗନଗର, ରସୁଲଗଡ଼ ଆଦି ଅଞ୍ଚଳରେ ରହିଛି ହୋଇଛି ରୁଟି ଭାଟି। ସେଥିମଧ୍ୟରୁ ପଞ୍ଚସଖା ନଗରରେ ଥିବା ବେଲେଶ୍ୱର ମହାଦେବ ମନ୍ଦିର ନିକଟରେ ରହିଛି ରୁଟି ବକ୍ସ। ଯେଉଁଠାରୁ ପ୍ରତ୍ୟେକ ଦିନ ହଜାରେରୁ ଅଧିକ ଲୋକଙ୍କ ପାଇଁ ରୁଟି ପ୍ରସ୍ତୁତ କରାଯାଉଛି। ସନ୍ଧ୍ୟା ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଖୋଲାରହିଥାଏ ଏହି ଭାଟି। ଏଠାରେ ଥିବା ମେସିନ୍‌ରେ ପ୍ରତିଦିନ ୪୦ରୁ ୫୦ କିଲୋ ଅଟା ଦଳାଯାଇ ବେଲାଯାଇଥାଏ ଏବଂ ସେଗୁଡ଼ିକ ସେକି ରୁଟି ପ୍ରସ୍ତୁତି କରାଯାଏ। ଗୋଟିଏ ରୁଟିକୁ ୫ ଟଙ୍କାରେ ବିକ୍ରି ହେଉଛି। ଖଣ୍ଡଗିରି, ପାତ୍ରପଡ଼ା, ଜାଗମରା, ପୋଖରୀପୁଟ, ଗଣ୍ଡମୁଣ୍ଡା ଆଦି ଅଞ୍ଚଳଗୁଡ଼ିକରେ ଥିବା ହୋଟେଲ ଏବଂ ଛାତ୍ରାବାସକୁ ରୁଟି ବିକ୍ରି କରାଯାଇଥାଏ।

ବର୍ତ୍ତମାନ ସମୟରେ ଗ୍ୟାସ ସଙ୍କଟ ଯୋଗୁଁ ରାଜଧାନୀରେ କର୍ମଜିବୀ ମହିଳାଙ୍କ ସମେତ ଗୃହିଣୀମାନେ ମଧ୍ୟ ରୁଟି ଭାଟିରୁ ହିଁ ରୁଟି କିଣୁଥିବା ଦେଖିବାକୁ ମିଳୁଛି। ଘରେ ଘରେ ଗ୍ୟାସ ସମସ୍ୟା ଥିବାବେଳେ ଗୃହିଣୀ ମାନେ ମେସିନ ରୁଟି ହିଁ ସମସ୍ତଙ୍କ ପାଇଁ ସାହାରା ପାଲଟିଛି। ଫଳରେ ଭାଟିରେ ଏବେ ରୁଟି ବିକ୍ରି ଦୁଇଗୁଣା ବଢ଼ିଥିବା ଭାଟିର କର୍ମଚାରୀଙ୍କଠୁ ଜାଣିବାକୁ ମିଳିଛି। ଯେଉଁଠି ସନ୍ଧ୍ୟାରୁ ଆରମ୍ଭ କରି ରାତି ଯାଏଁ ଗହଳି ରହୁଛି।




- ଗ୍ୟାସ ସମସ୍ୟା ଯୋଗୁଁ ବଢ଼ିଛି ରୁଟି ବିକ୍ରି
- ଚାହିଦାକୁ ଦେଖି ଦର କଷୁଛନ୍ତି ବେପାରୀ


ଶ୍ରଦ୍ଧାଞ୍ଜଳି

ଦଶମ ଶ୍ରାଦ୍ଧବାର୍ଷିକୀ



✓ ଶରତ କୁମାର ମହାନ୍ତି

ବିଣାଦଣ୍ଡା, ବାସୁଦେବପୁର, ଭଦ୍ରକ

ଆବିର୍ଭାବ : ୨୫.୦୧.୧୯୫୯, ତିରୋଧାନ : ୧୬.୦୪.୨୦୧୬

ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା

ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

# ଏପ୍ରିଲ ୧୭ରୁ ଅନୁଗୋଳ ଜିଲ୍ଲା ମହୋତ୍ସବ

## ଯୋଗଦେବେ ମୁଖ୍ୟମନ୍ତ୍ରୀ, ବଲିଉଡ୍ ଗାୟିକା ସୁନିଧି ଚୌହାନ

ଅନୁଗୋଳ,୧୫ ।୪(ସମିସ):

ଆସନ୍ତା ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଅନୁଗୋଳ ଷ୍ଟାଡିୟମରେ ଜିଲ୍ଲା ମହୋତ୍ସବ ଏବଂ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ। ଏହି ମହୋତ୍ସବ ୪ ଦିନ ଧରି ଚାଲିବାକୁ ଥିବାବେଳେ ପଲ୍ଲୀଶ୍ରୀ ମେଳା ୬ ଦିନ ବ୍ୟାପୀ ଜାରି ରହିବ। ଜିଲ୍ଲାର ଐତିହ୍ୟ, ସଂସ୍କୃତି, ପରମ୍ପରା, ଲୋକକଳା, ହସ୍ତଶିଳ୍ପ ସହ ସ୍ୱଦେଶୀ ସାମଗ୍ରୀର ପ୍ରଦର୍ଶନୀ ପାଇଁ ସ୍ୱଦେଶୀ ମେଳା ଆୟୋଜନ କରାଯିବ। ମହୋତ୍ସବର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ



ମୋହନ ଚରଣ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିବେ। ସନ୍ଧ୍ୟାରେ ପ୍ରସିଦ୍ଧ ବଲିଉଡ୍ କଣ୍ଠଶିଳ୍ପୀ, ଓଡ଼ିଆ ସଙ୍ଗୀତ ଜଗତର ନାମୀ କଳାକାର ଏବଂ ହାସ୍ୟ ଅଭିନେତାଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଜିଲ୍ଲାର ଲୁକ୍କାୟିତ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସ୍ଥାନୀୟ କଳାକାର ଓ କଳା ପ୍ରତିଷ୍ଠାନଗୁଡ଼ିକୁ ବିଶେଷ ପ୍ରାଧାନ୍ୟ ଦିଆଯିବ। ସେହିପରି ଜିଲ୍ଲା ମହୋତ୍ସବରେ ଜନସାଧାରଣଙ୍କୁ ସର୍ବୋଚ୍ଚ ପ୍ରାଥମିକତା ଦେବା ନିମନ୍ତେ ଅଧିକରୁ ଅଧିକ ସ୍ଥାନ ସାଧାରଣ ଲୋକଙ୍କ ପାଇଁ ରଖାଯିବ ଏବଂ କୌଣସି ପାସ୍ ବ୍ୟବସ୍ଥା ରହିବ ନାହିଁ। ୧୭ ତାରିଖ ସ୍ୱାସ୍ଥ୍ୟ ସଚେତନତା ପାଇଁ ପ୍ରାତଃ ସମୟରେ ଯୋଗ ପ୍ରାଣାୟମ ଶିବିର ଅନୁଷ୍ଠିତ ହେବ। ୧୮ ତାରିଖ ସ୍ଥାନୀୟ ସଭାଗୃହରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ ହେବ। ୧୯ ତାରିଖ ଜିଲ୍ଲାର ବରିଷ୍ଠ ଓ ଯୁବ କବିମାନଙ୍କ ମଧ୍ୟରେ କବିତା ପାଠୋତ୍ସବ ଓ ଲେଖକ ସମ୍ମିଳନୀ ଆୟୋଜନ କରାଯିବ। ମହୋତ୍ସବର ମୁଖ୍ୟ ଆକର୍ଷଣ ଭାବେ ୧୯ ତାରିଖ ବଲିଉଡ୍‌ର ପ୍ରସିଦ୍ଧ କଣ୍ଠଶିଳ୍ପୀ ସୁନିଧି ଚୌହାନ ସଙ୍ଗୀତ ପରିବେଷଣ କରିବେ। ଜିଲ୍ଲା ପ୍ରଶାସନ ତରଫରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଥିବା ବୁଧବାର ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ସୂଚନା ଦେଇଛନ୍ତି।

## ତାଳଚେରରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି



ତାଳଚେର,୧୫ ।୪(ସମିସ): ଓଡ଼ିଶାର ଉତ୍ତପ୍ତ ସହର ଭାବେ ତାଳଚେର ପରିଣତ ହୋଇଥିବା ବେଳେ କିଛିଦିନ ହେବ ପାରଦ ଉପରମୁହାଁ ହୋଇଛି। ପଥଚାରୀଠାରୁ ଆରମ୍ଭ କରି ଅଞ୍ଚଳବାସୀ ତାତିରୁ ନିସ୍ତାର ପାଉନାହାନ୍ତି। ପୂର୍ବରୁ ତାଳଚେର ଅଞ୍ଚଳରେ ମାତ୍ରାଧିକ ଜଙ୍ଗଲ ଥିଲା। ତାତି ତଥା ଖରାର ପ୍ରକୋପ ବିଶେଷ ଜଣାପଡୁ ନ ଥିଲା। ତାଳଚେର ଯେବେଠାରୁ ଶିଳ୍ପନଗରୀରେ ପରିଣତ ହେଲା ଅଥାତ୍ କୋଇଲା ନଗରୀ ସହର ଭାବେ ପରିଚିତ ହେଲା, ଖଣିଖାଦାନ ଯୋଗୁଁ ଜଙ୍ଗଲ ନଷ୍ଟ ହେବା ସାଙ୍ଗକୁ ଖରା ପ୍ରକୋପ ଧୀରେ ଧୀରେ ବଢ଼ିବାକୁ ଲାଗିଲା। ଏବେ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ତାତିରୁ ଆଶ୍ୱସ୍ତି ପାଇଁ ଲୋକେ ଲସି ଓ ସରବତ୍ ଦୋକାନଗୁଡ଼ିକରେ ଭିଡ଼ ଜମାଉଛନ୍ତି। ରାଜ୍ୟର ପ୍ରମୁଖ ଉତ୍ତପ୍ତ ସହର ମଧ୍ୟରେ ସ୍ଥାନ ପାଇଛି ତାଳଚେର। ତାତି ପବନ ସହ ଅସହ୍ୟ ଗୁଳିଗୁଳି ଜନଜବୀନକୁ ଅସ୍ତବ୍ୟସ୍ତ କରିପକାଉଛି। ଦିନ ୧୨ଟା ବାଜିଲେ ଓ ଆଖାପାଖ ଅଞ୍ଚଳରେ ଅସହ୍ୟ ତାତି ଅନୁଭୂତ ହେଉଛି। ଦୂର ଦୂରାନ୍ତରୁ ଆସୁଥିବା ବାଟୋଇଙ୍କ ପାଇଁ ବିଭିନ୍ନ ଛକରେ ଥଣ୍ଡା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। କିନ୍ତୁ ରକ୍ଷଣାବେକ୍ଷଣା ଅଭାବ ଯୋଗୁଁ ସେଗୁଡ଼ିକରୁ ସେବା ମିଳିପାରୁନାହିଁ। ତୁରନ୍ତ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅଚଳ ହୋଇ ପଡ଼ିଥିବା ପାନୀୟ ଜଳ ପ୍ରକଳ୍ପ ମରାମତି କରାଇବା ଓ ପ୍ରଚୁର ମାତ୍ରାରେ ଧୂଳିଧୂଆଁ ଯୋଗୁଁ ରାସ୍ତାରେ ପାଣି ସିଞ୍ଚନ କରିବାକୁ ସାଧାରଣରେ ଦାବି ହେଉଛି।

● ପୁଣି ଦବିଲା ମାଟି

## ଭୂଗର୍ଭରେ ବିଲୀନ ହୋଇଯିବ ତାଳଚେର !



ତାଳଚେର ସହର,୧୫ ।୪(ସମିସ): ତାଳଚେରରେ ପୁଣି ଦବିଲା ମାଟି। ଡେରା ଛକରୁ ହାଣ୍ଡିଧୁଆଁ ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ପେଟ୍ରୋଲ ପମ୍ପ ନିକଟ ରାସ୍ତାରେ ୨ରୁ ୩ ଫୁଟ ପରିଧିରେ ପ୍ରାୟ ୭ ଫୁଟ ଗଭୀର ଏକ ବିରାଟ ଗର୍ତ୍ତ ଦେଖିବାକୁ ମିଳିଛି। ଅଚାନକ ଏଭଳି ଗର୍ତ୍ତ ଦେଖି ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ୨ ମାସ ପୂର୍ବରୁ ଘଟଣାସ୍ଥଳରୁ ମାତ୍ର ୫ ଶହ ମିଟର ଦୂର ହାଣ୍ଡିଧୂଆଁ ଗାଁ ନିକଟରେ ଏକ ଜମି ଧସିଥିଲା। କୋଇଲା ଖନନ ପରେ ସଠିକ ଭାବେ ବାଲି ଫିଲିଂ କରାଯାଇ ନ ଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଛି। ତେବେ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ହାଣ୍ଡିଧୁଆଁରୁ ବଳଣ୍ଡା ରାସ୍ତାରେ ଗାଡ଼ି ଚଳାଚଳ କିଛି ସମୟ ବାଧାପ୍ରାପ୍ତ ହୋଇଥିଲା। ଘଟଣା ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ପ୍ରଶାସନିକ ଅଧିକାରୀ ଓ ଏମସିଏଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ତେବେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ଏମସିଏଲ କିମ୍ବା ପ୍ରଶାସନ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ଗଣମାଧ୍ୟମରେ ଖବର ପ୍ରକାଶ ପରେ ତତ୍ପରତା ଦେଖାଇଛି ଏମସିଏଲ। ରାସ୍ତା ଖୋଳି ବାଲି ଭର୍ତ୍ତି କରିବା ସହ ସିମେଣ୍ଟ ପ୍ଲାଷ୍ଟର କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଏତେ ସବୁ ପରେ ବି ସୁରକ୍ଷା ଉପରେ ଦୃଷ୍ଟି ଦିଆଯାଉନି। ଗର୍ତ୍ତ ହୋଇଥିବା ସ୍ଥାନରେ କୌଣସି ସୁରକ୍ଷା ବାଡ଼ ଦିଆ ନ ଯାଇ ମେସିନ ଲଗାଇ ମରାମତି କାମ ଚାଲିଥିଲା। ଏଭଳି କାର୍ଯ୍ୟ ଲୋକଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସାମ୍ବାଦିକଙ୍କ ଲଢ଼େଇକୁ ଜୋରଦାର କରିବ ୟୁଜେଏ

ତାଳଚେର,୧୫ ।୪(ସମିସ): ସାମ୍ବାଦିକଙ୍କ ଅଧିକାର ପାଇଁ ଆନ୍ଦୋଳନକୁ ଜୋରଦାର କରିବାକୁ ଉତ୍କଳ ସାମ୍ବାଦିକ ସଂଘ (ୟୁଜେଏ) ଘୋଷଣା କରିଛି। ତାଳଚେରରେ ଅନୁଷ୍ଠିତ

● ଏପ୍ରିଲ ୨୯ରେ ରାଜ୍ୟବ୍ୟାପୀ ବିକ୍ଷୋଭ

● ମେ ୧ରେ କଳାବ୍ୟାଜ୍ ପରିଧାନ

ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର କହିଛନ୍ତି ଯେ ଦେଶର ବିଭିନ୍ନ ରାଜ୍ୟରେ ସାମ୍ବାଦିକମାନଙ୍କୁ ଆର୍ଥିକ ଏବଂ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଉଥିବା ବେଳେ ଓଡ଼ିଶା ସରକାର ଏ ଦିଗେର ଟାଳଟୁଳ ନୀତି ଆପଣାଇବା ଦୁର୍ଭାଗ୍ୟଜନକ। ୧୮ରୁ ଅଧିକ ରାଜ୍ୟରେ ସାମ୍ବାଦିକଙ୍କୁ ପେନସନ୍ ମିଳୁଥିବା ଉଦାହରଣ ଦେଇ କହିଲେ ଯେ, ମହାରାଷ୍ଟ୍ର ଏବଂ ଛତିଶଗଡ଼ ଭଳି ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ହୋଇଛି। ମାସିକ ୧୫ହଜାର ଟଙ୍କା ପେନସନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ରାଜ୍ୟ ଓ ଜିଲ୍ଲାସ୍ତରୀୟ ଅଧିସ୍ୱୀକୃତି




କମିଟି ଗଠନ ପୂର୍ବକ ଯୋଗ୍ୟ ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ, ପ୍ରେସ୍ ଏକାଡେମୀ ଗଠନ ଓ ରାଜଧାନୀରେ ସ୍ୱଳ୍ପ ମୂଲ୍ୟରେ ରହଣି ବ୍ୟବସ୍ଥା ସହ ପ୍ରେସ୍ ଭବନ ନିର୍ମାଣ ଓ ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତା ଓ ୨୫ବର୍ଷରୁ ଅଧିକ ବୟସ୍କ ସନ୍ତାନମାନଙ୍କୁ ବୀମାଭୁକ୍ତ ଦାବି ନେଇ ୨୦୨୪ ଫେବୃଆରୀ ୭ରେ ଉତ୍କଳ ସାମ୍ବାଦିକ ସଂଘ ନେତୃତ୍ୱରେ ବିଧାନସଭା ସମ୍ମୁଖରେ ବିଶାଳ ସଭା ଆୟୋଜନ ହୋଇଥିଲା। ଏଥିରେ ରାଜ୍ୟର ୩ ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ସାମ୍ବାଦିକ ଯୋଗଦେଇଥିଲେ। ଆଜିର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତଥା ତତ୍କାଳୀନ ବିଜେପି ବିଧାୟକ ବିକ୍ଷୋଭ ସ୍ଥଳକୁ ଆସି ସାମ୍ବାଦିକଙ୍କ ଦାବି ସମୂହର ସମର୍ଥନରେ ବକ୍ତବ୍ୟ ରଖିଥିଲେ। ସରକାରକୁ ଆସିଲେ ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସରକାର ଗଠନକୁ ୨ବର୍ଷ ବିତିଥିଲେ ହେଁ ଏଯାବତ୍ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଏପ୍ରିଲ ୨୯ ରାଜ୍ୟବ୍ୟାପୀ ବିକ୍ଷୋଭ ଓ ମେ ୧ରେ କଳାବ୍ୟାଜ୍ ପରିଧାନ କରାଯିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ମା' ଦକ୍ଷିଣକାଳୀଙ୍କ ଦଣ୍ଡଯାତ୍ରା ସମ୍ପନ୍ନ

● ୧୩ଦିନ ପରେ ବ୍ରତଧାରୀଙ୍କ ଘର ବାହୁଡ଼ା



ତାଳଚେର,୧୫ ।୪(ସମିସ): ବ୍ରାହ୍ମଣୀନଦୀ କୂଳରେ ପ୍ରତିଷ୍ଠିତ ମା' ଦକ୍ଷିଣକାଳୀଙ୍କ ଦଣ୍ଡଯାତ୍ରା ସମ୍ପନ୍ନ ହୋଇଛି। ୧୩ଦିନ ବ୍ୟାପୀ ପାରମ୍ପରିକ ରୀତିନୀତି ଅନୁଯାୟୀ ଦଣ୍ଡଯାତ୍ରା ଚାଲିଆସିଥିଲା। ଏହି ୧୩ ଦିନ ପର୍ଯ୍ୟନ୍ତ କଠିନ ବ୍ରତ ପାଳନ କରୁଥିବା ଭକ୍ତମାନେ ଦିନକୁ ଥରେ ଅନ୍ନପ୍ରସାଦ ସେବନ କରିଥାନ୍ତି। ଦିନବେଳା ପାଣିଦଣ୍ଡ ଭାଙ୍ଗିବା ପରେ ସେମାନେ ମା'ଙ୍କୁ ନେଇ ସ୍ନାନ କରିବାକୁ ଚାଲିଯାଇଥାନ୍ତି। ଦଣ୍ଡୁଆମାନେ ଲକ୍ଷ୍ମୀପୁରାଣ, ନାଉକେଳୀ, ଭୂତକେଳୀ, ଛଦ୍ମବେଶ, ବିଭିନ୍ନ ପୌରାଣିକ ଗାଥା ମାଧ୍ୟମରେ ଦଣ୍ଡନୃତ୍ୟ ପରିବେଷଣ କରିଥାନ୍ତି। ଦଣ୍ଡଯାତ୍ରାର ଅନ୍ତିମ ଦିବସରେ ମା'ଙ୍କ ମେରୁଯାତ୍ରା ଅନୁଷ୍ଠିତ ହୋଇଛି। ମେରୁଯାତ୍ରାରେ ନିଆଁରେ ଚାଲିବା, କଣ୍ଟା ଦୋଳିରେ ବସିବା, ବିଭିନ୍ନ ପ୍ରଥା ସମାପନ ପରେ ଭକ୍ତମାନେ ଦଣ୍ଡଯାତ୍ରା ସାରି ଘରକୁ ବାହୁଡ଼ିଛନ୍ତି। ମେରୁଯାତ୍ରା ଦେଖିବାକୁ ମଧ ଆଖାପାଖ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

## ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ଅଶୋକ



ଅନୁଗୋଳ,୧୫ ।୪(ସମିସ): ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି। ଅଶୋକ ନାଲକୋସ୍ଥିତ ନିଜ ବାସ ଭବନରୁ ପୂଜାର୍ଚ୍ଚନା କରି କାର୍ଯ୍ୟକର୍ତ୍ତାଙ୍କ ଗହଣରେ ବିଶାଳ ଶୋଭାଯାତ୍ରାରେ ଅନୁଗୋଳ ଗୁଣ୍ଡିଚା ମନ୍ଦିର ପାଖରେ ପହଞ୍ଚିଥିଲେ। ସେଠାରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ଅନୁଗୋଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବଶିଷ୍ଠ ନାୟକ, ଉପାଧ୍ୟକ୍ଷ ସୁରମଣି ଚାତାର, ପୂର୍ବତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ଗୁଣ୍ଡିଚା ମନ୍ଦିରଠାରୁ କାର୍ଯ୍ୟକର୍ତ୍ତା ଓ ଶୁଭେଚ୍ଛୁ ବିଧାୟକଙ୍କୁ ଖୋଲା ଜିପ୍‌ରେ ପଦଯାତ୍ରା କରି ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ନେଇଥିଲେ। ସେଠାରେ ସେ ପହଞ୍ଚିବା ପରେ ଜିଲ୍ଲାପାଳ ମହମ୍ମଦ ଅବଦଲ ଅଖତରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ନିଜ ନିଯୁକ୍ତିପତ୍ର ପ୍ରଦାନ କରିବା ପରେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ତାଙ୍କୁ ନାଗରିକ ମଞ୍ଚ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଦାୟିତ୍ୱ ଗ୍ରହଣ ପରେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ତାଙ୍କ ଉପରେ ଭରସା କରି ଯେଉଁ ଗୁରୁଦାୟିତ୍ୱ ଦେଇଛନ୍ତି ତାହାକୁ ସଫଳତାର ସହ ନିର୍ବାହ କରିବେ ବୋଲି କହିଛନ୍ତି। ତାଙ୍କ ନେତୃତ୍ୱରେ ଅନୁଗୋଳ ଜିଲ୍ଲା ବିକାଶର ଶୀର୍ଷ ସ୍ଥାନରେ ପହଞ୍ଚିବ ଏବଂ ମୌଳିକ ସମସ୍ୟାର ସମାଧାନ କରାଯିବ। ଯୁବକମାନଙ୍କ ନିଯୁକ୍ତି ଓ କୃଷି କ୍ଷେତ୍ରକ ବିଶେଷ ପ୍ରାଧାନ୍ୟ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ବିଜେପି ଜିଲ୍ଲା ଉପସଭାପତି ନୃସିଂହ ବରାଳ, ସାଧାରଣ ସମ୍ପାଦିକା ବସନ୍ତ ମଞ୍ଜରୀ ପ୍ରଧାନ, ସୁଦୀପ ଗଡ଼ନାୟକଙ୍କ ସମେତ ସମସ୍ତ ଜିଲ୍ଲା ଅଧିକାରୀ, ବିଧାନସଭା କ୍ଷେତ୍ରରୁ ଆସିଥିବା ପଦାଧିକାରୀ ଉପସ୍ଥିତ ଥିଲେ।

## ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

ଅନୁଗୋଳ,୧୫ ।୪(ସମିସ): ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଯଯାତି କିଶୋରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଡ. ଆମ୍ବେଦକରଙ୍କ ଜୀବନ ଦର୍ଶନ ଉପରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବଶିଷ୍ଠ ନାୟକ, ଉପାଧ୍ୟକ୍ଷ ସୁରମଣି ଚାତାର, ପ୍ରଧାପକ ବିଶ୍ୱରଞ୍ଜନ ପ୍ରଧାନ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ନାୟକ ଯୋଗଦେଇ ସମ୍ବିଧାନ ପ୍ରଣୟନରେ ଆମ୍ବେଦକରଙ୍କ ଭୂମିକା ଓ ସାମାଜିକ ସମରସତାରେ ବଳିଷ୍ଠ ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଗୋଳ ଜିଲ୍ଲାରେ ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସମସ୍ତ ଶକ୍ତିକେନ୍ଦ୍ର ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଚାଲିବ ବୋଲି ଜିଲ୍ଲା ସଭାପତି ପଟ୍ଟନାୟକ ସୂଚନା ଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ୍ତ ଗଡ଼ନାୟକ କାର୍ଯ୍ୟକ୍ରମ ପରିଚାଳନା କରଥିଲେ। ଏଥିରେ ଜିଲ୍ଲାର ସମସ୍ତ ପଦାଧିକାରୀ, ଜନପ୍ରତିନିଧି ଯୋଗଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦିକା ବସନ୍ତ ମଞ୍ଜରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



## କସ୍ତୁରୀବାହାଲ ଗ୍ରାମରେ ମେରୁଯାତ୍ରା

କିଶୋରନଗର,୧୫ ।୪(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ କସ୍ତୁରୀବାହାଲ ଗାଁରେ ପଣା ସଂକ୍ରାନ୍ତି ପରଦିନ ବୁଧବାର ମେରୁଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ସକାଳେ ଗ୍ରାମର ଭକ୍ତମାନଙ୍କ ଘରେ ଘରେ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ଧୂଳିଦଣ୍ଡ, ପୋଖରୀରେ ପାଣିଦଣ୍ଡ ଓ ରାତିରେ ଦଣ୍ଡନୃତ୍ୟ ପରିବେଷଣ ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଯାତ୍ରା ପଡ଼ିଆକୁ ସୁନ୍ଦର ସାଜସଜ୍ଜା କରାଯାଇଥିଲା। ଭକ୍ତଙ୍କ ପାଇଁ ପଣାପାଣି ଓ ଖେଚୁଡ଼ି ଭୋଗ ବ୍ୟବସ୍ଥା ହୋଇଥିଲା। ଯାତ୍ରାରେ ଦୋକାନ ବଜାର ପସରା ମେଳିଥିଲା।

## ଅମୃତବିନ୍ଦୁ ରକ୍ତଦାନ ଶିବିର




ଅନୁଗୋଳ,୧୫ ।୪(ସମିସ): ମହାବିଷୁବ ଓ ପଣା ସଂକ୍ରାନ୍ତି, ଓଡ଼ିଆ ନବବର୍ଷ, ପ୍ରଭୁଭକ୍ତ ହନୁମାନଙ୍କ ଜୟନ୍ତୀ ଅବସରରେ ଅନୁଗୋଳ ସମିତିର କରବେରେଣି ଭଜନ ମଣ୍ଡଳୀ ଗ୍ରାମରେ ଅମୃତବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲା ସଭାପତି, ଜିଲ୍ଲା ସେବା ସଂଯୋଜକ, ସଂଯୋଜିକା, ଜିଲ୍ଲା ରକ୍ତଦାନ ନିର୍ବାହକ, ଜିଲ୍ଲା ଆଧାତ୍ମିକ ସଂଯୋଜକ, ଜିଲ୍ଲା ଯୁବ ସଂଯୋଜକ ଯୋଗଦେଇଥିଲେ। ଶିବିରରୁ ୬୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ; ଜଣେ ଗୁରୁତର

କିଶୋରନଗର,୧୫ ।୪(ସମିସ): କିଶୋରନଗର ଥାନା ବାମୁର ଟୋଲଗେଟ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। କୁଟାସିଙ୍ଗା ଗାଁର ଦୟାନିଧି ଦେହୁରୀ (୬୨)। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନରେ କୁଟାସିଙ୍ଗା ଗାଁର ଟିକୁନ ଦେହୁରୀ (୨୫) ନିଜ ବାଇକ୍‌ରେ ଦୟାନିଧି ଓ ଅନ୍ୟଜଣେ ବ୍ୟକ୍ତିଙ୍କୁ ବସାଇ ନିଜ ଘର ଅଭିମୁଖେ ଆସୁଥିବା ବେଳେ ଟୋଲଗେଟ ନିକଟରେ ଭାରସାମ୍ୟ ହରାଇ ଏକ ସିମେଣ୍ଟ ପୋଲରେ ଧକ୍କା ହୋଇଥିଲେ। ଗୁରୁତର ଅବସ୍ଥାରେ ଦୟାନିଧି ଓ ଅନ୍ୟ ଜଣଙ୍କୁ ୧୦୮ ଆମ୍ବୁଲାନ୍ସରେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲା। ସେଠାରେ ଡାକ୍ତର ଦୟାନିଧିଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ବ୍ୟକ୍ତିଙ୍କୁ ଅନୁଗୋଳ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପୁଲିସ ମାମଲା ରୁଜୁ କରି ବାଇକ୍ ଓ ଦୟାନିଧିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

## କୋଲିୟରୀ ଥାନା ପକ୍ଷରୁ ଜଳଛତ୍ର ଉଦଘାଟିତ

ତାଳଚେର,୧୫ ।୪(ସମିସ): ତାଳଚେର କୋଲିୟରୀ ଥାନା ପକ୍ଷରୁ ବୁଧବାର ଆଜି ଥାନା ସମ୍ମୁଖରେ ଅସ୍ଥାୟୀ ଜଳଛତ୍ର କେନ୍ଦ୍ର ଉଦଘାଟିତ ହୋଇଛି। କୋଲିୟରୀ ଥାନା ଅଧିକାରୀ, ଟାଉନଥାନା ଅଧିକାରୀଙ୍କ ଉପସ୍ଥିତିରେ ଏହାକୁ ଏସଡିପିଓ ଭରତ ସାହୁ ଏହାକୁ ଉଦଘାଟନ କରିଥିଲେ। ଏହି ରାସ୍ତାଦେଇ ଦୈନିକ ହଜାର ହଜାର ପଥଚାରୀ ଯାତାୟାତ କରୁଥିଲେ ହେଁ ହାଣ୍ଡିଧୂଆଁରୁ ଡେରା ଛକ ପର୍ଯ୍ୟନ୍ତ କୌଣସି ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ପଥଚାରୀ ପାଣିଟୋପେ ପାଇଁ ହଇରାଣ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ନୂତନଭାବେ ଯୋଗଦେଇଥିବା କୋଲିୟରୀ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏହି ଜଳଛତ୍ର ଖୋଲାଯାଇଛି।



## ସୋଲାର ଗଭୀର ନଳକୂପ ଯୋଜନା କାର୍ଯ୍ୟକାରୀ ନେଇ ସନ୍ଦେହ

### ୩ ବର୍ଷ ହେଲା ଅପେକ୍ଷା କରି ୪ ଶହ କୃଷକ ହତାଶ

ଅନୁଗୋଳ,୧୫ ।୪(ସମିସ):

କୃଷି ଓ କୃଷକର ଉନ୍ନତି ପାଇଁ ସରକାରୀ ଭାବେ ବହୁବିଧ ଯୋଜନା କାର୍ଯ୍ୟକାରୀ ହେବା ସରକାରୀ କାଗଜପତ୍ରରେ ପ୍ରସାର ପ୍ରଚାର ହେଉଛି। ତେବେ ବାସ୍ତବ କ୍ଷେତ୍ରରେ ଯୋଜନାକୁ ସଠିକ୍ ଓ ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟକାରୀ କରାଯାଉ ନାହିଁ। ଅଧିକାରୀଙ୍କ ନାଲିଫିତା ତଳେ କୃଷି ଯୋଜନାଗୁଡ଼ିକ ଦୀର୍ଘଦିନ ଧରି ପଡ଼ି ରହୁଥିବାରୁ କୃଷକମାନେ ବାରମ୍ବାର ହତାଶ ହେଉଛନ୍ତି। ଅନୁଗୋଳ ଜିଲ୍ଲାରେ ଗତ ୩ ବର୍ଷ ତଳେ ୨୦୨୩-୨୪ ଆର୍ଥିକ ବର୍ଷରେ ସୋଲାର ଗଭୀର ନଳକୂପ ଯୋଜନା ପାଇଁ ଏକ ହଜାରରୁ ଅଧିକ କୃଷକ ଅନଲାଇନରେ ଆବେଦନ କରିଥିଲେ। ଏପରିକି କୃଷକମାନେ ନିଜ ରେକର୍ଡ ଜମିଜମାର କାଗଜପତ୍ର, ଚୁକ୍ତିନାମା ସହ ପ୍ରତି କୃଷକ ୨୦ ହଜାର ଟଙ୍କା ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ଜମା ଦେଇ ଉଠାଜଳସେଚନ ବିଭାଗରେ ସ୍ଥାୟୀ ଜମାର ପ୍ଲେଜ୍ କରିଛନ୍ତି। ଦୀର୍ଘ ୩ ବର୍ଷ ହେଲା କୃଷକମାନେ ଗଭୀର



ନଳକୂପ ଖୋଳାଯିବା ନେଇ ଦୃଢ଼ ଆଶାବାଦୀ ଥିବାବେଳେ ଚଳିତ ବର୍ଷ ଆଉ ୪ ଶହ ଗଭୀର ନଳକୂପ ଖୋଳାଯିବା ସନ୍ଦେହ ସୃଷ୍ଟି ହୋଇଛି। ସରକାରୀ ଭାବେ ଅନୁଗୋଳ ଜିଲ୍ଲାର ୮ ବ୍ଲକରୁ ୨୦୨୩-୨୪ ଆର୍ଥିକ ବର୍ଷରେ ଏକ ହଜାରରୁ ଅଧିକ ଚାଷୀ ସୋଲାର ଗଭୀର ନଳକୂପ ଯୋଜନାରେ ଆବେଦନ କରିଥିଲେ। ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରୀ ଭାବେ ୬ ଶହ ନଳକୂପ ଖନନ ପାଇଁ ଅନୁମୋଦନ ମିଳିଥିବା ବେଳେ ୪ ଶହରୁ ଅଧିକ ନଳକୂପ ଖନନ ପାଇଁ ଅନୁମୋଦନ ମିଳି ନ ଥିଲା। ଗତ ବର୍ଷ ୬ ଶହ ନଳକୂପ ଖନନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇ ଖୋଳାଯାଇଥିଲା ଏବଂ ସୋଲାର ଯନ୍ତ୍ରପାତି ଓ ସାମଗ୍ରୀ ଖଞ୍ଜାଯାଇଥିଲା। ମାତ୍ର ୪ ଶହରୁ ଅଧିକ କୃଷକଙ୍କ ଆବେଦନର କୌଣସି ଅନୁମୋଦନ କରାଯାଇ ନ ଥିଲା। ସୋଲାର ଗଭୀର ନଳକୂପ ଯୋଜନାରେ ରହିଯାଇଥିବା ଏହି ୪ ଶହ ଚାଷୀଙ୍କ ଆବେଦନ ସରକାରୀ ଭାବେ କାର୍ଯ୍ୟକାରୀ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରତିଦିନ ଜିଲ୍ଲାର ବିଭିନ୍ନ ଗ୍ରାମରୁ ଆବେଦନକାରୀ ଅନୁଗୋଳ ଜିଲ୍ଲାରେ ଥିବା ଉଠାଜଳସେଚନ କାର୍ଯ୍ୟାଳୟକୁ ଆସି ନୟାନ୍ତ ହେଲେଣି। ସରକାରୀ ଭାବେ ଅବଶିଷ୍ଟ ୪ ଶହ ସୋଲାର ଗଭୀର ନଳକୂପ ଆବେଦନପତ୍ରର ଉଚ୍ଚସ୍ତରୀୟ ଅଧିକାରୀଙ୍କ ଅନୁମୋଦନ ପରେ ଖୋଳାଯିବା ନେଇ ଅନୁଗୋଳ ଉଠାଜଳସେଚନ କର୍ତ୍ତୃପକ୍ଷ ଆଶ୍ୱାସନା ଦେଉଛନ୍ତି। ଚଳିତ ବର୍ଷ ଏପ୍ରିଲ ମାସ ଅଧା ହୋଇଥିଲେ ମଧ୍ୟ ଅନୁମୋଦନ ମିଳି ନ ଥିବାରୁ ଆଗକୁ ଏହି ସବୁ ଗଭୀର ନଳକୂପ ଖୋଳାଯିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗ୍ରୀଷ୍ମକାଳ ପରେ ବର୍ଷା ଋତୁ ପାଖେଇ ଆସୁଥିବାରୁ ଚଳିତ ବର୍ଷ ଆବେଦନକାରୀ ଚାଷୀଙ୍କ ନଳକୂପ ଖୋଳାଯିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନୁଗୋଳ ଜିଲ୍ଲା ଏକ ଖଣି ଓ ଶିଳ୍ପର ଜିଲ୍ଲା ହୋଇଥିବାରୁ ସରକାରୀ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଖଣି ଓ ଶିଳ୍ପ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଉଥିବା ବେଳେ କୃଷିର ଉନ୍ନତି ନେଇ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହେଉଛି।


ଶ୍ରଦ୍ଧାଞ୍ଜଳି

ଦଶମ ଶ୍ରାଦ୍ଧବାର୍ଷିକୀ



✓ ଶରତ କୁମାର ମହାନ୍ତି

ବିଣାଦଣ୍ଡା, ବାସୁଦେବପୁର, ଭଦ୍ରକ

ଆବିର୍ଭାବ : ୨୫.୦୧.୧୯୫୯, ତିରୋଧାନ : ୧୬.୦୪.୨୦୧୬

ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା

ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

# ଭୁବନେଶ୍ୱର ସିଟି



## ଆଇପିଓ କିଣାଇବା ଆଳରେ ୭୨ ଲକ୍ଷ ଠକେଇ

# ୟୁପିରୁ ଧରାପଡ଼ିଲା ସାଇବର୍ ଠକ

ଭୁବନେଶ୍ୱର, ୧୫।୪ (ସମିସ): ଆଇପିଓ କିଣାଇବା ଆଳରେ ୭୨ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତଙ୍କୁ ଉତ୍ତର ପ୍ରଦେଶରୁ ଗିରଫ କରିଛି ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କାନପୁର ଜିଲ୍ଲା କୋଲନଗଞ୍ଜ ଥାନା ସ୍ୱରୂପ ନଗରର ହର୍ଷିତ କାନ୍ତ ପାଣ୍ଡେ (୨୬)। ତା' ଠାରୁ ଗୋଟିଏ ବ୍ୟାଙ୍କ୍ ଚେକ୍ ଓ ଆଧାର କାର୍ଡ ଜବତ କରିଛି।

ପୁଲିସ ସୂଚନାନୁସାରେ, ନନ୍ଦନକାନନ ଥାନା ଅଞ୍ଚଳରେ ରହୁଥିବା ସୁଜାତା ସାହୁଙ୍କ ଭଉଣୀ ଦୀପିକା

- ନକଲି କମ୍ପାନୀ କରି ନିବେଶ ଆଳରେ ଠକୁଥିଲା
- କମ୍ପାନୀ ନାଁରେ ରହିଛି ୬୫ଟି ଅଭିଯୋଗ
- ପୂର୍ବରୁ ଗିରଫ କରିଥିଲା ହରିୟାଣା ପୁଲିସ

ସାହୁ ବିଦେଶରେ ରୁହନ୍ତି। ଗତବର୍ଷ ଜୁନ୍ ମାସରେ ଦୀପିକା ସାମାଜିକ ଗଣମାଧ୍ୟମରେ ଏକ ବିଜ୍ଞାପନ ଦେଖିବାକୁ ପାଇଥିଲେ। ଯୋଗାଯୋଗ କରିବା ପରେ ଏକ ନିର୍ଦ୍ଦିଷ୍ଟ



କମ୍ପାନୀ ମାଧ୍ୟମରେ ଟଙ୍କା ନିବେଶ କରିଲେ ଭଲ ରିଟର୍ଣ୍ଣ ମିଳିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ତେବେ ଭାରତ ଅପେକ୍ଷା ଆମେରିକାର ଟଙ୍କା ନିବେଶ କରିଲେ ଅଧିକ ଟଙ୍କା ଲାଭ ମିଳିବ ବୋଲି ଅଜଣା ବ୍ୟକ୍ତି ଜଣଙ୍କ ପ୍ରବର୍ତ୍ତାଇଥିଲା। ଦୀପିକା ତା'ର କଥାକୁ ବିଶ୍ୱାସ କରି ସେହି ନିର୍ଦ୍ଦିଷ୍ଟ କମ୍ପାନୀରେ ପଞ୍ଜୀକରଣ କରି ୟୁଏସ୍ଏ ମାର୍କେଟରେ ଟଙ୍କା ବିନିଯୋଗ କରି ଟଙ୍କା କମାଇଥିଲେ ଥିଲେ। ନିବେଶ ଓ ସେଥିରୁ ମିଳୁଥିବା ଲାଭ କମ୍ପାନୀ ୱାଲେଟରେ ଦେଖାଉଥିଲା। ପରବର୍ତ୍ତୀ ସମୟରେ ସାଇବର ଠକ ଜଣକ ତାଙ୍କୁ ଆଇପିଓରେ ନିବେଶ କରିବାକୁ କହିଥିଲା। ଦୀପିକା ତ' କଥାରେ ପଡ଼ି ଆଇପିଓ ବୁକ୍ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଗୋଟିଏ ମଧ୍ୟ ଆଇପିଓ ମିଳିନଥିଲା। ସେତେବେଳକୁ ଦୀପିକା ୭୧ ଲକ୍ଷ ୭୪ ହଜାର ୬୭୪ ଟଙ୍କା ନିବେଶ କରି ସାରିଥିଲେ। ଟଙ୍କା ଉଠାଇବାକୁ ଚେଷ୍ଟା କରିବାରୁ ସମ୍ପୃକ୍ତ ଆକାଉଣ୍ଟ ବ୍ଲକ ହୋଇ ଯାଇଥିଲା। ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ଭଉଣୀ ସୁଜାତାଙ୍କୁ ଜଣାଇଥିଲେ।

ସୁଜାତା ଏନେଇ ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଟଙ୍କା ନିବେଶ ହୋଇଥିବା କମ୍ପାନୀର ବ୍ୟାଙ୍କ୍ ଆକାଉଣ୍ଟ ତଥ୍ୟ ମଗାଇଥିଲା। ସମ୍ପୃକ୍ତ କମ୍ପାନୀଟି ହର୍ଷିତ ନାମରେ ରହିଥିବା ବେଳେ ସେ ହିଁ ଟଙ୍କା ନେଇଥିବା ଜାଣିବାକୁ ପାଇଥିଲା। ସାଇବର ଥାନା ପୁଲିସ କାନପୁରରେ ଚଢ଼ଉ କରି ହର୍ଷିତକୁ ଗିରଫ କରିଥିଲା। ସ୍ଥାନୀୟ କୋର୍ଟରେ ହାଜର କରାଇବା ପରେ ଟ୍ରାନଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣିଥିଲା। ବୁଧବାର ତାକୁ କୋର୍ଟ ଚାଲାଣ କରିଛି। ହର୍ଷିତ ପୂର୍ବରୁ ମଧ୍ୟ ହରିୟାଣା ପୁଲିସ ଦ୍ୱାରା ଗିରଫ ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ତା' କମ୍ପାନୀ ନାମରେ ଏଯାଏଁ ୬୫ଟି ଠକେଇ ଅଭିଯୋଗ ହୋଇଥିବା ଏନସିଆରପି ପୋର୍ଟାଲରୁ ଜଣାପଡ଼ିଛି।

# ଆଇପିଏସ୍‌ଙ୍କ ଘରୋଇ ସହାୟିକାଙ୍କ ଝିଅ ନିଖୋଜ

ଭୁବନେଶ୍ୱର, ୧୫।୪ (ସମିସ): ରାଜଧାନୀରୁ ପୁଣି ଜଣେ ନାବାଳିକା ନିଖୋଜ ହୋଇ ଯାଇଛନ୍ତି। ଆଉ କେହି ନୁହେଁ, ଖୋଦ୍ ଜଣେ ବରିଷ୍ଠ ଆଇପିଏସ୍‌ଙ୍କ ଘରୋଇ ସହାୟିକାଙ୍କ ଝିଅ ଏବେ ନିଖୋଜ ହୋଇଛନ୍ତି। ନିଖୋଜ ନାବାଳିକା ହେଉଛନ୍ତି ପାଇକ ନଗର ଜଳେଶ୍ୱର ବସ୍ତିର ମାମାଲି ସାହୁ (୧୫)।

- କୋଚିଂ ସେଣ୍ଟରରେ ଯାଇ ଫେରିନାହାନ୍ତି
- ଦୁଇ ଦିନ ହେଲା ପତ୍ତା ମିଳୁନି
- ପୁରସ୍କାର ଘୋଷଣା କଲା ପୁଲିସ



ମିଳିଥିବା ସୂଚନା ଅନୁସାରେ, ଡେଲଟା ପାଇକ ନଗରର ମାମାଲି ପରିବାର ସହ ରହୁଥିବା ବେଳେ ତାଙ୍କ ମାଆ ଜଣେ ଆଇପିଏସ୍‌ଙ୍କ ଘରେ କାମ କରନ୍ତି। ଯୁକ୍ତ ଦୁଇରେ ପଢୁଥିବା ମାମାଲି ଫାୟାର ଷ୍ଟେସନ ଛକରେ ଥିବା ଏକ କୋଚିଂ ସେଣ୍ଟରରେ ଟିୟୁସନ୍ ହୁଅନ୍ତି। ସବୁଦିନ ଭଳି ଗତ ସୋମବାର ଅପରାହ୍ନରେ ମଧ୍ୟ ମାମାଲି ସାଇକେଲ ଧରି ଘରୁ ଟିଉସନ୍ ଯାଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ଘରକୁ ଫେରି ନ ଥିଲେ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ମାଆ କୋଚିଂ ସେଣ୍ଟର ଠାରୁ ଆରମ୍ଭ କରି ବିଭିନ୍ନ ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କରିଥିଲେ। କୌଣସି ସୁଫଳ ନ ପାଇ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ନାବାଳିକା ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ଡେଲଟା ଛକ ଠାରୁ ଆରମ୍ଭ କରି କୋଚିଂ ସେଣ୍ଟର ଯାଏଁ, ସବୁ ସିସିଟିଭି କ୍ୟାମେରା ଯାଞ୍ଚ କରିଥିଲା। ସୋମବାର ଅପରାହ୍ନରେ ମାମାଲି କୋଚିଂ ସେଣ୍ଟରରେ ପହଞ୍ଚିବା ପରେ ସେଠାରେ ସାଇକେଲ ଓ ବ୍ୟାଗ୍ ଛାଡ଼ି ଦେଇ ବରମୁଣ୍ଡା ଆଡ଼କୁ ପଳାଇଥିବା ଫୁଟେଜରୁ ପୁଲିସ ଜାଣିବାକୁ ପାଇଛି। ହେଲେ ତା' ପରଠାରୁ ମାମାଲି କୁଆଡ଼େ ଯାଇଛନ୍ତି, ସେନେଇ କୌଣସି ସୁରାକ ମିଳିପାରିନାହିଁ। ଆଇପିଏସଙ୍କ ଘରୋଇ ସହାୟିକାଙ୍କ ଝିଅ ନିଖୋଜର ଦୁଇ ଦିନ ପରେ ମଧ୍ୟ ତାଙ୍କ ପତ୍ତା ନ ମିଳିବା, କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି। ସବୁଠାରୁ କୌତୁହଳର ବିଷୟ ହେଉଛି, ନାବାଳିକାର ପତ୍ତା ନପାଇ ପୋଷ୍ଟର ଜାରି କରିବା ସହ ପୁରସ୍କାର ଘୋଷଣା କରିଛି ପୁଲିସ। ମାମାଲିଙ୍କ ବାବଦରେ ଖବର ଦେଲେ ୫ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ପୁଲିସ ଘୋଷଣା କରିଛି।

# ଓଟିପି ସେୟାରିଂ ମାମଲା: ୭ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୧୫।୪(ସମିସ): ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ୍)ର ଓଟିପି ସେୟାରିଂ ମାମଲାରେ ରାୟ ବୁଧବାର ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଏସଡ଼ିଜେଏମ୍ କୋର୍ଟର ବିଚାରପତି ଅମିତ କୁମାର ଏହି ମାମଲାର ବିଚାରକରି ୭ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଅଭିଜିତ ସଞ୍ଜୟ ଜାମ୍ଭରେ, ଇକବାଲ ହୁସେନ, ପଠାଣିସାମନ୍ତ ଲେଙ୍କା, ସରୋଜ କୁମାର ନାୟକ, ପ୍ରୀତମ କର, ପ୍ରଦ୍ୟୁମ୍ନ କୁମାର ସାହୁ ଓ ସୌମ୍ୟ ପଟ୍ଟନାୟକ।

- ଅଭିଯୁକ୍ତଙ୍କ ମଧ୍ୟରେ ମରାଠୀ ଓ ଆସାମୀ ଯୁବକ
- ୩ ବର୍ଷ ଲେଖାଏଁ ସଜା; ୩୨ ହଜାର ଲେଖାଏଁ ଜୋରିମାନା

ସୂଚନା ଅନୁସାରେ, ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ପଠାଣି ସାମନ୍ତ ଏକ ଫେସବୁକ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲା। ସେହି ଗ୍ରୁପ୍‌ରେ ଭାରତୀୟ ଓ ବିଦେଶୀ ନାଗରିକଙ୍କୁ ମିଶାଇ ମୋଟ ୧ ଲକ୍ଷ ୪୭ ହଜାରରୁ ଅଧିକ ସଦସ୍ୟ ଥିଲେ। ଗ୍ରୁପର ସଦସ୍ୟମାନେ ଟଙ୍କା ନେଇ ଓଟିପି ଓ ମୋବାଇଲ ନମ୍ବର ସେୟାର କରୁଥିଲେ। ଓଟିପି ସେୟାରିଂ ମାମଲାରେ ଏସଟିଏଫ୍ ୨୦୨୩ ମସିହାରେ ପ୍ରଦ୍ୟୁମ୍ନ, ପଠାଣି ସାମନ୍ତ, ସରୋଜ, ସୌମ୍ୟ ଓ ପ୍ରିତମକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ମିଳିଥିବା ତଥ୍ୟ ଆଧାରରେ ମହାରାଷ୍ଟ୍ରର ଅଭିଜିତ ଓ ଆସାମର ଇକବାଲକୁ ମଧ୍ୟ ଗିରଫ କରିଥିଲା। ସେମାନଙ୍କ ଠାରୁ ୧୯ଟି ମୋବାଇଲ୍ ଫୋନ୍, ୪୭ ସିମକାର୍ଡ, ୬୧ ଏଟିଏମ୍ ଜବତ କରାଯାଇଥିଲା। ଇକବାଲ ଓ ଅଭିଜିତ ପାକିସ୍ତାନ ଆଇଏସ୍ଆଇ ଏଜେଣ୍ଟଙ୍କ ସହ ସିଧାସଳଖ ସମ୍ପର୍କରେ ରହୁଥିଲେ। ପାକିସ୍ତାନୀ ଏଜେଣ୍ଟ ଦାନିଶ ଅଲ୍ଲୀ ଓ ପାକିସ୍ତାନୀ ଗୁଇନ୍ଦାର ଅଧିକାରୀ ଅବଦୁଲ ହମିଦ୍ ସହ ଇକବାଲ ଓ ଅଭିଜିତର ସମ୍ପର୍କ ରହିଥିଲା। ଏନେଇ ଏସଟିଏଫ୍ ଏକ ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ୨୦୨୪ ଜାନୁଆରୀ ମାସରେ ତଦନ୍ତକାରୀ ଅଧିକାରିଣୀ ସରିତା ବେଉରିଆ ତଦନ୍ତ ସାରି ଅଭିଯୁକ୍ତଙ୍କ ବିରୋଧରେ ଅଦାଳତରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସମ୍ପୃକ୍ତ ୧୧ଜଣ ସାକ୍ଷୀ ଓ ୫୬ ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ୭ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତଙ୍କୁ ୩ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ୩୨ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନା?ଦାୟ ଅଧିକ ୩ମାସ କାରାଦଣ୍ଡ ଭୋଗିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରଶ୍ମିରଞ୍ଜନ ବ୍ରହ୍ମା ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ।

# ନାବାଳିକା ଦୁଷ୍କର୍ମୀକୁ କୋଡ଼ିଏ ବର୍ଷ ଜେଲ୍

ଭୁବନେଶ୍ୱର, ୧୫।୪ (ସମିସ): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଦୁଷ୍କର୍ମ ମାମଲାର ରାୟ ଆଜି ପ୍ରକାଶ ପାଇଛି। ମାମଲାର ବିଚାରକରି ଅଭିଯୁକ୍ତ ଜିତୁ ଓରଫ ଜିତେନ୍ଦ୍ର ମଲ୍ଲିକକୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଭୁବନେଶ୍ୱର ଆଡହକ ଆଡିସନାଲ ସେସନ୍ ଜଜ୍ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକ୍ସୋ)ର ବିଚାରପତି ସରୋଜ କୁମାର ସାହୁ।

ପୁଲିସ ସୂଚନାନୁସାରେ, ୭ ବର୍ଷୀୟା ନାବାଳିକା ଜଣକ ପରିବା ସହ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ରହୁଥିଲେ। ୨୦୨୦ ମସିହା ଜୁଲାଇ ୭ ତାରିଖ ଦିନ ପଡ଼ୋଶୀ ଜିତୁ ତାଙ୍କୁ ଚକୋଲେଟ୍ ଦେବାର ପ୍ରଲୋଭନ ଦେଖାଇ ତାଙ୍କ ଘରକୁ ଡାକି ନେଇଥିଲା ଓ ଘର ଭିତର ଭିତରପଟୁ ବନ୍ଦ କରିଦେଇଥିଲା। ନିକଟରେ ଖେଳୁଥିବା ପୁଅମାନେ ଏସବୁ ଦେଖି ତାଙ୍କ ମାଆ ସବିତାରାଣୀ ଦାସଙ୍କୁ ଖବର ଦେଇଥିଲେ। ସବିତାରାଣୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବଡ ପାଟିରେ ଡାକ ପକାଇଥିଲେ ମଧ୍ୟ ଜିତୁ କୌଣସି ଉତ୍ତର ଦେଇନଥିଲା। ସବିତାରାଣୀ ସନ୍ଦେହରେ ବହୁ କଷ୍ଟରେ ଦ୍ୱାର ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ଭିତରକୁ ଯିବା ବେଳକୁ ନାବାଳିକା ପୀଡ଼ିତାଙ୍କୁ ଉଲଗ୍ନ ଅବସ୍ଥାରେ ଦେଖି ବଡ ପାଟିରେ ଡାକ ପକାଇଥିଲେ। ଚିତ୍କାର ଶୁଣି ରଶ୍ମିତା ପ୍ରଧାନ ଓ ରଶ୍ମିତା ମଲ୍ଲିକ ଅନ୍ୟ ଦୁଇ ମହିଳା ସେଠାକୁ ଆସି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ୩ ଜଣ ମହିଳା ମିଶି ପୀଡ଼ିତାଙ୍କ ମାଆଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ପୀଡ଼ିତାଙ୍କ ମାଆ ସେମାନଙ୍କ ସହଯୋଗରେ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ କେସ୍ ନଂ-୨୩୪/୨୦ରେ ଧାରା–୩୭୬(ଏବି) ଆଇପିସି ଓ ପୋକସୋ ଆଇନର ଧାରା-୬ ରେ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରିଣୀ ସବ୍-ଇନ୍ସପେକ୍ଟର ଦିଗବିଜୟନୀ ବାଘ ଅଭିଯୁକ୍ତ ଜିତୁକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୧୪ ଜଣ ସାକ୍ଷୀ ଓ ୮ଟି ପ୍ରାସଙ୍ଗିକ ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ଆସାମୀ ଜିତୁକୁ ୬ ପୋକ୍ସୋ ଆକ୍ଟ ଆଧାରରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସର ସଶ୍ରମ କାରାଦଣ୍ଡ ଲାଗି ଆଦେଶ ଦେଇଛନ୍ତି। ଏହାସହିତ ନାବାଳିକା ପୀଡିତାଙ୍କ ସହିତ ହୋଇଥିବା ଶାରୀରିକ ଓ ମାନସିକ ଆଘାତକୁ ବିଚାର କରି ଓଡ଼ିଶା ପୀଡିତା କ୍ଷତି ପୂରଣ ଯୋଜନା ଅନୁଯାୟୀ ନାବାଳିକାକୁ କ୍ଷତିପୂରଣ ବାବଦକୁ ୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା ଲାଗି ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# ଭିଡିଓ କରି ଜୀବନ ହାରିଲେ ଯୁବତୀ

- ହତ୍ୟା ଅଭିଯୋଗ ଆଣିଲେ ପରିବାର
- ଔଷଧ ଦୋକାନରେ ଆକାଉଣ୍ଟାଣ୍ଟ ଥିଲେ
- ପୁଲିସ ସ୍କାନରରେ ଶେଷ ୭ ମିସ୍‌ଡ କଲ୍

ଭୁବନେଶ୍ୱର, ୧୫।୪ (ସମିସ): ରାଜଧାନୀରେ ପୁଣି ଏକ ଅଭାବନୀୟ ଘଟଣା ଘଟିଛି। ନିଜ ମୋବାଇଲରେ ଭିଡିଓ କରି ଜୀବନ ହାରିଛନ୍ତି ଯୁବତୀ। ୟୁନିଟ୍-୩ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ମୃତକ ହେଲେ ସ୍ଥାନୀୟ ଅଞ୍ଚଳରେ ଭଡ଼ା ରହୁଥିବା ଖଣ୍ଡପଡ଼ା ଥାନା ସିଧାମୂଳା ଅଞ୍ଚଳର ଟିକିଲି ରାଉତ (୨୨)। ଝିଅକୁ ହତ୍ୟା କରି ଟାଙ୍ଗି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ କ୍ରମେ ଖାରବେଳ ନଗର ଥାନା ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ଅଭିଯୋଗ ଅନୁଯାୟୀ, ଟିକିଲି ଫାର୍ମାସିଷ୍ଟ ହୋଇଥିବା ବେଳେ ପ୍ରାୟ ଏକବର୍ଷ ହେବ ଖାରବେଳ ନଗର ଥାନା ଅଞ୍ଚଳରେ ଥିବା ଏକ ଔଷଧ ଦୋକାନର ଆକାଉଣ୍ଟ ସେକ୍ସନରେ ଚାକିରି କରିଥିଲେ। ୟୁନିଟ୍ ୩ ଅଞ୍ଚଳର ଏକ ହଷ୍ଟେଲରେ ଅନ୍ୟ ଜଣେ ସାଙ୍ଗଙ୍କ ସହିତ ଭଡ଼ାରେ ରହୁଥିଲେ। ମଙ୍ଗଳବାର ରାତିରେ ଟିକିଲି ପରିବାର ଲୋକଙ୍କ ସହ କଥା ହୋଇଥିବା ବେଳେ ସକାଳୁ ଆଉ ଫୋନ୍ ଉଠାଇ ନଥିଲେ। ବୁଧବାର ସକାଳେ ସାଙ୍ଗ ଆମିଷ ଆଣିବାକୁ ଯାଇଥିବା ବେଳେ ଟିକିଲି ଏକାକୀ ଘରେ ଥିଲେ।

ଏହାରି ଭିତରେ ଟିକିଲି ଭିତର ପଟରୁ କବାଟ ବନ୍ଦ କରି ଦେଇଥିଲେ ଓ ବେକରେ ଶାଢ଼ି ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। କିଛି ସମୟ ପରେ ସାଙ୍ଗ ବଜାରରୁ ଫେରିବା ବେଳେ କବାଟ ବନ୍ଦ ହୋଇଥିଲା। କବାଟ ବାଡ଼େଇ ଥିଲେ ମଧ୍ୟ ଭିତର ପଟରୁ କୌଣସି ଉତ୍ତର ଆସିନଥିଲା। ଘର ମାଲିକ ମଧ୍ୟ ପହଞ୍ଚି ଡାକ ପକାଇଥିଲେ ବି ସୁଫଳ ମିଳିନଥିଲା। ବାହାର ପଟ ଝରକା ପଟରେ ଦେଖିବା ବେଳକୁ, ଟିକିଲି ଝୁଲି ପଡ଼ିଥିବା ଜାଣିବାକୁ ପାଇଥିଲେ। ଖବରପାଇ ଖାରବେଳ ନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଟିକିଲିଙ୍କ ପରିବାର ଲୋକଙ୍କୁ ଜଣାଇଥିଲା। ପରିବାର ଲୋକେ ପହଞ୍ଚିବା ପରେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘରର କବାଟ ଭାଙ୍ଗିଥିଲା ପୁଲିସ। ଟିକିଲିଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ମିଳିତ ଭାବେ ତଦନ୍ତ କରିଥିଲେ। ରୁମର ଉଚ୍ଚତା, ଓସାର, ଚଟାଣ ଠାରୁ ଫ୍ୟାନ୍ ଉଚ୍ଚତା ଓ ଅନ୍ୟାନ୍ୟ ମାପଚୁପ କରିଥିଲେ। ତେବେ ଝିଅକୁ ହତ୍ୟା କରି ଝୁଲାଇ ଦିଆଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ହତ୍ୟା ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରିବା ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସେପଟେ ଟିକିଲିଙ୍କ ମୋବାଇଲକୁ ଜବତ କରି ତଦନ୍ତ ଆଗକୁ ବଢ଼ାଇଛି ଖାରବେଳ ନଗର ଥାନା ପୁଲିସ। ମୃତ୍ୟୁ ପୂର୍ବରୁ ଟିକିଲି ବେକରେ ଶାଢ଼ି ବାନ୍ଧିଥିବାର ଫଟୋ ତାଙ୍କ ମୋବାଇଲରୁ ମିଳିଛି। ଏଥିସହିତ ମୃତ୍ୟୁର କିଛି ସମୟ ପୂର୍ବରୁ ଗୋଟିଏ ନିର୍ଦ୍ଦିଷ୍ଟ ନମ୍ବରରୁ ଟିକିଲିଙ୍କୁ ବାରମ୍ବାର କଲ୍ ଆସିଛି। ପ୍ରାୟ ୭ରୁ ଅଧିକ କଲ୍ ଆସିଥିବା ଏହି ନମ୍ବର ଏବେ ସନ୍ଦେହ ଘେରକୁ ଆସିଛି। ପ୍ରେମରେ ବିଫଳ ହେବାପରେ ଟିକିଲି ଏପରି ଚରମ ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଥିବା ବେଳେ ପରିବାର ଲୋକେ ଏହାକୁ ଖଣ୍ଡନ କରିଛନ୍ତି।

# ସର୍ଟସର୍କିଟରୁ ଜଳିଗଲା ଜଳଖିଆ ଦୋକାନ

ଭୁବନେଶ୍ୱର, ୧୫।୪ (ସମିସ): ନୂଆପଲ୍ଲୀ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟିଛି। ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଜଳଖିଆ ଦୋକାନ ଜଳିଯାଇଛି। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି। ଇନ୍ଦ୍ରଧନୁ ମାର୍କେଟରେ ଏଭଳି ଘଟଣା ଘଟିଛି।

ସୂଚନା ଅନୁସାରେ, ଭଗବାନ ସାହୁ ନାମକ ବ୍ୟକ୍ତି ଇନ୍ଦ୍ରଧନୁ ମାର୍କେଟରେ ଜଳଖିଆ ଦୋକାନ କରି ପରିବାର ପୋଷଣ କରନ୍ତି। ତାଙ୍କ ଦୋକାନକୁ ଲାଗି ଏକ ଟ୍ରାନ୍ସଫର୍ମର ରହିଛି। ବୁଧବାର ଦ୍ୱିପହରରେ ହଠାତ୍ ସେହି ଟ୍ରାନ୍ସଫର୍ମରରେ ସର୍ଟ ସର୍କିଟ ହୋଇ ନିଆଁ ଲାଗି ଯାଇଥିଲା। ଚାହୁଁ ଚାହୁଁ ଟ୍ରାନ୍ସଫର୍ମର ତଳେ ଥିବା ବଣକୁ ନିଆଁ ବ୍ୟାପି ଯାଇଥିଲା। ଏହାପରେ ନିକଟରେ ଥିବା ଭଗବାନଙ୍କ ଦୋକାନକୁ ପଶିଥିଲା। ନିଆଁର ପ୍ରକୋପ ଏତେ ଥିଲା ଯେ, ଆଖି ପିଛୁଳାକେ ସବୁକିଛି ଜଳି ଯାଇଥିଲା। ଖବରପାଇ ସଚିବାଳୟ ଫାୟାର ଷ୍ଟେସନ ଓ ତମାଣ୍ଡୋ ଫାୟାର ଷ୍ଟେସନ ଘଟଣାସ୍ଥଳରେ ପହଞ୍ଚିଥିଲେ। ୪ ଜଣ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ହେଲେ ସେତେବେଳକୁ ଭଗବାନଙ୍କ ଦୋକାନ ସମ୍ପୂର୍ଣ୍ଣ ଭାବେ ଜଳି ପାଉଁଶ ହୋଇଯାଇଥିଲା।



# ଚୋରି ପାଇଁ ନାବାଳକକୁ ଆକ୍ରମଣ କରି ଗିରଫ

ଭୁବନେଶ୍ୱର, ୧୫।୪ (ସମିସ): ଚୋରି ପାଇଁ ନାବାଳକକୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୂଆ ଏଜି କଲୋନୀର ସଞ୍ଜୟ କାଶ୍ୟପ (୨୩)। ପୁଲିସ ସୂଚନା ଅନୁସାରେ, ଗଜପତି ନଗର ଠାରେ ଥିବା ରତ୍ନା ହୋମସ ଆପାର୍ଟମେଣ୍ଟରେ ପରିବାର ସହ ରହୁଥିବା ଦୀପ୍ତିକୁମାର ନାୟକ ଘରେ ନଥିବାବେଳେ ତାଙ୍କ ସାନପୁଅ ଏକାକୀ ଥିଲେ। ଫ୍ଲାଟରେ କେହି ବୟସ୍କ ବ୍ୟକ୍ତି ନଥିବାର ସୁଯୋଗ ନେଇ ଗତକାଲି ସନ୍ଧ୍ୟାରେ ସଞ୍ଜୟ ସେଠାକୁ ଯାଇଥିଲା। ଦୀପ୍ତିଙ୍କ ସାନ ପୁଅକୁ ଗ୍ରିଲ୍ ଖୋଲିବା ଲାଗି କହିଥିଲେ ମଧ୍ୟ ଘରେ କେହି ନଥିବାରୁ ସେ ଗେଟ୍ ମନା କରିଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସଞ୍ଜୟ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲା। ମୋବାଇଲ ଫୋନ ଓ ଏକ ୱାକିଟକି ସାହାଯ୍ୟରେ ନାବାଳକର ମୁହଁକୁ ଆକ୍ରମଣ କରିଥିଲା। ନିଜକୁ ବଞ୍ଚାଇବାକୁ ଯାଇ ନାବାଳକ ହାତ ଦେଖାଇ ଦେବାରୁ ତାଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ନିକଟରେ ଉପସ୍ଥିତ



ଜଣେ ପଡୋଶୀ ଏହା ଦେଖି ପାଟି କରି ଡାକ ପକାଇଥିଲେ। ପାଟି ଶୁଣି ଅନ୍ୟମାନେ ଘଟଣାସ୍ଥଳରେ ଏକଜୁଟ ହୋଇ ସଞ୍ଜୟକୁ କାବୁ କରି ନେଇଥିଲେ। ଦିପ୍ତୀ ନିଜ ପତ୍ନୀ ଓ ଭିଣୋଇଙ୍କ ସହ ମାର୍କେଟରୁ ଫେରି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଦିପ୍ତୀଙ୍କ ଭିଣୋଇ ପଚାରିବାରୁ, ସଞ୍ଜୟ ତାଙ୍କୁ ଖୁବ ଜୋରସେ ଠେଲି ଦେଇଥିଲା। ସେ ତଳେ ପଡ଼ିଯିବା ପରେ ପାଖରେ ଥିବା ଏକ ଲୁହା ଛଡ଼ ଛଡ ଆଣି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଏହି ଆକ୍ରମଣରୁ ସେ ନିଜକୁ ବଞ୍ଚାଇ ନେଇଥିଲେ ମଧ୍ୟ ତାଙ୍କ ହାତରେ ଗୁରୁତର ଆଘାତ ଲଗିଥିଲା। ଏନେଇ ଦିପ୍ତୀ ମୈତ୍ରୀ ବିହାର ଥାନାରେ ଏତଲା ଦେବାପରେ ପୁଲିସ ସଞ୍ଜୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ସନ୍ଧ୍ୟା ୬ଟା ପରେ ଗଡୁନି କ୍ରୁଟ୍ ଇ-ଅଟୋ

ଭୁବନେଶ୍ୱର, ୧୫।୪(ସମିସ): ଦିନକୁ ଦିନ ରାଜଧାନୀରକୁ ଦୂରଦୂରାନ୍ତରୁ ଲୋକେ ଆସି ବସବାସ କରୁଛନ୍ତି। ଏହି ଲୋକମାନେ ଗମନାଗମନ କରିବା ପାଇଁ ଆମ ବସ୍ ହେଉ ଅବା କ୍ରୁଟ୍ ଇ-ଅଟୋ ଉପରେ ନିର୍ଭରଶୀଳ ଅଛନ୍ତି। ହେଲେ ଏହି ଇ-ଅଟୋ ସେବା ସକାଳୁ ଚଳାଚଳ କରୁଥିବା ବେଳେ ସନ୍ଧ୍ୟା ପରେ ବନ୍ଦ ହେଉଯାଉଛି। ଯେଉଁଥିପାଇଁ ଲୋକେ ମୁଖ୍ୟରାସ୍ତାରେ ଥିବା ବସ୍‌ଷ୍ଟପ୍‌କୁ ଯିବା ଆସିବା କରିବା ପାଇଁ ନାନା ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



- ବସ୍‌ଷ୍ଟାଣ୍ଡକୁ ଆସିବାକୁ ହନ୍ତସନ୍ତ ଲୋକେ
- ଫାଇଦା ନେଉଛନ୍ତି ଘରୋଇ କ୍ୟାବ୍ ସଂସ୍ଥା

ରାଜଧାନୀରେ ଲୋକଙ୍କ ସୁବିଧାକୁ ଦେଖି ସହରର ବିଭିନ୍ନ ସ୍ଥାନକୁ ଗମନାଗମନ କରିବା ପାଇଁ ୨୦୧୮ ମସିହାରେ ପୂର୍ବତନ ସରକାର ଆମ ବସ୍‌ର ଶୁଭାରମ୍ଭ କରିଥିଲେ। ଏହି ବସ୍ ମଧ୍ୟ ଲୋକଙ୍କୁ ସ୍ୱଳ୍ପ ଟଙ୍କାରେ ସୁବିଧାରେ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଉଛି। ହେଲେ ଗଳି ଗଳି ରହିଯାଉଥିବା ଲୋକେ ଆମ ବସ୍‌ର ସୁବିଧା ପାଇପାରୁ ନ ଥିଲେ। ଗଳିକନ୍ଦିର ଲୋକେ କିପରି ଭାବେ ଆମ ବସ୍‌ର ସୁବିଧା ସୁଯୋଗ ଲାଭ ନେଇପାରିବେ ଏହି ଲକ୍ଷ୍ୟ ନେଇ ୨୦୨୨ ମସିହାରେ କ୍ରୁଟ୍ ପକ୍ଷରୁ ଇ-ଅଟୋ ସେବାର ଶୁଭାରମ୍ଭ କରାଯାଇଥିଲା। ଲୋକେ ବି ଏହି ଅଟୋକୁ ବେଶ ଉପଯୋଗ କରୁଛନ୍ତି। କିନ୍ତୁ ଏହି ଇ-ଅଟୋ ସେବା ମାତ୍ର ସହରର ୧୦ ଟି ସ୍ଥାନରେ ଚାଲୁରହିଛି। ବିଶେଷ କରି କିଟ୍ କ୍ୟାମ୍ପସ୍‌ରୁ ପ୍ରଶାନ୍ତବିହାର, ଇନ୍‌ଫୋସିଟି, ପଟିଆ ଥାନାରୁ କିଟ୍ ଛକ, ଆଇଜିଣିଆରୁ ଆଇଟିଇଆର କଲେଜ୍, ଭି୨ ରୁ ଉଦୟଗିରିବିହାର, ଏମ୍ସରୁ ଆଲୁଗଦି, କେ୯ ରୁ ଏମ୍ସ, ଡ଼ିଏନ୍ ସ୍କୋୟାର ରୁ ଏମ୍ସ. ହନୁମାନ ମନ୍ଦିରରୁ କଳିଙ୍ଗ ନଗର ବିକ୍ୟୁଏସ୍ ପର୍ଯ୍ୟନ୍ତ ୩୫ଟି ଇ-ଅଟୋ ସକାଳ ୯ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହା ଚାଲୁଛି।

କିନ୍ତୁ ସନ୍ଧ୍ୟା ୬ଟା ପରେ ଲୋକେ ଏହି ଅଟୋ ସେବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଲୋକେ ମୁଖ୍ୟ ରାସ୍ତାରେ ଥିବା ଆମ ବସ୍ ଷ୍ଟପ୍‌କୁ ଆସିବା ପାଇଁ ଘରୋଇ ଅଟୋ ହେଉ ଅବା ଓଲା, ରାପିଡ଼ୋ ଉପରେ ନିର୍ଭର କରିବା ବେଳକୁ ସେମାନେ ଅଧିକ ଟଙ୍କା ଭଡ଼ା ମାଗୁଛନ୍ତି। ଯେଉଁଠି କ୍ରୁଟ୍ ଇ ଅଟୋରେ ୫ ଟଙ୍କା କିମ୍ବା ୧୦ ଟଙ୍କା ଦବାକୁ ପଡୁଥିଲା ସେଠାରେ ଲୋକେ ୫୦ ରୁ ୧୦୦ ଟଙ୍କା ଦେଇ ଅସୁଛନ୍ତି। ଫଳରେ ଯେଉଁ ସମୟ ପର୍ଯ୍ୟନ୍ତ ଆମ ବସ୍ ଚାଲୁଅଛି ସେହି ସମୟ ପର୍ଯ୍ୟନ୍ତ ଇ-ଅଟୋ ଗମନାଗମନ କରିବା ପାଇଁ ସାଧାରଣରେ ଦାବି ହୋଇଛି।

ଏନେଇ କ୍ରୁଟ୍‌ର ପ୍ରବନ୍ଧକ(ଅପରେସନ) ଜୟନ୍ତ କୁମାର କୁହନ୍ତି ଲୋକେ ଆମକୁ ରୁଟ୍ ବଢ଼ାଇବା ପାଇଁ କହୁଛନ୍ତି ଆମେ କରୁଛୁ। ଏହିଭଳି ଲୋକମାନେ ଇ-ଅଟୋର ଗମନାଗମନ କରିବାର ସମୟ ଯଦି ଅଧିକ ବଢ଼ାଇବା ପାଇଁ ଚାହୁଁଛନ୍ତି ଏପର୍ଯ୍ୟନ୍ତ କେହି ଅଭିଯୋଗ କରିନାହାନ୍ତି। ଯଦି ଏହିଭଳି କିଛି ଅଭିଯୋଗ ଆସେ ତେବେ ସେହି ରୁଟ୍‌ର ସମୟସୀମା ବଢ଼ାଇବା ପାଇଁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି କି ଏହି ଇ ଅଟୋରେ ଯେଉଁମାନେ ଟ୍ରେନିଂ ନେଉଛନ୍ତି ସେମାନେ ଅଳ୍ପ ଦିନ ପରେ ଏହି କାମ ଛାଡ଼ି ଅନ୍ୟ ସଂସ୍ଥାକୁ ଚାଲିଯାଉଛନ୍ତି ଯେଉଁଥିପାଇଁ ଯତିକି ସଂଖ୍ୟାରେ ଷ୍ଟାପ୍ ଅଛନ୍ତି ସେହିମାନଙ୍କୁ ନେଇ କାର୍ଯ୍ୟ କରାଯାଉଛି। ତଥାପି କିଛି ଜଣଙ୍କୁ ଏବେ ଟ୍ରେନିଂ ଦିଆ ଚାଲିଛି। ଭଲରେ ଟ୍ରେନିଂ ସରିଲେ ଆଗକୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ମା' ସିଂହବାହିନୀଙ୍କ ବାର୍ଷିକ ପୂଜା ଉତ୍ସବ

**ଯାଜପୁର,୧୫ା୪(ସମିସ):** ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ଭୀମକରପୁରର ପ୍ରତ୍ୟକ୍ଷ ଦେବୀ ମା' ସିଂହବାହିନୀଙ୍କ ବାର୍ଷିକ ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମା'ଙ୍କର ଦିବସ ବ୍ୟାପି ବିଶେଷ ପୂଜା, ଚଣ୍ଡୀପାଠ ସହ ବଡ଼ ସିଂହାର ବେଶ ଅନୁଷ୍ଠିତ ହୋଇଥିଲା। ଏହା ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଖପାଖ ଗ୍ରାମର ବିଭିନ୍ନ ଦେବାଦେବୀ ମାନଙ୍କର ଆବାହନ ଓ ପୂଜାର୍ଚ୍ଚନା କରାଯାଇଥିଲା। ମା' ସିଂହବାହିନୀଙ୍କର ଏହି ବାର୍ଷିକ ପୂଜା ଉତ୍ସବରେ ଯାଜପୁର ସହର ଓ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଓ ଭକ୍ତ ଯୋଗଦେଇ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି ଉତ୍ସବରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାଶ, ପୌରାଧ୍ୟକ୍ଷ ରଞ୍ଜୁଲତା ହୋତା, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀଙ୍କ ସହ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ମା'ଙ୍କର ଏହି ଉତ୍ସବ ଆୟୋଜନ ଓ ପରିଚାଳନାରେ ଅଜୟ କୁମାର ରଣା, ବିଶ୍ୱଜିତ ରଣା, ଅଭୟ ଦାଶ, ସତ୍ୟକାନ୍ତ ଦାଶ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## କୁଆଁସ ମଙ୍ଗଳା ଯାତ୍ରା ଆରମ୍ଭ

**ମଙ୍ଗଳପୁର,୧୫ା୪(ସମିସ):** ଦଶରଥପୁର ବ୍ଲକ ଡାହାଣହଟା ପଞ୍ଚାୟତ କୁଆଁସଠାରେ ଥିବା ପ୍ରସିଦ୍ଧ ମଙ୍ଗଳା ପୀଠରେ ମା' ମଙ୍ଗଳାଙ୍କର ୬୭ତମ ମଙ୍ଗଳା ମହୋତ୍ସବ ଉଦଘାଟିତ ହୋଇଯାଇଛି। ମଙ୍ଗଳାଯାତ୍ରା ପଣା ସଂକ୍ରାନ୍ତିରୁ ଆରମ୍ଭ ହୋଇଥିବା ବେଳେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିବା ଦେଖାଯାଇଛି।



ମଙ୍ଗଳା ମହୋତ୍ସବ ଆରମ୍ଭ ହୋଇଥିବା ବେଳେ ଏହି ମଙ୍ଗଳା ଯାତ୍ରା ୧ ମାସ ଧରି ଚାଲିବ ବୋଲି କମିଟିର ସଭାପତି ପତିତପାବନ ମହାନ୍ତି ସୂଚନା ଦେଇଛନ୍ତି। ତେବେ ଆଜି ମା'ଙ୍କ ଦର୍ଶନ କରିବା ପାଇଁ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ପୂର୍ବତନ ବିଜେପି ସଭାପତି ଗୌତମ ରାୟ, ବରିଷ୍ଠ ବିଜେପି ନେତା ସୁବାସ ମହାନ୍ତି, ଦଶରଥପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମଲ, ଦଶରଥପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ, ଦଶରଥପୁର ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି ପ୍ରମୁଖ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ମା' ମଙ୍ଗଳା ପୀଠ ଉନ୍ନୟନ କମିଟିର ସଭାପତି ପତିତପାବନ ମହାନ୍ତି ଦଶରଥପୁର ବ୍ଲକର କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିବାବେଳେ ମା'ଙ୍କ ମୁଖ୍ୟ ପାଟୁଆ ମଞ୍ଚ ଉପରେ ନୃତ୍ୟ କରିବା ସହିତ ଭକ୍ତମାନଙ୍କ ଶୁଭ ମନାସୀ ଥିଲେ। ମଙ୍ଗଳାଯାତ୍ରାର ମୁଖ୍ୟ ଆକର୍ଷଣ ଯାତ୍ରୀ ଆ ବୁଡ଼ା ଓ ପାଟୁଆ ନାଚ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ବିଭିନ୍ନ ସଂଗଠନ ପକ୍ଷରୁ ଜଳଛତ୍ର ଓ ପଣା ବଣ୍ଟନ କେନ୍ଦ୍ର ଖୋଲିଥିଲା। କେତେକ ବ୍ୟକ୍ତି ନିଜର ମାନସିକ ପୂରଣ ପାଇଁ ମା'ଙ୍କ ଉଦେଶ୍ୟରେ କୁକୁଡ଼ା ଉତ୍ସର୍ଗ କରିଥିଲେ।

## ମା' ଜୟଚଣ୍ଡୀ କ୍ୟାସେଟ୍ ଉନ୍ମୋଚିତ

**ମଙ୍ଗଳପୁର,୧୫ା୪(ସମିସ):** ଦଶରଥପୁର ବ୍ଲକ୍ କର୍ଯ୍ୟାଁ ପଞ୍ଚାୟତ ପ୍ରସିଦ୍ଧ ଶକ୍ତି ପୀଠ ମା' ଜୟଚଣ୍ଡୀ ପୀଠରେ ଆଜି ମା' ଜୟଚଣ୍ଡୀଙ୍କ କାହାଣୀକୁ ନେଇ ଏକ କ୍ୟାସେଟ (ସିଡି) ପ୍ରସ୍ତୁତ କରାଯାଇଛି। ଏହି କ୍ୟାସେଟରେ ୮ଟି ଗୀତ ସ୍ଥାନ ପାଇଛି। ଉକ୍ତ କ୍ୟାସେଟରେ ବରିଷ୍ଠ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାୟ ଗୀତ ଗୁଡ଼ିକୁ ଲେଖିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶକ ବିନେଶ କୁମାର ମଲ୍ଲିକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ କଣ୍ଠଶିଳ୍ପୀ ଅରୁପମା ନାୟକ, ବିଜୟିନୀ ଦାଶ, କ୍ରୀଷ୍ଟା କଲ୍ୟାଣୀ ବେହେରା, ସାଇ ପ୍ରଭାଂଶୁ ନାୟକ, ବିଜୟାଲକ୍ଷ୍ମୀ ଶତପଥୀ, ଶ୍ରଦ୍ଧା ସୁମନ ରାଉତ ପ୍ରମୁଖ କଣ୍ଠଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରେମଜୀ ଶତପଥୀ, ସ୍ୱାଗତିକା ଶତପଥୀ, ପ୍ରତିମା ସାହୁ, ମା' ଜୟଚଣ୍ଡୀ ପୂଜା କମିଟିର ସଭାପତି ସୁଦର୍ଶନ ନାୟକ, ସମ୍ପାଦକ ମଧୁସୂଦନ ପୃଷ୍ଟି, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାୟ, ସମାଜସେବୀ ମଳୟ ପଣ୍ଡା, ଚୌବନ ବାରିକ ଓ ମା' ଜୟଚଣ୍ଡୀ ପୀଠ ଯଜ୍ଞ ଉତ୍ସବ ସମିତିର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ମା' ମଲ୍ୟାବୁଢ଼ୀଙ୍କର ବାର୍ଷିକ ଉତ୍ସବ

**ବାଲିଚନ୍ଦ୍ରପୁର,୧୫ା୪(ସମିସ):** ମା' ମଲ୍ୟାବୁଢ଼ୀ ପରିଚାଳନା ଟ୍ରଷ୍ଟ ବାଲିଚନ୍ଦ୍ରପୁର ଆନୁକୂଲ୍ୟରେ ମା' ମଲ୍ୟାବୁଢ଼ୀ ଠାକୁରାଣୀ ବିଜେସ୍ଥଳୀରେ ବାର୍ଷିକ ଉତ୍ସବ ଯଥାବିଧି ପ୍ରତିବର୍ଷ ଭଳି ଅନୁଷ୍ଠିତ ହୋଇଯାଇଛି। ସୋମବାର ଅଙ୍କୁରାରୋପଣ, ଯଜ୍ଞ ଅଧିବାସ, ମଣ୍ଡଳ ସ୍ଥାପନ ଓ ଧ୍ୱଜା ତୋରଣ ସ୍ଥାପନ ହୋଇଥିଲା। ମଙ୍ଗଳବାର କଳସ ଯାତ୍ରା, ଅଖଣ୍ଡ ଦୀପ ସ୍ଥାପନ, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋ ପୂଜା, ଯଜ୍ଞ କର୍ମ ମଣ୍ଡଳ ପୂଜା ଯଥାବିଧି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟରେ କର୍ତ୍ତା ଭାବେ ମନୋଜ କୁମାର ମହାରଣା ଓ କର୍ତ୍ତୀ ଭାବେ ବର୍ଷା ମହାରଣା କାର୍ଯ୍ୟ ସମ୍ପାଦନା କରିଥିଲେ। ଏହି ଯଜ୍ଞ କାର୍ଯ୍ୟକୁ ପଣ୍ଡିତ ଗଗନ ବିହାରୀ ମିଶ୍ର, ସନ୍ତୋଷ କୁମାର ଶତପଥି, ପ୍ରୀତି ରଞ୍ଜନ ଶତପଥି, ପରିଚାଳନା କରିଥିଲେ। ଏହି ଆଧାତ୍ମିକ କାର୍ଯ୍ୟକ୍ରମକୁ ମା' ମଲ୍ୟାବୁଢ଼ୀ ପରିଚାଳକ ଟ୍ରଷ୍ଟ ବାଲିଚନ୍ଦ୍ରପୁର ମୁଖ୍ୟ ଟ୍ରଷ୍ଟି ନରହରି ସେନଙ୍କ ମୁଖ୍ୟ ତତ୍ତ୍ୱାବଧାନରେ ସଭାପତି ଅନନ୍ତ ମହାରଣା, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଦାସ, ଟ୍ରଷ୍ଟ ରେ ଥିବା ସଦସ୍ୟ ମାନେ ଅଶୋକ ପରିଡା, ତିଲୋତମା ସେନ, ବାସନ୍ତୀ ସେନ ପରିଚାଳନା କରିଥିଲେ।

### ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ଏପ୍ରିଲ ୨୧ରେ ସାମୂହିକ ବିବାହ

**ଯାଜପୁର,୧୫ା୪(ସମିସ):**

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଯୋଜନା ଅଧୀନରେ ଆସନ୍ତା ଏପ୍ରିଲ ୨୧ ତାରିଖରେ ସଠିପୁର ସ୍ଥିତ ଲିଙ୍ଗେଶ୍ୱର ମନ୍ଦିର

## ବିବାହ କରିବେ ୬୭ ବରକନ୍ୟା ଯୋଡ଼ି

ପରିସରରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସାମୂହିକ ବିବାହ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ପୂର୍ବରୁ ବଛା ହୋଇଥିବା ୬୭ ଜଣ ବର କନ୍ୟାଙ୍କ ବିବାହ କାର୍ଯ୍ୟ ସମ୍ପାଦନ ହେବ। କାର୍ଯ୍ୟକ୍ରମର ସଠିକ୍ ପରିଚାଳନା ପାଇଁ ଆଜି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ହୋଇଥିବା ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ



ପାର୍ବତୀ ସାହୁ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ଏଭଳି ଏକ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ଆବଶ୍ୟକ ବୋଲି ଅତିରିକ୍ତ ଜିଲ୍ଲାପାଳ କହିବା ସହ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନୁସୂଚିତ ଜାତି, ଜନଜାତି, ରାସନ କାର୍ଡଧାରୀ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗୋଷ୍ଠୀ, ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ଗୋଷ୍ଠୀ, ବିଧବା, ଦିବ୍ୟାଙ୍ଗଙ୍କ ମଧ୍ୟରୁ ବିବାହ ପାଇଁ ୬୭ ଜଣ ବରକନ୍ୟାଙ୍କୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବର କନ୍ୟାଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ରାଶି ମଧ୍ୟ ଦିଆଯାଉଛି। ଏପ୍ରିଲ ୨୧ରେ ସେମାନଙ୍କ ସାମୂହିକ ବିବାହ କାର୍ଯ୍ୟ ହେବ। ସକାଳୁ ୮ରୁ ୯ ଘଟିକା ମଧ୍ୟରେ ବରକନ୍ୟାଙ୍କ ଆଗମନ ସହ ରେଜିଷ୍ଟ୍ରେସନ୍ ହେବ। ଏହାପରେ ୯.୪୫ ଘଟିକାରେ ଉଦଘାଟନୀ ସଭା ସହ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ ଘଟିକା ଯାଏଁ ବିବାହ କର୍ମ ଚାଲିବ। ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ସ୍ୱତନ୍ତ୍ର ଭାବେ ବ୍ରାହ୍ମଣ ପଣ୍ଡିତ ନିୟୋଜିତ ହେବା ସହ ପ୍ରାୟ ୧୪ଟି ବିବାହ ବେଦୀ ପ୍ରସ୍ତୁତ କରାଯାଇଛି। ଏହାସହ ଶିଙ୍ଗ ବାଦ୍ୟ, ମହୁରୀ, ଶଙ୍ଖର ବ୍ୟବସ୍ଥା ମଧ୍ୟ କରାଯାଇଛି। ଦିନ ୧.୩୦ରେ ସାମୂହିକ ଭୋଜନ ଆୟୋଜନ ହେବ। ବର ଓ କନ୍ୟାଙ୍କ ସମ୍ପର୍କୀୟଙ୍କ ସମେତ ପ୍ରାୟ ୩୦୦୦ ଲୋକଙ୍କ ସମାଗମ ହେବ ବୋଲି ଆକଳନ କରାଯାଉଛି। ଏଥିପାଇଁ ଆଇନ ଶୃଙ୍ଖଳା ସହ ପାର୍କିଂ ଇତ୍ୟାଦି ସୁପରିଚାଳନା ନିମନ୍ତେ ପୁଲିସ ଫୋର୍ସ ମୁତୟନ କରାଯିବ। ମନ୍ଦିର ପରିସରରେ ଅସ୍ଥାୟୀ ଟେଣ୍ଟ, ସହ ମିଟିଂ ହଲ୍, ଅତିଥି ହଲ୍, ରେଜିଷ୍ଟ୍ରେସନ୍ ହଲ୍, ଶୌଚାଳୟ, ପାନୀୟ ଜଳ ଇତ୍ୟାଦି ବ୍ୟବସ୍ଥା କରାଯିବ। ସେହି ପରିସରରେ ଅଗ୍ନିଶମ ବାହିନୀ, ଅଗ୍ନି ନିର୍ବାପକ ଯନ୍ତ୍ର, ଆମ୍ବୁଲାନ୍ସ, ଫାଷ୍ଟ ଏଡ୍ କିଟ୍ ଇତ୍ୟାଦି ମଧ୍ୟ ମୁତୟନ ହେବ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନ ପ୍ରତିନିଧି, ବିଧାୟକ, ସାଂସଦ ଏବଂ ମନ୍ତ୍ରୀଙ୍କୁ ଯୋଗ ଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ପ୍ରସ୍ତୁତି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସମସ୍ତ ସିଡ଼ିପିଓ, ଅଗ୍ନିଶମ ଅଧିକାରୀ, ପୋଲିସ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଯାଜପୁର ତହସିଲଦାର, କୋରେଇ ବିଡିଓ, ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର

**ଯାଜପୁର,୧୫ା୪(ସମିସ):** ଚଳିତ ବର୍ଷ ଗ୍ରୀଷ୍ମ କାଳୀନ ଖରାକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏହି କ୍ରମରେ ଓଡ଼ିଆ ନବବର୍ଷ ଦିନ ପୌର ପରିଷଦ ପକ୍ଷରୁ ଯାଜପୁର ସହରର ବିଭିନ୍ନ ୱାର୍ଡରେ ଜନସାଧାରଣଙ୍କ ପାଇଁ ଜଳଛତ୍ର ଖୋଲା ଯାଇଛି। ଯାଜପୁର ସହରକୁ ପ୍ରତିଦିନ ସରକାରୀ କାମରେ ଏବଂ ମାଆ ବିରଜାଙ୍କ ଦର୍ଶନ ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଲୋକ ଆସନ୍ତି। ଖରାଦିନ ଆରମ୍ଭ ହେବା ସହ ତାପମାତ୍ରା ବଢୁଥିବାରୁ ରାସ୍ତା ଘାଟରେ ଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ପାନୀୟ ଜଳର ଆବଶ୍ୟକତା ରହିଛି। ଏହାକୁ ପୂରଣ କରିବା ପାଇଁ ସହରରେ ମେଡିକାଲ ଛକ, କୋଦଣ୍ଡପୁର, ମହାବୀର ଛକ, ଯୋଡ଼ିକୂଅ ଛକ, ବିରଜା ମନ୍ଦିର, ପୌର ପରିଷଦ ଅଫିସ ସାମ୍ନା, ବଡ଼ ବଜାର ଛକ, ଶିତଳେଶ୍ୱର ଛକ, ବଲ୍ଲଭି ଘାଟ ଛକ, ବୁଦ୍ଧ ପାର୍କ, ଟ୍ୟାକ୍ସି ଷ୍ଟାଣ୍ଡ ଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ୧୨ ଟି ଜଳଛତ୍ର ସ୍ଥାପନ କରାଯାଇଛି। ସମ୍ପୃକ୍ତ ୱାଡର୍‌ର କାଉନସିଲରମାନେ ଏହାକୁ ଉଦଘାଟନ କରିଥିଲେ। ଏହାସହ ବୁଲା ପଶୁପକ୍ଷୀଙ୍କ ପାଇଁ ସହରର ୧୦ ଟି ସ୍ଥାନରେ ପାଣି କୁଣ୍ଡର ବ୍ୟବସ୍ଥା କରାଯାଉଛି। ଆସନ୍ତା ଜୁନ୍ ୧୪ ତାରିଖ ଯାଏଁ ଏସବୁ ଜଳଛତ୍ର ଖୋଲା ରହିବ ଏବଂ ଜନସାଧାରଣ ଏହା ଦ୍ୱାରା ଉପକୃତ ହେବେ। ଜଳଛତ୍ର ଉଦଘାଟନ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ ଏବଂ କାଉନସିଲରମାନେ ଉପସ୍ଥିତ ଥିଲେ।

## ସାହିତ୍ୟ ଆଲୋଚନାଚକ୍ର

**କର୍ଯ୍ୟାଁଗୋଲା ୧୫ା୪:(ସମିସ):** ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଦଶରଥପୁରର ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦର ମିଳିତ ସହଭାଗିତାରେ ଏକ ସାହିତ୍ୟ ଆଲୋଚନାଚକ୍ର ପୁସ୍ତକ ଉନ୍ମୋଚନ, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ପରିଷଦର ସଭାପତି ପ୍ରାଧ୍ୟାପକ ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ସଂସଦର ସଭାଗୃହ ମଧ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ ତଥା ଔପନ୍ୟାସିକ ନିତ୍ୟାନନ୍ଦ ପଣ୍ଡା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବ୍ୟାସନଗର କଲେଜ ଅଧ୍ୟକ୍ଷ ଡ. ଶିବପ୍ରସାଦ ମାଝୀ, ସମ୍ମାନିତ ଅତିଥି ଭାବେ ଅର୍ଜୁନ କୁମାର ପୃଷ୍ଟି, ଡ. ବାସୁଦେବ ମିଶ୍ର ଯୋଗଦେଇଥିଲେ। ଡ. ନୃସିଂହ ଷଡ଼ଙ୍ଗୀଙ୍କୁ ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସମ୍ପାଦକ ଅଧ୍ୟକ୍ଷ ରବିନାରାୟଣ ଦାସ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ବାର୍ଷିକ ବିବରଣୀ ପାଠ ସହ ବର୍ତ୍ତିକାର ମୁଖ୍ୟ ସମ୍ପାଦକ ବିଜୟ ମୋହନ ରାୟ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ।

## ପୁସ୍ତକ 'ହେ! ବିଧାତା' ଲୋକାର୍ପିତ




**ବିଞ୍ଝାରପୁର,୧୫ା୪(ସମିସ):** ପୁସ୍ତକ ସମାଜର ଅମୂଲ୍ୟ ସମ୍ପତ୍ତି ଓ ଏହା ସମାଜରୁ ଅନ୍ଧକାର ଦୂର କରିପାରେ ବୋଲି ସାହିତ୍ୟିକ ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି। ସେ ବିଞ୍ଝାରପୁର ଅଞ୍ଚଳର ପରିଚିତ ବ୍ୟକ୍ତିତ୍ୱ ଜଗନ୍ନାଥ ଧଳଙ୍କ ସ୍ୱରଚିତ ପୁସ୍ତକ 'ହେ! ବିଧାତା'ର ଲୋକାର୍ପଣ ଉତ୍ସବରେ ଏହି ମତ ପ୍ରକାଶ କରିଥିଲେ। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଗୁହାଳିସ୍ଥିତ ଏଜିଆର୍ ଉଚ୍ଚବିଦ୍ୟାଳୟ ପରିସରରେ ଇଂ. ଧନେଶ୍ୱର ନାୟକଙ୍କ ପ୍ରଚେଷ୍ଟାରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ସଭାରେ ପଣ୍ଡିତ ଭୂପତିଭୂଷଣ ମିଶ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ ଓ ମୁଖ୍ୟବକ୍ତା ଭାବେ ପଞ୍ଚାନନ କାନୁନଗୋ ନିଜ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଦାମୋଦର ବେହେରା, ଦିଲ୍ଲିପ ରାଉତ ଓ ବରିଷ୍ଠ ସାମାଜିକ କର୍ମୀ ଚନ୍ଦ୍ରଶେଖର ଧଳ ଉପସ୍ଥିତ ଥିଲେ। ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଫ୍ରିଡମ କମ୍ପାନୀର ଓଡ଼ିଶା ମୁଖ୍ୟ ଅମୀୟ ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶେଷରେ ଶିକ୍ଷାବିତ ମୁକୁନ୍ଦଚନ୍ଦ୍ର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ହନୁମାନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଦଶରଥପୁର,୧୫ା୪(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଚମ୍ପେଇପାଳ ପଞ୍ଚାୟତ ଉଦୟପୁର ଗ୍ରାମରେ ନୂତନ ହନୁମାନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଧାର୍ମିକ ପରମ୍ପରା ପୂର୍ବକ କଳସ ଯାତ୍ରା, କଳସ ପ୍ରତିଷ୍ଠା, ସୂର୍ଯ୍ୟପୂଜା, ଗୋ-ପୂଜା, ହୋମ ଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଗ୍ରହଙ୍କୁ ଏକ ସୁସଜ୍ଜିତ ବିମାନରେ ଗ୍ରାମରେ ପରିକ୍ରମା କରଯାଇଥିଲା। ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନରେ ମନ୍ଦିର ସଂଲଗ୍ନ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟପୂଜକ ଦୁର୍ଗାଶଙ୍କର ଦୀକ୍ଷିତ ଓ ସହଯୋଗୀ ସତ୍ୟଜିତ



ଦୀକ୍ଷିତ, ବାବି ମିଶ୍ର, ପ୍ରଶାନ୍ତ ପାଣିଗ୍ରାହୀ, ଚିଦାକାନ୍ତ ମିଶ୍ରଙ୍କ ମପୂଜା କାର୍ଯ୍ୟ ସଂପାଦନା କରିଥିଲେ। କର୍ତ୍ତା ଭାବେ ଦାମୋଦର ଓ ମାମିନା ଦାୟୀତ୍ୱ ନିର୍ବାହ କରିଥିଲେ। ରାମଚନ୍ଦ୍ର ତରାଇ, ଭଜମନ ତରାଇ, ଅବିନାଶ ତରାଇ,ଆଶିଷ ତରାଇ, ସନ୍ଦୀପ ତରାଇ (ବାବୁ), ତନୁଶ୍ରୀ, ରାଜଶ୍ରୀ, ଶୁଭଶ୍ରୀ, ପ୍ରିୟ ଦର୍ଶିନୀ ତରାଇ, ବେବୀ ତରାଇ, ମାମଲି ପରିଡ଼ାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥଲେ।

## ୯୬ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ସୁକିନ୍ଦା,୧୫ା୪(ସମିସ):** ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ସୁକିନ୍ଦା ବ୍ଲକର



୯୬ ନୂତନ ହିତାଧିକାରୀଙ୍କୁ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଭତ୍ତା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ବିଡିଓ ପ୍ରଜ୍ଞା ପାରମିତା ପୃଷ୍ଟି, ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଧର୍ମଶାଳା ପବ୍ଲିକ ସ୍କୁଲର ସଫଳତା

**ଧର୍ମଶାଳା,୧୫ା୪(ସମିସ):** ଚଳିତ ବର୍ଷ ସିବିଏସ୍‌ଇ ମାଟ୍ରିକ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଧର୍ମଶାଳା ପବ୍ଲିକ ସ୍କୁଲ ପକ୍ଷରୁ ୧୧୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଶତପ୍ରତିଶତ ପାସ କରିଛନ୍ତି। ଏହି ପରୀକ୍ଷାରେ ୧୩ଜଣ ପରୀକ୍ଷାର୍ଥୀ ୯୦ ପ୍ରତିଶତ ନମ୍ବର ରଖି ପାସ କରିଛନ୍ତି। ଏଥିରେ ବାଦଲ ନାୟକ ୯୭.୮ ପ୍ରତିଶତ ପିନାକ୍ଷୀ ଜେନା ୯୭.୬ ପ୍ରତିଶତ, ଭୁଦେବ ପଣ୍ଡା ୯୬ ପ୍ରତିଶତ, ପ୍ରଜ୍ଞା ପ୍ରିୟଦର୍ଶିନୀ ୯୫.୬ ପ୍ରତିଶତ, ଶ୍ରଦ୍ଧାଶୁମନ ରାଉତ ୯୪ ପ୍ରତିଶତ, ଶାଶ୍ୱତୀ ମହାନ୍ତି ୯୪ପ୍ରତିଶତ, ସୁଧାଶ୍ରୀ ପଣ୍ଡା ୯୩ ପ୍ରତିଶତ, ରାଜନନ୍ଦିନ ନାୟକ ୯୨ପ୍ରତିଶତ, ଚିନୁସ୍ମିତା ବାରିକ ୯୧ପ୍ରତିଶତ, ଚିରସ୍ମିତା ସାହୁ ୯୧ପ୍ରତିଶତ, ଶୁଭଶ୍ରୀ ସାମଲ, ଶୁଭ୍ରାଂଶୁ ଆଚାର୍ଯ୍ୟ ଓ ଶୁଭଶ୍ରୀ ଜେନା ୯୦ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲର ଶତପ୍ରତିଶତ ନମ୍ବର ରଖି ପାସ କରିଥିବାରୁ କଲେଜ ଅଧ୍ୟକ୍ଷ ସବିତ୍ରୁ ନାରାୟଣ ତ୍ରିପାଠୀ, ପ୍ରତିଷ୍ଠାତା ଭିକାରୀ ଚରଣ ସାମଲ ଓ ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

# କନ୍ତପଡ଼ା ଛକରେ ଗଳିପୋଲ ଆଶା ମଉଳିଲା

**କବାଟବନ୍ଧ,୧୫ା୪(ସମିସ):**



ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ଜେନାପୁର ଥାନା ଅଧୀନ କନ୍ତପଡ଼ା ଛକରେ ଗଳିପୋଲ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ରଖିଥିବା ଆଶାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଯାହାକୁ ନେଇ ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ଉକ୍ତ ସ୍ଥାନରେ ଗଳି ପୋଲ ନିର୍ମାଣ ପାଇଁ ପ୍ରଶାସନିକ ସ୍ୱୀକୃତି ପରେ ପୁଣି ବାତିଲ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତ ଜାନୁଆରୀ ମାସ ୩ ତାରିଖରେ ଚଣ୍ଡିଖୋଲ ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ଜେନାପୁର ଥାନା ଅନ୍ତର୍ଗତ କନ୍ତପଡ଼ା ଛକ ନିକଟରେ ଏକ ଗଳିପୋଲ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ରାଜସ୍ୱ ବିଭାଗ ପକ୍ଷରୁ ସର୍ଭେ ଆରମ୍ଭ ହୋଇଥିଲା। ଏହି ସ୍ଥାନରେ ଗଳିପୋଲ ନିର୍ମାଣ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁମତି ମିଳିବା ସହିତ କ୍ଷେତ୍ର ପରିଦର୍ଶନ ପରେ ଗଳି ପୋଲ ହେବା ଆଶାରେ ସ୍ଥାନୀୟ ଜନସାଧାରଣ ଖୁସି ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ଛାତ୍ରଛାତ୍ରୀ, ବ୍ୟବସାୟୀ ଆଦିଙ୍କ ସୁବିଧା ଏବଂ ଉତ୍ତମ ଗମନାଗମନ ପାଇଁ ଏହା ବେଶ ସହାୟକ ହୋଇ ଥାଆନ୍ତା। ସ୍ଥାନୀୟ ଅଞ୍ଚଳର କନ୍ତପଡ଼ା ଛକ ଏକ ମୁଖ୍ୟ ଛକ ହୋଇଥିବାରୁ ଦୈନିକ ହଜାର ହଜାର ଲୋକ ଏହି ଛକ ଉପରେ ନିର୍ଭର କରିଥାନ୍ତି। ରାଇଛନ୍ଦା ପଞ୍ଚାୟତ ଅଧୀନରେ ରହିଥିବା ଏହି ଛକ ଉପରେ ରାସ୍ତାର ଉଭୟ ପାଶ୍ୱର୍ରେ ରହିଥିବା ତାଳଜଙ୍ଗ, ରେଖିଦେଇପୁର, ଏଣ୍ଡଳବା, ଚକ୍ରଧରପୁର, କବାଟବନ୍ଧ, ମର୍ଜିତାପୁର ଆଦି ପଞ୍ଚାୟତର ହଜାର ହଜାର ଜନସାଧାରଣ ବିଭିନ୍ନ ଆବଶ୍ୟକତା ପାଇଁ ଦୈନିକ ନିର୍ଭର କରନ୍ତି। ଏହା ଛଡ଼ା ଏହି ଛକ ନିକଟରେ ରାସ୍ତା ପାର ହୋଇ କୁନି କୁନି ପିଲା ତଥା ଛାତ୍ରଛାତ୍ରୀ ଯିବା ଆସିବା କରିଥାନ୍ତି। ଉକ୍ତ ଛକ ନିକଟରେ ରହିଥିବା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ବିଦ୍ୟୁତ କାର୍ଯ୍ୟାଳୟ ଆଦିକୁ ଲୋକ ମାନଙ୍କର ଦୈନିକ ଆବଶ୍ୟକ ରହିଥାଏ। ଏହା ବ୍ୟତୀତ ଏହି ଛକ ଦେଇ ଅନେକ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନ ସହିତ ୨ଟି କଲେଜକୁ ହଜାର ହଜାର ଛାତ୍ରଛାତ୍ରୀ ଯିବା ଆସିବା କରନ୍ତି। ଏହି ଛକର ଉଭୟ ପାଶ୍ୱର୍ ରାସ୍ତାରେ କୋଚିଂ ସେଣ୍ଟର, ଜନସେବା କେନ୍ଦ୍ର, କମ୍ପ୍ୟୁଟର ସେଣ୍ଟର, ଗୋହିରା ଟିକର ପ୍ରାଥମିକ ବିଦ୍ୟାଳୟ, ମୁକୁନ୍ଦପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୁକୁନ୍ଦ ପାତ୍ର ଡିଗ୍ରୀ ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସଙ୍ଗୀତ ଶିକ୍ଷା କେନ୍ଦ୍ର ସମେତ ଅନେକ କାର୍ଯ୍ୟାଳୟ ରହିଛି। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଛକ ନିକଟରେ ଏକ ଗଳିପୋଲର ଜରୁରୀ ଆବଶ୍ୟକତା ରହିଛି। ଏହି ଛକ ଠାରେ ଗଳି ପୋଲ ନିର୍ମାଣ ଦାବି ଯଥାର୍ଥ ଏବଂ ଜରୁରୀ ଆବଶ୍ୟକ କରି ଜିଲ୍ଲାପାଳ ଏକ ସମୀକ୍ଷା ବୈଠକ ପରେ ସର୍ଭେ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଧର୍ମଶାଳା ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶ, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ବଳରାମପୁର ରାଜସ୍ୱ ନିରୀକ୍ଷକ ସନ୍ଦୀପ ମହାନ୍ତି, ରେଖିଦେଇପୁର ରାଜସ୍ୱ ନିରୀକ୍ଷକ ମଧୁସୂଦନ ହାଇବ୍ରୁ ପ୍ରମୁଖ ପହଞ୍ଚି ବାସ୍ତବ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସ୍ଥାନରେ ଏକ ୯ ଫୁଟ ଉଚ୍ଚତାର (ପିୟୁପି) ପେଡେଷ୍ଟ୍ରିଆନ ଅଣ୍ଡର ପାସ୍ ନିର୍ମାଣ କରାଯିବ ବୋଲି ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ସୂଚନା ଦେବା ସହିତ ଆସନ୍ତା ୧୫ ଦିନ ଭିତରେ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣ ପାଇଁ ପ୍ରତିବନ୍ଧକ ସାଜିଥିବା ସମସ୍ତ ମନ୍ଦିର ଭଙ୍ଗାଯିବା ସହିତ ଇଲେକ୍ଟ୍ରି ଖୁଣ୍ଟ, ସ୍ଥାନାନ୍ତରିତ ଏବଂ ଜମି ବିବାଦ ଆଦି ସମାଧାନ କରାଯିବ ବୋଲି କହିଥିଲେ। ଏଥିପାଇଁ ନିର୍ମାଣ କାରୀ ଠିକା ସଂସ୍ଥାକୁ ଉକ୍ତ ସ୍ଥାନରେ କାମ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାର ପୁନଃ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରାଯାଇ ପିୟୁପି ନିର୍ମାଣ ଆବଶ୍ୟକ ଅନୁସାରେ କାର୍ଯ୍ୟ କରାଯିବ ବୋଲି ଯୋଜନା ହୋଇଥିଲା। ଏହା ପରେ ଗତ ୪ ତାରିଖରେ ଗଳି ପୋଲ ପାଇଁ ବନ୍ଦ ଥିବା କାମ କୁ ଠିକା ସଂସ୍ଥା ହଠାତ ପିଚୁ କାମ ଆରମ୍ଭ କରିଥିଲା। ଫଳରେ ଏହି ସ୍ଥାନରେ ଗଳି ପୋଲ ନ ହେବା ସ୍ପଷ୍ଟ ହୋଇଛି।

## କରାଟେରେ ଯାଜପୁରକୁ ସଫଳତା




**ଧର୍ମଶାଳା,୧୫ା୪(ସମିସ):** ଖୋର୍ଦ୍ଧାରେ ଅନୁଷ୍ଠିତ ଇଣ୍ଟରଷ୍ଟେଟ କାନିନଜୁକୁ ଜାପାନ କରାଟେ ଶୋଟକାଇର ପ୍ରତିଯୋଗିତାରେ ଯାଜପୁର ପ୍ରତିଯୋଗୀଙ୍କୁ ସଫଳତା ମିଳିଛି। ଖୋର୍ଦ୍ଧାର ଜଟଣୀସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ତୃତୀୟ ଇଣ୍ଟରଷ୍ଟେଟ କାନିନଜୁକୁ କରାଟେ ପ୍ରତିଯୋଗିତାରେ ଯାଜପୁର ଜିଲ୍ଲାର ୧୫ଜଣ ବାଳକ ଓ ବାଳିକା ଅଂଶ ଗ୍ରହଣ କରିଥିଲେ। ଏଥିରେ କାଟା ଓ କୁମିତେ ଦୁଇଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। କାଟା ବିଭାଗରେ ରାଜଶ୍ରୀ ଦାଶ, ଦେବସ୍ମିତା ଦାଶ ଓ ସୂର୍ଯ୍ୟକାନ୍ତ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସଂକେତ ବିଶ୍ୱାଳ, ସ୍ନେହା ମଲିକ, ଆଦିତ୍ୟ ଧନରାଜ, ପ୍ରକୃତି ପ୍ରିୟଦର୍ଶିନୀ ମଲିକ ଦ୍ୱିତୀୟ ସ୍ଥାନ ଓ ରିୟା ସେଠୀ, ସାଇ ସୂରିୟାଂଶ ସାହୁ, କାଜଲ କୁମାରୀ, ଉଦୟ କୁମାର ସିଂ, ବିବେକ ବିଶାଲ ବେହେରା, ସାହିଲ ଦାଶ ଓ ରାଜଶ୍ରୀ ଶୁଭଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କୁମିତେ ବିଭାଗରେ ସାଇ ସୂରିୟାଂଶ ସାହୁ, ସଂକେତ ବିଶ୍ୱାଳ, ଉଦୟ କୁମାର ସିଂ, ଆଦିତ୍ୟ ଧନରାଜ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କାଜଲ କୁମାରୀ, ରାଜଶ୍ରୀ ଦାଶ, ସୂର୍ଯ୍ୟକାନ୍ତ ଦାସ ଦ୍ୱିତୀୟ ସ୍ଥାନ ଓ ରିୟା ସେଠୀ, ବିବେକ ବିଶାଲ ବେହେରା, ସାହିଲ ଦାଶ, ରାଜଶ୍ରୀ ଶୁଭଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ସଫଳତା ପାଇବା ପରେ ଯାଜପୁରର କ୍ରୀଡ଼ାବିତଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।



# ଭୁବନେଶ୍ୱର ସିଟି









ପ୍ରସିଦ୍ଧ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତକାରୀ ସଂସ୍ଥା 'ଫାର୍ମବି' ଏବଂ 'ସକାଳ ଓ ନନ୍ଦିଘୋଷ ଟିଭି' ପକ୍ଷରୁ ପକ୍ଷରୁ ଓଡ଼ିଆ ନବବର୍ଷ ଅବସରରେ ପଣା ବଣ୍ଟନ କାର୍ଯ୍ୟକ୍ରମ। ଭୁବନେଶ୍ୱରସ୍ଥିତ ରାମମନ୍ଦିର ନିକଟରେ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିଲା। ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ପଥଚାରୀ ଓ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରାଯାଇଥିଲା। ଭୁବନେଶ୍ୱର ମେୟର ସୁଲୋଚନା ଦାସ ପଣା ବଣ୍ଟନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

## ବିଜେଡି ତରଫରୁ ଆମ୍ବେଦକର ଓ ଜଗନ୍ନାଥଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୫।୩(ସମିସ): ବିଜୁ ଜନତା ଦଳ ତରଫରୁ ଭାରତରତ୍ନ ଡଃ ବି ଆର୍ ଆମ୍ବେଦକର ଏବଂ ଲୋକକବି ଜଗନ୍ନାଥ ପାଣିଙ୍କ ଜୟନ୍ତୀ ପାଳନ ହୋଇଛି। ଏହି ଅବସରରେ ରାଜଧାନୀର ଏଜି ଛକସ୍ଥିତ ବାବା ସାହେବ ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିପରି ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରାଙ୍ଗଣରେ ଅବସ୍ଥିତ ଲୋକକବି ଜଗନ୍ନାଥ ପାଣିଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଜୟନ୍ତୀ ସମାରୋହ ପାଳନ କରାଯାଇଥିଲା। ଉଭୟ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଚୈତନ୍ୟ ଷଡ଼ଙ୍ଗୀ, ଭୁବନେଶ୍ୱର ଗୌରବ ଗିରିଜା ଶଙ୍କର ମହାପାତ୍ର, ଶିକ୍ଷାବିତ୍ ପ୍ରତାପ ଜେନା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ତ୍ରୈଲୋକ୍ୟ କୁମାର ପଣ୍ଡା, ଅନୁଭବ ଖଟୁଆ, ରଶ୍ମିରଞ୍ଜନ ମହାପାତ୍ର ଆଦି ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ମାୟାବିୟସ୍ ଗ୍ରୁପକୁ କ୍ରିଏଟିଭିଟି ସମ୍ମାନ

ଭୁବନେଶ୍ୱର, ୧୫।୪(ସମିସ): ଇକୋନୋମିକ ଟାଇମ୍ସ ଆୱାର୍ଡ ଫର ଡିଜାଇନ ଆଣ୍ଡ କ୍ରିଏଟିଭ୍‌ରେ ଡିଜାଇନ, କ୍ରିଏଟିଭିଟି, ଟେକ୍ନୋଲୋଜି ଓ ଆର୍ଟ ଅଫ୍ ଷ୍ଟୋରୀଟେଲିଂ କ୍ଷେତ୍ରରେ ନିଜର ଉତ୍କର୍ଷତା ପାଇଁ ମାୟାବିୟସ୍ ଗ୍ରୁପକୁ ଗୋଟିଏ ଗୋଲ୍ଡ ଓ ୩ଟି ବ୍ରୋଞ୍ଜ ମେଡାଲ ମିଳିଛି। ବିଜ୍ଞାପନ ଶିଳ୍ପର ବିଶିଷ୍ଟ ବ୍ୟକ୍ତି ପ୍ରହ୍ଲାଦ କାକର ଏହାର ଜୁରୀ ପ୍ୟାନେଲର ଅଧ୍ୟକ୍ଷ ଥିବା ବେଳେ କ୍ରିଏଟିଭ, ଡିଜାଇନ ଓ ମାର୍କେଟିଂ କ୍ଷେତ୍ରରୁ ୨୩ ଜଣ ଦକ୍ଷ ପେସାଦାର ବ୍ୟକ୍ତି ଏଥିରେ ଅନ୍ତର୍ଭୁକ୍ତ ରହିଥିଲେ। ଏ ସମ୍ପର୍କରେ ମାୟାବିୟସ ଗ୍ରୁପର ପ୍ରତିଷ୍ଠାତା ଓ ସିଇଓ ଅଖିଲ ବି ପଲ୍ କହିଛନ୍ତି ଯେ, ମାୟାବିୟସ ଗ୍ରୁପ ହେଉଛି ନିମଜ୍ଜିତ ଅନୁଭୂତି ସୃଷ୍ଟି କରିବା ପାଇଁ ଟେକ୍ନୋଲୋଜିର ବ୍ୟବହାର କରି ଦୁଇ ଦଶନ୍ଧି ହେବ ଗ୍ରାହକଙ୍କ ଲାଗି କମ୍ୟୁନିକେଶନ ସଲ୍ୟୁଶନ ପ୍ରଦାନ କରୁଥିବା ଏକ ମାଲ୍‌ଟେକ ଏଜେନ୍ସି। ମାୟାବିୟସ ଗ୍ରୁପ ଆଇଓଟି-ସକ୍ଷମ ମିନିଏଚର ସ୍କେଲ ମଡେଲ ଓ ସିନେମାଟିକ ୱାକ୍‌ରୁ ଆରମ୍ଭ କରି ଭର୍ଚୁଆଲ ରିଅଲିଟି (ଭିଆର), ଅଗ୍‌ମେଟେଡ ରିଅଲିଟି (ଏଆର), ମିକ୍ସଡ ରିଅଲିଟି (ଏକ୍ସଆର) ପରିବେଶ, ଦୃଶ୍ୟମାନ ଭାବେ ବର୍ଣ୍ଣନାତ୍ମକ ବ୍ରଚର, ୱର୍କଫ୍ଲୋ ପ୍ଲାଟଫର୍ମ ଓ ଇଣ୍ଟରାକ୍ଟିଭ ଡିଜିଟାଲ ଇକୋସିଷ୍ଟମ ପର୍ଯ୍ୟନ୍ତ ପ୍ରଦାନ କରିଥାଏ। ଏହା ରିଅଲ ଇଷ୍ଟେଟ, ଇନ୍‌ଫ୍ରାଷ୍ଟ୍ରକ୍ଚର, କଞ୍ଜୁମର ଇଂରାବୁଲ୍ଡ, ଏଫଏମସିଜି, ପ୍ରତିରକ୍ଷା, ଖଣି, ଶକ୍ତି ଆଦି କ୍ଷେତ୍ରରେ ୩୦୦ରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଉଛି।

### ଗର୍ବିତ ଓଡ଼ିଆର 'କେବଳ ଓଡ଼ିଶା' ଆଲୋଚନାଚକ୍ର

## 'ବିକାଶ ଅଟକିଛି, ରାଜନୀତି ବଦଳୁଛି'

ଭୁବନେଶ୍ୱର, ୧୫।୪(ସମିସ): 'ରାଜ୍ୟ ରାଜନୀତି ବଦଳୁଛି। ଆଗାମୀ ଦିନରେ ରାଜ୍ୟ ରାଜନୀତି ନୂଆ ମୋଡ଼ ନେବ। ଶାସକ ହୁଅନ୍ତୁ କି ବିରୋଧୀ, ସବୁଠି ଦ୍ୱନ୍ଦ୍ୱ ଓ ସଂଶୟ ଲାଗିରହିଛି। ତିନି ପ୍ରମୁଖ ଦଳରେ ଏବେ ଗୋଷ୍ଠୀକନ୍ଦଳ ଜୋର ଧରିଥିବାବେଳେ ଲୋକେ ବିକଳ୍ପ ଖୋଜିବା ଆରମ୍ଭ କଲେଣି। ଭଙ୍ଗାଗଢ଼ା ରାଜନୀତି ଭିତରେ ବିକାଶ ବି ବାଟହୁଡୁଛି ବୋଲି ବୁଧବାର ଗର୍ବିତ ଓଡ଼ିଆ ଏବଂ ଓଡ଼ିଶା ଜର୍ଣ୍ଣାଲିଷ୍ଟ ରିସର୍ଚ୍ଚ ସେଣ୍ଟର (ଓଜେଆରସି) ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ରାଜ୍ୟର ବହୁ ବରିଷ୍ଠ ନେତାମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।




ବୁଧବାର ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଆୟୋଜିତ ଆଲୋଚନାଚକ୍ର ମୋଟ ୪ଟି ପର୍ଯ୍ୟାୟରେ ହୋଇଥିଲା। ପ୍ରଥମ ଅଧିବେଶନରେ ରାଜ୍ୟର ବରିଷ୍ଠ ନେତା ବିଜୟ ମହାପାତ୍ର, ପ୍ରଫୁଲ୍ଲ ଘଡେଇ ଓ ସୌମ୍ୟରଞ୍ଜନ ପଟ୍ଟନାୟକ ଆଲୋଚନାରେ ଭାଗ ନେଇଥିବାବେଳେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ବିଜେଡି ନେତା ତଥା ନୟାଗଡ଼ ବିଧାୟକ ଡ. ଅରୁଣ ସାହୁ ଓ ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାସ ସଂଯୋଜନା କରିଥିଲେ। ତୃତୀୟ ଅଧିବେଶନରେ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ବିଜେଡ଼ି ଯୁବ ସଭାପତି ଚିନ୍ମୟ ସାହୁ, ଯୁବଛାତ୍ର କ୍ରାନ୍ତିସେନାର ଆବାହକ ପାର୍ଥସାରଥି ମୁଦୁଲି ଅଂଶଗ୍ରହଣ କରିଥିବାବେଳେ ଯୁବ ସାମ୍ବାଦିକ ଅପୂର୍ବ ରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ। ଚତୁର୍ଥ ଅଧିବେଶନରେ ବିଜେଡ଼ି ଛାତ୍ର ସଭାପତି ଇପ୍ସିତା ସାହୁ, ଏବିଭିପି ସଭାନେତ୍ରୀ ଦୀପ୍ତିମୟୀ ପ୍ରତିହାରୀ, ଏଆଇଏସଏଫ୍ ନେତା ମନୋରଞ୍ଜନ ରାଉତ, ଯୁବ କଂଗ୍ରେସ ନେତା ବିଭୂତି ଭୂଷଣ ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ସାମ୍ବାଦିକ ରାମଚଣ୍ଡୀ ପ୍ରସାଦ ରଣସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ଗର୍ବିତ ଓଡ଼ିଆର ସମ୍ପାଦକ ବଳରାମ ରଣସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ସ୍ମୃତିରଞ୍ଜନ ବେହେରା ଓ ଶରତ ପଥାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ସାମ୍ବାଦିକ ତଥା ଗର୍ବିତ ଓଡ଼ିଶାର ବ୍ୟୁରୋ ମୁଖ୍ୟ ଭବାନୀ ପ୍ରସାଦ ଦାସ, ସାମ୍ବାଦିକ ଚିଦାନନ୍ଦ ଜେନା, ରାକେଶ ରାଉତ ସହଯୋଗ କରିଥିଲେ।

## ଉତ୍କଳ ବିକାଶ ପରିଷଦର ବାର୍ଷିକ ଅଧିବେଶନ

ଭୁବନେଶ୍ୱର, ୧୪।୪(ସମିସ): ଉତ୍କଳ ବିକାଶ ପରିଷଦର ବାର୍ଷିକ ଅଧିବେଶନ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଓ ବିଚ୍ଛିନ୍ନାଞ୍ଚଳ- ଛତିଶଗଡ଼ ଓ ଝାଡ଼ଖଣ୍ଡରୁ ପ୍ରତିନିଧିମାନେ ହଜାର ସଂଖ୍ୟାରେ ଯୋଗ ଦେଇଥିଲେ। ସଭାରେ ସଭାପତିତ୍ୱ କରିଥିଲେ ପରିଷଦର ଅଧ୍ୟକ୍ଷ ନଟବର ଖୁଣ୍ଟିଆ। ଆଲୋଚନାର ବିଷୟବସ୍ତୁ ଥିଲା ସନ୍ତୁଳିତ ଅର୍ଥନୈତିକ ବିକାଶ। ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ କୃଷ୍ଣ ଚନ୍ଦ୍ର ବଳ, ପ୍ରଦୀପ କୁମାର ବିଶ୍ୱାଳ, ଧୀର ମଲ୍ଲିକ, ଋଷି ଗୁମାନସିଂହ, ସୁଦର୍ଶନ ନାୟକ, ବିଜୟ କୁମାର ନାୟକ, ସୁଶାନ୍ତ କୁମାର ବେହେରା ଡକ୍ଟର ଗୋବିନ୍ଦ ଭୂୟାଁ ପ୍ରମୁଖ ଆଲୋଚନାର ଭାଗନେଇଥିଲେ। ପରିଷଦର ମହାସଚିବ ଅନୀଲ ଦଳାଇ ବାର୍ଷିକ ବିବରଣୀ ପାଠ କରିଥିଲେ। କଳାହାଣ୍ଡିରୁ ରଶ୍ମି ରଞ୍ଜନ ନାୟକ, ସମ୍ବଲପୁରରୁ ଭରତ ଚନ୍ଦ୍ର ରାଉତ, ପୁରୀରୁ ଗୁଣନିଧି ବରାଳ, ଛତିଶଗଡ଼ରୁ କ୍ଷମା ସାଗର ଭୋଇ, କେନ୍ଦ୍ରାପଡ଼ାରୁ ଦେବବ୍ରତ ପରିଡ଼ା ପ୍ରମୁଖ ଯୋଗଦେଇ ନିଜ ନିଜର ଅନୁଭୂତି ସହିତ ବିଚାର ରଖିଥିଲେ। ଏହି ଅବସରରେ ମୁଖପତ୍ର 'ଦୁନ୍ଦୁଭି'ର ବାର୍ଷିକ ସଂଖ୍ୟା ଉନ୍ମୋଚନ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୨୧ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ସଭାର ଆବାହନ କରିଥିଲେ ସୁବାସ ଚନ୍ଦ୍ର ଜେନା। ଦୁନ୍ଦୁଭିର ସମ୍ପାଦକ ଡକ୍ଟର ଶରତ ଚନ୍ଦ୍ର ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ବିଭୁଧେନ୍ଦୁ ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

### ● କମିସନରେଟ୍ ପୁଲିସରେ ଅଦଳବଦଳ

## ଦେବେନ୍ଦ୍ରଙ୍କୁ ଖାରବେଳ, ନିରଞ୍ଜନଙ୍କୁ ବାରଙ୍ଗ ଥାନା

ଭୁବନେଶ୍ୱର, ୧୫।୪ (ସମିସ): କମିସନରେଟ୍ ପୁଲିସର ଏସିପି ଓ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ ହୋଇଛି। ଭୁବନେଶ୍ୱର ଡିସିପି ଅଫିସର ଏସିପି ମାନସ ରଞ୍ଜନ ପ୍ରଧାନଙ୍କୁ ଜୋନ୍ ୬ ଏସିପି ଭାବରେ ଅବସ୍ଥାପିତ କରାଯାଇଛି। ସେହିପରି କ୍ୟାପିଟାଲ ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ନିରଞ୍ଜନ ବେହେରାଙ୍କୁ ବାରଙ୍ଗ ଥାନା ଅଧିକାରୀ ଭାବେ ଦାୟିତ୍ୱ ମିଳିଛି। ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କୁ ଖାରବେଳ ନଗର ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ଖାରବେଳ ନଗର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ କୁହାଯାଇଛି। ସିପି ଅଫିସରେ କାର୍ଯ୍ୟରତ ଇନ୍ସପେକ୍ଟର ତପନ କୁମାର ନାୟକଙ୍କୁ କ୍ୟାପିଟାଲ ଥାନାକୁ ବଦଳି କରାଯାଇଛି।

## ମଞ୍ଜରୀ ଦେବୀ ନର୍ସିଂ କଲେଜରେ ଅଗ୍ନି ନିରାପତ୍ତା ସଚେତନତା

ବାଲିଅନ୍ତା, ୧୫।୪(ସମିସ): ବାଲିଅନ୍ତା ବ୍ଲକ ପୁରଣପଧାନସ୍ଥିତ ମଞ୍ଜରୀ ଦେବୀ ନର୍ସିଂ କଲେଜରେ ବ୍ଲକ ସ୍ତରୀୟ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଭୟ ବାଲିଅନ୍ତା ଓ ବାଲିପାଟଣା ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ମଞ୍ଜରୀ ଦେବୀ ନର୍ସିଂ କଲେଜର ଛାତ୍ରଛାତ୍ରୀ ସମୂହ ପ୍ରଶିକ୍ଷଣ ନେଇଥିଲେ। ଆୟୋଜିତ କର୍ମଶାଳାରେ ବାଲିପାଟଣା ବ୍ଲକ ଅଗ୍ନିଶମ ଅଧିକାରୀ ଜ୍ୟୋତି ପ୍ରକାଶ ରଥଙ୍କ ତତ୍ତ୍ୱାବଧାନରେ ଅନ୍ୟ ଆଗ୍ନିକ ଟିମ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ଅନୁଷ୍ଠାନର ଉପ ସଭାପତି ଜ୍ୟୋତ୍ସ୍ନା ଦାସ, ସହକାରୀ ପ୍ରଶାସନିକ ଅଧିକାରୀ ସୁକାନ୍ତ କୁମାର ତ୍ରିପାଠୀ ଏବଂ ଅଧ୍ୟକ୍ଷା ଡ. ସି ରେବତୀଙ୍କ ସମେତ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବୌଦ୍ଧ କୀର୍ତ୍ତିରାଜି ସଂରକ୍ଷଣ ଲାଗି ସପ୍ତାହବ୍ୟାପୀ କର୍ମଶାଳା

ଭୁବନେଶ୍ୱର, ୧୫।୪(ସମିସ): ଓଡ଼ିଶାରେ ବୌଦ୍ଧ ଧର୍ମ ଓ ବୌଦ୍ଧ କୀର୍ତ୍ତିରାଜିର ସୁରକ୍ଷାକୁ ଦୃଷ୍ଟିରେ ରଖି ବୌଦ୍ଧଧର୍ମର ଅନ୍ୟତମ ଧାର୍ମିକ ପୀଠ ଚନ୍ଦ୍ରଗିରି ଓ ଜିରାଙ୍ଗଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଧର୍ମଗୁରୁ ଲାମା ସୋନମ୍ ତାସି ଉଦ୍‌ଘାଟନ କରିଛନ୍ତି। 'ମଶାଲ' ପକ୍ଷରୁ ଆୟୋଜିତ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଗୁରୁ ସୋନମ୍ କଳିଙ୍ଗର ବୌଦ୍ଧ ପରମ୍ପରା ଓ ତୀବତୀୟ ବୌଦ୍ଧଭୀକ୍ଷୁ ମାନଙ୍କର ଓଡ଼ିଶା ଆଗମନର କାହାଣୀ ଶୁଣାଇଥିଲେ। ଓଡ଼ିଶାରେ ବୌଦ୍ଧଧର୍ମ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କର୍ମଶାଳାର ପଞ୍ଚମ ଦିବସରେ ଯାଜପୁରର ଲାଙ୍ଗୁଡ଼ି ପାହାଡ଼ଠାରେ ଧର୍ମସଭା ମଶାଲର ଉପଦେଷ୍ଟା ରବୀନ୍ଦ୍ରନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ଜାତୀୟ କର୍ମକର୍ତ୍ତା ନିର୍ଦ୍ଦେଶକ ରାଜେନ୍ଦ୍ର ମହାପାତ୍ର, ଡ. ତାପସ ସାମନ୍ତରାୟ, ରାଜ୍ୟ ସମନ୍ୱୟ ସଂଯୋଜକ ଶ୍ୟାମସୁନ୍ଦର ପାଢ଼ୀ, ଗବେଷକ ଡ. ବୀଣାପାଣୀ ନନ୍ଦ, ପ୍ରାଧ୍ୟାପକ ଡ. ଜତୀନ୍ଦ୍ର ରାଉତ, ଅଧ୍ୟାପକ ସ୍ମୃତିରଞ୍ଜନ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ମଶାଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ଚୌଧୁରୀ ରାଜେନ୍ଦ୍ର ମହାପାତ୍ର, ସନ୍ଦୀପ ରଥ, ଆଇନଜୀବୀ ଶଶାଙ୍କ ଶତପଥୀ, ଜ୍ଞାନେଶ ମହାନ୍ତି, ଶରତଚନ୍ଦ୍ର ପାଣି ପ୍ରମୁଖ ଯୋଗ ଦେଇଥିଲେ।

# ସିବିଏସ୍‌ଇ ପରୀକ୍ଷା ସଫଳତାରେ ଉତ୍ସାହୀ ଛାତ୍ରଛାତ୍ରୀ



### ସାଇ ଇଣ୍ଟରନ୍ୟାସନାଲ୍ ଓ ରେସିଡେନ୍ସିଆଲ ସ୍କୁଲ

ଭୁବନେଶ୍ୱର, ୧୫।୪(ସମିସ): ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ୯୯.୬% ନମ୍ବର ରଖି ଏସ୍‌ଡି ପ୍ରିୟାଂସୁ ପ୍ରିତିସ୍ ଦାସ ବିଦ୍ୟାଳୟର ଟପ୍ପର୍ ଏବଂ ୯୯.୪% ନମ୍ବର ସହ ସୋହମ ମିଶ୍ର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଚଳିତ ବର୍ଷ ୪୩.୨ ପ୍ରତିଶତ ଛାତ୍ରଛାତ୍ରୀ ୯୫% ନମ୍ବରରୁ ଅଧିକ ରଖିଛନ୍ତି। ସେହିପରି ୬୯.୪ ପ୍ରତିଶତ ପିଲା ୯୦% ରୁ ଅଧିକ ନମ୍ବର ରଖିଥିବାବେଳେ ୯୪.୩ ପ୍ରତିଶତ ପିଲା ୭୫% ରୁ ଅଧିକ ରଖିଛନ୍ତି। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ୬୦% ରୁ ଅଧିକ ନମ୍ବର ରଖିଥିବାବେଳେ ବିଦ୍ୟାଳୟର ହାରାହାରି ନମ୍ବର ୯୦.୬% ରହିଛି। ଅନୁରୂପ ଭାବେ ସାଇ ଇଣ୍ଟରନ୍ୟାସନାଲ୍ ରେସିଡେନ୍ସିଆଲ ସ୍କୁଲର ଛାତ୍ରଛାତ୍ରୀମାନେ ମଧ୍ୟ ଶତ ପ୍ରତିଶତ ପାସ୍ କରିଛନ୍ତି। ବିଦ୍ୟାଳୟର ପ୍ରିୟାଲ ଗୁପ୍ତା ୯୯.୨% ନମ୍ବର ରଖି ଟପ୍ପର୍ ହୋଇଥିବା ବେଳେ ଅଣ୍ୱିକା ସାରାଓଗି ୯୮.୮% ନମ୍ବର ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଦ୍ୟାଳୟର ହାରାହାରି ନମ୍ବର ୮୩.୦୧% ରହିଛି। ଚଳିତ ବର୍ଷ ୨୪.୨ ପ୍ରତିଶତ ପିଲା ୯୫% ମାର୍କରୁ ଅଧିକ ରଖିଥିବାବେଳେ ୪୬.୧ ପ୍ରତିଶତ ପିଲା ୯୦% ମାର୍କ, ୮୯.୭ ପ୍ରତିଶତ ପିଲା ୭୫% ରୁ ଅଧିକ ଏବଂ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ୬୦% ରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସ୍କୁଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଶୁଭେଚ୍ଛା ଜଣାଇଛନ୍ତି। ସାଇ ଇଣ୍ଟରନେସନାଲ ସ୍କୁଲର ସିନିୟର ପ୍ରିନ୍ସପାଲ ନୀଳକଣ୍ଠ ପାଣିଗ୍ରାହୀ, ସେକେଣ୍ଡାରୀ ପ୍ରିନ୍ସପାଲ୍ ପ୍ରକାଶ ଚନ୍ଦ୍ର ସାହୁ ଓ ସାଇ ଇଣ୍ଟରନ୍ୟାସନାଲ୍ ରେସିଡେନ୍ସିଆଲ ସ୍କୁଲର ପ୍ରଧାନ ଶିକ୍ଷକ ଅମିତାଭ ଅଗ୍ନିହୋତ୍ରୀ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଓଡିଏମ୍ ପବ୍ଲିକ୍ ଓ ଗ୍ଲୋବାଲ୍ ସ୍କୁଲ

ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ପରୀକ୍ଷା ଦେଇଥିବା ସମୁଦାୟ ୩୧୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସମୃଦ୍ଧି ମହାରଣା, ଅଦିତା ପଣ୍ଡା ଓ ଅଂଶୁମାନ ମହାନ୍ତି ୯୯.୬ ପ୍ରତିଶତ ନମ୍ବର ରଖି ମିଳିତ ଭାବେ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ୫ ଜଣ ଛାତ୍ରଛାତ୍ରୀ ସଞ୍ଜିତା ସାମଲ, କାବ୍ୟା ପ୍ରିୟଦର୍ଶିନୀ, ଦିବ୍ୟାଶୀ ମହାପାତ୍ର, ଶ୍ରୀୟଶଂ ସ୍ୱାଇଁ, ଅଙ୍କିତ୍ ଅନୁରାଗ ନାୟକ ପ୍ରମୁଖ ୯୯.୪ ପ୍ରତିଶତ ଲେଖାଏଁ ନମ୍ବର ରଖି ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୯୯ ପ୍ରତିଶତରୁ ଅଧିକ ନମ୍ବର ରଖି ୧୪ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ୯୮ ପ୍ରତିଶତ ଉପରେ ୩୭ ଜଣ, ୯୫ ପ୍ରତିଶତ ଉପରେ ୭୮ ଜଣ, ୯୦ ପ୍ରତିଶତ ଉପରେ ୧୫୧ ଜଣ ଛାତ୍ରଛାତ୍ରୀ ମାର୍କ ରଖିଛନ୍ତି। ସମସ୍ତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଅନୁରୂପ ଭାବେ ଓଡିଏମ୍ ଗ୍ଲୋବାଲ୍ ସ୍କୁଲର ଛାତ୍ର ଜନ୍ମେଜୟ ଗୋଣ୍ଡ ୯୮% ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଥିବାବେଳେ ୭ ଜଣ ୯୫% ରୁ ଅଧିକ, ୧୪ ଜଣ ୯୦% ରୁ ଅଧିକ ନମ୍ବର ରଖିଛନ୍ତି। ଓଡ଼ିଏମ୍ ଶିକ୍ଷା ସମୂହରେ ମୋଟ୍ ୬୫୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୫.୬୨




ପ୍ରତିଶତ ପିଲା ୯୫% ରୁ ଅଧିକ ଓ ୩୫.୩୮ ପ୍ରତିଶତ ପିଲା ୯୦%ରୁ ଅଧିକ ନମ୍ବର ପାଇଛନ୍ତି। ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାଦାନକୁ ପ୍ରତିଫଳିତ କରୁଥିବା ବିଦ୍ୟାଳୟର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ ମତବ୍ୟକ୍ତ କରିଥିବାବେଳେ ପ୍ରବନ୍ଧିକା ଇନ୍ଦୁମତୀ ରାୟ ତଥା ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ପ୍ରମୁଖ କୃତି ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଗାଇଡାନ୍ସ ଇଂରାଜୀ ମାଧ୍ୟମ ବିଦ୍ୟାଳୟ




ଡୁମୁଡୁମାସ୍ଥିତ ଗାଇଡାନସ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଚଳିତ ବର୍ଷ ସିବିଏସଇ ମାଟ୍ରିକ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛି। ବିଦ୍ୟାଳୟର ଛାତ୍ର ଆୟୁଷ ଦୋରା ସର୍ବୋଚ୍ଚ ୯୯% ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ସହ ରାଜ୍ୟର ଗୌରବ ବଢ଼ାଇଛନ୍ତି। ମୋଟ ୩୯ ପରିକ୍ଷାର୍ଥୀ ୯୦% ପ୍ରତିଶତରୁ ଅଧିକ ମାର୍କ ରଖି ବିଦ୍ୟାଳୟର ଗରିମାକୁ ଆଗକୁ ନେଇଛନ୍ତି।

### ଶିବାନନ୍ଦ ହାଇସ୍କୁଲ



ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଖଣ୍ଡଗିରିସ୍ଥିତ ଶିବାନନ୍ଦ ବାଳକ ହାଇସ୍କୁଲର ଛାତ୍ରମାନେ ଶତ ପ୍ରତିଶତ ସଫଳତା ପାଇଛନ୍ତି। ସମୁଦାୟ ୯୯ ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ୫ ଜଣ ପିଲା ୯୦% ରୁ ଅଧିକ ମାର୍କ ରଖିବାଥିବାବେଳେ ୨୦ଜଣ ୮୦% ରୁ ଅଧିକ, ୩୦ ଜଣ ୭୦%ରୁ ଅଧିକ, ୨୧ ଜଣ ୬୦% ରୁ ଅଧିକ ଏବଂ ୨୩ ଜଣ ପିଲା ୫୦% ରୁ ଅଧିକ ନମ୍ବର ରଖି ପାସ କରିଛନ୍ତି ବୋଲି ବିଦ୍ୟାଳୟର ସଭପତି ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ କହିଛନ୍ତି। ଛାତ୍ରଙ୍କ ସଫଳତା ପରେ ସ୍ୱାମୀ ସତ୍ୟକାମାନନ୍ଦ ସରସ୍ୱତୀ ମହାରାଜ, ସମ୍ପାଦକ ଜୟଚନ୍ଦ୍ର ନାୟକ, ଅଧ୍ୟକ୍ଷ ମନୋଜ କୁମାର ଦାସ, ହଷ୍ଟେଲ ତତ୍ତ୍ୱାବଧାରକ ଅଶୋକ କୁମାର ରାଉତରାୟ ପ୍ରମୁଖ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ବିଜେଇଏମ୍‌ରେ କଳ୍ପିତା ସାବତ ଟପ୍ପର



ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ (ବିଜେଇଏମ୍) ର ଛାତ୍ରଛାତ୍ରୀମାନେ ଦଶମ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ସମୁଦାୟ ୨୫୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୯୦ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସେମାନଙ୍କ ମଧ୍ୟରୁ କଳ୍ପିତା ସାବତ ମୋଟ୍ ୫ଶହ ନମ୍ବରରୁ ସର୍ବାଧିକ ୪୯୯ ଅର୍ଥାତ୍ ୯୯.୮% ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ତାଙ୍କ ପରେ କୋୟଲ ରାଉତରାୟ ୯୯.୪% ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ଥିବାବେଳେ ସାଗରିକା ପ୍ରିୟଦର୍ଶିନୀ ମିଶ୍ର, ଶ୍ରେୟାଂଶ ପତି ଓ ଅଫିଫା ତସ୍‌ନିମ୍ ପ୍ରମୁଖ ୯୯% ନମ୍ବର ରଖି ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ଚେୟାରମ୍ୟାନ ଶ୍ରୀପତି ନାରାୟଣ ମିଶ୍ର ଅଭିନନ୍ଦନ ଜଣାଇଛନ୍ତି।

### ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ



ଭିଏସ୍‌ଏସ୍ ନଗରସ୍ଥିତ ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସିବିଏସ୍‌ଇ ଦଶମ ଶ୍ରେଣୀ ପରିକ୍ଷାରେ ୨୯୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୦ ଜଣ ଶତକଡ଼ା ୯୦ ପ୍ରତିଶତ ନମ୍ବର ରଖି ଉତ୍ତିର୍ଣ୍ଣ ହୋଇଛନ୍ତି। ଏହିପରି ୧୮୭ ଜଣ ଶତକଡ଼ା ୬୦ ପ୍ରତିଶତ ନମ୍ବର ରଖି ନିଜର ଶ୍ରେଷ୍ଠତା ପ୍ରଦାନ କରିଛନ୍ତି। ଅନୁଷ୍ଠାନର କୃତି ଛାତ୍ର ଶୁଭ୍ରକାନ୍ତ ଶୁକ୍ଳା ଶତକଡ଼ା ୯୯ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ଭାବେ ବିବେଚିତ ହୋଇଥିବା ବେଳେ ସାର୍ଥକ ସ୍ୱାଇଁ ୯୮.୮୦ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଏବଂ ଦେବେଶ ବୋଷ ୯୮.୬ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତା କ୍ରିୟାଯୋଗି ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜ, କୋଷାଧ୍ୟକ୍ଷ ଶୋଭାକର ଦାଶ ଫତେ ସିଂ, ସମ୍ପାଦିକା ପ୍ରତିନନ୍ଦା ମହାପାତ୍ର, ଅଧ୍ୟକ୍ଷ କିଶୁଚାନ୍ଦ ପୃଷ୍ଟି ଛାତ୍ରଛାତ୍ରୀଙ୍କୁ ଜୀବନରେ ଆଗକୁ ଯିବାପାଇଁ ଉତ୍ସାହିତ କରିଥିଲେ।

## ବିଷାକ୍ତ ଖାଦ୍ୟ ଖାଇ ଆଶ୍ରମ ସ୍କୁଲ ଅନ୍ତେବାସୀ ଅସୁସ୍ଥ ଓ ମୃତ୍ୟୁ ଘଟଣା

# ଲିଖିତ ପ୍ରତିଶ୍ରୁତି ପରେ ଫେରିଲା ସ୍ୱାଭାବିକ ପରିସ୍ଥିତି



- କେନ୍ଦ୍ରାଞ୍ଚଳ ଆରଡିସିଙ୍କ ତଦନ୍ତ
- ସ୍କୁଲ ଓ ଡାକ୍ତରଖାନାରେ ପହଞ୍ଚି ସ୍ଥିତି ସମୀକ୍ଷା
- ମୃତକଙ୍କ ଗାଁରେ ବିଜେଡି ରାଜ୍ୟସ୍ତରୀୟ ଟିମ୍

ବାରିପଦା/ରାସଗୋବିନ୍ଦପୁର, ୧୫।୪(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ, କାକବନ୍ଧ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟର ଅଘଟଣକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆରଡିସି ତଦନ୍ତ ଆରମ୍ଭ ହୋଇଛି। ବୁଧବାର ମଧ୍ୟାହ୍ନରେ କେନ୍ଦ୍ରାଞ୍ଚଳ ଆରଡିସି ସୁଧାଂଶୁ ମୋହନ ସାମଲ ଓ ଦେବାଶିଷ ପଟ୍ଟନାୟକ ଆଶ୍ରମ ବିଦ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପହଞ୍ଚି ତଦନ୍ତ କରିଛନ୍ତି। ଚିକିତ୍ସାଧୀନ ଓ ସୁସ୍ଥ ଛାତ୍ରୀମାନଙ୍କ ସହ ଆଲୋଚନା କରିବା ସହିତ ଘଟଣା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ଓ ଜିଲ୍ଲା ଅଧିକାରୀଙ୍କୁ ପଚରାଉଚରା କରିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ନେଇ ବିଜେଡିର ଏକ ରାଜ୍ୟସ୍ତରୀୟ ଟିମ୍ ପହଞ୍ଚି ମୃତକଙ୍କ ଗାଁକୁ ଯାଇ ଅନୁଧ୍ୟାନ କରିବା ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି।

ପ୍ରକାଶ ଥାଉକି, କାକବନ୍ଧ ଆଶ୍ରମ ବିଦ୍ୟାଳୟର ଅନ୍ତେବାସୀମାନେ ଖାଦ୍ୟରେ ପଖାଳ, ଚିକେନ ଓ ଶାଗ ଖାଇବା ପରେ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ନିକଟସ୍ଥ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୧୫୨ ଅସୁସ୍ଥ ଛାତ୍ରୀଙ୍କ ମଧ୍ୟରୁ ୫ମ ଶ୍ରେଣୀ ଛାତ୍ରୀ ରୂପାଲୀ ବେଶ୍ରା(୧୨)ର ମଙ୍ଗଳବାର ମୃତ୍ୟୁ ହେବା ପରେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ଏପରିକି ସ୍କୁଲ ସମ୍ମୁଖରେ ହଜାର ହଜାର ଆଦିବାସୀ ମହିଳା/ପୁରୁଷ ଶବ ରଖି ବିକ୍ଷୋଭ କରିଥିଲେ। ଏହାସହ ସ୍କୁଲ ମଧ୍ୟକୁ ଧସେଇ ପଶି ଶିକ୍ଷୟିତ୍ରୀ, ଶିକ୍ଷକ, ରୋଷେୟା, ସିସିଏ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିବା ବେଳେ ରାସ୍ତାରେ ଟାୟାର ଜାଳି ଧନୁତୀର ଧରି ରାସ୍ତା ଅବରୋଧ କରିଥିଲେ। ଆକ୍ରମଣର ଶିକାର ହୋଇଥିବା ରୋଷେୟା ଜଣକ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେବାବେଳେ ଉତ୍ୟକ୍ତ ଲୋକେ ଆମ୍ବୁଲାନ୍ସ ଅଟକ ରଖି ବିରୋଧ କରିଥିଲେ। ଉପସ୍ଥିତ ପୁଲିସ କର୍ମଚାରୀ ଆମ୍ବୁଲାନ୍ସକୁ ବାଟ ଛାଡିବାକୁ କହିବାରୁ ଲୋକେ ନିଆଁ ହୁଳା, ପଥର, ବାଲି ଓ ଠେଙ୍ଗାବାଡ଼ିରେ ଆକ୍ରମଣ କରିଥିଲେ। ଏଥିରେ ରାସଗୋବିନ୍ଦପୁର ଥାନାଧିକାରୀ ସମେତ ୧୨ରୁ ଊର୍ଦ୍ଧ୍ୱ ପୁଲିସ କର୍ମଚାରୀ ଆହତ ହୋଇଥିବା ବେଳେ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ୮ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ରାତିତମାମ ଶବକୁ ଧରି ବିକ୍ଷୋଭ ପରେ ବୁଧବାର ସକାଳୁ ଜିଲ୍ଲା ପ୍ରଶାସନ ଓ ପୁଲିସ ଅଧିକାରୀଙ୍କ ପକ୍ଷରୁ ବୁଝାସୁଝା କରାଯାଇଥିଲା। ଚିକିତ୍ସାଧୀନ ଛାତ୍ରୀମାନଙ୍କୁ ଉପଯୁକ୍ତ ଚିକିତ୍ସା କରିବାର ଏକ ଲିଖିତ ପ୍ରତିଶ୍ରୁତି ଦେବା ପରେ ପରିବାର ଲୋକେ ନୁଣଚାଟି ଗ୍ରାମକୁ ନେଇ ଶବ ସତ୍କାର କରିଥିଲେ। ଉକ୍ତ ଘଟଣାରେ ଅଦ୍ୟାବଧି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ୭୨ଜଣ ଅସୁସ୍ଥ ଛାତ୍ରୀଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ଆରଡିସିଙ୍କ ତଦନ୍ତକାରୀ ଅଧିକାରୀମାନେ ବିଦ୍ୟାଳୟକୁ ଯାଇ ତଦନ୍ତ କରିବା ପରେ ରାସଗୋବିନ୍ଦପୁର ଡାକ୍ତରଖାନା ଓ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଘଟଣାକୁ ନେଇ ସ୍କୁଲର ରୋଷେୟା, ଶିକ୍ଷକ/ଶିକ୍ଷୟିତ୍ରୀ, ସିସିଏ, ପୀଡ଼ିତ ଛାତ୍ରୀ, ଅଭିଭାବକ ଓ ଅନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରି ତଦନ୍ତ ଜାରି ରଖିଛନ୍ତି। ତଦନ୍ତ ସମୟରେ ଜିଲ୍ଲାପାଳ ହେମକାନ୍ତ ସଏ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଏଡିଏମ୍‌ଓ ଡା ବିଜୟ କୁମାର ଦାଶ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଖବର ମିଳିବା ସୁଦ୍ଧା ବାରିପଦାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ଛାତ୍ରୀ ରାସଗୋବିନ୍ଦପୁର ବ୍ଲକ ନଳଗଜା ଅଞ୍ଚଳର ଲକ୍ଷ୍ମୀପ୍ରିୟା ବେଶ୍ରାଙ୍କୁ ଅପରାହ୍ନ ୪ଟାରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କର ରକ୍ତଚାପ ହ୍ରାସ ପାଇଥିବା କାରଣରୁ ଉତ୍ତମ ଚିକିତ୍ସା ପାଇଁ ଏପରି କରାଯାଇଥିବା କହିଛନ୍ତି ଏଡିଏମଓ ଶଶିକାନ୍ତ ସେଠି। ଅନ୍ୟଜଣେ ଛାତ୍ର ରମେଶ ମୁର୍ମୁ ମଧ୍ୟ ଗତକାଲି ସନ୍ଧ୍ୟାରୁ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି।

## ପ୍ରଣାମ ଚିତ୍ରଡ଼ା ଫାଉଣ୍ଡେସନ ପକ୍ଷରୁ ଓଡ଼ିଆ ନବବର୍ଷ



ମୋରଡା, ୧୫।୪(ସମିସ): ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଣାମ ଚିତ୍ରଡ଼ା ଫାଉଣ୍ଡେସନ ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ କରାଯାଇଛି। ପ୍ରଥମ ଅଧିବେଶନରେ ବ୍ଲକର ସମସ୍ତ ଉଚ୍ଚବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, ଓଡିଶୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍କଳ ବନାନୀ ସରକାରୀ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ ସେନାପତି, ବେତନଟୀ କଲେଜ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତ, ସାହିତ୍ୟ ଅଧ୍ୟାପକ ମନୋରଞ୍ଜନ ବିଚାରକ ଦାୟିତ୍ୱ ତୁଲାଇଥିଲେ।

ଦ୍ୱିତୀୟ ଅଧିବେଶନରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସଭାପତି ତପନ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅଧିବେଶନରେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି, ସମ୍ମାନିତ ଅତିଥି ସଂଗଠନର ପ୍ରତିଷ୍ଠାତା ଜଗତଜ୍ୟୋତି ମାଝୀ, ମଞ୍ଜୁଶ୍ରୀ ରୟ, ସମ୍ପାଦକ ବିଜୟ ସାହୁ, ଉପଦେଷ୍ଟା ଅଜୟ ପାଳ, ରଣଜିତ ସାହୁ, ଅଦିତ ବେହେରା, ସରୋଜ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଛାତ୍ରୀଛାତ୍ର ଆଗାମୀ ଦିନରେ କିପରି ନିଜର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରି ଆଗକୁ ବଢ଼ିବେ, ସେ ନେଇ ଅତିଥିମାନେ ଦିଗଦର୍ଶନ ଦେଇଥିଲେ। ପରେ ଅତିଥିଙ୍କ ଦ୍ୱାରା ଫଟୋଚିତ୍ର ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ବ୍ଲକର ସମସ୍ତ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୁନିକୁନି ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପସ୍ଥାପିକା ସୁଶ୍ରୀ ସୁହାନା, ଶ୍ରେୟସୀ ବାରିକ, ହିତୈଶୀ ସାହୁ ମଞ୍ଚ ପରିଚାଳନା କରିଥିଲେ।

## କପ୍ତିପଦାରେ ଓଡ଼ିଆ ନବବର୍ଷ



କପ୍ତିପଦା, ୧୫।୪(ସମିସ): କପ୍ତିପଦା ବ୍ଲକ ନିକଟସ୍ଥ ସଂସ୍କୃତି ଭବନରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ମିଶ୍ରଙ୍କ ସଭାପତିତ୍ୱରେ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ବରିଷ୍ଠ ନାଗରିକ ଓ ଯୁବ ବର୍ଗଙ୍କୁ ନେଇ ପାଳିତ ହୋଇଯାଇଛି। ଉପସ୍ଥିତ ବୁଦ୍ଧିଜୀବୀ ଏହି ପର୍ବ ଉପରେ ନିଜ ନିଜର ମତ ରଖିଥିଲେ। କପ୍ତିପଦା ବ୍ଲକର ଦୁଣ୍ଡରିଆ, ଭାଲିଆଡିହି, କୁସୁନପୁର, ବଡଖଲାଡି, ଜଡିଦା ଗ୍ରାମରେ ମହିଳାଙ୍କ ଦ୍ୱାରା ଘଟ ଉତ୍ତୋଳନ କରାଯାଇ ଯଥାବିଧି ହନୁମାନ ଜୟନ୍ତୀ ସାଙ୍ଗକୁ ଅଷ୍ଟପ୍ରହର ନାମଯଜ୍ଞ ହୋଇଛି। ସେହିପରି ଆମ୍ବପିଛୁଳା ଗ୍ରାମରେ ମା' ତାରିଣୀଙ୍କ ଷୋଡ଼ଶ ଉପଚାର ପୂଜା ଓ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଦିନଠାରୁ ଧର୍ମମାସ ଆରମ୍ଭ ହୋଇଥିବାବେଳେ ଗାଁ ଗାଁରେ ହରିହାଟ, ଅଷ୍ଟପ୍ରହର ନାମଯଜ୍ଞ ଚାଲିଛି। ଫଳରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ବଜରଙ୍ଗ ଦଳ ପକ୍ଷରୁ ଶୋଭାଯାତ୍ରା



କୁଆମରା, ୧୫।୪(ସମିସ): ବଜରଙ୍ଗ ଦଳ ପକ୍ଷରୁ ହନୁମାନ ଜୟନ୍ତୀ ଅବସରରେ ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଭକ୍ତ ବାଇକ ଯୋଗେ ଧାଉଁଡିଆଠାରୁ ବାହାରି କୁଆମରା, ଗଡ଼ିଆମାଳ, ପୁରୁଣା ବାରିପଦା, ଦାମାସାହି, ଜୟପୁର ଦେଇ ସାଇଁକୁଳାଠାରେ ପହଞ୍ଚିଥିଲେ। ଜୟ ଶ୍ରୀରାମ ଓ ଜୟ ହନୁମାନ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଅଞ୍ଚଳ। ହନୁମାନଙ୍କ ପୂଜାର୍ଚ୍ଚନା ସରିବା ପରେ ପଣାଦାନ ଓ ପ୍ରସାଦ ସେବନ ହୋଇଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତର ଯୁବ ଗୋଷ୍ଠୀ ଏହାର ନେତୃତ୍ୱ ନେଇଥିଲେ।

## ବାବା ବଡ଼ାମ କମିଟି ପକ୍ଷରୁ ପଣା ବଣ୍ଟନ



ବାରିପଦା, ୧୫।୪(ସମିସ): ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ସାରା ରାଜ୍ୟରେ ବେଶ୍ ଧୂମଧାମରେ ପାଳିତ ହୋଇଛି। ସ୍ଥାନୀୟ ତୁଳସୀଚୌରାସ୍ଥ ବାବା ବଡାମ କମିଟି ପକ୍ଷରୁ ନିଆରା ସେବା କାର୍ଯ୍ୟକ୍ରମ କରାଯାଇଛି। ଗ୍ରୀଷ୍ମର ପ୍ରକୋପକୁ ଦୃଷ୍ଟିରେ ରଖି କମିଟି ସଦସ୍ୟ ପଥଚାରୀ ଓ ଶ୍ରଦ୍ଧାଳୁଙ୍କୁ ଦହି ଓ ସରବତ ବଣ୍ଟନ କରିଛନ୍ତି। ବାବା ବଡ଼ାମଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଏହି ସେବା କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରଦୀପ ଖିଲାର, ଅବନୀ ଗିରି, ସଞ୍ଜୟ ବେହେରା, ଦେବାନନ୍ଦ ଜେନା, ଶାଶ୍ୱତ ପଣ୍ଡା, ସରୋଜ ଶତପଥୀ, ଅମିତ ମହାପାତ୍ର, ସୁମନ୍ତ ଦାସ, ଗଗନ ମଲ୍ଲିକ୍, ସୁବ୍ରତ ଦାସ, ତାପସ ମନ୍ତ୍ରୀ, ହରିଶ ଜେନା, ରଞ୍ଜିତ ମହାନ୍ତି, ଚନ୍ଦ୍ରଶେଖର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଶକ୍ତିମାନ ଜିମ୍ନାସିୟମର ବାର୍ଷିକ ଉତ୍ସବ ଓ ହନୁମାନ ଜୟନ୍ତୀ

**କ୍ରୀଡ଼ା ପ୍ରଦର୍ଶନ ଓ ବିଶାଳ ସାଂସ୍କୃତିକ ପଦଯାତ୍ରା**



ବାରିପଦା, ୧୫।୪(ସମିସ): ବାରିପଦା ଉପକଣ୍ଠ ଲଙ୍ଗଳକଟା ଶକ୍ତିମାନ ଜିମ୍ନାସିୟମ ପକ୍ଷରୁ ପ୍ରତିଷ୍ଠାତା ପରେଶ ମହାନ୍ତଙ୍କ ନେତୃତ୍ୱରେ କ୍ରୀଡ଼ା ପ୍ରଦର୍ଶନ ଓ ସାଂସ୍କୃତିକ ବିରାଟ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଶାଳ ଶୋଭାଯାତ୍ରା ମଧୁବନ ପଡ଼ିଆରୁ ଆରମ୍ଭ ହୋଇ ସହର ପରିକ୍ରମା କରି ଜଗଧାତ୍ରୀ ପଡ଼ିଆରେ ପହଞ୍ଚିଥିଲା। ଶୋଭାଯାତ୍ରାକୁ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ସମାଜସେବୀ ଗିରିଶ ଚନ୍ଦ୍ର ଦାସ, ଶିଳ୍ପପତି ମୁରାରୀ ଶର୍ମା, ଠିକାଦାର ଅରୁଣ ସରକାର ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ବିଶାଳ ପଦଯାତ୍ରାରେ ଶକ୍ତିମାନ ଜିମ୍ନାସିୟମରେ ପ୍ରଶିକ୍ଷଣ ପାଉଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗୀ କଳା କୌଶଳ କ୍ରୀଡ଼ା ପ୍ରଦର୍ଶନ କରି ଶକ୍ତିମାନ ଜିମର କୌଶଳ ସବୁ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଏହି ବିରାଟ ପଦଯାତ୍ରାକୁ ଉଦଯାପନ କରିଥିଲେ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର। ଏହି ପଦଯାତ୍ରାର ମୁଖ୍ୟ ଆକର୍ଷଣ ଥିଲେ ଶକ୍ତିମାନ ଜିମ୍ନାସିୟମର ଆନ୍ତର୍ଜାତିକ ଖେଳାଳୀ ମନ୍ଦାକିନୀ ମହାନ୍ତ, ସ୍ନେହା ସୋରେନ ଓ ଜାତୀୟ ଖେଳାଳି ସମରେନ୍ଦ୍ର ମହାନ୍ତ, ଅଭିଷେକ ମହାନ୍ତ, ସୁଷମା ରାୟ, ମିନା ସିଂ, ରଞ୍ଜନ ହାଁସଦା, ଅଲିଶା ବେହେରା, ଦୁଃଖୀରାମ ମାରାଣ୍ଡି, ସ୍ୱର୍ଣ୍ଣପ୍ରଭା ଟୁଡୁ, ହରିଶଙ୍କର ମହାନ୍ତ, ରାଜ୍ୟସ୍ତରୀୟ ଖେଳାଳି ଶୁଭଶ୍ରୀ ମହାନ୍ତ, ଦେବସ୍ମିତା ସିଂ, ତନୁଶ୍ରୀ ସିଂ, ହୀରାମଣି ମହାନ୍ତ, ଆକାଶ ମହାନ୍ତ, ଚନ୍ଦନ ମହାନ୍ତ, ଗଗନ ମହାନ୍ତ ଓ ଆଶିଷ ମାରାଣ୍ଡି। ତରୁଣ ମହାନ୍ତି, ବିପ୍ଳବ ଭୁଗୁଡେଇ, ପ୍ରିୟବ୍ରତ ଦାସ, ଅମିତାବ ସାହୁ, ଦିଲ୍ଲୀପ ଦାସ, ସୌମ୍ୟରଞ୍ଜନ ମିଶ୍ର, ସୁରଜ ଲୋହାର, ମାନସ ବେହେରା, ସଂଗ୍ରାମ କେଶରୀ ଦେବ, ସୁକୁଳ ମୁର୍ମୁ, କାଳୀଚରଣ ନାଏକ, ଦନାର୍ଦ୍ଦନ ମହାନ୍ତ, ହିମାଂଶୁ ଶେଖର ମହାନ୍ତ ପ୍ରମୁଖ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ। ସୁନ୍ଦର ସ୍ୱାସ୍ଥ୍ୟ ଗଠନ, ଅନୁଶାସନ ଓ ଛାତ୍ରଛାତ୍ରୀଙ୍କ ସରକାରୀ ନିଯୁକ୍ତିରେ କ୍ୟାରିୟର ଗଠନ ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ନଙ୍ଗଳକଟା ଶକ୍ତିମାନ ଜିମ୍ନାସିୟମରେ ଶହେରୁ ଅଧିକ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି।

## ତଳକଡ଼ଦା ଓ ଆରପଟାରେ ଉଡ଼ା ଯାତ୍ରା

କୁଆମରା, ୧୫।୪(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତର ତଳକଡଦାଠାରେ ମହାବିଷୁବ ସଂକ୍ରାନ୍ତି ଅବସରରେ ପାରମ୍ପରିକ ଉଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା' ବାସୁଳୀଙ୍କ ପୀଠରେ ଏହି ଉଡ଼ା ପର୍ବ ଦୀର୍ଘ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ଏହାର ତିନି ଦିନ ପୂର୍ବରୁ ଭକ୍ତା ଓ ଦାସୀଙ୍କ ଦ୍ୱାରା ସନ୍ଧ୍ୟାରେ ପୃଥକ ଭାବେ ଝୁଲାପାଟ, ନିଆଁ ପାଟ ଓ କଣ୍ଟା ପାଟ କାର୍ଯ୍ୟ ଦାସୀ ଓ ଭକ୍ତାଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଚଳିତ ବର୍ଷ ୮ ଜଣ ଦାସୀଙ୍କ ସମେତ ୧୬ ଜଣ ଭକ୍ତା ଉଡ଼ିବାରେ ଭାଗ ନେଇଥିଲେ। ଦୁଷ୍ମନ୍ତ ପାତ୍ର, ହରିଶ ପାତ୍ର, ରବୀନ୍ଦ୍ର ପାତ୍ର, ମନୋରଞ୍ଜନ ଦେହୁରୀ ପ୍ରମୁଖ ମୁଖ୍ୟ ଦାସୀ ଭାବେ କାର୍ଯ୍ୟ ତୁଲାଇଥିଲେ। କମିଟି ସଭାପତି ଦିବାକର ପାତ୍ର ଓ ସମ୍ପାଦକ ପ୍ରଦୀପ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ପରିଚାଳନା ହୋଇଥିଲା। ପୂର୍ବରୁ ମାନସିକ ଥିବା ୧୧ ଜଣ ଉପାସକ ନିଜ ନିଜ ପିଠିରେ କଣ୍ଟା ଫୋଡ଼ିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଆରପଟାଠାରେ ମଧ ପାରମ୍ପରିକ ଉଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ଏଠାରେ ମୁଖ୍ୟ ଦାସୀ ଭାବେ ଗଣେଶ୍ୱର ଦେହୁରୀ, ବାବୁ ଦେହୁରୀ ଓ ଟୁନା ଜେନା କାର୍ଯ୍ୟ ତୁଲାଇଥିବାବେଳେ ୧୨ ଜଣ ଭକ୍ତା ଉଡ଼ିବା କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ୬ ଜଣ ଉପାସକ କଣ୍ଟାଫୋଡ଼ା କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ସଞ୍ଜୀବ ନାୟକ, ଅଞ୍ଜନ ପାଣି, ଶିରିଶ ବେହେରା, ମନୋଜ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ



ରାଇରଙ୍ଗପୁର, ୧୫।୪(ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟୀ ଛକସ୍ଥ ହୀରା କମ୍ପ୍ଲେକ୍ସ ପରିସରରେ ବହଳଦା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। କଂଗ୍ରେସ ଦଳର ପଞ୍ଚାୟତ ସଭାପତି ସେନ ଟୁଡୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହଳଦା ବ୍ଲକ ସଭାପତି ଅସିତ ସାମନ୍ତରାୟ, ଉପସଭାପତି ଅଭିନବ ମହାନ୍ତି, ଭିତରାମଦା ଗ୍ରାମ ପଞ୍ଚାୟତ ସଭାପତି ରାମଚନ୍ଦ୍ର ଟୁଡୁ ପ୍ରମୁଖ ସମର୍ଥକ ଓ କାର୍ଯ୍ୟକର୍ତ୍ତାଙ୍କ ସହ ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ଭାବେ ରାମଚନ୍ଦ୍ର ହେମ୍ବ୍ରମ, ବାବାତିଲକା ଲାଇବ୍ରେରୀ ପ୍ରତିଷ୍ଠାତା ତଥା ବରିଷ୍ଠ ସାମ୍ବାଦିକ ରାମଦାସ ମୁର୍ମୁ, ପୀତାମ୍ବର ବେହେରା, ଆନ୍ତର୍ଜାତିକ ମାନବାଧିକାର ରକ୍ଷକ ସଂଗଠନ ବହଳଦା ବ୍ଲକ ସଭାପତି ପୀତାମ୍ବର ମୁର୍ମୁ, ଭିତରାମଦା ସଭାପତି ଦେବଦତ୍ତ ରାମସ୍ୱରୂପ ଟୁଡୁ, ଗୋରା ମାହାଲି, ରାମରାୟ ସୋରେନ, ଅହମ୍ମଦ ଶାହ ପ୍ରମୁଖ ଉପସ୍ଥିତ ଥିଲେ। ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ସହ ଅତିଥିମାନେ ଆମ୍ବେଦକରଙ୍କ ଫଟୋଚିତ୍ରରେ ଧୂପ, ଦୀପ ପ୍ରଜ୍ୱଳନ କରିବା ସହିତ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଦଳୀୟ ବ୍ଲକ ସଭାପତି ଅସିତ ସାମନ୍ତରାୟ ଓ ଅତିଥିମାନେ ଡଃ ଭୀମରାଓ ଆମ୍ବେଦକରଙ୍କ ଅବଦାନ ଓ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଜେପି ସରକାରଙ୍କ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳନକୁ ଗୁରୁତ୍ୱ ଦିଆ ନ ଯିବାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ପୀତାମ୍ବର ମୁର୍ମୁ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



**ଉଦଳା:** ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ ଓ ମୟୂରଭଞ୍ଜ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଆହ୍ୱାନକ୍ରମେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳନ କରାଯାଇଛି। ଜିଲ୍ଲା ଉପସଭାପତି ନାରାୟଣ ପଟ୍ଟନାୟକ ଡାକ୍ତର ଆମ୍ବେଦକରଙ୍କ ନିଷ୍ଠା ଓ ତ୍ୟାଗ, ଦେଶ ଗଠନରେ କିପରି ମୁଖ୍ୟ ଭୂମିକା ଥିଲା, ତାହା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ବିଜେପି ସରକାର ସମୟରେ ସମ୍ବିଧାନ କିପରି ଅସୁରକ୍ଷିତ ତାହା ବ୍ୟାଖ୍ୟା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ଆଦିବାସୀ କଂଗ୍ରେସର ରାଜ୍ୟ ସମ୍ପାଦକ ଦୁଃଖିଶ୍ୟାମ ମୁର୍ମୁ, ପଣ୍ଡିତ ଚକ୍ରଧର ଦଳେଇ, ବୀଣାକାର ସାହୁ, ଶରତ ମାର୍ଣ୍ଡି, ବିନୋଦ ଘଡେଇ, ଜିଲ୍ଲା ସାଧାରଣ ସମ୍ପାଦକ ନଳିନି ପଟ୍ଟନାୟକ ବାବା ସାହେବଙ୍କ ସ୍ମୃତିଚାରଣ କରିଥିଲେ। ପୂର୍ବତନ ଟାଉନ ସଭାପତି ସଞ୍ଜୀବ ମହାନ୍ତି, ନବନିଯୁକ୍ତ ଟାଉନ ସଭାପତି ମୌକ୍ଷ ନାରାୟଣ ଦାସ, ବ୍ଲକ ସଭାପତି ସେକ କଲମୁଦ୍ଦିନ, ଜିଲ୍ଲା ସମ୍ପାଦକ ଯୋଗେନ୍ଦ୍ର ବର୍ଷାଳିଆ, ପ୍ରହ୍ଲାଦ ବେହେରା, ତାପସ ନାୟକ, କିସାନ କଂଗ୍ରେସ ପ୍ରତିନିଧି ଯୋଗ ଦେଇଥିଲେ।

**ବଡ଼ସାହି:** ବଡ଼ସାହି ପଞ୍ଚାୟତ ଅନ୍ତର୍ଭୁକ୍ତ ବାରୁଡିହି (ବୁଦୁଲିସାହି) ଗ୍ରାମସ୍ଥ ପାଣିଟାଙ୍କି ପଡ଼ିଆରେ ସେବା ସଂଗଠନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବା ସାହେବ



ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗ୍ରାମର ମାଝି ହାଲାମ୍ (ମୁଖିଆ) ରଘୁନାଥ ଟୁଡୁ ଆମ୍ବେଦକରଙ୍କ ଫଟୋଚିତ୍ର ସମ୍ମୁଖରେ ଆଦିବାସୀ ପାରମ୍ପରିକ ପ୍ରଥାରେ ପୂଜାର୍ଚ୍ଚନା କରିଥିଲେ। ପରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି ପୁଷ୍ପାଞ୍ଜଳି ଦେଇଥିଲେ। ସେବା ସଂଗଠନର ଆବାହକ ଚୈତନ୍ୟ ସୋରେନଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସେବା ସଂଗଠନର ସାଧାରଣ ସମ୍ପାଦକ ଶିବଶଙ୍କର ହାଁସଦା, ସାଂଗଠନିକ ସମ୍ପାଦକ ରମେଶ ଚନ୍ଦ୍ର ସିଂ, ପର୍ଯ୍ୟବେକ୍ଷକ ଚିନ୍ତାମଣି ଟୁଡୁ, ନନ୍ଦକିଶୋର ହାଁସଦା, କୋଷାଧ୍ୟକ୍ଷ ସାଇବ ମୁର୍ମୁ, ଉପଦେଷ୍ଟା ରାଧୁ ମାର୍ଣ୍ଡି, ଶିକ୍ଷକ କୁଆଁର ମାର୍ଣ୍ଡି, ଆଇନଜୀବୀ ସୁରେନ୍ଦ୍ର ନାଥ ସିଂ ପ୍ରମୁଖ ଯୋଗଦେଇ ଆମ୍ବେଦକରଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ବଡ଼ସାହି ବ୍ଲକ କଂଗ୍ରେସ ପକ୍ଷରୁ ସଭାପତି ଶଶାଙ୍କ ଶେଖର କରଙ୍କ ନେତୃତ୍ୱରେ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ହେବା ସହିତ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

**କରଞ୍ଜିଆ:** ଭାରତ ରତ୍ନ ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ମା' କିଚକେଶ୍ୱରୀ ପ୍ରଭାତ ଶାଖାର ସ୍ୱୟଂସେବକଙ୍କ ଦ୍ୱାରା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିକୁ ସ୍ନାନ ପ୍ରକ୍ଷାଳନ ପରେ ଅଧ୍ୟକ୍ଷ ମନୋଜ ସାହୁ,



ସଂଘ ସମ୍ପର୍କ ପ୍ରମୁଖ ଇଂ ତ୍ରିଲୋଚନ ସେଠୀ, ମୟୂରଭଞ୍ଜ ଜିଲ୍ଲା ସହ ସଂଘ ଚାଳକ ଚୈତନ୍ୟ ଭାଇ, ଅଧ୍ୟାପକ ସିପୁନ ଭାଇ, ଶୈଳେଶ ଭାଇଙ୍କ ଦ୍ୱାରା ଧୂପ, ପୁଷ୍ପ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଡ ଆମ୍ବେଦକରଙ୍କ ସଂଘର୍ଷମୟ ଜୀବନ କାହାଣୀ ଉପରେ ଚୈତନ୍ୟ ଭାଇ ତାଙ୍କର ସାରଗର୍ଭକ ବ୍ୟକ୍ତବ୍ୟ ରଖିଥିଲେ। ସେ ଦେଶର ସ୍ୱାଧୀନତା ସହିତ ମାନବର ସାମାଜିକ ସ୍ୱାଧୀନତାକୁ ମଧ୍ୟ ଅଧିକ ଗୁରୁତ୍ୱ ଦେଉଥିଲେ। ଯଦ୍ୱାରା ସାମାଜିକ ଏକତା ସ୍ଥାପନା ହୋଇ ସୁଦୃଢ଼ ରାଷ୍ଟ୍ର ଗଠନ ହୋଇପାରିବ ବୋଲି କହୁଥିଲେ। ଦଳିତ ଜାତିର ତ୍ରାଣକର୍ତ୍ତା ଭାବେ ଜୀବନ ବ୍ୟାପି ସଂଘର୍ଷ ଜାରି ରଖିଥିଲେ। ହିନ୍ଦୁ ଧର୍ମକୁ କେବେ ନିନ୍ଦା କରି ନ ଥିଲେ, କିନ୍ତୁ ଉଗ୍ର ପୁରୋହିତବାଦ ଓ ଅସ୍ପୃଶ୍ୟ ଜାତିବାଦକୁ ଘୋର ବିରୋଧ କରୁଥିଲେ। ତାଙ୍କ ଉତ୍ସର୍ଗୀକୃତ ଜୀବନ ଆମ ସମସ୍ତଙ୍କର ପ୍ରେରଣାର ଉତ୍ସ ହୋଇରହିବ ବୋଲି ସେ କହିଥିଲେ। ଅଧ୍ୟକ୍ଷ ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ରାଇରଙ୍ଗପୁର:** ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ଆନୁକୂଲ୍ୟରେ ଭାଲୁବସା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୁନାପୋଷି ଗ୍ରାମରେ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା ଓଡ଼ିଶା ଆଦିବାସୀ କଂଗ୍ରେସ ଉପ ସଭାପତି ଲକ୍ଷ୍ମଣ ମାଝୀ ଓ କାର୍ଯ୍ୟାଳୟ ସମ୍ପାଦକ ରୂପକ କୁମାର ମହାନ୍ତି ଡ. ଭୀମ ରାଓ ଆମ୍ବେଦକରଙ୍କ ଜୀବନ ଆଦର୍ଶ ଓ ଗୁଣ ଗାରିମା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ବିଜେପି ସରକାର କିପରି ଭାବରେ ଗରିବ ଓ ଆଦିବାସୀଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କରୁଛି ସେ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ପଶ୍ଚିମ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ବ୍ଲକ,



ରାଇରଙ୍ଗପୁର ପୌରପାଳିକା, ତିରିଂ ବ୍ଲକ, ବହଳଦା ବ୍ଲକ, ଜାମଦ ବ୍ଲକ, ବିଜାତଳା ବ୍ଲକ, ସାରସକଣା ବ୍ଲକ, ଓ କୁସୁମୀ ବ୍ଲକରେ ସଭାପତିଙ୍କ ନେତୃତ୍ୱରେ ଡକ୍ଟର ଆମ୍ବେଦକରଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ସମସ୍ତ ବ୍ଲକ ସଭାପତିମାନେ ଓ କର୍ମୀମାନେ ଦୃଢ଼ ପ୍ରତିଜ୍ଞା କରିଥିଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପି ସରକାରକୁ ଉଚିତ ଜବାବ୍ ଦେବାକୁ। ଏଥିରେ ପଶ୍ଚିମ ମୟୂରଭଞ୍ଜ କୃଷକ ସଂଘ ସଭାପତି କିଶୋର ମହାନ୍ତି, ରାଷ୍ଟ୍ରୀୟ ମଜଦୂର ସଂଘ ଜିଲ୍ଲା ଉପସଭାପତି ଅମର ସିଂ ମହାନ୍ତି, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ପ୍ରବକ୍ତା ପରେଶ ଚନ୍ଦ୍ର ଷଡ଼ଙ୍ଗୀ, ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ସଭାପତି ପିଥି ମୁର୍ମୁ, ଏସି ମହାନ୍ତି, ଜହରଲାଲ ବିନ୍ଧାଣୀଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

**ଉଦଳା:** ଉଦଳା କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଓ ମୟୁରଭଞ୍ଜ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଆହ୍ୱାନ କ୍ରମେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଭାରତ ରତ୍ନ ଆମ୍ବେଦକରଙ୍କର ସ୍ମୃତିଚାରଣ କରିଥିଲେ। ଜିଲ୍ଲା ଉପ ସଭାପତି ନାରାୟଣ ପଟ୍ଟନାୟକ ଆମ୍ବେଦକରଙ୍କ ନିଷ୍ଠା ଓ ତ୍ୟାଗ ଦେଶ ଗଠନରେ ଭୂମିକା ସମ୍ପର୍କରେ କହିବା ସହ ବିଜେପି ସରକାର ସମୟରେ ସମ୍ବିଧାନ କିପରି ଅସୁରକ୍ଷିତ ତାହା ବ୍ୟାଖ୍ୟା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ଆଦିବାସୀ କଂଗ୍ରେସ ରାଜ୍ୟ ସମ୍ପାଦକ ଦୁଃଖୀଶ୍ୟାମ ମୁର୍ମୁ, ପଣ୍ଡିତ ଚକ୍ରଧର ଦଳେଇ, ବୀଣାକାର ସାହୁ, ଶରତ ଚନ୍ଦ୍ର ମାର୍ଣ୍ଡି, ବିନୋଦ ଘଡେଇ, ଜିଲ୍ଲା ସାଧାରଣ ସମ୍ପାଦକ ନଳିନୀ ପଟ୍ଟନାୟକ ବାବାସାହେବଙ୍କର ସ୍ମୃତି ଚାରଣ କରିଥିଲେ। ପୂର୍ବତନ ଟାଉନ୍ ସଭାପତି ସଞ୍ଜୀବ କୁମାର ମହାନ୍ତି, ନବନିଯୁକ୍ତ ଟାଉନ୍ ସଭାପତି ମୌକ୍ଷ ନାରାୟଣ ଦାସ, ବ୍ଲକ ସଭାପତି ସେକ କଲମୁଦ୍ଦିନ, ଜିଲ୍ଲା ସମ୍ପାଦକ ଯୋଗେନ୍ଦ୍ର ବର୍ଷାଳିଆ, ପ୍ରହ୍ଲାଦ ବେହେରା, ତାପସ ନାୟକ, କିଷାନ କଂଗ୍ରେସ ପ୍ରତିନିଧିଗଣ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।



ସାରନା ଛକରେ ଆଭା-ଅନ୍ୱେଷ ପକ୍ଷରୁ ଓଡିଆ ନବ ବର୍ଷ

# ଜାତୀୟ କ୍ୱାଣ୍ଟମ୍ କନ୍‌କ୍ଲେଭରେ ଏନ୍‌ଆଇଟି ସମ୍ମାନିତ

**ରାଉରକେଲା, ୧୫।୪(ସମିସ):** କ୍ୱାଣ୍ଟମ୍ ଶିକ୍ଷାରେ ବୃଦ୍ଧି ପାଉଥିବା ପଦକ୍ଷେପ ପାଇଁ ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଏନଆଇଟି) ରାଉରକେଲା ଏପ୍ରିଲ ୧୦ ଓ ୧୧ ତାରିଖରେ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଆଇଆଇଟି) ବମ୍ବେରେ ଅନୁଷ୍ଠିତ ଜାତୀୟ ବାର୍ଷିକ କ୍ୱାଣ୍ଟମ୍ କନ୍‌କ୍ଲେଭରେ ସମ୍ମାନିତ ହୋଇ ଜାତୀୟ ସ୍ୱୀକୃତି ହାସଲ କରିଛି। ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ (ଡିଏସଟି) ଦ୍ୱାରା ପ୍ରଦତ୍ତ ଏହି ସମ୍ମାନକୁ ପଦାର୍ଥ ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଜେପି କର ଏନଆଇଟି ରାଉରକେଲା ପକ୍ଷରୁ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଏନ୍‌ଆଇଟି ରାଉରକେଲା ଜାତୀୟ କ୍ୱାଣ୍ଟମ୍ ମିଶନ ଅଧୀନରେ କ୍ୱାଣ୍ଟମ୍ ଶିକ୍ଷା ପ୍ରୟୋଗଶାଳା ପ୍ରତିଷ୍ଠା ପାଇଁ ମନୋନୀତ ହୋଇଥିବା ମୋଟ ୨୩ଟି ପ୍ରତିଷ୍ଠାନ ମଧ୍ୟରେ ଅନ୍ତର୍ଭୁକ୍ତ। ଏହି ପଦକ୍ଷେପର ଲକ୍ଷ୍ୟ ଛାତ୍ରଛାତ୍ରୀମାନଙ୍କୁ କ୍ୱାଣ୍ଟମ୍ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ଉନ୍ନତ ଜ୍ଞାନ ଏବଂ ବ୍ୟବହାରିକ ଅଭିଜ୍ଞତା ସହିତ ସଜ୍ଜିତ କରିବା। ଯାହା ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଚାହିଦା ସହିତ ସମନ୍ୱିତ। ଏହି ସମ୍ମିଳନୀ କ୍ୱାଣ୍ଟମ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରମୁଖ ବୈଜ୍ଞାନିକ, ନୀତି ନିର୍ଦ୍ଧାରକ, ଷ୍ଟାର୍ଟଅପ୍ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ଏକତ୍ରିତ କରିଥିଲା। ବୈଷୟିକ ଅଧିବେଶନ, ପ୍ରଦର୍ଶନୀ ଏବଂ ପ୍ରଦର୍ଶନ ମାଧ୍ୟମରେ ଏହି କାର୍ଯ୍ୟକ୍ରମ କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟା ଉପରେ ଭାରତର ବର୍ଦ୍ଧିତ ଧ୍ୟାନକୁ ଉଜ୍ଜ୍ୱଳିତ କରିଥିଲା। ଏହି ସଫଳତା ସହିତ ଏନ୍‌ଆଇଟି ରାଉରକେଲା ଭାରତର କ୍ୱାଣ୍ଟମ୍ ମିଶନ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷାରେ ଅବଦାନ ଜାରି ରଖିଛି।




# ସୁନ୍ଦରଗଡ଼ ପୁଲିସ ଜିଲ୍ଲାରେ ଅଦଳବଦଳ

**ରାଉରକେଲା, ୧୫।୪ (ସମିସ):** ସୁନ୍ଦରଗଡ଼ ପୁଲିସ ଜିଲ୍ଲାରେ କାର୍ଯ୍ୟରତ ୫ ଜଣ ଇନ୍ସପେକ୍ଟର, ୭ ଜଣ ଏସଆଇ ଓ ୧୬ ଜଣ ଏଏସଆଇଙ୍କ ଅଦଳବଦଳ ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ସଦରଥାନା ଇନ୍ସପେକ୍ଟର ସୁସ୍ମିତା ଦେବତାଙ୍କ ଲେଫ୍ରିପଡ଼ା ଥାନାକୁ ବଦଳି ହୋଇଥିବା ବେଳେ ଅଶୋକ କୁମାର ଦାସଙ୍କ ଲେଫ୍ରିପଡ଼ା ଥାନାରୁ ବୀରମିତ୍ରପୁର ଥାନାକୁ ବଦଳି ହୋଇଛି। ସେହିପରି ବୀରମିତ୍ରପୁର ଥାନା ଇନ୍ସପେକ୍ଟର ରାମ ପ୍ରସାଦ ନାଗଙ୍କ ସଦରଥାନାକୁ ବଦଳି ହୋଇଥିବା ବେଳେ କାଂଶବାହାଲ ଫାଣ୍ଡି ଇନ୍ସପେକ୍ଟର ଅନିଲ କୁମାର ସାମଲଙ୍କ କିଞ୍ଜିରିକେଲା ଥାନାକୁ ବଦଳି ହୋଇଛି। ସେହିପରି କିଞ୍ଜିରିକେଲା ଥାନା ଇନ୍ସପେକ୍ଟର ଅଜୟ କୁମାର ଜେନାଙ୍କ ସୁନ୍ଦରଗଡ଼ ଆଇୟୁସିଏଡବ୍ଲ୍ୟୁକୁ ବଦଳି ହୋଇଛି। ରାଜଗାଙ୍ଗପୁର ଥାନା ଏସଆଇ ଦମୟନ୍ତୀ ମହନ୍ତଙ୍କୁ ବନଡେଗା ଫାଣ୍ଡି, ହେମଗିରି ଥାନାରୁ ହରିଶ କୁମାର ଛତରଙ୍କୁ କାଂଶବାହାଲ ଫାଣ୍ଡି, ଟାଉନ ଥାନାରୁ ପ୍ରତାପ କାଲୋଙ୍କୁ ହେମଗିରି ଥାନାକୁ ବଦଳି ହୋଇଥିବା ବେଳେ ଆଝୀମଣି ଟୁଡୁଙ୍କ ଭଷ୍ମା ଥାନାକୁ ବଦଳି ହୋଇଛି। ଲେଫ୍ରିପଡ଼ା ଥାନାରୁ ଲିଲି ସ୍ୱାଇଁଙ୍କ ରାଜଗାଙ୍ଗପୁର, କିଞ୍ଜିରିକେଲା ଥାନାରୁ ସୁଶାନ୍ତ କୁମାର ଜେନାଙ୍କ ରାଏବଗା, ଆଇସିଏଡବ୍ଲ୍ୟୁ ଆଶୁତୋଷ ମହାନ୍ତିଙ୍କ ଲେଫ୍ରିପଡ଼ା ଥାନାକୁ ବଦଳି ହୋଇଛି। ସେହିପରି ସଦରଥାନାରୁ ଏଏସଆଇ ପୁଷ୍ପାଞ୍ଜଳି ସାମନ୍ତରାୟଙ୍କ କିଞ୍ଜିରିକେଲା ଥାନା, ଭଷ୍ମା ଥାନାରୁ ସାବିତ୍ରୀ ପ୍ରଧାନଙ୍କ ଟାଉନ ଥାନା, ଲେଫ୍ରିପଡ଼ା ଥାନାରୁ ଦିବାକର ବେହେରାଙ୍କ ରାଜଗାଙ୍ଗପୁର ଥାନା, ରାଜଗାଙ୍ଗପୁର ଥାନାରୁ ହେମନ୍ତ ଧ୍ରୁଆଙ୍କ ଟାଉନ ଥାନା, କିଞ୍ଜିରିକେଲା ଥାନାରୁ ରୁଦ୍ରେଶ ଚନ୍ଦ୍ର ମହାପାତ୍ରଙ୍କ ରାଜଗାଙ୍ଗପୁର ଥାନା, ରାଜଗାଙ୍ଗପୁର ଥାନା ଚିନ୍ତାମଣି ମହନ୍ତଙ୍କ କିଞ୍ଜିରିକେଲା, ପୁଲିସ ମୁଖ୍ୟାଳୟରୁ ଗୋପୀନାଥ ଓଝାଙ୍କ ତଳସରା ଥାନା, ରାଜଗାଙ୍ଗପୁର ଥାନା ଏଞ୍ଜିଲିନା ଯୋଜୋଓ୍ୱାରଙ୍କ କୁତ୍ରା ଥାନା, କୁତ୍ରା ଥାନା ସୁନୀତା ଦାସଙ୍କ ରାଜଗାଙ୍ଗପୁର, ରାଏବଗା ଥାନାରୁ ଶଶୀଭୂଷଣ ମହନ୍ତଙ୍କ ବୀରମିତ୍ରପୁର ଏସଡିପିଓ, ଟାଉନଥାନାର ପାଣ୍ଡବ ହେମ୍ବ୍ରମ ଓ ସୁକେଶ ଚନ୍ଦ୍ର ମହାନ୍ତିଙ୍କ ହେମଗିରି ଥାନା, ହେମଗିରି ଥାନା ମିତ୍ରଭାନୁ ସଙ୍କ ଟାଉନ ଥାନା, ହାତୀବାଡ଼ି ଥାନାରୁ ସୁବାସ ଚନ୍ଦ୍ର ଜେନାଙ୍କ ଲେଫ୍ରିପଡ଼ା ଥାନା, ହାତୀବାଡ଼ି ଠାରୁ ପଦ୍ମାବତୀ ମୋଦିଙ୍କ ରାଜଗାଙ୍ଗପୁର କୋର୍ଟ, ରାଜଗାଙ୍ଗପୁର କୋର୍ଟରୁ ଜିତେନ୍ଦ୍ରିୟ ମହାପାତ୍ରଙ୍କ ଟାଉନଥାନା, ନୂଆଗାଁ ଫାଣ୍ଡିର ସୁଶାନ୍ତ କୁମାର ପାତ୍ରଙ୍କ ହାତୀବାଡ଼ି, ରାଏବଗା ଥାନାରୁ ସୁରେଶ ଚନ୍ଦ୍ର ସାମଲଙ୍କ ଲେଫ୍ରିପଡ଼ା, ରାଜଗାଙ୍ଗପୁର ଥାନାରୁ ପ୍ରଶାନ୍ତ କୁମାର ସେନାପତିଙ୍କ କୁତ୍ରା ଥାନା, ବନଡେଗା ଫାଣ୍ଡିରୁ ନବୀନ କିଶୋର ପେରୁଆଙ୍କ ତଳସରା ଥାନାକୁ ବଦଳି ହୋଇଛି।

# ୨୦ ଫୁଟ ତଳକୁ ଖସିଲା ବାଇକ୍; ୨ ଗୁରୁତର

**ବଣାଇଁ, ୧୫।୪(ସମିସ):** ବଣାଇଁ ଥାନା ଅନ୍ତର୍ଗତ ନରେନ୍ଦ୍ର ଗୁରୁଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାର ଜୀବିକା ନିକଟରେ ମଙ୍ଗଳବାର ରାତିରେ ଏକ ବାଇକ ପ୍ରାୟ ୨୦ ଫୁଟ ତଳକୁ ଖସି ପଡ଼ିବାରୁ ଦୁଇ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଦୁଇ ଯୁବକ ହେଲେ ଧାତିକିପୋଷ ଅଞ୍ଚଳର ମୁରଲୀ ପ୍ରଧାନ (୨୮) ଓ ତପନ ପ୍ରଧାନ (୨୪)। ସୂଚନା ଅନୁସାରେ, ଦୁହେଁ ମଙ୍ଗଳବାର ବଣାଇଁରୁ ନିଜ ଘରକୁ ଫେରୁଥିବା ସମୟରେ ଏକ ପୋଲ ନିର୍ମାଣ ପାଇଁ ଖୋଳାଯାଇଥିବା ଖାଲ ନିକଟରେ ନିୟନ୍ତ୍ରଣ ହରାଇବାରୁ ବାଇକଟି ରାସ୍ତାରୁ ତଳକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ଏହା ଦେଖି ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ଖାଲରୁ ବାହାର କରିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବଣାଇଁ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ବଣାଇଁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ବାଙ୍କୀ ରେଞ୍ଜରେ ଗୋଠଛଡ଼ା ଅସୁସ୍ଥ ଦନ୍ତା

## ହାତୀର ଗତିବିଧି ଉପରେ ନଜର ରଖିଛି ବନ ବିଭାଗ, ପଶୁ ଚିକିତ୍ସକ ଦଳ

**ଲହୁଣୀପଡ଼ା/ବଣାଇଁ, ୧୫।୪(ସମିସ)**

ଜଙ୍ଗଲ ଛାଡି ଏବେ ଗାଁ ମୁହାଁ ହେଉଛନ୍ତି ଗୋଠଛଡା ଦନ୍ତା ହାତୀ। ବାଙ୍କୀ ରେଞ୍ଜ ଅନ୍ତର୍ଗତ ଗମଲେଇ ଓ ତୁମକଳା ଅଞ୍ଚଳରେ ଆଜି ଏକ ଦନ୍ତା ହାତୀକୁ ଦେଖିବାକୁ ମିଳିଛି। ଏହି ହାତୀଟି ଦେବଗଡ଼ ବନଖଣ୍ଡରୁ ଭାଲଡୁଙ୍ଗୁରି ମାର୍ଗ ଦେଇ ଗତକାଲି ଏହି ଅଞ୍ଚଳକୁ ଆସିଥିବା ଜଣାପଡ଼ିଛି। ହାତୀଟି ଗତରାତି ସମଗ୍ର ସମୟ ବ୍ରାହ୍ମଣୀ ନଦୀରେ ରହିଥିବା ବେଳେ ଆଜି ଦିନସାରା ନଦୀ ମଧ୍ୟରେ ରହିଥିଲା। ପରେ ଅପରାହ୍ନ ପ୍ରାୟ ୩ଟା ସମୟରେ ନଦୀରୁ ବାହାରି ଭାସ୍କର ପ୍ଲାଣ୍ଟ ସମ୍ମୁଖରେ ଥିବା ଜଙ୍ଗଲ ଅଞ୍ଚଳରେ ଚଳପ୍ରଚଳ କରୁଥିବା ଦେଖାଯାଇଛି। ହାତୀଟି ଅସୁସ୍ଥ ଅବସ୍ଥାରେ ରହିଥିବା ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ବିଶେଷ ସତର୍କତା ଗ୍ରହଣ କରାଯାଇଛି। ଏକ ପଶୁ ଚିକିତ୍ସକ ଦଳ ଘଟଣାସ୍ଥଳରେ ରହି ହାତୀର ସ୍ୱାସ୍ଥ୍ୟ ଓ ଗତିବିଧି ଉପରେ ନଜର ରଖୁଛନ୍ତି। ବନ ବିଭାଗ କର୍ମଚାରୀମାନେ ହାତୀକୁ ନିରାପଦ ସ୍ଥାନକୁ ଘଉଡାଇବାକୁ ଚେଷ୍ଟା କରିବା ସହ ଲୋକମାନଙ୍କୁ ସତର୍କ ରହିବାକୁ ଅନୁରୋଧ କରିଛନ୍ତି। ଏହି ଦନ୍ତା ହାତୀକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିତରେ ଭିଡ଼ ଜମା ହେଉଥିବାରୁ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ପ୍ରଶାସନ ଲାଗିପଡ଼ିଛି। ବନ ବିଭାଗ ପକ୍ଷରୁ ଲୋକମାନଙ୍କୁ ହାତୀ ନିକଟକୁ ନଯିବା, ଭିଡ଼ ନକରିବା ଓ ସୁରକ୍ଷା ନିୟମ ମାନିବାକୁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି।



# ଷ୍ଟିଲ୍ ମେଲ୍ଟିଂ ସପ୍ -୨ରେ ଡିଏ ସିଲିଣ୍ଡର ବ୍ୟାଙ୍କ କାର୍ଯ୍ୟକ୍ଷମ

**ରାଉରକେଲା, ୧୫।୪(ସମିସ):** ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ସେଲ୍‌ଫ) ଅଧିନସ୍ଥ ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ମେଲ୍ଟିଂ ସପ -୨(ଏସଏମଏସ-୨) ବିଭାଗରେ ଏକ ଦ୍ରବୀଭୂତ ଆସେଟିଲିନ୍ (ଡିଏ) ସିଲିଣ୍ଡର ବ୍ୟାଙ୍କକୁ ସଫଳତାର ସହ କାର୍ଯ୍ୟକ୍ଷମ ହୋଇଛି। ଏହି ନୂତନ ବ୍ୟବସ୍ଥାକୁ ଏପ୍ରିଲ ୧୪ ତାରିଖରେ ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମାଙ୍କ ଦ୍ୱାରା ଖଣି ବିକାଶ ଏବଂ ସିଏମଏଲଓର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲ୍ଲାଇ, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି. ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀଙ୍କ ସମେତ ବହୁ ସିଜିଏମ ବରିଷ୍ଠ ଅଧିକାରୀ ତଥା କର୍ମଚାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଡିଆଇସି ଶ୍ରୀ ବର୍ମା ଏସଏମଏସ -୨ ବିଭାଗର କର୍ମଚାରୀମାନଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କୁ ଏଭଳି ଅଭିନବ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ। ବିଭାଗକୁ ଦେଶର ଶ୍ରେଷ୍ଠ ଷ୍ଟିଲ ମେଲଟିଙ୍ଗ ସପ୍ ହେବାକୁ ପରାମର୍ଶ ଦେଇଥିଲେ। ଏହି ନୂତନ ସୁବିଧା ଟ୍ରାନ୍ସଭର୍ସ ଟର୍ଚ୍ଚ କଟିଂ ମେସିନ୍ (ଟିଟିସିଏମ)ରେ ସ୍ଲାବ୍ କଟିଂକୁ ଏକ ବିକଳ୍ପ ଇନ୍ଧନ ବ୍ୟବହାର ସକ୍ଷମ କରିଛି। ପଶ୍ଚିମ ଏସିଆରେ ଚାଲିଥିବା ଭୂରାଜନୈତିକ ପରିସ୍ଥିତି ଯୋଗୁଁ ପ୍ରୋପେନର ସମ୍ଭାବ୍ୟ ଅଭାବକୁ ଦୂର କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଯାହା ଦ୍ୱାରା ନିରବଚ୍ଛିନ୍ନ ସ୍ଲାବ୍ କଟିଂ କାର୍ଯ୍ୟ ଏବଂ ଫିନିସିଂ ମିଲ୍ ଗୁଡିକୁ ସ୍ଲାବ୍‌ର ନିରନ୍ତର ଯୋଗାଣକୁ ସୁନିଶ୍ଚିତ କରାଯିବ। ଏହି ପ୍ରକଳ୍ପକୁ ଏସଏମଏସ -୨ ବିଭାଗ ଦ୍ୱାରା ଅକ୍ସିଜେନ୍ ପ୍ଲାଣ୍ଟ-୨ ଏବଂ ଡିଜାଇନ୍ ବିଭାଗର ସକ୍ରିୟ ସହାୟତାରେ କାର୍ଯ୍ୟକାରୀ କରାଯାଇଥିଲା। ଏହି ପ୍ରକଳ୍ପଟି ଆରମ୍ଭରୁ କମିସନିଂ ପର୍ଯ୍ୟନ୍ତ କାର୍ଯ୍ୟ କାରଖାନାର ନିର୍ବାହୀ ନିର୍ଦ୍ଦେଶକଙ୍କ ସହଯୋଗ ଏବଂ ମାର୍ଗଦର୍ଶନରେ ରୂପାନ୍ତରିତ ହୋଇଛି। ଏହି ପଦକ୍ଷେପ ନିରନ୍ତର ଉତ୍ପାଦନ ଏବଂ କାର୍ଯ୍ୟ ନମନୀୟତା ସୁନିଶ୍ଚିତ କରିବା ପାଇଁ ରାଉରକେଲା ଇସ୍ପାତ କାରଖାନାର ସକ୍ରିୟ ଆଭିମୁଖ୍ୟକୁ ପ୍ରତିଫଳିତ କରେ। ପୂର୍ବରୁ ଏସଏମଏସ-୨ ବିଭାଗ ନିରନ୍ତର ସ୍ଲାବ୍ କାଷ୍ଟରରେ ଏସଇଏନ ଉତ୍ତପ୍ତ କରିବା ପାଇଁ ପ୍ରୋପେନ ପରିବର୍ତ୍ତେ ମିଶ୍ରିତ ଗ୍ୟାସ୍ ବ୍ୟବହାର ପ୍ରଚଳନ କରି ସମାନ ନୂତନତ୍ୱ ପ୍ରଦର୍ଶନ କରିଥିଲା।



# ନିଲୁ ବାବାଙ୍କ ପରଲୋକ

**କୋଇଡା, ୧୫।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ଟେନସା ଘାଟିରେ ଅବସ୍ଥାପିତ ଅଧିଷ୍ଠାତ୍ରୀ ଦେବୀ ମା' ବନଦୁର୍ଗାଙ୍କ ପୀଠର ମୁଖ୍ୟ ପୂଜକ ପ୍ରଶାନ୍ତ କୁମାର ଶତପଥି ତଥା ସମଗ୍ର ଖଣି ଅଞ୍ଚଳରେ ପରିଚିତ ଥିବା ନିଲୁ ବାବାଙ୍କ ପରଲୋକ ହୋଇଛି। ଦୀର୍ଘ ଏକ ବର୍ଷରୁ ଅଧିକ ସମୟ ଧରି ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ସେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ରାତି ୧ଟା ସମୟରେ ତାଙ୍କର ଟେନ୍‌ସା ବାସଭବନରେ ପରଲୋକ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ହୋଇଥିଲା। ତାଙ୍କ ମରଶରୀରକୁ ସ୍ଥାନୀୟ ଲୋକେ ସମ୍ମାନପୂର୍ବକ ଭାବେ ସମଗ୍ର ଟେନସା ପରିକ୍ରମା କରିଥିଲେ। ପରେ ଟେନସା ତାରିଣୀ ମନ୍ଦିର ପ୍ରାଙ୍ଗଣରେ ତାଙ୍କୁ ସମାଧି ଦିଆଯାଇଥିଲା। ଶେଷ ସମୟରେ ତାଙ୍କ ଦୁଇ ପୁତ୍ର ରିଣ୍ଟୁ, ଲିକୁ, ସହଧର୍ମିଣୀ ଏବଂ ତାଙ୍କ ତିନି ଭାଇ, ପରିବାରର ବନ୍ଧୁବାନ୍ଧବ, ଟେନସା, ବାରସୁଆଁ, କୋଇଡା ଆଦି ଅଞ୍ଚଳର ଶତାଧିକ ଲୋକେ ଉପସ୍ଥିତ ଥିଲେ।



# ମା' ବାସୁଲୀଙ୍କ ନବଦିନାତ୍ମକ ଯାତ୍ରା ଉଦ୍‌ଯାପିତ

**ବଣାଇଁ, ୧୫।୪(ସମିସ):** ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିବା ବଣାଇଁର ପ୍ରସିଦ୍ଧ ଚୈତ୍ର ପର୍ବ ତଥା ମା' ବାସୁଲୀଙ୍କ ନବଦିନାତ୍ମକ ଯାତ୍ରା ଉଦ୍‌ଯାପିତ ହୋଇଛି। ଏହି ଅବସରରେ ମା' ବାସୁଲୀ ଦେବୀଙ୍କୁ ବିଭିନ୍ନ ପୂଜା ଓ ଆଚାର-ବିଧି ମଧ୍ୟରେ ଆରାଧନା କରାଯାଇଛି। ମଙ୍ଗଳବାର ଅପରାହ୍ନରେ ମା' ବାସୁଲୀ ପ୍ରଥମେ ବ୍ରାହ୍ମଣୀ ନଦୀ ତୁଠରେ ପୂଜା ଗ୍ରହଣ କରିଥିଲେ। ପରେ କୁଆଁରୀ ମନ୍ଦିର ମାର୍ଗ ଦେଇ ବାହାରିଗଡ଼କୁ ଯାଇଥିଲେ। ଯେଉଁଠାରେ ବିଭିନ୍ନ ମଣ୍ଡଳୀ ପକ୍ଷରୁ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା। ତା'ପରେ ମା' ବାସୁଲୀ ରାଜ ନଅର ସମ୍ମୁଖରେ ଥିବା ପୂଜା ମଣ୍ଡପରେ ଅବସ୍ଥାନ କରିଥିଲେ। ମା'ଙ୍କ ପୂଜାରେ ଛଉ ନୃତ୍ୟ ପ୍ରଦର୍ଶନ ହୋଇଥିଲା। ପୂଜା କାର୍ଯ୍ୟକ୍ରମ ଶେଷ ହେବା ପରେ ମା' ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଉଦ୍‌ଯାପନୀ ଦିବସର ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିଲେ। ପରେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ନିଜସ୍ୱ କଳା ପ୍ରଦର୍ଶନ କରିଥିଲେ।

# ଆଇନ୍ ମହାବିଦ୍ୟାଳୟରେ ରକ୍ତ ଦାନ ଶିବିର

**ରାଉରକେଲା, ୧୫।୪(ସମିସ):** ରାଉରକେଲା ଆଇନ୍ ମହାବିଦ୍ୟାଳୟ ୱାଇଆରସି ଓ ଆଇକ୍ୟୁଏସି ୟୁନିଟ୍‌ର ମିଳିତ ଉଦ୍ୟମରେ ଓ ଅଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ଆଇନ୍ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ. ଯତୀନ୍ଦ୍ର ନାୟକ ଯୋଗଦେଇଥିଲେ। ମହାବିଦ୍ୟାଳୟର ୱାଇଆରସି ପରିଷଦ ସଭ୍ୟା ଅଧ୍ୟାପିକା ଡ.ପ୍ରଜ୍ଞା ପାରମିତା ପଣ୍ଡା, ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ତନ୍ମୟ ରାଜ ପାଢ଼ୀ, ଅଧ୍ୟାପକ ଡ. ବିବେନ୍ଦୁ କୁମାର ପଣ୍ଡା, ପରିଚାଳନା ସମିତିର ସଭ୍ୟା ଛବି ଚକ୍ରବର୍ତ୍ତୀ, ପୂରାତନ ଛାତ୍ର ସଂସଦର ସଭାପତି ସୁମନ ଦତ୍ତ, ପୂରାତନ ଛାତ୍ର ସଂସଦର ସାଂଗଠନିକ ସମ୍ପାଦକ ଦେବାଶିଷ ମହାନ୍ତି ଯୋଗ ଦେଇଥିଲେ। କର୍ମଚାରୀମାନେ ସହଯୋଗ କରିଥିଲେ।

# କଞ୍ଚାମାଲ୍ ପରିଚାଳନା ବିଭାଗର ୨୫ ଠିକା ଶ୍ରମିକ ପୁରସ୍କୃତ



**ରାଉରକେଲା, ୧୫।୪(ସମିସ):** ରାଉରକେଲା ଇସ୍ପାତ କାରଖାନାର କଞ୍ଚାମାଲ ପରିଚାଳନା ବିଭାଗ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଞ୍ଚାମାଲ ପରିଚାଳନା ବିଭାଗର ଜିଏମ ଇନଚାର୍ଜ ଜେଡି ସେଠି ଅଧ୍ୟକ୍ଷତା କରି ୨୫ ଜଣ ଠିକା ଶ୍ରମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଇଲେକଟ୍ରିକାଲ ବିଭାଗର ଜିଏମ ଏସ୍ ରଣା, ମେକନିକାଲ ବିଭାଗର ଜିଏମ, ପିକେ ନାଏକ, ଅପରେସନ ବିଭାଗର ଜିଏମ୍ ଏ. କାର୍ଜୁନ୍, ଏଚଆର ସିଏଲସି, ପ୍ରୋଜେକ୍ଟ, ଟାଉନ୍ ଏବଂ ମେଡିକାଲ୍ ବିଭାଗର ଜିଏମ ଜିଆର ଦାଶଙ୍କ ସମେତ ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀ, ଏଚଆର ସିଏଲସି ପ୍ରତିନିଧି, ସମ୍ପୃକ୍ତ ଠିକାଦାର ଏବଂ ଠିକା ଶ୍ରମିକ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ସେଠି ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏହା କାରଖାନା ଏବଂ ବିଭାଗର ଉତ୍ପାଦନ ତଥା କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବାରେ କିପରି ସାହାଯ୍ୟ କରିଛି ତାହା ଉପରେ ଆଲୋକପାତ କରିଥିଲେ। ଫେଜ-୧, ୨ ଏବଂ ୩ରେ ହାଉସକିପିଂ କ୍ଷେତ୍ରରେ କରାଯାଇଥିବା ପ୍ରଶଂସନୀୟ କାର୍ଯ୍ୟ ଏବଂ ୱାଗନ ଟିପ୍ଲର ଏବଂ ବକେଟ ରିକ୍ଲେମରରେ ଗୁରୁତ୍ୱପୂର୍ଣ୍ଣ ମରାମତି କାର୍ଯ୍ୟ ପାଇଁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିରିକ୍ତ କୋକ୍ ସ୍କ୍ରିନିଂ ପାଇଁ ସିଏଫଓରେ ଏକ ନୂତନ ସ୍କ୍ରିନ୍ ସୁବିଧା ସ୍ଥାପନ କରିବାରେ ମଧ୍ୟ ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନେ ଯଥେଷ୍ଟ ଅବଦାନ ରଖିଥିଲେ। ପ୍ରାରମ୍ଭରେ ଅପରେସନ୍ ବିଭାଗର ଡିଜିଏମ ଏସ୍ ମୁଣ୍ଡା ସମାବେଶକୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

■ ଡାଲମିଆ ସିମେଣ୍ଟର ଗ୍ରାମ ପରିବର୍ତ୍ତନ କାର୍ଯ୍ୟକ୍ରମ

# ୫୪୦୦ରୁ ଊର୍ଦ୍ଧ୍ୱ ପରିବାରକୁ ସଶକ୍ତ କରିଛି ରାଜଗାଙ୍ଗପୁର ପ୍ଲାଣ୍ଟ

**ରାଉରକେଲା, ୧୫।୪(ସମିସ):** ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ ନିର୍ମାତା ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ (ଡିସିବିଏଲ) ନିଜର ଗ୍ରାମ ପରିବର୍ତ୍ତନ କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ରାଜଗାଙ୍ଗପୁର ୟୁନିଟ ଆଖପାଖରେ ଥିବା ସମୁଦାୟଗୁଡିକରେ ଜୀବିକା ବିକାଶକୁ ପ୍ରୋତ୍ସାହିତ କରିବା ଜାରି ରଖିଛି। ଚଳିତ ଆର୍ଥିକ ବର୍ଷରେ ରଜଗାଙ୍ଗପୁର ପ୍ଲାଣ୍ଟ ଏହି କାର୍ଯ୍ୟକ୍ରମ ଜରିଆରେ ୫୪୪୩ଟି ପରିବାରକୁ ଶଶକ୍ତ କରାଇପାରିଛି। ଏହି ପରିବାର ଏବେ ବାର୍ଷିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି। ସୂଚନାନୁଯାୟୀ, ରାଜଗାଙ୍ଗପୁରରେ ୧୦୦୦ରୁ ଅଧିକ ପରିବାର ବାଣିଜ୍ୟିକ ଉଦ୍ଦେଶ୍ୟ ପାଇଁ ଜୈବିକ ପନିପରିବା ଚାଷ ଆପଣାଇଥିବା ବେଳେ ପ୍ରାୟ ୮୦୦ ପରିବାର ଉଭୟ ଆୟ ଓ ପୋଷଣରେ ସମର୍ଥନ ପାଇଁ କିଚେନ ଗାର୍ଡେନ ବିକଶିତ କରିଛନ୍ତି। ପଶୁପାଳନ ଚାଷ ଏକ ପ୍ରମୁଖ ସ୍ତମ୍ଭ ଭାବେ ବଜାୟ ରହିଥିବା ବେଳେ ମୋଟ ୧୧୧୧ ପୋଲ୍‌ଟ୍ରି ୟୁନିଟ, ୯୮୫ ଗୋଟେରୀ ୟୁନିଟ ଓ ୧୭୦ ପିଗେରୀ ୟୁନିଟ ସ୍ଥାପନ କରାଯାଇଛି। ଏହି ପ୍ରୟାସଗୁଡିକୁ ପରିପୂରକ କରି, ଗ୍ରାମାଞ୍ଚଳ ଉଦ୍ୟୋଗିକତାକୁ ମଜବୁତ କରିବା ପାଇଁ ମିଲେଟ ବା ବାଜରା ଚାଷ ୧୦୬ ଏକରରେ ପରିବ୍ୟାପ୍ତ ରହିଛି। ୩୧୫୦୦ରୁ ଅଧିକ ଫଳ ଗଛ ସହିତ ବାଡି ବିକାଶ ୪୨୦ ଏକର ଜମିକୁ କଭର କରିଛି ଏବଂ ୯୨ଟି ଅଣୁ ଉଦ୍ୟୋଗ ସ୍ଥାପନ କରାଯାଇଛି। ଆୟ ବୃଦ୍ଧି କରିବା ପାଇଁ ପ୍ରୋଜେକ୍ଟ ଅନ୍ନଦାତା ଓ ପ୍ରୋଜେକ୍ଟ ହସ୍ତକଳା ଭଳି ପଦକ୍ଷେପଗୁଡିକ ଉଭୟ କୃଷି ଓ ଅଣ-କୃଷି ଜୀବିକାଗୁଡିକୁ ଆଗକୁ ବଢ଼ାଉଛନ୍ତି।



ରାମନବମୀ ଆଖଡ଼ା ଶୋଭାଯାତ୍ରା

# ଶୃଙ୍ଖଳିତ ଦଳ ଭାବେ ୪ ଆଖଡ଼ା କମିଟି ପୁରସ୍କୃତ

**ରାଉରକେଲା, ୧୫।୪(ସମିସ):** ଚଳିତବର୍ଷ ରାଉରକେଲା ମେନ୍ ରୋଡରେ ଅନୁଷ୍ଠିତ ରାମନବମୀ ହନୁମାନ ଆଖଡା ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ୧୫ଟି ଆଖଡା ଦଳଙ୍କ ମଧ୍ୟରୁ ରାଉରକେଲା ପୁଲିସ ପକ୍ଷରୁ ଶୃଙ୍ଖଳିତ ଆଖଡା ଦଳ ଭାବରେ ଚାରୋଟି ଆଖଡା ଦଳଙ୍କୁ ଚୟନ କରାଯାଇଥିଲା। ଆଜି ଏହି ଅବସରରେ ରାଉରକେଲା ପୁଲିସ୍ ମୁଖ୍ୟାଳୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ ଶୋଭାଯାତ୍ରାରେ ଶୃଙ୍ଖଳା ବଜାୟ ରଖି ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଶ୍ରେଷ୍ଠ ବିବେଚିତ ହୋଇଥିବା ୪ ଆଖଡା କମିଟିଙ୍କୁ କପ୍ ଦେଇ ପୁରସ୍କୃତ କରିଥିଲେ। ଏଥିରେ ଗାନ୍ଧୀ ରୋଡର ତ୍ରିନାଥ ଆଖଡା କମିଟି ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା ବେଳେ ଡିଲକ୍ସ ଲେନର ଶିବଶକ୍ତି ଆଖଡା କମିଟି ଦ୍ୱିତୀୟ ସ୍ଥାନ ଏବଂ ବିଶ୍ରା ରୋଡର ମହାବୀର ଆଖଡା କମିଟି ତୃତୀୟ ସ୍ଥାନ ଅଧିକାର କରିଥିବା ପୁରସ୍କୃତ ହୋଇଥିଲେ। ଏଥିସହିତ କୁମ୍ଭାରପଡ଼ାର ବାବା ଶମ୍ଭୁନାଥ ଆଖଡା କମିଟି ଶ୍ରେଷ୍ଠ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସମସ୍ତ ଯୋଗ୍ୟ ବିବେଚିତ ଆଖଡା କମିଟିଙ୍କୁ ରାଉରକେଲା ଏହି ସମ୍ବର୍ଦ୍ଧନା ଉତ୍ସବରେ ରାଉରକେଲା ପୁଲିସର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ମିଶ୍ର, ଶ୍ରାବଣୀ ନାୟକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ପ୍ରଥମ ଥର ପାଇଁ ରାଉରକେଲା ପୁଲିସ୍ ପକ୍ଷରୁ ଏହି ପୁରସ୍କାର ପ୍ରଦାନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏହି ବ୍ୟବସ୍ଥାରେ ପୁରସ୍କାର ପାଇଥିବା ଆଖଡା କମିଟି ବର୍ଷେ ପର୍ଯ୍ୟନ୍ତ ନିଜ ପାଖରେ କପ୍ ରଖିପାରିବେ ଏବଂ ଆଗାମୀ ବର୍ଷର ରାମନବମୀ ଆଖଡା ଶୋଭାଯାତ୍ରା ପୂର୍ବରୁ କପ୍ ଫେରାଇଲେ ଆଗାମୀ ବର୍ଷର ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଶ୍ରେଷ୍ଠ ବିବେଚିତ ଆଖଡା କମିଟି ଏହି କପ୍ ନେବାକୁ ହକଦାର ହେବେ।




# ବିଭିନ୍ନ ସ୍ଥାନରେ ଓଡ଼ିଆ ନବ ବର୍ଷ, ଆମ୍ବେଦକର ଜୟନ୍ତୀ





## 'ନୀଳଶୈଳ'

**ରାଉରକେଲା, ୧୫।୪(ସମିସ):** ରାଉରକେଲା ସହରର ଜଣାଶୁଣା ଓଡିଆ ଭାଷା ସଂସ୍କୃତି ସମ୍ପନ୍ନ ସଂଗଠନ 'ନୀଳଶୈଳ' ପକ୍ଷରୁ ଆମ୍ବବାଗନା ସ୍ଥିତ ଗୁଣ୍ଡିଚା ମନ୍ଦିର ଛକଠାରେ ଓଡିଆ ନବ ବର୍ଷ ଓ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ରଘୁନାଥପାଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଏହାକୁ ଉଦଘାଟନ କରିଥିଲେ। ଏହି ଅବସରରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସମସ୍ତ ପଥଚାରୀଙ୍କୁ ପଣା ବିତରଣ କରାଯାଇଥିଲା। ଏଥିରେ ନୀଳଶୈଳ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ସନ୍ଧ୍ୟାରେ ସେକ୍ଟର-୧୭ ସ୍ଥିତ ନୀଳଶୈଳର କାର୍ଯ୍ୟାଳୟଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ନୀଳଶୈଳ ଅନୁଷ୍ଠାନର ପଶ୍ଚିମାଞ୍ଚଳ ଅଧ୍ୟକ୍ଷା ସୌଭାଗିନୀ ମୁଦାଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଆ ନବ ବର୍ଷ, ପଣା ସଂକ୍ରାନ୍ତି ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏହା କିପରି ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନଧାରାକୁ ସମୃଦ୍ଧ କରିଥାଏ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ 'ନୀଳଶୈଳ'ର ପ୍ରମୁଖ ସଦସ୍ୟ ସମର ନାୟକ, ଅମୂଲ୍ୟ ରାଉତ, ମଝିଆ ପ୍ରଧାନ, ଜିତେନ୍ଦ୍ର ପଣ୍ଡା, ଦିଲିପ ଲେଙ୍କା, ନିରାକାର ଜେନା, ଅଜୟ ରାୟ, ଦେବାଶିଷ ନାୟକ, ପ୍ରଦୋଷ ନାୟକ, ସନ୍ତୋଷ ପଲାଇ, ଝୀଲିମା ମହାନ୍ତି, ସତ୍ୟଭାମା ଖୁଣ୍ଟିଆଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଡିଏଭି ପବ୍ଲିକ ସ୍କୁଲ

ବାସନ୍ତୀ କଲୋନୀ ସ୍ଥିତ ଡ. ଏଏନ୍‌କେ ଡିଏଭି ପବ୍ଲିକ ସ୍କୁଲରେ ରାଉରକେଲାର ଅଧ୍ୟକ୍ଷ ଲୋକନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ନବବର୍ଷ ଏବଂ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ବୃକ୍ଷକୁ ଠେକି ଦ୍ୱାରା ଜଳ ଦେଇ ବିଦ୍ୟାଳୟର ଅଧ୍ୟକ୍ଷ ଲୋକନାଥ ପ୍ରଧାନ ଦେବା ପଣା ସଂକ୍ରାନ୍ତି ଏବଂ ଓଡିଆ ନବବର୍ଷକୁ ପାଳନ କରିଥିଲେ। ଏହି ଅବସରରେ ଅତିଥି ଭାବେ ଏଲ୍‌ଏମ୍‌ସି ମେମ୍ବର ଙ୍ଗ ଆର୍‌ଏନ୍ ମିଶ୍ର, ଏସ୍‌କେ ଯୋଶୀ, ରାଜେଶ ମାଲହୋତ୍ରା ଉପସ୍ଥିତ ଥିଲେ। ସ୍କୁଲର ସୋସିଆଲ ସାଇନ୍ସ ଡିପାର୍ଟମେଣ୍ଟର ସମସ୍ତ କର୍ମକର୍ତ୍ତାଙ୍କ ଦ୍ୱାରା ଆମ୍ବେଦକର ଜୟନ୍ତୀ ପାଳନ କରାଯାଇଥିଲା। ପରେ ପରେ ବିଦ୍ୟାଳୟର ତ୍ରୈମାସିକ ପତ୍ରିକା 'ପରଖ'କୁ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହାୟତାରେ ପଣା ପ୍ରସ୍ତୁତ କରାଯାଇ ମୁଖ୍ୟ ରାସ୍ତାରେ ଯାଉଥିବା ସାଧାରଣ ଲୋକଙ୍କୁ ବଣ୍ଟନ କରାଯାଇଥିଲା। ଗ୍ରୀଷ୍ମର ଉତ୍ତାପକୁ ଆଖି ଆଗରେ ରଖି ବିଦ୍ୟାଳୟର ସହ ସଂଯୋଜକ ବିଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଜଳଛତ୍ରର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ପ୍ରବୀର କୁମାର ମିଶ୍ର ଏହାକୁ ପରିଚାଳନା କରିଥିଲେ।

## ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ: କମର୍ଦ୍ଦା ଚାମ୍ପିଅନ



ବାଲିଆପାଳ,୧୫।୪(ସମସ): ବାଲିଆପାଳ ବ୍ଲକ୍ ନିଖିରା ପଞ୍ଚାୟତ ହାକାଣ୍ଡ ଘାଟ ପଡ଼ିଆରେ ବାବା ନିଖିରେଶ୍ୱରଙ୍କ ପ୍ରସିଦ୍ଧ ଚଡ଼କ ମେଳା ଉପଲକ୍ଷେ ମଙ୍ଗଳବାର ମୈତ୍ରୀ କ୍ଲବ୍ ଆନୁକୂଲ୍ୟରେ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରି ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କର ଉନ୍ନତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୋବିନ୍ଦ ପ୍ରସାଦ ଦାସ, ଶ୍ରୀରାମପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଜୟକୃଷ୍ଣ ବେହେରା, ନିଖିରା ପଞ୍ଚାୟତ ପୂର୍ବତନ ସରପଞ୍ଚ ସପନ ଦାସ, ଯୁବନେତା ଜୟନାରାୟଣ ଜେନା, କୀର୍ତ୍ତନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ମୟୂରଭଞ୍ଜ, ନିଖିରା, ଘଣ୍ଟୁଆ, ପାଇକ ସାହି, କମର୍ଦ୍ଦା, ଉଗରା, ଶଶିଦା, ଜାମକୁଣ୍ଡା, ଦରଡ଼ା ପ୍ରଭୃତି ୯ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳରେ ନିଖିରା ଦଳକୁ ହରାଇ କମର୍ଦ୍ଦା ଚାମ୍ପିଅନ ହୋଇଥିଲା। ଖେଳ ଶିକ୍ଷକ ରଞ୍ଜନ ସାହୁ, ବିକାଶ ଅଣ୍ଡିଆ ଖେଳକୁ ପରିଚାଳନା କରିଥିଲେ। ନିଖିରା ମୈତ୍ରୀ କ୍ଲବ୍‌ର ସଭାପତି ପ୍ରସନ୍ନ ଗିରି, ଅଜୟ କୁମାର ଗିରି, ଶିବ ଶଙ୍କର ଗିରି, ଉମେଶ ଗିରି, ଶ୍ରୀଧର ଗିରି, ପ୍ରଦୀପ୍ତ ଗିରି, ଦେବାଶିଷ ଗିରି, ଝୁନା, ରୁଟୁ, ସମ୍ପଦା, ଗୁପା, ମୃଷା, ଆଲୋକ ଏବଂ ଅନ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଧରାପଡ଼ିଲା 'କିଙ୍ଗ ଇଜ୍ ଲଭ' ଗ୍ୟାଙ୍ଗର ବାଂଲାଦେଶୀ ଯୁବତୀ



**ଚଳାଉଥିଲା ସେକ୍ସ ରାକେଟ୍, ପ୍ରସ୍ତୁତ କରୁଥିଲା ଜାଲ୍ ଆଧାରକାର୍ଡ**

ବାଲେଶ୍ୱର,୧୫।୪(ସମିସ)

ବାଲେଶ୍ୱର ଏବେ ଅପରାଧୀଙ୍କ ଭୂସ୍ୱର୍ଗ ପାଲଟିଥିବାବେଳେ ଆଜି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ବାଂଲାଦେଶର ଜଣେ ଯୁବତୀ ବାଲେଶ୍ୱରରେ ନକଲି ଆଧାର କାର୍ଡ ତିଆରି କରି ଦୀର୍ଘଦିନ ଧରି ରହି ସେକ୍ସ ରାକେଟ ଚଳାଇ ଆସୁଥିବା ବେଳେ ଆଜି ସହଦେବଖୁଣ୍ଟା ପୁଲିସ ହାବୁଡ଼ରେ ପଡ଼ିଛି। ଏପରିକି ସେ କିଙ୍ଗ ଇଜ୍ ଲଭ୍ ଗ୍ୟାଙ୍ଗର ବୋଲି ମଧ୍ୟ ଜଣାଯାଇଛି। ଫଳରେ ପୁଲିସ ତାକୁ ଅଟକ ରଖିଥିବାବେଳେ ସେ ବାଂଲାଦେଶ ଢାକା ଜିଲ୍ଲାର ସିଲା ଅକ୍ତର (ପଲି ବେଗମ) ବୋଲି ଜଣାପଡ଼ିଛି। ହେଲେ ସେ ସହଦେବଖୁଣ୍ଟା ଅଞ୍ଚଳରେ ରହୁଥିବାବେଳେ ନିଜକୁ ବସ୍ତା ପାଉଁଶକୋଇଲି ଅଞ୍ଚଳର ଦର୍ଶାଇ ନିଜକୁ ପ୍ରିୟା ସାହୁ ବୋଲି କହୁଥିବା ଜଣାଯାଇଛି। ଏପରିକି ସେ ନକଲି ଆଧାରକାର୍ଡ ମଧ୍ୟ ତିଆରି କରିଥିବା ବେଳେ ସେକ୍ସ ରାକେଟ ଚଳାଉଥିବା ଜଣାପଡ଼ିଛି। ଏ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ବାଂଲାଦେଶର ଯୁବତୀ ସିଲା ଅକ୍ତର ଦୀର୍ଘବର୍ଷ ହେବ ବାଲେଶ୍ୱରରେ ରହି ଆସୁଛି। ଏପରିକି ୨୦୨୩ ମସିହାରେ ଶିଲା ଦେହ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଥିଲା। ଶିଲା କିଙ୍ଗ ଇଜ୍ ଲଭ୍ ନାମକ ଏକ ଗ୍ୟାଙ୍ଗର ସଦସ୍ୟ ଭାବେ କାର୍ଯ୍ୟ କରୁଥିଲା ବୋଲି ଜଣାଯାଇଛି। ତେବେ ତାଙ୍କ ରୁମ୍ ପାର୍ଟନରଙ୍କ ଏକ ମୋବାଇଲ ଚୋରି ହୋଇଥିବା ନେଇ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିବାକୁ ତାଙ୍କ ସହ ଆସିଥିଲେ। ଆଜି ସେ ନାରୀ ସଂଘ ଶକ୍ତି ସଦନରୁ ଅନ୍ୟ ଏକ ମାମଲାରେ ଥିବା ଜଣେ ଝିଅକୁ ନେବାକୁ ଆସିଥିବା ବେଳେ ପୁଲିସ ସେଠାରୁ ତାଙ୍କୁ ଥାନାକୁ ନେଇଯାଇଥିଲା। ଏହାପୂର୍ବରୁ ମଧ୍ୟ ସେ ନାରୀ ସଦନରେ ମଧ୍ୟ ରହିଥିଲା। ତେବେ ନାରୀ ସଂଘର ସଭାପତି ଗୋପାମୁଦ୍ରା ମହାପାତ୍ର କହିଛନ୍ତି ଯେ, ସହଦେବଖୁଣ୍ଟା ପୁଲିସ ଏକ ଝିଅକୁ ଆଣି ଏଠାରେ ଛାଡ଼ିଥିଲା। ହେଲେ ନାରୀସଂଘ ପକ୍ଷରୁ ତାଙ୍କ ଠିକଣା ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଆଜି ଶିଲା ତାକୁ ନେବାକୁ ନାରୀ ସଂଘକୁ ଆସିଥିବାବେଳେ ତାକୁ ଦେଖି ସନ୍ଦେହ ହେବାରୁ ତାଙ୍କ ସମ୍ପର୍କରେ ଖୋଳତାଡ଼ କରିଥିଲେ। ତେବେ ୨୦୨୩ମସିହାରେ ସେ ଏଠାରେ ରହୁଥିଲା ବୋଲି କହିବା ପରେ ବାଂଲାଦେଶୀମାନେ ଏଠାରେ ଜାଲ କାଗଜପତ୍ର କରି ରହି ବହୁ ଅନୈତିକ କାର୍ଯ୍ୟରେ ଲିପ୍ତ ହେଉଥିବା ଜଣାପଡ଼ିଛି। ଏଣୁ ସେ ତୁରନ୍ତ ଲିଖିତ ଭାବେ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିବା ପରେ ସହଦେବଖୁଣ୍ଟା ପୁଲିସ ଶିଲାକୁ ନେଇ ଥାନାରେ ଅଟକ ରଖିଛି ବୋଲି କହିଛନ୍ତି।

## ଗତିପୁରରେ ଚଡ଼କ ପର୍ବ ସମ୍ପନ୍ନ

ବାଲିଆପାଳ,୧୫।୪(ସମସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ପ୍ରମୁଖ ଶୈବପୀଠ ମଧ୍ୟରୁ ଜଗତିପୁର ଠାରେ ଥିବା ଜଗତେଶ୍ୱର ଏବଂ ରତ୍ନେଶ୍ୱରଙ୍କର ମୁଣ୍ଡରେ ଝୁଣା ସରା ମୁଣ୍ଡାଇ ମନ୍ଦିର ପର୍ଯ୍ୟନ୍ତ ଆସି ମନ୍ଦିର ପରିକ୍ରମା କରିଥିଲେ। ଏଇ ପୀଠ ଦୁଇଟି ପାଖାପାଖି ରହିଥିବାରୁ ଠାକୁରଙ୍କର ନୀତିକାନ୍ତି ଏକା ସମୟରେ ହୋଇଥାଏ। ମହାଦେବଙ୍କର ଜାହିରା ରହିଥିବାରୁ ଏଠାରେ ବହୁ ଭକ୍ତ ଉପବୀତ ଧାରଣ କରିଥାନ୍ତି। ସବୁଠାରୁ ବିଶେଷ ଆକର୍ଷଣ ଥମ୍ବିକାଠ ସହ ନିଜ ଦେହକୁ ଗାମୁଛାରେ ବାନ୍ଧି ଉଡ଼ିଥାନ୍ତି ଭକ୍ତାମାନେ।



ମଙ୍ଗଳବାର ଚଡକ ଯାତ୍ରା ସମ୍ପନ୍ନ ହୋଇଛି। ଏହି ପୀଠରେ ୧୩ ଦିନ ଧରି ବ୍ରତଧାରୀ ଅପରାହ୍ଣରେ ଏକ ଶୋଭାଯାତ୍ରାରେ ରତାଇସ୍ଥିତ ହାକାଣ୍ଡ ପୋଖରୀକୁ ଯାଇଥିଲେ। ପରମ୍ପରା ଅନୁଯାୟୀ ମାଳଚନ୍ଦିନୀ ହେବା ପରେ ମାନସିକ ପୂରଣ କରିବା ପାଇଁ କେତେକ ଭକ୍ତା ଜିଭ ଏବଂ ପିଠିରେ ଲୁହା କଣ୍ଟା ଫୋଡ଼ି ବାଦ୍ୟର ତାଳେତାଳେ ମନ୍ଦିର ପାଖକୁ ଆସିଥିଲେ। ସେହିପରି ମହିଳା ଭକ୍ତା ପାଟ ଭକ୍ତା ସନାତନ ରାଉତ, ଘଟୁଆଳ ଗୌର ବାରିକ, ଜନ୍ମଞ୍ଜୟ ବାରିକ, ଅରୁଣ ଜେନା, ନଳିନୀକାନ୍ତ ଜେନା, ସୃଷ୍ଟିଧର ରାଉତ ପ୍ରମୁଖ ଏବଂ ମୁଖ୍ୟ ପୂଜକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଥିବାବେଳେ ଜଗତିପୁର ଗ୍ରାମର ଭକ୍ତିପଦ ପଣ୍ଡା, ସରପଞ୍ଚ ସୁବାସ ବେହେରା, ସମିତି ସଭ୍ୟ ଶାନ୍ତନୁ ମହାପାତ୍ର, ସଂଗ୍ରାମ ପରିଡ଼ା, ରତିକାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାର୍ବଜନୀନ ହନୁମାନ ଜୟନ୍ତୀ ପାଳିତ

ଜଳେଶ୍ୱର,୧୫।୪(ସମିସ): ହନୁମାନ ଜୟନ୍ତୀ ଉପଲକ୍ଷେ ଜଳେଶ୍ୱର ବଜରଙ୍ଗ ଦଳ ପ୍ରଖଣ୍ଡ ପକ୍ଷରୁ ସାର୍ବଜନୀନ ଶ୍ରୀହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରାଜ କୁମାର ପରିଡ଼ାଙ୍କ ସହଯୋଗରେ ଏକ ବାଇକ ଶୋଭାଯାତ୍ରା ଶେଖସରାଇ ହନୁମାନ ମନ୍ଦିର ପାଖରୁ ଜଳେଶ୍ୱର ବାସନ୍ତି ପଡ଼ିଆ ନିକଟ ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ଆସିଥିଲା। ପରେ ମଙ୍ଗଳା ମନ୍ଦିର ପରିସରରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ଏହି ସଭାରେ ବଜରଙ୍ଗ ଦଳର ସଭାପତି କପିଳେଶ୍ୱର ମହାନ୍ତି ସଭାପତିତ୍ୱ କରିଥିବାବେଳେ କାଉନସିଲର ଚନ୍ଦନ କୁମାର ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ, ବରିଷ୍ଠ ସଦସ୍ୟ ସମୀର କୁମାର ପାତ୍ର, ଜଗନ୍ନାଥ ପରିଡ଼ା, ବିକାଶ ଧର, ରାମ ଭରଷ ସାହୁ, ସଂଗ୍ରାମ ଜେନା, ସାଗର ଦାସ, ଗଜେନ୍ଦ୍ର ଖମାରୀ, ଅନନ୍ତ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

## କମ୍ୟୁନିଷ୍ଟ ନେତା ନେତା ଦୁର୍ଗା ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା

ନୀଳଗିରି,୧୫।୪(ସମିସ): ନୀଳଗିରି ବ୍ଲକ୍ ସଜନାଗଡ଼ ପଞ୍ଚାୟତର ଭାଲୁକାଶୁଣି ଗାଁରେ ଜନ୍ମିତ କମ୍ୟୁନିଷ୍ଟ ପାର୍ଟିର ନେତା ଦୁର୍ଗା ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା ସାଥୀ ରାମଚନ୍ଦ୍ର ସିଂଙ୍କ ସଭାପତିତ୍ୱରେରେ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗା ସିଂ ଆଦିବାସୀ ଲୋକଙ୍କ ଭିତରେ ନେତୃତ୍ୱ ନେଉଥିଲେ। ସେ କୁଲଡିଆ ଅଭୟାରଣ୍ୟ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ଉପସ୍ଥିତ ରହି ସାଥୀ ଦୁର୍ଗା ସିଂଙ୍କ କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ। ଉକ୍ତ



ସଭାରେ ଲକ୍ଷ୍ମଣ ସ, ଶ୍ୟାମ ସିଂ, ଅମରେନ୍ଦ୍ର ନାୟକ, ଲକ୍ଷ୍ମୀଧର ସାହୁ, ଭୀମ ସିଂ, ପୁରୁଷୋତ୍ତମ ଖଣ୍ଡେଇ, ଗଜେନ୍ଦ୍ର ସିଂ, ଯାମିନୀ ହାଁସଦାଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

### ଏଫ୍‌ଏମ୍ କଲେଜ ଛାତ୍ରୀ ନିର୍ଯାତନା ଘଟଣା

## ଆନ୍ଦୋଳନ ଚେତାବନୀ ଦେଲେ ଛାତ୍ରନେତା

ବାଲେଶ୍ୱର,୧୫।୪(ସମିସ): ଏଫଏମ୍ କଲେଜ ଛାତ୍ରୀ ନିର୍ଯାତନା ମାମଲାକୁ ନେଇ ପ୍ରତିବାଦ କରିଛି ଛାତ୍ର ବିଜେଡି। ସମସ୍ୟାର ନିରପେକ୍ଷ ତଦନ୍ତ, କାର୍ଯ୍ୟାନୁଷ୍ଠାନ ଏବଂ ସମାଧାନ ନେଇ ଦାବି ରଖିଛି। ଏ ନେଇ କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ବିଜେଡି ଛାତ୍ର ନେତା ହରେକୃଷ୍ଣ ପ୍ରଧାନ ବୁଧବାର ଏଫ୍‌ଏମ୍ କଲେଜ ଅଧ୍ୟକ୍ଷ ଡ. ଦୀନେଶ ଚନ୍ଦ୍ର ଦାସ, ବାଲେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ହେମନ୍ତ ଘଡ଼ାଇ, ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ବାଲେଶ୍ୱର ପୁଲିସ ଅଧକ୍ଷ ପ୍ରତ୍ୟୁଷ ଦିବାକରଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଦେଇଛନ୍ତି। ଘଟଣାକୁ ଗୁରୁତର ଭାବେ ଗ୍ରହଣ କରିବା ସହ ଏହାର ଆଶୁ ସମାଧାନ ପାଇଁ ଦାବି କରିଛନ୍ତି। ଯଦି ଏହା ନହୁଏ, ତେବେ ବିଦ୍ୟାର୍ଥୀଙ୍କ ସାମୂହିକ ସ୍ୱାର୍ଥ ଓ ମହାବିଦ୍ୟାଳୟର ସମ୍ମାନ ବଞ୍ଚାଇବାକୁ ଯାଇ ଛାତ୍ର ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟାନ୍ୟ ଛାତ୍ରନେତାଙ୍କ ମଧ୍ୟରେ ଶିବ ଶଙ୍କର ପରିଡ଼ା, ସୁବ୍ରତ ବାଗ, ଶୁଭମ ନାୟକ, ରାଜକିଶୋର ବେହେରା, ସୁବାସ ଗିରି ପ୍ରମୁଖ ଛାତ୍ର ଆନ୍ଦୋଳନ ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପ୍ରକାଶ ଥାଉକି, ଛାତ୍ରୀ ନିର୍ଯାତନା ଅଭିଯୋଗ ନେଇ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଏଥର ଓଡ଼ିଆ ବିଭାଗର ଜଣେ ଛାତ୍ରୀ ନିଜର ନାମ ଗୋପନ ରଖି ବିଭାଗର ମୁଖ୍ୟ ତଥା ଆସିଷ୍ଟାଣ୍ଟ ପ୍ରଫେସର ଡ. ସନ୍ତୋଷ କୁମାର ନାୟକଙ୍କ ବିରୋଧରେ ନିର୍ଯାତନା ନେଇ ଅଭିଯୋଗ ଆଣିଛନ୍ତି। ପୂର୍ବରୁ ଏହିଭଳି ଅଭଯୋଗ ନେଇ କଲେଜରେ ବଡ଼ଧରଣର କ୍ଷତି ହେବା ସହ ଏକ ଅମୂଲ୍ୟ ଜୀବନ ନଷ୍ଟ ହୋଇଥିଲା ବୋଲି ଅଭିଯୋଗ ହୋଇଛି।

## ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ଭୋଗରାଇ,୧୫।୪(ସମିସ): ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ଭୋଗରାଇର ୫୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁବ୍ରତ କୁମାର ପ୍ରଧାନ ଓ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷକ ନେତା ନଟରଞ୍ଜନ ଘରାଇ ଏଥିରେ ଯୋଗଦେଇ ୫୨ବର୍ଷର ଐତିହ୍ୟ ସମ୍ପନ୍ନ ଉକ୍ତ ଅନୁଷ୍ଠାନର ସ୍ୱର୍ଣ୍ଣିମ ଅଧ୍ୟାୟ, ସମାଜ ପାଇଁ ସଂସ୍କୃତ ଭାଷାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶମ୍ଭୁନାଥ ସାହୁ, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ପୁରାତନ ଛାତ୍ର ଦେବଶଙ୍କର ଦାଶ ଓ ସାମ୍ବାଦିକ ବିକାଶ ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏହି ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରଛାତ୍ରୀ ଶିକ୍ଷକ ପଞ୍ଚାନନ ବଡ଼ାଇ, ଶିକ୍ଷୟିତ୍ରୀ ଶ୍ରୀଦେବୀ ଗଙ୍ଗାଇ, ଶିକ୍ଷକ ପ୍ରଦୀପ କୁମାର ବାନାର୍ଜୀ ଓ କମଳ ଲୋଚନ ଦାସ ତଥା ଅବସରପ୍ରାପ୍ତ ଅଣଶିକ୍ଷକ କର୍ମଚାରୀ ବିନୟ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ଦେବାଶିଷ ଚକ୍ରବର୍ତ୍ତୀ ଓ ଗଗନ ବିହାରୀ ପଣ୍ଡା ମଙ୍ଗଳା ଚରଣ ପାଠ କରିଥିବା ବେଳେ ଅଧ୍ୟାପକ ପଦ୍ମଲୋଚନ ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପକ ସମୀର କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଚଳିତ ବର୍ଷର ମୁଖପତ୍ର 'ବିବୁଧା ମୋଦିନି' ଉନ୍ମୋଚିତ ହୋଇଥିଲା। ଅଧ୍ୟାପକ ବିନୋଦ ବିହାରୀ ଜେନା, କହ୍ନେଇଲାଲ ଧରୁଆ, ଗାୟତ୍ରୀ ହେମ୍ବ୍ରମ, ବନସ୍ମିତା ନାୟକ, ଦେବବ୍ରତ ମିଶ୍ର, ବିଶ୍ୱଜିତ ଦତ୍ତ, ଅର୍ଦ୍ଧେନ୍ଦୁ ମୁଖାର୍ଜୀ, ଶକ୍ତିମାନ ମିଶ୍ର, ଶିବଶଙ୍କର ପରମାଣିକ ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପରିଚାଳନା କରିଥିଲେ।

## ଓଡ଼ିଆ ନବବର୍ଷ ପାଳିଲା ବିଜେଡି

ବାଲେଶ୍ୱର(ଉତ୍ତର),୧୫।୪(ସମିସ): ଭୋଗରାଇ ବିଜେଡି ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଗତ ମଙ୍ଗଳବାର ଅପରାହ୍ଣରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ରସିଦପୁର ଶ୍ରୀଜଗନ୍ନାଥ କୃପାକ୍ଷେତ୍ର ପରିସରରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇଥିଲେ। ବିଜେଡି ସଭାପତି ରମାକାନ୍ତ କରଣଙ୍କ ସଭାପତିତ୍ୱ ଏବଂ ବରିଷ୍ଠ ବିଜେଡି ନେତା ନଳିନୀ ସେଠୀଙ୍କ ସଞ୍ଚାଳନରେ ଏହି ସଭାରେ ମୁଖ୍ୟ



ଅତିଥି ଭାବେ ଶ୍ରୀ ଦାସ ଯୋଗ ଦେଇ ଆମ ପୂର୍ବସୁରୀଙ୍କ ବଳିଷ୍ଠ ଚାରୁକଳା, ଭାସ୍କର୍ଯ୍ୟ ଓ ଉତ୍କଳୀୟ ସଂସ୍କୃତି ଓ ବୀରତ୍ୱ ତଥା ନେତୃତ୍ୱର ପରମ୍ପରା ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେଉଛି ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମର ଗିରି, ଜିଲ୍ଲାପରିଷଦ ସଦସ୍ୟା କବିତା ମହାନ୍ତି, ଦମୟନ୍ତୀ ସାହୁ, ପ୍ରତିମା ଚାନ୍ଦ, ସମିତି ସଦସ୍ୟ ଶୀର୍ଷେନ୍ଦୁ ମହାନ୍ତି, ସରପଞ୍ଚ ଅଶୋକ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଛାତ୍ରୀଙ୍କ ପକ୍ଷରୁ ଆକର୍ଷଣୀୟ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ଏହି ଓଡ଼ିଆ ନବବର୍ଷରେ ବିଜେଡିର ବହୁ ବରିଷ୍ଠ ନେତୃମଣ୍ଡଳୀ, କର୍ମୀ ଓ ମହିଳାମାନେ ଯୋଗ ଦେଇଥିଲେ।

## ନିଖୋଜ ବାଳକର ମୃତଦେହ ମିଳିଲା

ଜଳେଶ୍ୱର,୧୫।୪(ସମିସ): ମିଳିଲା ନିଖୋଜ ବାଳକର ମୃତଦେହ। ଗତକାଲି ସୁବର୍ଣ୍ଣରେଖା ନଦୀର ଦାରବୁଡ଼ି ଘାଟରେ ନଦୀ ପାର ହେଉଥିବା ବେଳେ ଗୋଡ଼ ଖସି ନିଖୋଜ ହୋଇଯାଇଥିବା ନାବାଳକର ମୃତଦେହକୁ ଅଗ୍ନିଶମ ବିଭାଗ ଆଜି ଉଦ୍ଧାର କରିଛି। ନଦୀ ଘାଟରେ ଶହଶହ ଲୋକ ରୁଣ୍ଡ ହୋଇଥିବା ବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତକାଲି ପଣା ସଂକ୍ରାନ୍ତି ଉପଲକ୍ଷେ ଏହି ନଦୀଘାଟରେ ଲୋକମାନେ ଶ୍ରାଦ୍ଧ ଦେବା ସହିତ ବୁଡ଼ ପକାଉଥିଲେ। ଏହି ଉପଲକ୍ଷେ ଆୟୋଜିତ ଏକ ବାଲିମେଳା ମଧ୍ୟ ଏଠାରେ ଲାଗିଥିଲା। ଜଳେଶ୍ୱର ଥାନା ଗୋବର୍ଦ୍ଧନପୁର ଗ୍ରାମର ଚିତ୍ରମ ନାଥଙ୍କ ୧୫ ବର୍ଷୀୟ ନାବାଳକ ପୁତ୍ର ସୁନୀଲ ୩ ଜଣ ସାଙ୍ଗଙ୍କ ସହିତ ମେଳା ଦେଖିବାକୁ ଆସିଥିଲା। ଘରକୁ ଫେରିବା ବେଳେ ଡଙ୍ଗାରେ ନଦୀ ପାର ନ ହୋଇ ଅଳ୍ପ ପାଣି ଥିବାରୁ ସାଙ୍ଗମାନଙ୍କ ସଙ୍ଗରେ ହାତ ଧରାଧରି ହୋଇ ନଦୀ ପାର ହେଉଥିଲେ। ତେବେ ହାତରେ ଧରିଥିବା ଜୋତା ଖସିପଡ଼ିବାରୁ ସାଙ୍ଗ ମାନଙ୍କ ହାତ ଛାଡ଼ି ଜୋତା ଆଣିବାକୁ ଯାଇ ସ୍ରୋତରେ ପଡ଼ିଯାଇଥିଲା। ସାଙ୍ଗମାନେ ଚେଷ୍ଟା କରି ମଧ୍ୟ ତାକୁ ଉଦ୍ଧାର କରିପାରି ନଥିଲେ। ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ ଆସି ଖୋଜାଖୋଜି କରି ପାଇ ନଥିଲା। ଆଜି ପୁଣି ଅଗ୍ନିଶମ ବିଭାଗ ଓ ଓଡ୍ରାଫ ପକ୍ଷରୁ ଖୋଜାଖୋଜି କରି ସେହି ସ୍ଥାନରୁ ତାର ମୃତଦେହ ଉଦ୍ଧାର କରିଥିଲା। ପରିତାପର ବିଷୟ ଗତ ୫ବର୍ଷ ପୂର୍ବେ ସେହି ସ୍ଥାନରେ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବାକୁ ଯାଇ ସୁନୀଲର ବଡ଼ ଭାଇ ନଦୀରେ ବୁଡ଼ିଯାଇ ମୃତ୍ୟୁବରଣ କରିଥିଲେ। ପୁଲିସ ତରଫରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଗାଁ ଭିତରୁ ମୟୂର ଉଦ୍ଧାର କଲା ବନବିଭାଗ

ଲଙ୍ଗଳେଶ୍ୱର/ ବାଲିଆପାଳ,୧୫।୪ (ସମିସ): ବାଲିଆପାଳ ଥାନା ହାସିମପୁର ଗ୍ରାମରୁ ଏକ ମୟୂର ଉଦ୍ଧାର କରିଛି ଲଙ୍ଗଳେଶ୍ୱର ବନ ବିଭାଗ। ଆଜି ସନ୍ଧ୍ୟାରେ ହାସିମପୁର ଗ୍ରାମରେ ଏକ ମୟୂର ବୁଲୁଥିବା ଦେଖି ଗ୍ରାମବାସୀ ଲଙ୍ଗଳେଶ୍ୱର ବନବିଭାଗକୁ ଖବର ଦେଇଥିଲେ। ଖବର ପାଇ



ଲଙ୍ଗଳେଶ୍ୱର ଫରେଷ୍ଟର ମନୋଜ କୁମାର ଧଡ଼ା, ସାଗରିକା ସିଂ, ମନୋଜ କୁମାର ମହାଳିକ ଏବଂ ଅନ୍ୟ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୟୂରକୁ ଉଦ୍ଧାର କରି ଲଙ୍ଗଳେଶ୍ୱର ଫରେଷ୍ଟ ଅଫିସରେ ରଖିଥିବାବେଳେ ଡିଏଫ୍‌ଓଙ୍କ ତତ୍ତ୍ୱାବଧାନରେ ମୟୂରଟିକୁ କୁଲଡିହା ଅଭୟାରଣ୍ୟରେ ଛଡ଼ାଯିବ ବୋଲି ସୂଚନା ଦେଇଛନ୍ତି।

## ରାୟାଁରାମଚନ୍ଦ୍ରପୁରରେ ବାଲିମେଳା

ଜଳେଶ୍ୱର,୧୫।୪(ସମିସ): ମହାବିଷୁବ ସଂକ୍ରାନ୍ତିରେ ନଦୀଘାଟରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବାର ପରମ୍ପରା ରହିଥିବାବେଳେ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ଘାଟରେ ପିଣ୍ଡଦାନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ରାୟାଁରାମଚନ୍ଦ୍ରପୁର ପଞ୍ଚାୟତର ସୁବର୍ଣ୍ଣରେଖା ନଦୀକୂଳରେ ହଜାର ହଜାର ଶ୍ରଦ୍ଧାଳୁ ପିଣ୍ଡଦାନ ଦେଇଥିଲେ। ଏହି ଉପଲକ୍ଷେ ସେଠାରେ ନଦୀବାଲିରେ ୩ ଦିନ ବ୍ୟାପି ମେଳା ଅନୁଷ୍ଠିତ ହେଉଥିବାରୁ ବିଭିନ୍ନ ପଞ୍ଚାୟତରୁ ଲୋକମାନେ ଆସିଥାନ୍ତି। ମେଳାରେ ସ୍ଥାନୀୟ ବିଭିନ୍ନ ପ୍ରକାର



ଖାଦ୍ୟ, କଳା ଦେଖିବାକୁ ମିଳୁଥିବାବେଳେ ଆଲୋକ ମାଳାରେ ସଜାଯାଇଛି। ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ବ୍ଲକ୍‌ସ୍ତରୀୟ ମାନ୍ୟଗଣ୍ୟ ନେତୃମଣ୍ଡଳୀ ଓ ଜନସାଧାରଣ ଯୋଗଦେଇଥାନ୍ତି। ଏହି କାର୍ଯ୍ୟକୁ ସରପଞ୍ଚ ପ୍ରତିନିଧି ପ୍ରବୀର ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମ୍ୟ କମିଟି ସଭାପତି ଦେବବ୍ରତ ନନ୍ଦ, ବାର୍ ସଭାପତି କୁଞ୍ଜବିହାରୀ ଦାସ, ଶୁଭସ୍ମିତା ଦାସ, ବିନୋଦ ଗିରି, ସପନ ଦାସ, ଭୁଷଣ କାନୁନ୍‌ଗୋ, ବଳରାମ ବେହେରା, ନିତ୍ୟଗୋପାଳ ଦାସ, ବୈଦ୍ୟ ରାଉତ, ଭଗିରଥ ପାଳ, ବରେନ୍ଦ୍ର ଦାସ, ଜଳଧର ଜେନା, ପ୍ରସାଦ ଜେନା, ରତ୍ନାକର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଦାତବ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ ମାନ୍ୟତା ଦାବି

ନୀଳଗିରି,୧୫।୪(ସମିସ)



**ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର**

୨୦୦୪ମସିହାରେ ୭ଟି ପଞ୍ଚାୟତବାସୀଙ୍କ ପାଇଁ ଏକ ଦାତବ୍ୟ ଚିକିତ୍ସାଳୟ ଖୋଲିଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ଦୂରତା ୧୦ରୁ ୧୫କି.ମି ହୋଇଥିବାରୁ ଦୈନନ୍ଦିନ ଶହଶହ ସଂଖ୍ୟାର ରୋଗୀ ଏହି ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି। ମାତ୍ର ଉକ୍ତ ଅଞ୍ଚଳରେ ଖୋଲିଥିବା ୭୦ରୁ ୮୦ଟି ଖାଦାନ ରାଜ୍ୟସରକାର ବନ୍ଦକରିଦେବା ଫଳରେ ଅଞ୍ଚଳର ଆର୍ଥିକମାନଦଣ୍ଡ ଦୁର୍ବଳ ହୋଇପଡ଼ିଲା। ତେଣୁ ଉକ୍ତ ଦାତବ୍ୟ ଚିକିତ୍ସାଳୟ ଚଳାଇବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା। ତଥାପି କିଛି ସହୃଦୟ ବ୍ୟକ୍ତିଙ୍କ ଅବଦାନରେ ଚିକିତ୍ସାଳୟଟି ଏପର୍ଯ୍ୟନ୍ତ ଚାଲିଥିଲେ ମଧ୍ୟ ଖୁବଶୀଘ୍ର ଏହା ବନ୍ଦ ହେବାକୁ ଯାଉଛି। ତେବେ ଅଞ୍ଚଳବାସୀଙ୍କ ଦାନରେ ଉକ୍ତ ଚିକିତ୍ସାଳୟର ନିଜସ୍ୱ ୧ଏକର ୮୦ଡିସିମିଲ ଜାଗା ରହିଥିବା ବେଳେ ଚିକିତ୍ସାଳୟ ଗୃହ, ଡାକ୍ତର, ନର୍ସ କ୍ୱାଟର ସହିତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ରହିଛି। ମାତ୍ର ଏବେ ଆର୍ଥିକ ସଙ୍କଟ ଦେଖାଦେବା ଫଳରେ ଏଠାରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀଙ୍କ ପାରିଶ୍ରମିକ ଠିକଭାବେ ଦିଆଯାଇ ନପାରିବାରୁ ସ୍ୱାସ୍ଥ୍ୟକେନ୍ଦ୍ରଟି ବନ୍ଦ ହେବାକୁ ଯାଉଛି। ଏ ନେଇ ବାରମ୍ବାର ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟିକୁ ସରକାରୀ ମାନ୍ୟତା ମିଳିପାରିନାହିଁ। ପୂର୍ବରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟବିଭାଗ ନିଜ ହାତକୁ ନେଇ ସରକାରୀ ଚିକିତ୍ସାଳୟ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳ, ମୁଖ୍ୟ ଚିକିତ୍ସାଧିକାରୀ, ରାଜନେତା ବହୁବାର ସୁପାରିଶ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାକୁ ସରକାରୀ ମାନ୍ୟତା ମିଳିପାରିନାହିଁ। ଯାହା ଦୁଃଖ ଓ ପରିତାପର ବିଷୟ ବୋଲି ସାଧାରଣରେ ଅଭିଯୋଗ ଉଠିଛି। ପ୍ରକାଶଥାଉକି ଗତ ୨୦୨୨ମସିହା ଫେବୃଆରୀ ୨୫ତାରିଖରେ ସ୍ୱାସ୍ଥ୍ୟବିଭାଗ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ସବକମିଟି ବୈଠକ ଅନୁଷ୍ଠିତ ହୋଇ ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ବିଭାଗର ଆଡିସନାଲ୍ ଚିଫ ସେକ୍ରେଟାରୀଙ୍କୁ ମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀକରଣ କରିବାପାଇଁ ସୁପାରିଶ କରାଯାଇଥିଲା। ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ। ତେଣୁ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱଦେଇ ଆଜି ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଉକ୍ତ ଦାତବ୍ୟ ଚିକିତ୍ସାଳୟକୁ ସରକାରୀ "ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର' ମାନ୍ୟତା ଦେବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଛି। ଏହି ଦାବିପତ୍ର ପ୍ରଦାନରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଗତିକୃଷ୍ଣ ନନ୍ଦ, ମନୋରଞ୍ଜନ ପଣ୍ଡା, ଷ୍ଟାଲିନ ମିଶ୍ର, ଗଙ୍ଗାଧର ମିଶ୍ର, ଅଜୟ କୁମାର ଧଳ, ଅନିରୁଦ୍ଧ ମହାପାତ୍ର, ସନ୍ତୋଷ କୁମାର ରାଉତ, ମୋନାଲିସା ତରାଇ, ଶୁଭସ୍ମିତା ବାରିକ, କବିତା ଦାସ, ନିରଞ୍ଜନ ଲେଙ୍କାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତଥିଲେ।

ଶ୍ରଦ୍ଧାଞ୍ଜଳି
ଦଶମ ଶ୍ରାଦ୍ଧବାର୍ଷିକୀ



✓ ଶରତ କୁମାର ମହାନ୍ତି
ବିଣାଦଣ୍ଡା, ବାସୁଦେବପୁର, ଭଦ୍ରକ
ଆବିର୍ଭାବ : ୨୫.୦୧.୧୯୫୯, ତିରୋଧାନ : ୧୬.୦୪.୨୦୧୬
ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ